DHARITRI
ଭୁବନେଶ୍ୱର, ଗୁରୁବାର, ମେ’ ୨୫/୨୦୨୩ (୨୦ ପୃଷ୍ଠା) Bhubaneswar, Thursday, May 25/2023 Page 20 ₹ 7.00
୪୯ଶ ଭାଗ ୧୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 179 ମୂଲ୍ୟ ₹୭/-



**ଜୁନ୍ ୯ରେ ଶାହିଦଙ୍କ ‘ବ୍ଲଡି ଡାଡି’**

ବଲିଉଡ୍ ଅଭିନେତା ଶାହିଦ କପୁରଙ୍କ ଆଗାମୀ ଫିଲ୍ମ ‘ବ୍ଲଡି ଡାଡି’ ଆସନ୍ତା ଜୁନ୍ ୯ରେ ରିଲିଜ୍ ହେବା

୧୩

୨୦

**କ୍ୱାଲିଫାୟର୍-୨ରେ ମୁମ୍ବାଇ**

ଆକାଶ ମାଧୱାଲଙ୍କ ୫ ଉଇକେଟ ସଫଳତା ବଳରେ ଲକ୍ଷ୍ନୌକୁ ହରାଇ ଆଇପିଏଲ୍‌ର କ୍ୱାଲିଫାୟର-୨ରେ ପ୍ରବେଶ କରିଛି ମୁମ୍ବାଇ ଇଣ୍ଡିଆନ୍ସ



# ବଦଳିଲା ମାଟ୍ରିକ ପରୀକ୍ଷା ଢାଞ୍ଚା

■ **ଉଠିଲା ସମ୍ମେଟିଭ ଆସେସ୍‌ମେଣ୍ଟ ବ୍ୟବସ୍ଥା**
■ **ବର୍ଷରେ ଗୋଟିଏ ପରୀକ୍ଷା ଦେବେ ପରୀକ୍ଷାର୍ଥୀ**

**କଟକ ଅଫିସ,୨୪।୫**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଢାଞ୍ଚା ପୁଣି ପରିବର୍ତ୍ତନ କରାଯାଇଛି। ଚଳିତ ଶିକ୍ଷାବର୍ଷଠାରୁ ଦୁଇଟି ସମ୍ମେଟିଭ ପରୀକ୍ଷା ବଦଳରେ ବର୍ଷକୁ ଗୋଟିଏ ବୋର୍ଡ ପରୀକ୍ଷା ହେବ। ଅର୍ଥାତ୍ ମାଟ୍ରିକ ପରୀକ୍ଷାର୍ଥୀ ଗୋଟିଏ ଥରରେ ୬୦୦ ମାର୍କର ପରୀକ୍ଷା ଦେବେ। ଏହା ମାଧ୍ୟମା ପାଇଁ ମଧ୍ୟ ଲାଗୁହେବ। ଦଶମ ଶ୍ରେଣୀରେ ପିଲାମାନଙ୍କୁ ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଏବଂ ସମ୍ମେଟିଭ ଆସେସ୍‌ମେଣ୍ଟ-୨ ପରୀକ୍ଷା ଦେବାକୁ ପଡିବନି। ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଇଣ୍ଟରନାଲ ଆସେସ୍‌ମେଣ୍ଟରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଥିରେ ୪ଟି ଫର୍ମେଟିଭ ଆସେସ୍‌ମେଣ୍ଟ ରହିବ। ଏହାର ମାର୍କ ୪ଟି କ୍ୱାର୍ଟରରେ କରାଯିବ। ଏହାର ଫଳାଫଳର ୨୦ ପ୍ରତିଶତ ମାର୍କ ବାର୍ଷିକ ପରୀକ୍ଷାରେ ଯୋଡ଼ାହେବ। ଏଥିସହିତ ଆସେସ୍‌ରେସନାଲ କମ୍ପୋନେଟକୁ ମିଶାଇ ପିଲାଙ୍କୁ ମାର୍କ ଦିଆଯିବ। ଏହି ମାର୍କ ସମୁଦାୟ ୬୦୦ ମାର୍କରେ ସାମିଲ ହେବ ବୋଲି ସେ କହିଛନ୍ତି। ସେହିପରି ସମାନ ଢଙ୍ଗରେ ନବମ ଶ୍ରେଣୀ ପରୀକ୍ଷାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ନବମ ଶ୍ରେଣୀର କୌଣସି ପରୀକ୍ଷା ବୋର୍ଡ ପକ୍ଷରୁ କରାଯିବ ନାହିଁ ବୋଲି ବୁଧବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ☞ପୃଷ୍ଠା-୪

**ଜୁଲାଇ ୩ରୁ ସପ୍ଲିମେଣ୍ଟାରି ପରୀକ୍ଷା**

**୨୬ରୁ ଫର୍ମପୂରଣ**

ଆସନ୍ତା ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ମେ’ ୨୬ରୁ ଜୁନ୍ ୧ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରିପାରିବେ। ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମାଟ୍ରିକ ପରୀକ୍ଷାରେ ଫେଲ୍ କିମ୍ବା ଡ୍ରପ୍-ଆଉଟ୍ ରହିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ।



ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବୁଧବାର ଝାଡୁଆପଡ଼ା ମନ୍ଦିର ସମ୍ମୁଖରେ ଆୟୋଜିତ ହଳଦୀ ମଖା ନୀତିରେ ସାମିଲ ହୋଇଥିବା ମହିଳା ଓ ଯୁବତୀ। **(ଫଟୋ: ବି.ଶଙ୍କର)**

# ପାର୍ଲାମେଣ୍ଟ ବିଲ୍ଡିଂ ଉଦ୍‌ଘାଟନକୁ ବର୍ଜନ କରିବେ ୧୯ ଦଳ



**ନୂଆଦିଲ୍ଲୀ,୨୪।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖରେ ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଉଦ୍‌ଘାଟନ କରିବେ। ସଂସଦର ନୂଆ କୋଠାକୁ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବା ଉଚିତ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରିବାକୁ ଯାଇ ବିପକ୍ଷର ୧୯ ଦଳ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ନବନିର୍ମିତ ସଂସଦ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବାବେଳେ କଂଗ୍ରେସ, ବାମପନ୍ଥୀ (ସିପିଆଇ, ସିପିଆଇଏମ୍), ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ବର୍ଜନ କରିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ବିରୋଧୀଙ୍କ ମତରେ ଯେତେବେଳେ ଗଣତନ୍ତ୍ରର ଆତ୍ମାକୁ ଶୋଷି ନିଆଯାଇଛି, ସେତେବେଳେ ନୂଆ ବିଲ୍ଡିଂରେ କୌଣସି ମୂଲ୍ୟବୋଧ ଦେଖିବାକୁ ମିଳୁନାହିଁ। ରାଷ୍ଟ୍ରପତି କେବଳ ରାଷ୍ଟ୍ରମୁଖ୍ୟ ନୁହନ୍ତି, ସେ ସଂସଦର ଜଣେ ଅବିଚ୍ଛେଦ୍ୟ ଅଙ୍ଗ। ସେ ପାର୍ଲାମେଣ୍ଟ ଅଧିବେଶନ ଡାକିଥାଆନ୍ତି, ଉଦ୍‌ବୋଧନ ଦିଅନ୍ତି ଏବଂ ଭଙ୍ଗ ମଧ୍ୟ କରିଥାଆନ୍ତି। ଏନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପାର୍ଲାମେଣ୍ଟ ଅହଂକାରର ଇଟା ଉପରେ ନୁହେଁ, ବରଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ନିର୍ମିତ। ☞ପୃଷ୍ଠା-୪

## ଯୋଗଦେବ ବିଜେଡି

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଆସନ୍ତା ୨୮ ତାରିଖରେ ନୂଆ ସଂସଦ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ବିଜେଡି ଯୋଗଦେବ। ଏ ନେଇ ଦଳ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଷ୍ଟ୍ରପତି ହେଉଛନ୍ତି ଭାରତର ମୁଖ୍ୟ। ୧୪୦ କୋଟି ଲୋକଙ୍କର ପ୍ରତୀକ ହେଉଛି ପାର୍ଲାମେଣ୍ଟ। ଉଭୟ ଅନୁଷ୍ଠାନ ଭାରତୀୟ ଗଣତନ୍ତ୍ରର ପ୍ରତୀକ ଓ ସମ୍ବିଧାନ ରକ୍ଷକ। ଏହା ସବୁ ସମୟରେ ସୁରକ୍ଷିତ ରହିବା ଦରକାର। ଏହି ସାମ୍ବିଧାନିକ ପ୍ରତିଷ୍ଠାନ ସବୁ ପ୍ରସଙ୍ଗରୁ ଊର୍ଦ୍ଧ୍ୱରେ ବୋଲି ବିଜେଡି ବିଶ୍ୱାସ କରେ। ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଯେକୌଣସି ସମୟରେ ଆଲୋଚନା କରାଯାଇପାରିବ। ଏହି ଦୃଷ୍ଟିରୁ ନୂତନ ସଂସଦ ଭବନ ଉଦ୍‌ଘାଟନ ଉତ୍ସବରେ ବିଜେଡି ଯୋଗଦେବ ବୋଲି ସସ୍ମିତ କହିଛନ୍ତି।

## ୨୭ରେ ନୀତି ଆୟୋଗ ବୈଠକରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଆସନ୍ତା ୨୭ ତାରିଖରେ ନୂଆଦିଲ୍ଲୀରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଯୋଗଦେବାକୁ ଦିଲ୍ଲୀ ଗସ୍ତ କରିବେ। ବୈଠକରେ ସେ ପୁଣି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇବେ ବୋଲି ଜଣାପଡ଼ିଛି। ଏଥିସହ ରାଜ୍ୟକୁ ସ୍ୱତନ୍ତ୍ର ପ୍ୟାକେଜ, ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି), ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ନେଇ ସେ ଦାବି କରିବେ। ରାଜ୍ୟରେ ଟେଲିକମ୍ୟୁନିକେଶନ ସମସ୍ୟା ରହିଛି। ଅନେକ ଗ୍ରାମରେ ମୋବାଇଲ ଟାୱାର ନ ଥିବାରୁ ଅନ୍‌ଲାଇନ ସେବା ଯୋଗାଇ ଦେବାରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମାଞ୍ଚଳରେ ୩-ଜି କିମ୍ବା ୪-ଜି କରିବାକୁ ନବୀନ ନୀତି ଆୟୋଗ ବୈଠକରେ ଦାବି ଉଠାଇବେ। ରାଜ୍ୟ ସରକାର ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି।

# ପ୍ରତି ପଞ୍ଚାୟତକୁ ଗଡ଼ିବ ‘ମୋ ବସ୍’

■ **ପ୍ରଥମ ପର୍ଯ୍ୟାୟରେ ୬ ଜିଲାରେ ଆରମ୍ଭ ହେବ**
■ **ସ୍କ୍ରାପ୍ ହେବ ସରକାରଙ୍କ ୧୬୦୦ ଗାଡ଼ି**

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)**

ରାଜ୍ୟର ପ୍ରତି ପଞ୍ଚାୟତକୁ ମୋ ବସ୍ ଗଡ଼ିବ। ‘ଲକ୍ଷ୍ମୀ’ ଯୋଜନାରେ ଗ୍ରାମାଞ୍ଚଳରେ ପରିବହନ ସୁବିଧା ମିଳିବ। ବ୍ଲକ୍ ସଦର ମହକୁମାରୁ ପ୍ରତି ପଞ୍ଚାୟତକୁ ମୋ ବସ୍ ସେବା ଚାଲିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ରାଜ୍ୟର ୬ ଜିଲାକୁ ହାତକୁ ନିଆଯାଇଛି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଓ ଗଜପତି ଜିଲାକୁ ପ୍ରଥମେ ଏହି ସୁବିଧା ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସବୁ ପଞ୍ଚାୟତକୁ ମୋ ବସ୍ ଚାଲିବ। ଏନେଇ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ଏମିତି ଅନେକ ଅଞ୍ଚଳ ରହିଛି ଯେଉଁଠିକୁ କୌଣସି ସରକାରୀ ନା ଘରୋଇ ଗାଡ଼ି ଚାଲୁ ନାହିଁ। ଏ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଏବେ ସେହି ଅଞ୍ଚଳବାସୀଙ୍କ ପୂର୍ବ ଭଳି ଆଉ ଦୁଃଖ ରହିବ ନାହିଁ। ସେହିପରି ସ୍କ୍ରାପିଂ ପଲିସି ନେଇ ସଚିବ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ୧୬୦୦ ଗାଡ଼ି ସ୍କ୍ରାପ୍ କରାଯିବ। କେନ୍ଦ୍ର ସରକାରଙ୍କ ସ୍କ୍ରାପ୍ ସେଣ୍ଟର ଓ ଏମ୍‌ଏସ୍‌ଟିସି ଦ୍ୱାରା ସବୁ ସରକାରୀ ଗାଡ଼ିକୁ ସ୍କ୍ରାପ୍ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଏଥିଲାଗି ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧୀରେ ଧୀରେ ସରକାରଙ୍କ ପାଖରେ ଥିବା ସମସ୍ତ ୧୫ ବର୍ଷ ପୁରୁଣା ସରକାରୀ ଗାଡ଼ି ସ୍କ୍ରାପ୍ କରାଯାଉଛି ବୋଲି ପାଢ଼ୀ କହିଛନ୍ତି।

## ରାଜ୍ୟ ସଭା ସଦସ୍ୟଙ୍କ କାର୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୨୪।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼-ତମିଆଁ ରାସ୍ତାର ତମିଆଁ ଛକ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ କାର୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍ଦପୁର ଗ୍ରାମର ଟଙ୍କଧର ବିଶ୍ୱାଳ(୩୫)। ମିଳିଥିବା ସୂଚନା ଅନୁସାରେ, ସାଂସଦ ବିଶି ଇନୋଭା କାର (ଓଡି ୦୩ ଏକ୍ସ ୪୬୧୩)ରେ ପାଟଣାଗଡ଼ରୁ ଲରମ୍ବା ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଧର୍ମଧାରାରେ ନାରୀ ଶକ୍ତି**

## ଖୁବ୍‌ଶୀଘ୍ର ବଣ୍ଟାଯିବ ୯ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଓଡ଼ିଶାକୁ ଆସିଥିବା ୯ ଲକ୍ଷ ପ୍ରଧାନମନ୍ତ୍ରୀ (ଗ୍ରାମୀଣ)ଆବାସ ଘର ଖୁବଶୀଘ୍ର ବଣ୍ଟାଯିବ। ବହୁ ଅଯୋଗ୍ୟ ହିତାଧିକାରୀ ଘର ପାଉଥିବା ନେଇ ବିଭିନ୍ନ ବର୍ଗରୁ ଅଭିଯୋଗ ଆସିବା ପରେ ସାଧାରଣ ଜନତାଙ୍କଠାରୁ ଅଭିଯୋଗ ମଗାଯାଇଥିଲା। ସେସବୁର ତର୍ଜମା କରାଯାଇଛି। ଖୁବଶୀଘ୍ର ରାଜ୍ୟକୁ ଆସିଥିବା ଆବାସ ଘର ଆବଣ୍ଟନ କରାଯିବ। ବିଭାଗୀୟ ସମୀକ୍ଷା ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଆମାତ ବୁଧବାର ଖବରଦାତାଙ୍କୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମିଶନ ମୋଡ୍‌ରେ ମାର୍କେଟିଂ ଲିଙ୍କେଜ୍ ସହିତ ଏହି ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସ୍ଥାପନ ହେବ। ଆସନ୍ତା ୧ ବର୍ଷ ମଧ୍ୟରେ ସମସ୍ତ ବ୍ଲକରେ ମିଶନ୍ ଶକ୍ତି କାଫେ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇ ଖାଲି ପଡ଼ିଥିବା ସରକାରୀ ଅଟ୍ଟାଳିକାକୁ ୩ ମାସ ମଧ୍ୟରେ ସ୍ଥାନୀୟ ମିଶନ୍ ଶକ୍ତି ଗୋଷ୍ଠୀକୁ ହସ୍ତାନ୍ତର, ଓରମାସକୁ ଅଧିକ କ୍ରିୟାଶୀଳ, ☞ପୃଷ୍ଠା-୪

# ଜିମ୍ବାୱେ ସବୁଠୁ ଦୁଃଖୀ

**ୱାଶିଂଟନ୍,୨୪।୫**

ବିଶ୍ୱର ସବୁଠୁ ଦୁଃଖୀ ରାଷ୍ଟ୍ରଗୁଡ଼ିକୁ ନେଇ ହାଙ୍କେସ୍ ଆନୁଆଲ ମିଜରି ଇଣ୍ଡେକ୍ସ (ଏଚ୍‌ଏଏମ୍‌ଆଇ)୨୦୨୨ ତାଲିକା ପ୍ରକାଶ ପାଇଛି। ଉକ୍ତ ସୂଚକାଙ୍କ ଅନୁସାରେ ଜିମ୍ବାୱେ ହେଉଛି ସବୁଠୁ ଦୁର୍ଦ୍ଦଶାପୂର୍ଣ୍ଣ ରାଷ୍ଟ୍ର। ୧୫୭ଟି ଦେଶ ସମ୍ପର୍କରେ ବିଶ୍ଳେଷଣ କରାଯାଇ ଏହି ମିଜରି ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ବର୍ଷରେ ଦେଶର ବେରୋଜଗାରି, ମୁଦ୍ରାସ୍ଫୀତି ଏବଂ ଋଣ ବୋଝରୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ବାର୍ଷିକ ପରିବର୍ତ୍ତନକୁ ଆଧାରକରି ବିଶିଷ୍ଟ ଅର୍ଥନୀତିଜ୍ଞ ଷ୍ଟିଭ୍ ହାଙ୍କେ ଏହି ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ତାଲିକାର ଶୀର୍ଷରେ ଜିମ୍ବାୱେ ପରେ ଭେନିଜୁଏଲା, ସିରିଆ, ଲେବାନନ୍, ସୁଦାନ ଭଳି ରାଷ୍ଟ୍ର ରହିଛନ୍ତି। ଟପ୍ ୧୫ ଦୁଃଖୀ ରାଷ୍ଟ୍ର ମଧ୍ୟରେ ଆର୍ଜେଣ୍ଟିନା, ୟେମେନ, ୟୁକ୍ରେନ୍, କ୍ୟୁବା, ତୁର୍କୀ, ଶ୍ରୀଲଙ୍କା, ହାଇତି, ଆଙ୍ଗୋଲା, ଟୋଙ୍ଗାଓ ଘାନାକୁ ସ୍ଥାନ ମିଳିଛି। ସୂଚକାଙ୍କ ଅନୁସାରେ ଜିମ୍ବାୱେରେ ପୂର୍ବତନ ରାଷ୍ଟ୍ରପତି ଏମର୍ସନ ନାନ୍‌ଗୱା ଏବଂ ତାଙ୍କ ନେତୃତ୍ୱାଧୀନ ଜେଡ୍‌ଏଏନ୍‌ୟୁ-ପିଏଫ୍ ଏକ ରାଜନୈତିକ ଦଳ ପରିବର୍ତ୍ତେ ପଲିଟିକାଲ ମାଫିଆ ଭାବେ କାର୍ଯ୍ୟ କରିଥାଏ। ଏହାର ନୀତିଗୁଡ଼ିକ ଦେଶ ପାଇଁ ବହୁ ଦୁର୍ଦ୍ଦଶା ଆଣିଦେଇଛି। ଗତବର୍ଷ ଜିମ୍ବାୱେରେ ବାର୍ଷିକ ମୁଦ୍ରାସ୍ଫୀତି ୨୪୩.୮% ଏବଂ ଲ୍ୟାଣ୍ଡିଂ ରେଟ୍ ୧୩୧.୮% ରହିଥିଲା। ଏହି ତାଲିକାର ୧୦୩ତମ ସ୍ଥାନରେ ଭାରତ ରହିଛି। ଭାରତରେ ବେକାରି ସମସ୍ୟାକୁ ଏଥିପାଇଁ ଦାୟୀ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱର ସବୁଠୁ ସୁଖୀ ଦେଶ ଫିନ୍‌ଲାଣ୍ଡକୁ ମିଜରେବଲ ରାଷ୍ଟ୍ର ତାଲିକାରେ ୧୦୯ତମ ସ୍ଥାନ ମିଳିଛି। ସମ୍ପ୍ରତି ଆର୍ଥିକ ଓ ☞ପୃଷ୍ଠା-୪



## ଭାରତର ଦୁଃଖ ବେରୋଜଗାରି

**୧୦୩ତମ ସ୍ଥାନରେ ରହିଛି**

ଭାରତରେ ହୁ ହୁ ବଢ଼ିବାରେ ଲାଗିଛି ବେକାରି ସମସ୍ୟା। ବଜାରରେ ଆଶାୟୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ଦକ୍ଷତା ଅନୁସାରେ ନିଯୁକ୍ତି ସୁଯୋଗ ଉପଲବ୍ଧ ନ ଥିବାରୁ ବେରୋଜଗାରଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ୨୦୨୩ ମାର୍ଚ୍ଚରେ ଦେଶର ବେକାରି ହାର ୭.୮% ଥିବାବେଳେ ଏପ୍ରିଲ ବେଳକୁ ଏହା ୮.୧୧%କୁ ଛୁଇଁଥିଲା, ଯାହାକି ଗତ ଡିସେମ୍ବର ପରଠୁ ସର୍ବାଧିକ। କେନ୍ଦ୍ର ସରକାର ପ୍ରତିଶ୍ରୁତି ମୁତାବକ ଶିକ୍ଷିତ ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ଯୋଗାଇବାରେ ବିଫଳ ହୋଇଥିବାରୁ ଏହି ସମସ୍ୟା ଉତ୍କଟ ☞ପୃଷ୍ଠା-୪

# ଏକତାର ବାର୍ତ୍ତା ଦେଉଛି ଶୀତଳଷଷ୍ଠୀ

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା କେଉଁ ଆବହମାନ କାଳରୁ ହୋଇଆସୁଛି। ଶିବ ବିବାହ ପରମ୍ପରା ଓଡ଼ିଶାର ପୁରୀ ଜିଲା ବ୍ରାହ୍ମଣ ଶାସନରୁ ଆସିଥିବା ଶୁଣାଯାଏ। ଏହି ଜିଲାର ବ୍ରାହ୍ମଣମାନେ ସମ୍ବଲପୁରରେ ବସତି ସ୍ଥାପନକରି ଶୀତଳଷଷ୍ଠୀ ପରମ୍ପରା ଆରମ୍ଭ କରିଥିଲେ। ଏହା ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗକୁ ଆପଣାଇ ଏକତାର ବାର୍ତ୍ତା ଦେଇଆସୁଛି। ଏହାର ବିଶେଷତ୍ୱ ହେଉଛି ଦେବଦମ୍ପତିଙ୍କ ବିବାହ। ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କୁ ପରିବାରର ସଦସ୍ୟ ଭାବେ ଗ୍ରହଣକରି ବିବାହ ଉତ୍ସବ ହେଉଛି। ଅଞ୍ଚଳର ଲୋକାଚାର ସହ ଶିବ ବିବାହର ସମନ୍ୱୟ ହୋଇଛି। ଏହି ସମନ୍ୱୟରୁ ଜନ୍ମ ନେଇଛି ଶୀତଳଷଷ୍ଠୀ ଯାତ୍ରା ପରମ୍ପରା। ପ୍ରାୟ ୧ମାସ ପୂର୍ବରୁ ଯାତ୍ରାର ବିଭିନ୍ନ କାର୍ଯ୍ୟ ହୋଇଥାଏ। ତେଣୁ ଲୋକ ସଂସ୍କୃତି ଓ ଧର୍ମଧାରା ସହ ପର୍ବର ବିଶେଷତ୍ୱ ରହିଛି।

ମଣିଷର ଚାଲିଚଳନକୁ ନେଇ ଗଢ଼ିଉଠିଛି ସଂସ୍କୃତି। ସଭ୍ୟତା ଅଙ୍ଗ ହୋଇଥିବା ବେଳେ ସଂସ୍କୃତି ହେଉଛି ଆତ୍ମା। ସଂସ୍କୃତିର ଅଭ୍ୟୁଦୟ ପ୍ରାଣବନ୍ତ ହୋଇଥାଏ ତା'ର ଜୀବନଧାରା ଓ ଜୀବନାଦର୍ଶ। ସେହି ଜୀବନଧାରା ଓ ଆଦର୍ଶ ପାଲଟିଯାଏ ଜୀବନ ଚେତନା। ସାଂସ୍କୃତିକ ଅନ୍ତରୀଣ ଧାରାର ବହିର୍ମୁଖୀ ପ୍ରକାଶ ଘଟେ ସମାଜ ଜୀବନର ପର୍ବପର୍ବାଣି, ଧାର୍ମିକ ଉପଚାର ଓ ଲୋକ ଉତ୍ସବ ଭାବରେ। ବିଭିନ୍ନ ଯାନିଯାତ୍ରା ଜନ୍ମ ନେଇଛି ସାମାଜିକ ଚଳଣି, ଧାର୍ମିକ ଭାବନା, ସମୟ, ଋତୁଭିତ୍ତିକ ବିବର୍ତ୍ତନବାଦକୁ ଆଧାରକରି।


ଜାଗେଶ୍ୱର ବାବାଙ୍କୁ ତୈଳାଭିଷେକ କରାଯାଉଛି।


ଗୋଲବଜାର ନିକଟ କନ୍ୟା ମାତାପିତାଙ୍କ ବାସଭବନରେ ଗଇଁଠାଳ ଫିଟା ନୀତି ପରେ ଶିବପାର୍ବତୀଙ୍କୁ ମନ୍ଦିର ନିଆଯାଉଛି।

ନିର୍ମଳ ଆନନ୍ଦ, ବର୍ଣ୍ଣଧାର୍ମିକ, ଆଧ୍ୟାତ୍ମିକ ଭାବନା, ଭାଷା, ସାଙ୍ଗଠନିକ, ସାମ୍ପ୍ରତିକ ସଦ୍‌ଭାବ ଓ ମାନବୀୟ ସଂସ୍କୃତି ହେଉଛି ପ୍ରତିଟି ଲୋକ ଉତ୍ସବର ମହାନ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି କ୍ରମରେ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଏକ ଲୋକ ଉତ୍ସବ।

## ଶୀତଳଷଷ୍ଠୀ ନାମକରଣ

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ହୋଇଥାଏ। ଏହି ପର୍ବରେ ଶିବପାର୍ବତୀ ଆରାଧ୍ୟ ଦେବଦେବୀ ଅଟନ୍ତି। ତେଣୁ ଦେବୀ ପାର୍ବତୀଙ୍କୁ ଷଷ୍ଠୀଦେବୀ ବୋଲି କୁହାଯାଇଥାଏ। ଏହି ବ୍ରତକୁ ଭକ୍ତି, ବିଶ୍ୱାସ, ନିଷ୍ଠାର ସହ ପାଳନକଲେ ଶାନ୍ତି ଓ ଯଶଖ୍ୟାତି ବୃଦ୍ଧି ହୋଇଥାଏ। ଅଜ୍ଞାନ ଦୂରୀଭୂତ ହୋଇ ସତ୍ୟର ଆଲୋକରେ ଜୀବଜଗତ ଆଲୋକିତ ହୋଇଥାଏ। ଅପୁତ୍ରିକର ପୁତ୍ର ପ୍ରାପ୍ତି ଓ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଜ୍ୟେଷ୍ଠ ଓ ବୈଶାଖ ମାସ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ଜୀବଜଗତ ଉଷ୍ମ ବାତାବରଣରେ ରହିଥାନ୍ତି। ପ୍ରାଣିଜଗତକୁ ଶୀତଳତା ପ୍ରଦାନ କରିବାକୁ ଦେବଦେବୀ ଧରାପୃଷ୍ଠକୁ ଅବତରଣ କରିଥାନ୍ତି। ଏହି ସମୟରେ ଦେବରାଜ ଇନ୍ଦ୍ର ଓ ଦେବତାମାନେ ଦେବଦମ୍ପତିଙ୍କ ଶୋଭାଯାତ୍ରାରେ ପୁଷ୍ପବୃଷ୍ଟି କରିଥାନ୍ତି। ପୁଷ୍ପରୂପକ ବାରି ଧରାପୃଷ୍ଠକୁ ଶୀତଳ କରିଥାଏ।

## ଶିବପାର୍ବତୀଙ୍କ ବଂଶଧର

ଶାସ୍ତ୍ର ଅନୁସାରେ ମହାଦେବଙ୍କ ପିତା ଦେବକଣ୍ଠ, ପିତାମହ ରୁଦ୍ରକଣ୍ଠ, ପ୍ରପିତାମହ ନୀଳକଣ୍ଠ, ଗୋତ୍ର ଶିକ୍ଳାମ୍ବର, ପ୍ରବର ଆତ୍ମଲିଙ୍ଗ, ଶାଖା ପରମାହଂସ ରହିଛି। ସେହିପରି ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତା ହିମାଳୟ, ପିତାମହ କାଶ୍ୟପ, ପ୍ରପିତାମହ ମରିଚି, ଗୋତ୍ର ସ୍ୱୟଂମ୍ଭୁ, ପ୍ରବର ଚତୁର୍ମୁଖ ଓ ଶାଖା ଋକ୍‌ବେଦ। ଦେବଦମ୍ପତିଙ୍କ ଏହି ବଂଶ ପରମ୍ପରାକୁ ନେଇ ପଣ୍ଡିତମାନେ ମହାବାକ୍ୟ ଉଚ୍ଚାରଣ କରିଥାନ୍ତି। ଏହାପରେ ବେଲପତ୍ରରେ ହସ୍ତବନ୍ଧନ ହୋଇଥାଏ।

## ଲୋକାଚାରରେ ଦେବଦମ୍ପତିଙ୍କ ବିବାହ

ଶିବପାର୍ବତୀଙ୍କ ବିବାହ ପରମ୍ପରା ଓ ରୀତିନୀତି ସହ ଲୋକାଚାରରେ ହୋଇଆସୁଛି। ଦେବଦମ୍ପତିଙ୍କ ବଂଶ ପରମ୍ପରାକୁ ଉଦ୍ଧୃତକରି ପଣ୍ଡିତମାନେ ମହାବାକ୍ୟ ଉଚ୍ଚାରଣ କରିଥାନ୍ତି। ବରଯାତ୍ରୀ ଲଗ୍ନ ଦିନ ସକାଳେ ଶୈବପୀଠରେ ରୁଦ୍ରାଭିଷେକ ଓ ଶିବାଭିଷେକ କରାଯାଇଥାଏ। ଏତଦ୍‌ବ୍ୟତୀତ ଶିବପାର୍ବତୀ କଙ୍କଣ ସୂତ୍ର ଧାରଣ କରିଥାନ୍ତି। ସନ୍ଧ୍ୟାରେ ଶିବଙ୍କୁ ବରବେଶରେ ସଜ୍ଜିତ କରାଯାଇଥାଏ। ଅପରପକ୍ଷେ କନ୍ୟା ମାତାପିତାଙ୍କ ପରିବାର ପାର୍ବତୀଙ୍କୁ କନ୍ୟାବେଶରେ ସୁନା, ରୁପା ଅଳଙ୍କାରରେ ଆଭୂଷଣ କରିଥାନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଧ୍ୟରାତ୍ରରେ ଶହେ ଆଠ ଦୀପ ମହା ଆଳତି ହୋଇଥାଏ। ପରେ ଶିବ ଭକ୍ତଙ୍କ କାନ୍ଧରେ ବରାତିରେ ବାହାରିଥାନ୍ତି। ତାଙ୍କ ସହ ଭକ୍ତମାନେ ବିଭିନ୍ନ ଦେବଦେବୀ ବେଶରେ ସାମିଲ ହୋଇଥାନ୍ତି। କନ୍ୟାପକ୍ଷ ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥାନ୍ତି। ରୀତି ଅନୁସାରେ ବାଟବରଣ, ଗାଲସେକା, କୁମ୍ଭ ଦର୍ଶନ, ଲବଣ ଚାମରି ହୋଇଥାଏ। ଏହାପରେ ପୁଣି ଶହେଆଠ ଦୀପ ଆଳତି ସହ ବର ବେଦୀ ଆନାୟନ, ରୂପବୈଦିୟ ସ୍ୱସ୍ତିବାଚନ, ସତଅର୍ଘ୍ୟ, ଇନ୍ଦ୍ରିୟ ସ୍ପର୍ଶ, କନ୍ୟା ଆଗମନ, ଅଗ୍ନିସ୍ଥାପନ, ବେଦଆଜ୍ଞା, ଲଗ୍ନବିଶୁଦ୍ଧି, ମହାବାକ୍ୟ, ହସ୍ତବନ୍ଧନ, ପାର୍ଶ୍ୱ ପରିବର୍ତ୍ତନ, ହୋମ, ଲଜାହୋମ, ସପ୍ତପଦୀ, ଶିଳାରୋହଣ, ସିନ୍ଦୂର ମଖା, ଓଢ଼ଣା ଦିଆ, ମାର୍ଜନ, ଭସ୍ମଗ୍ରହଣ କରାଯାଇଥାଏ। ଏଥିସହ ବିଶ୍ୱଶାନ୍ତି ସକାଶେ ଦେବଦମ୍ପତିଙ୍କ ବନ୍ଦାପନା, ଆରତି, ପୁଷ୍ପାଞ୍ଜଳି, ସମୁଦି ଭେଟ, କ୍ଷମା ପ୍ରାର୍ଥନା ଓ ଶାନ୍ତିପାଠ ହୋଇଥାଏ। ଏହି ପରମ୍ପରା ୧୬୭୮ମସିହାରୁ ନିରବଚ୍ଛିନ୍ନ ଭାବେ ଚାଲିଆସିଛି।

– ପ୍ରସ୍ତୁତି: ସମ୍ବଲପୁର (ବ୍ୟୁରୋ)














Govt. of Uttarakhand
75 Azadi Ka Amrit Mahotsav
G20
भारत 2023 INDIA
वसुधैव कुटुम्बकम्
ONE EARTH • ONE FAMILY • ONE FUTURE
"India's G20 agenda will be inclusive, ambitious, action-oriented and decisive. Let us work together to shape a new paradigm of human-centric globalisation."
Narendra Modi
Prime Minister
A Warm Welcome & Greetings
to the G-20 Delegates at
Devbhoomi Uttarakhand
Pushkar Singh Dhami
Chief Minister, Uttarakhand
Anti Corruption Working Group, (Second Meeting)
25-27 May, 2023 | Narendra Nagar, Rishikesh
Issued in Public Interest by Information & Public Relations Department, Uttarakhand
www.uttarainformation.gov.in | DIPRUK | UttarakhandDIPR | UttarakhandDIPR

**ଆଜିର ମନ୍ତବ୍ୟ**
ଆମକୁ ନୁହେଁ, ବରଂ କେନ୍ଦ୍ରକୁ ବିରୋଧୀ କୁହାଯିବା ଉଚିତ। କାରଣ ଗଣତନ୍ତ୍ର ଓ ସମ୍ବିଧାନକୁ କେନ୍ଦ୍ର ବିରୋଧ କରିଆସୁଛି।
-ଉଦ୍ଧବ ଠାକ୍‌ରେ, ଶିବସେନା (ୟୁବିଟି) ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ଚାରିପାଖେ ବୁଲି ଆଇଲି,**
**କେହି ନ ବୋଇଲା ବସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଞ୍ଜ ପାଣିରେ ପଡ଼ିଲେ**
**ଲାହା ଯାଏ ନାହିଁ ।**

ଯାହା ପାଖରେ ଗୁଣ ବା ପ୍ରତିଭା ରହିଥାଏ ତାହା ଦିନେନା ଦିନେ ବିକଶିତ ହୋଇଥାଏ। ପ୍ରତିକୂଳ ପରିସ୍ଥିତି ପ୍ରକୃତ ଗୁଣୀ ଲୋକର ପ୍ରତିଭାକୁ ମଳିନ କରିପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ପେପରଲେସ୍ ଡିଏଲ୍, ଆର୍‌ସିରେ ଓଡ଼ିଶା ପ୍ରଥମ

**ବାଣିଜ୍ୟ ଓ ପରିବହନ ବିଭାଗ ସମୀକ୍ଷା**

**ସବୁ ବ୍ଲକରେ ହେବ ବସ୍‌ଷ୍ଟାଣ୍ଡ**

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**
୫-ଟି ପଦକ୍ଷେପ ସ୍ୱରୂପ ଆବେଦନକାରୀଙ୍କୁ ଡିଏଲ୍ ଓ ଆର୍‌ସି ପ୍ରଦାନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପେପରଲେସ୍ (କାଗଜବିହୀନ) ଓ ଅସୁବିଧାମୁକ୍ତ କରିବା ଦିଗରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ୨୦୧୯ ସେପ୍ଟେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ଗୁଡ଼ିକୁ ଦଲାଲମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ସୂଚନା କିଓସ୍କୋ ଓ ସ୍ମାର୍ଟ କ୍ୟୁ ପରିଚାଳନା ବ୍ୟବସ୍ଥା (ଏସ୍‌କ୍ୟୁଏମ୍‌ଏସ୍) ସ୍ଥାପନ ଜରିଆରେ କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ମୂଲ୍ୟବାନ ସମୟ ରକ୍ଷା ହେବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ବୁଧବାର ଗୀତଗୋବିନ୍ଦ ସଦନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଭାରିଯାନ ଚାଳକମାନଙ୍କୁ ଅଧିକ ଦକ୍ଷ କରିବା ଉଦ୍ଦେଶ୍ୟରେ ଯାଜପୁର ଛତିଆସ୍ଥିତ ଭାରିଯାନ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ ରିଫ୍ରେଶର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏପ୍ରିଲ ମାସରେ ଭାରିଯାନ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରାୟ ୧,୬୯୮ ଡ୍ରାଇଭରଙ୍କୁ ତାଲିମ ଦିଆଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୧,୯୦୭ ଜଣ ପ୍ରଥମ ପ୍ରତିକ୍ରିୟାକାରୀଙ୍କୁ ତାଲିମ ଦିଆଯାଇଛି।


ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ସଚିବ ଉଷା ପାଢ଼ୀ।

ବିଜୁ ପଟ୍ଟନାୟକ ବିମାନବନ୍ଦର ନାମରେ ୧୯୬୨ରୁ ମାତ୍ର ଗୋଟିଏ ବିମାନ ବନ୍ଦର ଥିଲା। ବହୁ ଦାବି ପରେ ୨୦୧୩ରେ ଏହା ଅନ୍ତର୍ଜାତୀୟ ବିମାନବନ୍ଦରରେ ପରିଣତ ହୋଇଥିଲା। ଏବେ ଓଡ଼ିଶାରେ ଏକାଧିକ ଏୟାରଷ୍ଟ୍ରିପ୍ ରହିଛି। ଆଞ୍ଚଳିକ ଓ ଆନ୍ତଃରାଜ୍ୟ ବିମାନ ଯୋଗାଯୋଗ ବ୍ୟବସ୍ଥାର ଅଭିବୃଦ୍ଧି ଏବଂ ଏହି ସମ୍ପଦକୁ ଓଡ଼ିଆ ଯୁବତୀଯୁବକଙ୍କ ବୃତ୍ତିଗତ ଦକ୍ଷତା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏୟାରଷ୍ଟ୍ରିପ୍‌ଗୁଡ଼ିକର ପୁନରୁଦ୍ଧାର ପାଇଁ ଆଗେଇ ଆସିଛନ୍ତି। ୨୦୦୪ରେ ଓଡ଼ିଶା ବନ୍ଦର ନୀତିରେ ୧୪ଟି ସମ୍ଭାବ୍ୟ ସ୍ଥାନକୁ ଅଣ-ପ୍ରମୁଖ ବନ୍ଦର ଭାବେ ଚିହ୍ନଟ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବ୍ଲକସ୍ତରରେ ୫୫ଟି ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୭୦ଟି ନୂଆ ସ୍ଥାନ ଚିହ୍ନଟ କରାଯାଇଛି। ନାଗରିକମାନଙ୍କୁ ସୁବିଧାପ୍ରଦାନ କରିବା ପାଇଁ ଆରଟିଓଗୁଡ଼ିକର ଅନ୍‌ଲାଇନ୍ ସେବା ଯୋଗାଣ ପ୍ଲାଟ୍‌ଫର୍ମକୁ ସୁଦୃଢ଼ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# ଫୌଜଦାରି ମାମଲା ବିଚାରାଧୀନ ଥିଲେ ମିଳିବନି ପଦୋନ୍ନତି: ହାଇକୋର୍ଟ

**କଟକ ଅଫିସ,୨୪।୫**
କୌଣସି ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ବା ଅନ୍ୟ ଫୌଜଦାରି ମାମଲା ବିଚାରାଧୀନ ଥିଲେ ତାଙ୍କୁ ନିୟମିତ ବା ଅସ୍ଥାୟୀ ପଦୋନ୍ନତି ଦିଆଯାଇପାରିବ ନାହିଁ। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ହାଇକୋର୍ଟର ଜଣିକିଆ ବିଚାରପତି ଏଭଳି ମାମଲାର ଶୁଣାଣି କରି ଫୌଜଦାରି ମାମଲା ବିଚାରାଧୀନ ଥିଲେ ତାହା ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ପଦୋନ୍ନତିରେ ବାଧକ ହେବ ନାହିଁ ବୋଲି ରାୟ ଦେଇଥିଲେ। ଫୌଜଦାରି ମାମଲା ବିଚାରାଧୀନ ଥିବା ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ପ୍ରଦାନ କରିବାକୁ ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ଏକାଧିକ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏପରି କେତେକ କର୍ମଚାରୀଙ୍କୁ ଆଡ୍ ହକ୍ ପଦୋନ୍ନତି ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜଣିକିଆ ବିଚାରପତିଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟରେ ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ୪୬ଟି ରିଟ୍ ଅପିଲର ଏକତ୍ର ଶୁଣାଣି କରିଥିଲେ। ଏଥିସହ ପୂର୍ବରୁ ଜଣିକିଆ ବିଚାରପତି ପ୍ରଦାନ କରିଥିବା ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ବିଚାରାଧୀନ ଫୌଜଦାରି ମାମଲାର ଫଳାଫଳ ଉପରେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ପଦୋନ୍ନତି ପ୍ରସଙ୍ଗ ନିର୍ଭର କରିଥାଏ। ଯଦି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥିବା ଫୌଜଦାରି ମାମଲାର ରାୟ ତାଙ୍କ ସପକ୍ଷରେ ଯାଏ ଓ ତାଙ୍କ ବିରୋଧରେ ରହିଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରୁ ସେ ଦୋଷମୁକ୍ତ ହୁଅନ୍ତି ତେବେ ତାଙ୍କୁ ପଦୋନ୍ନତି ମିଳିପାରିବ। ଯଦି ଫୌଜଦାରି ମାମଲାର ରାୟ ପ୍ରକାଶ ବେଳକୁ ସଂପୃକ୍ତ କର୍ମଚାରୀ ଅବସର ନେଇସାରିଥିବେ ତେବେ ପଦୋନ୍ନତି ସମୟର ସମସ୍ତ ପ୍ରାପ୍ୟକୁ ହିସାବ କରାଯାଇ ତାଙ୍କ ପେନସନ୍ ଧାର୍ଯ୍ୟ କରାଯିବ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଏଜିଏ ଏମ. କେ. ଖୁଣ୍ଟିଆ ମାମଲା ପରିଚାଳନା କରୁଥିଲେ।

# ୯ ହସ୍ତତନ୍ତ, ୩ ହସ୍ତଶିଳ୍ପ ଉତ୍ପାଦକୁ ମିଳିଛି ଜିଆଇ ଟ୍ୟାଗ୍

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**
ରାଜ୍ୟରେ ହସ୍ତତନ୍ତ ଉତ୍ପାଦନ ୪୧୦.୩୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ହସ୍ତଶିଳ୍ପର ବାର୍ଷିକ କାରବାର ୧୪୫.୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩ରେ ବିଭାଗ ଦ୍ୱାରା ରୂପାନ୍ତରିତ ଦେୟ ବାବଦକୁ ବୁଣାକାରମାନଙ୍କୁ ୧୪୬.୪୦କୋଟି ଟଙ୍କା ପ୍ରଦାନ କରାଯାଇଛି । ବୟନିକାର ବାର୍ଷିକ କାରବାର ୧୬୨.୧୪ କୋଟି ଟଙ୍କା ହୋଇଥିବାବେଳେ ସମ୍ବଲପୁରୀ ବସ୍ତ୍ରାଳୟ ୭୧.୨୪ କୋଟି ଟଙ୍କା, ଉତ୍କଳିକା ୧୭.୭୯କୋଟି ଟଙ୍କା ଓ ଅମ୍ଳାନ ୪.୪୬ କୋଟି ଟଙ୍କା ବାର୍ଷିକ କାରବାର କରିଛି। ୯ଟି ହସ୍ତତନ୍ତ ଓ ୩ଟି ହସ୍ତଶିଳ୍ପ ଉତ୍ପାଦ ଜିଆଇ ଟ୍ୟାଗ୍ ପାଇଛି। ଆଉ ୫ଟି ହସ୍ତଶିଳ୍ପ ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ବିଭାଗ ପକ୍ଷରୁ ଆବେଦନ କରାଯାଇଛି। ୧୮,୬୧୧ ରେଶମ ଚାଷୀ ସମବାୟ ସମିତିରେ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେହିପରି ଟସର ସିଲ୍‌କ ଉତ୍ପାଦନ ୧୨୯.୦୯ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ବିଭାଗର ପ୍ରୋତ୍ସାହନ ଯୋଗୁ ବୁଣାକାରଙ୍କ ବାର୍ଷିକ ମୁଣ୍ଡପିଛା ଆୟ ୫୮ ହଜାର ୮୫ ଟଙ୍କା ହୋଇପାରିଛି । ସାମାଜିକ ସୁରକ୍ଷା ଯୋଜନାରେ ୧୪୪୭ ଜଣ ବୁଣାକାର ସାମିଲ ହୋଇଛନ୍ତି । ବିଭାଗର ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ୬୦,୭୭୩ ମହିଳା ବୁଣାକାର୨୦୫୫ଟି ତନ୍ତକୁ ସ୍ୱତନ୍ତ୍ର ରୂପେ ଉପଯୋଗ କରି ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିଛନ୍ତି । ୬୫୮ଟି ହସ୍ତତନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୭୭୩୭ ମହିଳା ବୟନ କାର୍ଯ୍ୟରେ ଅଂଶଗ୍ରହଣ କରିପାରିଛନ୍ତି । ସେହିଭଳି ହସ୍ତଶିଳ୍ପ କ୍ଷେତ୍ରରେ ୮୯,୫୫୬ ମହିଳା ହସ୍ତଶିଳ୍ପୀ ରାଜ୍ୟରେ କାର୍ଯ୍ୟରତ। ୯୩୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହସ୍ତଶିଳ୍ପ ପ୍ରସ୍ତୁତ କରି ଆର୍ଥିକ ଦୃଷ୍ଟିରୁ କ୍ଷମତାପନ୍ନ ହୋଇଛନ୍ତି। ୨୦୨୧ରୁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ବୁଣାକାରମାନଙ୍କୁ ବୈଦ୍ୟୁତିକ ପଙ୍ଖା, ବଲ୍‌ବ ଓ ଇନ୍‌ଭର୍ଟର ଯୋଗାଇ ଦିଆଯାଉଛି। ୯୦୪୧ ଜଣ ବୁଣାକାର ଏହି ଯୋଜନାରେ ଲାଭ ପାଇପାରିଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୫୭,୭୨୭ କାରିଗରଙ୍କୁ ଦକ୍ଷତା ତାଲିମ ଦିଆଯାଇଛି। ଶିଳ୍ପୀ ଉନ୍ନତି ଯୋଜନାରେ ହସ୍ତଶିଳ୍ପ ୟୁନିଟ୍ ସ୍ଥାପନ ପାଇଁ ବ୍ୟାଙ୍କ ଋଣ ନେବା ପାଇଁ ୨୦% ମାର୍ଜିନ୍ ରାଶି ସହାୟତା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଛି । ୨୦୦୦ରୁ ବର୍ତ୍ତମାନ ସୁଦ୍ଧା ୧୩,୬୧୮ ହସ୍ତଶିଳ୍ପ କାରିଗର ଏହି ଯୋଜନାରୁ ଲାଭ ଉଠାଇଛନ୍ତି। ରାଜ୍ୟର ଟସର ସିଲ୍‌କ ପାର୍କ ମଡେଲକୁ ଜାତୀୟ ସ୍ୱୀକୃତି ମିଳିଛି ।


ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ।

# ଟ୍ରେନ ଉପରେ ପଡ଼ିଲା ଗଛ



**ରାୟଗଡ଼ା,୨୪।୫(ସ୍ୱ.ପ୍ର.):** ବିଶାଖାପାଟଣାଠାରୁ କୋରାପୁଟ ଯାଉଥିବା ବିଶାଖାପାଟଣା-କୋରାପୁଟ ଟ୍ରେନ ନଂ.୦୮୫୪୬ ସିଙ୍ଗାପୁର ରୋଡ଼ଠାରେ କାଳବୈଶାଖୀ ଯୋଗୁ ଗଛ ପଡ଼ିଯିବାରୁ ପ୍ରାୟ ୨ ଘଣ୍ଟା ଅଟକିରହିଥିଲା। ରାୟଗଡ଼ାଠାରୁ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଛାଡ଼ିବା ପରେ ୨.୨୨ମିନିଟ ସମୟରେ ଟ୍ରେନ ରାୟଗଡ଼ା-ସିଙ୍ଗାପୁର ରୋଡ଼ ମଧ୍ୟରେ ଯାଉଥିବା ବେଳେ ଏକ ଗଛ ପଡ଼ିଯାଇଥିଲା। ଏଣୁ ଲୋକୋ ପାଇଲଟ ଜରୁରୀକାଳିନ ବ୍ରେକ୍ ଦେଇ ଟ୍ରେନ୍ ଅଟକାଇ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବଦଳିଲା ମାଟ୍ରିକ ...

ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁମୋଦନକ୍ରମେ ନବମ ଓ ଦଶମ ଶ୍ରେଣୀ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିଛୁ। ଅଭ୍ୟାସ ପାଇଁ ପୂର୍ବରୁ ଯେଉଁଭଳି ଛାତ୍ରୀଛାତ୍ରମାନେ ଷଡ଼ମାସିକ ପରୀକ୍ଷା ଦେଉଥିଲେ, ସେହି ପ୍ରକ୍ରିୟା ଜାରି ରହିବ। ସେହିପରି ନବମ ଶ୍ରେଣୀରେ ଆଉ ସମ୍ମେଟିଭ୍ ପରୀକ୍ଷା ହେବନାହିଁ। କେବଳ ବାର୍ଷିକ ପରୀକ୍ଷା ହେବ। ସେଥିପାଇଁ ବୋର୍ଡ ପ୍ରଶ୍ନପତ୍ର ଯୋଗାଇଦେବ। ପ୍ରଶ୍ନପତ୍ରଗୁଡ଼ିକ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟକୁ ପଠାଯିବ। ତା’ପରେ ସେଠାରୁ ସ୍କୁଲକୁ ପ୍ରଶ୍ନପତ୍ର ଯିବ। ସ୍କୁଲ ପରୀକ୍ଷା ପରିଚାଳନା କରିବ ଓ ଖାତା ମୂଲ୍ୟାୟନ କରି ପରୀକ୍ଷାଫଳ ପ୍ରକାଶ କରିବ ବୋଲି ବୋର୍ଡ ସଭାପତି କହିଛନ୍ତି।

ବାରମ୍ବାର ପରୀକ୍ଷା ଢାଞ୍ଚା ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି ଯେ, କୋଭିଡ୍ ସମୟରେ ଗୋଟିଏ ବର୍ଷ ମାଟ୍ରିକ୍ ପରୀକ୍ଷା ହୋଇପାରି ନ ଥିଲା। ତେଣୁ ବୋର୍ଡ ପକ୍ଷରୁ ନବମ ଏବଂ ଦଶମ ଶ୍ରେଣୀ ପାଇଁ ଦୁଇଟି ସମ୍ମେଟିଭ ଆସେସ୍‌ମେଣ୍ଟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ବର୍ତ୍ତମାନ କୋଭିଡ୍ ପ୍ରକୋପ ନ ଥିବାରୁ ପୂର୍ବଭଳି ଗୋଟିଏ ଥର ବାର୍ଷିକ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମହାନ୍ତି କହିଛନ୍ତି।

## ପାର୍ଲାମେଣ୍ଟ ବିଲ୍ଡିଂ ...

ରାଷ୍ଟ୍ରପତିଙ୍କୁ ଏହାର ଉଦ୍‌ଘାଟନ କରାଇ ନ ଦେବା ଏବଂ ଲୋକାର୍ପଣ ଉତ୍ସବକୁ ତାଙ୍କୁ ନିମନ୍ତ୍ରଣ ନ କରିବା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ପ୍ରତି ଅପମାନ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ୧୯ ବିରୋଧୀ ଦଳର ବର୍ଜନ ବିବୃତିକୁ ଟ୍ୟାଗ୍ କରି ଟୁଇଟ୍ କରିଛନ୍ତି, ଆମେ ପ୍ରଧାନମନ୍ତ୍ରୀଙ୍କ ସୌଧକୁ କାହିଁକି ଅମ୍ଳଜାନ ଦେବା। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନକୁ ବର୍ଜନ କରିବା ନେଇ ମିଳିତ ବିବୃତି ଜାରି କରିଥିବା ଦଳଗୁଡ଼ିକ ହେଲେ, କଂଗ୍ରେସ, ଡିଏମ୍‌କେ, ଏଏପି, ଶିବସେନା(ୟୁବିଟି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇଏମ୍, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, କେରଳ କଂଗ୍ରେସ-ମଣି, ବିଦ୍ୟୁତ୍‌ହାଲାଇ ଚିରୁଥେଗାଲ କଚ୍‌ଚି, ରାଷ୍ଟ୍ରୀୟ ଲୋକ ଦଳ, ଟିଏମ୍‌ସି, ସଂଯୁକ୍ତ ଜନତା ଦଳ, ଏନ୍‌ସିପି, ଆର୍‌ଜେଡି, ଆଇୟୁଏମ୍‌ଏଲ୍, ନ୍ୟାଶନାଲ କନ୍‌ଫରେନ୍ସ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଜାଗାମ୍। ବିରୋଧୀଙ୍କ ନିଷ୍ପତ୍ତିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେମାନେ ନିଜ ଜ୍ଞାନ ଅନୁସାରେ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ତାମିଲନାଡୁରୁ ଅଣାଯାଇଥିବା ଐତିହାସିକ ‘ସେଙ୍ଗୋଲ’(ସାର୍ବଭୌମତ୍ୱର ପ୍ରତୀକ ରାଜଦଣ୍ଡ)କୁ ନେଇ ସେମାନେ ରାଜନୀତି କରିବା ଦୁର୍ଭାଗ୍ୟଜନକ। ବ୍ରିଟିଶ ସରକାର କ୍ଷମତା ହସ୍ତାନ୍ତର ବେଳେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଏହି ‘ସେଙ୍ଗୋଲ’ ପ୍ରଦାନ କରିଥିଲେ। ସଂସଦର ନୂଆ କମ୍ପ୍ଲେକ୍ସରେ ଏହାକୁ ସ୍ଥାପନ କରାଯିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ବିରୋଧୀଙ୍କ ବର୍ଜନ ଆହ୍ୱାନକୁ ଦୁର୍ଭାଗ୍ୟଜନକ କହି ନିଜ ଆଭିମୁଖ୍ୟର ପୁନର୍ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପାର୍ଲାମେଣ୍ଟ ହାଉସ୍ ଆନେକ୍ସକୁ ଉଦ୍‌ଘାଟନ କରିଥିବାବେଳେ ତାଙ୍କ ଉତ୍ତରାଧିକାରୀ ରାଜୀବ ଗାନ୍ଧୀ ୧୯୮୭ରେ ନିର୍ମିତ ପାର୍ଲାମେଣ୍ଟ ଲାଇବ୍ରେରି ବିଲ୍ଡିଂର ଶିଳାନ୍ୟାସ କରିଥିଲେ। କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମଧ୍ୟ ଅନେକ ଲେଜିସ୍‌ଲେଟିଭ୍ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ମୋଦି ଉଦ୍‌ଘାଟନ କରିବାରେ ଅସୁବିଧା କ’ଣ ବୋଲି ଭାଜପା ନେତା ତେହସିନ ପୁନାୱାଲା ପ୍ରଶ୍ନ କରିଛନ୍ତି।

## ଜିମ୍ବାୱେ ସବୁଠୁ ...

ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପାକିସ୍ତାନ ବିଶ୍ୱର ୩୫ତମ ଦୁଃଖୀ ରାଷ୍ଟ୍ର ବୋଲି ଏଥିରେ ଦର୍ଶାଯାଇଛି। ସବା ତଳେ ଅର୍ଥାତ୍ ୧୫୭ତମ ସ୍ଥାନରେ ସୁଇଜରଲାଣ୍ଡ ରହିଛି। ଅନ୍ୟ କମ୍ ଦୁଃଖୀ ଦେଶଗୁଡ଼ିକ ହେଲା କୁଏତ୍(୧୫୬), ଆୟର୍ଲାଣ୍ଡ(୧୫୫), ଜାପାନ(୧୫୪), ମାଲେସିଆ(୧୫୩), ତାଇୱାନ୍(୧୫୨) ଓ ଥାଇଲାଣ୍ଡ (୧୫୧)। ଆମେରିକା ୧୩୪ ତମ ସ୍ଥାନରେ ଥିବାବେଳେ ଋଷିଆ (୭୬), ଭାରତର ପଡ଼ୋଶୀ ଦେଶ ବାଂଲାଦେଶ (୧୧୫), ଶ୍ରୀଲଙ୍କା (୧୧), ମ୍ୟାନ୍‌ମାର(୩୯), ନେପାଳ(୬୩) ଏବଂ ଚାଇନା ୧୪୨ ତମ ସ୍ଥାନରେ ରହିଛି।

## ଭାରତର ଦୁଃଖ ...

ରୂପ ଧାରଣ କଲାଣି। ଅବସ୍ଥା ଏପରି ହେଲାଣି ଯେ, ପାଠଶାଠ ପଢ଼ି ଚାକିରି ପାଇଁ ନୟାନ୍ତ ହେବା ପରେ ଆଶାୟୀମାନେ ଏବେ ଆଶାଶୂନ୍ୟ ହୋଇପଡ଼ିଛନ୍ତି। ସେମାନେ ଚାକିରି ଖୋଜିବା ବନ୍ଦ କରିଦେଇଥିବା ସେଣ୍ଟର୍ ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ଏକ ରିପୋର୍ଟରେ ଉଲ୍ଲେଖ କରିଛି। ଏହା କେବଳ ତୃତୀୟ ଥର କ୍ଷମତା ଆଶାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ୨୦୨୪ ସାଧାରଣ ନିର୍ବାଚନ ବେଳେ ଚ୍ୟାଲେଞ୍ଜ ସୃଷ୍ଟି କରିବ ତାହା ନୁହେଁ, ଭାରତର ବେକାରି ସମସ୍ୟା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଦୃଷ୍ଟି ଆକର୍ଷଣ କଲାଣି। ଏଥିଲାଗି ବିଶ୍ୱର ସବୁଠୁ ଦୁଃଖୀ ରାଷ୍ଟ୍ରଗୁଡ଼ିକର ତାଲିକାରେ ଭାରତ ସ୍ଥାନ ପାଇଛି। ବିଶିଷ୍ଟ ଅର୍ଥନୀତିଜ୍ଞ ଷ୍ଟିଭ୍ ହାଙ୍କେ ୧୫୭ଟି ଦେଶକୁ ନେଇ ବିଭିନ୍ନ ମାପଦଣ୍ଡ ଆଧାରରେ ପ୍ରସ୍ତୁତ କରିଥିବା ଆନୁଆଲ ମିଜରି ଇଣ୍ଡେକ୍ସରେ ଭାରତ ୧୦୩ତମ ସ୍ଥାନରେ ରହିବା ସରକାରଙ୍କ ନୀତି ପ୍ରଣୟନର ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନ୍ୱୟନ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାଜ୍ୟ ସଭା ସଦସ୍ୟଙ୍କ କାର୍ ...


ଦୁର୍ଘଟଣା ଘଟାଇଥିବା ରାଜ୍ୟ ସଭା ସଦସ୍ୟଙ୍କ ଇନୋଭା କାର୍। ଦୁର୍ଘଟଣାଗ୍ରସ୍ତ ସ୍କୁଟି।

ସ୍କୁଟି (ଓଡି ୦୩ ଡି ୭୬୦୯) ସହ ଧକ୍କା ହୋଇଥିଲା। ସ୍କୁଟିରେ ଥିବା ଟଙ୍କଧର ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରୁ ଆହତ ଟଙ୍କଧରଙ୍କୁ ପାଟଣାଗଡ଼ ଉପଖଣ୍ଡ ହସ୍ପିଟାଲ ଆଣିଥିଲେ।
ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ଘଟିବା ପରେ ଲଉମ୍ବା ପୋଲିସ କାର ଏବଂ ସ୍କୁଟିକୁ ଥାନାକୁ ନେଇଛି। ଦୁର୍ଘଟଣା ସମୟରେ ସାଂସଦ ବିଶି କାରରେ ବସିଥିଲେ ବୋଲି ପ୍ରଚାର ହେଉଥିବାବେଳେ ସେ ଏହାକୁ ଖଣ୍ଡନ କରିଛନ୍ତି। ଦୁର୍ଘଟଣା ସମୟରେ ସେ ଉକ୍ତ ଗାଡ଼ିରେ ନ ଥିଲେ। ସେତିକିବେଳେ ସେ ତାଙ୍କ ପାଟଣାଗଡ଼ସ୍ଥିତ ଘରେ ରହିଥିଲେ ଏବଂ କାର ତାଙ୍କ ଗାଁ କୁତୁର୍ଲା ଅଭିମୁଖେ ଯାଉଥିଲା ବୋଲି ବିଶି କହିଛନ୍ତି। ଏହି ଦୁର୍ଘଟଣାକୁ ନେଇ ସେ ମର୍ମାହତ ଏବଂ ଦୁଃଖିତ ବୋଲି କହିବା ସହ ମୃତ ଟଙ୍କଧର ତାଙ୍କର ଜଣେ ସମ୍ପର୍କୀୟ ପୁତୁରା ହେବେ ବୋଲି କହିଛନ୍ତି। ଅପରାହ୍ଣରେ ବିଶି ଇନ୍ଦପୁରରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିବା କହିଛନ୍ତି। ରେଡ୍‌କ୍ରସ ତରଫରୁ ମୃତକଙ୍କ ପରିବାରକୁ ପାଟଣାଗଡ଼ ପ୍ରଶାସନ ୩୦ ହଜାର ଟଙ୍କା ସହାୟତା ଦେଇଥିବା ତହସିଲଦାର ଲକ୍ଷ୍ମଣ ମାଝି ସୂଚନା ଦେଇଛନ୍ତି। ଲଉମ୍ବା ଥାନା ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ।

## ଖୁବ୍‌ଶୀଘ୍ର ବଣ୍ଟାଯିବ ...

ସମସ୍ତ ଘରକୁ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୧% ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ସେହିପରି ୫୭ ହଜାର କୋଟି ଟଙ୍କା ବ୍ୟୟରେ ୨୦୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ଓ ୧୩୦୦୦ ସିଙ୍ଗଲ ଭିଲେଜ ପାଇପ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ର ସକାଶେ ଅପ୍ରିୟ ସତ୍ୟ ଭାଷଣ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରେ। ଦ୍ୱିଜା ବିଚାରବୁଦ୍ଧି ପ୍ରୟୋଗ କରି ସମସ୍ୟାର ସମାଧାନ କରିପାରିବେ। ସାମାଜିକ ସ୍ତରରେ ଦକ୍ଷତାର ମୂଲ୍ୟାୟନ ସାଙ୍ଗକୁ ପୁରସ୍କୃତ ହୋଇପାରନ୍ତି। ଅଫିସ୍ କାମରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ**
ରୋହିଣୀ ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି କାରଣରୁ ମନ ପ୍ରଫୁଲ୍ଲ ରହିବ। କିନ୍ତୁ କୃତ୍ତିକା ନକ୍ଷତ୍ରର ସମସ୍ୟା ପୂର୍ବପରି ରହିବ, ତଥାପି ଭୟ କରିବାର କୌଣସି କାରଣ ନାହିଁ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହାଫଳରେ କାମଟି ଅପୂର୍ଣ୍ଣ ରହିଯିବ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**
ଯେତେ ରାଗିଥିଲେ ମଧ୍ୟ ଟିକିଏ ଫୁସୁଲା ଫୁସୁଲି କଥାରେ ମନ ପୂରା ବଦଳିଯିବ। ଏହି ସୁଯୋଗ ନେଇ ମୃଗଶିରା ନକ୍ଷତ୍ର ଆତ୍ମୀୟମାନେ ଫାଇଦା ପାଇଁ ଫନ୍ଦିଫିକର କରିବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି। ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଲାଗି ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଅଶ୍ଳେଷା ନକ୍ଷତ୍ର ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। କିନ୍ତୁ ପୁନର୍ବସୁ ସକାଶେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜ ଅବହେଳାରୁ ଅନ୍ୟବାଟରେ ବ୍ୟୟ ହେବ।

**ସିଂହ**
ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ମଘା ନକ୍ଷତ୍ର ପାଖପଡ଼ୋଶୀଙ୍କ କୁଟିଳ କଥାକୁ ଠିକ୍ ଭାବେ ବୁଝିପାରିବେନି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ।

**କନ୍ୟା**
ହସ୍ତା ନକ୍ଷତ୍ରର ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ। ସାଧାରଣ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ବିଶାଖା ନକ୍ଷତ୍ର ସକାଶେ ପ୍ରୀତିପ୍ରଦ ରହିବ। ଆତ୍ମୀୟସ୍ୱଜନ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଚିତ୍ରା ନକ୍ଷତ୍ର ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଧର୍ମକାର୍ଯ୍ୟ କରିବା ସାଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା**
ପ୍ରତ୍ୟେକ କାର୍ଯ୍ୟ ମନ୍ଥର ଗତିରେ ଚାଲିବା କାରଣରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ଅନୁରାଧା ନକ୍ଷତ୍ରର ପ୍ରିୟ ବ୍ୟକ୍ତିଟିର ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ଜ୍ୟେଷ୍ଠା ନକ୍ଷତ୍ରର ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ**
ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ହାସଲ କରିପାରିବେ। ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମକର**
ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କିନ୍ତୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଧନିଷ୍ଠା ନକ୍ଷତ୍ର ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବିଚାରବୁଦ୍ଧି ହରାଇ ପ୍ରେମ ଫାଶରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**
ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, କଳା, ସାହିତ୍ୟାଦିରୁ ସମ୍ମାନ ଆଜି ପାଇଁ ସୁଖଦ ଖବର ହୋଇପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆଜିର ପାରିଶ୍ରମିକ ମନଲାଖି ହେବନାହିଁ। ଧନିଷ୍ଠା ନକ୍ଷତ୍ରର ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ପୁରୁଣା କଥାକୁ ଆଲୋଚନା କରିବା ଠିକ୍ ହେବନି।

**ମୀନ**
ରେବତୀ ନକ୍ଷତ୍ରର ପାରିବାରିକ ଜୀବନ ସୁଖ ସନ୍ତୋଷରେ ଅତିବାହିତ ହେବ। ଉତ୍ତରଭାଦ୍ରବ ନକ୍ଷତ୍ର ସକାଶେ କର୍ମକ୍ଷେତ୍ର ମଧ୍ୟ ତଦନୁରୂପେ ପ୍ରୀତିଦାୟକ ହେବ। ଘର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ଅଥବା ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଜ୍ୟେଷ୍ଠମାସ ଶୁକ୍ଳପକ୍ଷର ଶୀତଳଷଷ୍ଠୀ ଗୁରୁବାର, ମେ’ ୨୫ ତାରିଖ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ତିରୋଧାନ ଦିବସ, ଗୁରୁ ଅର୍ଜୁନ ଦେବ ପୁଣ୍ୟ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ମି. ଗତେ ଘ.୦୬।୦୪ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୧ମି. ଗତେ ଘ.୦୨।୫୯ମି. ମଧ୍ୟେ ରାହୁକାଳ।

# ଆଞ୍ଚଳିକ, ରାଜ୍ୟ ବାହାର କଳାକାରଙ୍କ ମିଳନ

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଏକ ଅନନ୍ୟ ପରମ୍ପରା। ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକବାଦ୍ୟ, ଲୋକନୃତ୍ୟ, ଲୋକଗୀତ କଳାକାରଙ୍କ ସମାଗମ ହୋଇଥାଏ। ଆଧୁନିକ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀ ସେମାନଙ୍କ ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥାନ୍ତି। ବିଭିନ୍ନ ଯାତ୍ରା କମିଟିକୁ ଆସିଥିବା କଳାକାରଙ୍କ ସଂଖ୍ୟା ଚଳିତବର୍ଷ ୧୦ ହଜାରରୁ ଅଧିକ ହେବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ନନ୍ଦପଡ଼ା ଯାତ୍ରା କମିଟିରେ ପ୍ରାୟ ୩ ହଜାର, ଝାଡ୍ଡୁଆପଡ଼ାରେ ୨ ହଜାର, ମୁଦିପଡ଼ାରେ ୨୨ଶହ, ବଡ଼ବଜାରରେ ୧୨ଶହ, ଠାକୁରପଡ଼ାରେ ୮ଶହ, ବାଲିବନ୍ଧାରେ ୨ଶହ କଳାକାର ଆସିଛନ୍ତି। ଏତଦ୍‌ବ୍ୟତୀତ ବୁଢ଼ାରଜା, ସାକ୍ଷୀପଡ଼ା, ସାଲିହାବଗିଚା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ମାନେଶ୍ୱର ମାନଧାତା ବାବା, ଫାଟକ ଯାତ୍ରାରେ ପ୍ରାୟ ୪ ହଜାର କଳାକାର ନୃତ୍ୟ ପରିବେଷଣ ପାଇଁ ସମାଗମ ହୋଇଛନ୍ତି। ମହାଦେବଙ୍କ ବରାତି ଏବଂ ଶିବ ଓ ପାର୍ବତୀଙ୍କ ନଗର ପରିକ୍ରମାରେ ଦୁଲ୍‌ଦୁଲି, ସମ୍ବଲପୁରୀ, କସରତ୍, ଦଣ୍ଡନାଚ, ଘୁମୁରା, ମେଢ଼ନାଚ, କଳଙ୍ଗି, ଆଦିବାସୀ ନୃତ୍ୟ, ଝାଞ୍ଜି, ବାଡ଼ିନାଚ, ଛଉନାଚ, ପୁତୁଲା ନାଚ, ବ୍ଲାକ୍ କୋବ୍ରା, ଭାଙ୍ଗଡ଼ା, ବିହୁ, ଧମାଲ୍ ବଜା, କାଠିନାଚ, ପାଇକ ଆଖଡ଼ା, ସବର ନାଚ ଓ ସଂକୀର୍ତ୍ତନ, ଗୌରବାଡ଼ି, କରମା ନାଚ, ଯୋଡ଼ି ଶଙ୍ଖ ଓ ଦଶାବତାର ଏବଂ ଆଧୁନିକ ନୃତ୍ୟ ସାମିଲ ହୋଇଛି। ଏହା ବ୍ୟତୀତ ଅର୍କେଷ୍ଟ୍ରା ଦଳ ରହିଛନ୍ତି। ସେହିପରି ନନ୍ଦପଡ଼ା ଓ ଝାଡ୍ଡୁଆପଡ଼ା ଯାତ୍ରା କମିଟି ବ୍ୟତୀତ ଅନ୍ୟ ଯାତ୍ରାରେ କିନ୍ନରଙ୍କ ନୃତ୍ୟ ଛଟା ଦେଖିବାକୁ ମିଳିଛି। ତେଣୁ ସମ୍ବଲପୁର ଶୀତଳଷଷ୍ଠୀ କଳାକାରଙ୍କ ମହାମିଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ସେମାନେ ପରସ୍ପର ମଧ୍ୟରେ ନିଜ ଅଞ୍ଚଳର ନୃତ୍ୟଗୀତ ବିଷୟରେ ଆଲୋଚନା କରିଥାନ୍ତି। ଏଥିସହ ଭାବର ଆଦାନପ୍ରଦାନ କରନ୍ତି। ଏହା ପ୍ରାୟ ୨୪ଘଣ୍ଟା ଧରି ଚାଲିଥାଏ। କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ କଳାକାରମାନେ ଉତ୍ସାହ ସହିତ ପରିବେଷଣ କରିଥାନ୍ତି। ହରିୟାଣାର ଅଘୋରି ନୃତ୍ୟ, ମଧ୍ୟପ୍ରଦେଶ ଉଦଜେନର ଭସ୍ମରେମୟା, କେରଳର କଭାଡି ନୃତ୍ୟ, ମହାରାଷ୍ଟ୍ରର ଢୋଲବାଜା, ରାୟପୁରର ଧମାଲ ବାଦ୍ୟ ଓ ଓଡ଼ିଶାର ଓଡ଼ିଶୀନୃତ୍ୟ ବିଭିନ୍ନ ଯାତ୍ରା କମିଟିର ମୁଖ୍ୟ ଆକର୍ଷଣ ରହିଛି।


ଲୋକନାଥ ବାବାଙ୍କ ତୈଳାଭିଷେକ ପରେ ଶ୍ରଦ୍ଧାଳୁମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।






# ଦେବଦମ୍ପତିଙ୍କ ବିବାହରେ ହଳଦୀ ଖେଳ

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦମ୍ପତିଙ୍କ ବିବାହ ପାଇଁ ହଳଦୀ ଖେଳ ପରମ୍ପରା ଅନୁଷ୍ଠିତ ହୋଇଛି। କନ୍ୟା ପକ୍ଷ ମାତା ପାର୍ବତୀଙ୍କୁ ମନ୍ଦିରରୁ ଶୋଭାଯାତ୍ରାରେ ନିଜ ଘରକୁ ନେବା ପରେ ଏହି ଖେଳ ଆରମ୍ଭ ହୋଇଥିଲା। କନ୍ୟା ଘରେ ରୀତିନୀତି ଅନୁସାରେ ଗଇଁଠାଳ ଫିଟା ନୀତି ହୋଇଥିଲା। ବିବାହରେ ଯୋଗଦାନ କରିଥିବା ପରିବାର ପରିଜନ ସମସ୍ତେ ହଳଦୀ ଖେଳି ମଜା ନେଇଥିଲେ। ଏହି ଅବସରରେ ନାଚ, ଗୀତ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ କନ୍ୟା ପିତାମାତାଙ୍କ ଘରକୁ ମାମୁଁ ଘରୁ ମଉଳା ଭାର ମଧ୍ୟ ଆସିଥିଲା। ଝାଡ୍ଡୁଆପଡା ଲୋକନାଥ ବାବା ଓ ମୁଦିପଡାର ଜାଗେଶ୍ୱର ବାବାଙ୍କୁ ପଡାର ମହିଳାମାନେ ତେଲ ହଳଦୀ ଲଗାଇ ପାର୍ବତୀଙ୍କ ଗନସନ କରିଥିଲେ। ଢୋଲ ବାଜା ନାଚ ସହ ମହିଳାମାନେ ହଳଦୀ ପର୍ବ ବେଶ ଧୁମଧାମରେ ପାଳନ କରିଥିଲେ। ସେହିପରି ସହର ନନ୍ଦପଡାର ବାଲୁଙ୍କେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବାଙ୍କ କନ୍ୟା ମାତା ପାର୍ବତୀଙ୍କ ଘରେ ତେଲ ହଳଦି ଖେଳ ହୋଇଥିଲା। ସନ୍ଧ୍ୟାରେ ମହାଦେବ ବର ବେଶରେ ସଜେଇ ହୋଇ ରଙ୍ଗୀନ ଆଲୁଅ ଓ ବାଜା ରୋଷଣୀରେ ଶୋଭାଯାତ୍ରାରେ ବାହାରିଥିଲେ। ପାର୍ବତୀ ଓ ମହାଦେବଙ୍କ ବିବାହ ଉତ୍ସବ ପରେ ଦେବଦମ୍ପତିଙ୍କ ଯୁଗଳ ବେଶ ଦର୍ଶନ ପାଇଁ ସହରବାସୀ ଅପେକ୍ଷା କରିଛନ୍ତି।


ମୁଦିପଡ଼ାରେ ହଳଦୀ ନୀତି ପରେ ସେଲ୍‌ଫି ନେଉଛନ୍ତି ମହିଳାମାନେ।









# ବିଶେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା

**ବିନିକା,୨୪।୫ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇଉଠିଛି। ଷଷ୍ଠ ବର୍ଷରେ ପଦାର୍ପଣ କରିଥିବା ଏହି ଯାତ୍ରା ଚଳିତବର୍ଷ ଧୁମଧାମରେ ପାଳିତ ହେଉଛି। ପତରପେଣ୍ଡୀ ନିବନ୍ଧ ଓ ଦେବ ନିମନ୍ତ୍ରଣ ନୀତି ପରେ ବୁଧବାର ରାତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଏଥିପାଇଁ ଯାତ୍ରା କମିଟି ତରଫରୁ ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, କାର୍ଯ୍ୟକାରୀ ସଭାପତି ଅଜିତ ସାମନ୍ତରାୟ, ସମ୍ପାଦକ ଚରଣ ମେହେର, ସହ ସମ୍ପାଦକ ସମ୍ବିତ ନେପାକଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତା ଓ ଭକ୍ତମାନେ ପ୍ରଭୁଙ୍କୁ ବର ବେଶରେ ସଜାଇଥିଲେ। ପରେ ବରାତି ଶୋଭାଯାତ୍ରାରେ ମହାଦେବ ବିଜେ କରିଥିଲେ। ଏହି ଶୋଭାଯାତ୍ରାରେ ସହରର ବିଭିନ୍ନ ଦେବାଦେବୀ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଭକ୍ତଙ୍କ ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ରାସ୍ତାରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ ନିକଟରେ ବରାତ ପହଞ୍ଚିବା ପରେ କନ୍ୟାପକ୍ଷ ତରଫରୁ ମଙ୍ଗଳନ, ଅଳଙ୍କାର ଧାରଣ କରାଯିବା ପରେ ଦେବୀ ପାର୍ବତୀଙ୍କ ମାମୁଁ ମାଇଁ ବିଶେଶ୍ୱର ବାବାଙ୍କୁ ବର ରୂପରେ ନିମନ୍ତ୍ରଣ କରି ବେଦୀ ସ୍ଥଳକୁ ପାଛୋଟି ଆଣିଥିଲେ। ବିଳମ୍ବିତ ରାତ୍ରିରେ ପୂଜକ ଉମାବଲ୍ଲଭ ଷଡ଼ଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ମନ୍ତ୍ରପାଠ ପରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବ ବିବାହକୁ ଦେଖିବା ପାଇଁ ଭକ୍ତମାନଙ୍କ ଭିଡ ଜମିଥିଲା। ଏଥର ପ୍ରଭୁ ବିଶେଶ୍ୱର ବାବାଙ୍କ ମାତା ପିତା ଭାବେ ଶିକ୍ଷକ ଅନନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ପଣ୍ଡା,ପାର୍ବତୀ ଦେବୀଙ୍କ ମାତା ପିତା ଭାବେ ପ୍ରକାଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ଜିତୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ।







ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। **–ଶ୍ରୀମା**

# ଧର୍ମଧାରାରେ ନାରୀ ଶକ୍ତି



ଦେବଦତ୍ତ ପଟ୍ଟନାୟକ

ଧର୍ମ ମୁଖ୍ୟତଃ ପୁରୁଷଙ୍କର, ପୁରୁଷଙ୍କ ପାଇଁ ଓ ପୁରୁଷଙ୍କ ଦ୍ୱାରା ଏକ ସୃଷ୍ଟି ଭାବେ ରହିଆସିଛି। ଧର୍ମ କ୍ଷେତ୍ରରେ ପୁରୁଷମାନେ ସବୁବେଳେ ନାରୀମାନଙ୍କୁ କ୍ଷମତା ପ୍ରଦାନରେ ବାଧା ଦେଇଆସିଛନ୍ତି। ଆବ୍ରାହାମିକ ଧର୍ମରେ ଦିବ୍ୟ ପୁରୁଷ ଆବ୍ରାହମଙ୍କୁ ଜଣେ ବୃଦ୍ଧ ଭାବେ ଦେଖାଯାଏ। ଆବ୍ରାହମଙ୍କ ଭଳି ଯିଶୁ ଓ ମହମ୍ମଦ ମଧ୍ୟ ପୁରୁଷ। ମୋସେସ୍ ବି ପୁରୁଷ। ବୌଦ୍ଧଧର୍ମରେ ବୁଦ୍ଧଙ୍କ ନିର୍ବାଣ ପରେ ୧୦୦୦ ବର୍ଷ ଯାଏ କୌଣସି ମହିଳା ବୁଦ୍ଧଙ୍କ ସମ୍ପର୍କରେ କିଛି ସୂଚନା ନାହିଁ। ବୁଦ୍ଧଙ୍କ ପୂର୍ବଜନ୍ମ କଥା ଜତକା କାହାଣୀରେ ବର୍ଣ୍ଣନା କରାଯାଇଛି। ସେ ପ୍ରାଣୀ, ଉଦ୍ଭିଦ ଓ ମଣିଷ ରୂପରେ ଜନ୍ମ ନେଇଥିବା ଏଥିରେ କୁହାଯାଇଛି। ହେଲେ ମହିଳା ରୂପରେ କେଉଁଠି ଜନ୍ମ ନେଇଥିବା କୁହାଯାଇନାହିଁ।

କିନ୍ତୁ ପାଖାପାଖି ୧୫୦୦ ବର୍ଷ ପୂର୍ବେ ଖ୍ରୀଷ୍ଟ ଓ ବୌଦ୍ଧ ଧର୍ମରେ ନାରୀତ୍ୱ ଥିଲା ଏକ ପ୍ରମୁଖ ଶକ୍ତି। ପଞ୍ଚମ ଶତାବ୍ଦୀର ରୋମରେ ସମ୍ରାଜ୍ଞୀ ପୁଲଚେରିଆ ଖ୍ରୀଷ୍ଟଧର୍ମରେ ମଦର ମେରୀଙ୍କୁ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିଥିଲେ। ପୁଲଚେରିଆ ରାଜ ପରିବାରର ସଦସ୍ୟ ଥିଲେ ଏବଂ ତାଙ୍କ ଜେଜେବାପା ରୋମ ସାମ୍ରାଜ୍ୟରେ ଖ୍ରୀଷ୍ଟ ଧର୍ମକୁ ରାଜ୍ୟରେ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ପୁଲଚେରିଆ ଥିଲେ ପରିବାରରେ ସବୁଠୁ ବଡ଼ ଝିଅ ଏବଂ ସେ ତାଙ୍କ ଭାଇଙ୍କ ସହ ମିଶି ରାଜ୍ୟ ଶାସନ କରିଥିଲେ। ସେ ଜଣେ ନନ୍ ବା ପାଦ୍ରୀ ଥିଲେ। ଏକ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ନନ୍ ଭାବେ ରହି ସାଧାରଣରେ କୁମାରୀତ୍ୱ ସ୍ଥାପିତ ଓ ସୁଦୃଢ କରିବା ହେଉଛି ଶକ୍ତି ଲାଭର ଏକମାତ୍ର ଉପାୟ ବୋଲି ସେ ଉପଲବ୍ଧି କରିଥିଲେ। ଯେତେବେଳେ ତାଙ୍କ ଭାଇ ବିବାହ କଲେ ସେ ନନ୍‌ମାନେ ରହୁଥିବା ଆଶ୍ରୟସ୍ଥଳୀକୁ ଚାଲିଯାଇଥିଲେ ଏବଂ ରାଜକୀୟ କାର୍ଯ୍ୟରୁ ନିଜକୁ ଦୂରେଇ ରଖିଥିଲେ। ତାଙ୍କ ଭାଇଙ୍କ ସ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ନୂଆ ଧର୍ମାଧ୍ୟକ୍ଷ କୁମାରୀ ମେରୀଙ୍କୁ ଈଶ୍ୱରଙ୍କ ମା' ଭାବେ ମାନିବା ସିଦ୍ଧାନ୍ତକୁ ଚ୍ୟାଲେଞ୍ଜ କରିଥିଲେ, ଯାହା ଥିଲା ସାର୍ବଜନୀନ ଓ ଆଧ୍ୟାତ୍ମିକ ସ୍ତରରେ ମହିଳାଙ୍କ ଭୂମିକା ଉପରେ ଏକ ଆକ୍ରମଣ। ଧର୍ମାଧ୍ୟକ୍ଷ ନିଯୁକ୍ତ ପରେ ପୁଲଚେରିଆ ତାଙ୍କ ଏକାନ୍ତବାସରୁ ବାହାରକୁ ଆସିଲେ ଏବଂ ତାଙ୍କ ଭାଇଙ୍କୁ ଇଫେସସ୍‌ରେ ପରିଷଦ ଗଠନ କରିବାକୁ ବାଧ୍ୟ କଲେ ଏବଂ ଏକ ଜୋରଦାର ବିତର୍କ ପରେ କୁମାରୀ ମେରୀ ପ୍ରକୃତରେ ଈଶ୍ୱରଙ୍କ ମା' ବୋଲି ସାଧାରଣରେ ଘୋଷଣା କରାଗଲା। ତାଙ୍କ ଭାଇଙ୍କ ମୃତ୍ୟୁ ପରେ ପୁଲଚେରିଆ ଜଣେ ଶକ୍ତିଶାଳୀ ସେନାଧ୍ୟକ୍ଷଙ୍କୁ ବିବାହ କରିବାକୁ ବାଧ୍ୟ ହେଲେ। କିନ୍ତୁ ବିବାହ ପରେ ତାଙ୍କ କୁମାରୀତ୍ୱକୁ ସମ୍ମାନ ଜଣାଇବା ଲାଗି ସେ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ପୁଲଚେରିଆଙ୍କ ମୃତ୍ୟୁ ହେବା ଯାଏ ଦୁହେଁ ମିଶି ସାମ୍ରାଜ୍ୟ ଶାସନ କରିଥିଲେ। ସେହି ସମୟର ମଦର ମେରୀଙ୍କ ବହୁ ଛବି ଦେଖିବାକୁ ମିଳେ ଏବଂ ଆଶ୍ଚର୍ଯ୍ୟର କଥା ଯେ, ଛବିଗୁଡ଼ିକର ମୁଖ ପୁଲଚେରିଆଙ୍କ ସହ ସାମଞ୍ଜସ୍ୟ ରହିଛି। ରାଜା ପର୍ସିଆ ରାଜାଙ୍କୁ ହରାଇଲା ପରେ ସଫଳତାର ସବୁ ଶ୍ରେୟ କୁମାରୀ ମେରି ଏବଂ ତାଙ୍କ କୁମାରୀ ସମ୍ରାଜ୍ଞୀଙ୍କୁ ଦେଇଥିଲେ।



ଏହି ସମାନ ସମୟରେ ଚାଇନା ଏବଂ ତିବ୍ବତରେ ଏକା ପ୍ରକାର ଘଟଣା ସାମ୍ନାକୁ ଆସିଥିଲା। ଆମେ ଚାଇନାର ସମ୍ରାଜ୍ଞୀ ଉଙ୍କ କାହାଣୀ ଜାଣୁ। ସେ ଚାଇନା ରାଜ ପରିବାରକୁ ଜଣେ ରକ୍ଷିତା ଭାବେ ପ୍ରବେଶ କରିଥିଲେ ଏବଂ ସମ୍ରାଟଙ୍କ ପୁତ୍ର ସନ୍ତାନ ଜନକ ହୋଇ ସମ୍ରାଜ୍ଞୀ ହୋଇପାରିଥିଲେ। ସେ କ୍ଷମତାଶାଳୀ ହେବାପରେ ମୁଖ୍ୟ ଶାସକ ହୋଇଥିଲେ। ରାଜା ଓ ମହାରାଣୀ ଉଭୟଙ୍କୁ ଦୁଇ ସନ୍ଥ କୁହାଯାଉଥିବାର ପ୍ରମାଣ ବି ଅନେକ ରାଜ ଦସ୍ତାବିଜରୁ ମିଳେ। ଏହା ବ୍ୟତୀତ ଚାଇନା ପରମ୍ପରାରେ କନ୍‌ଫ୍ୟୁସିଆଜିମ୍ (ଚାଇନାର ପୁରାତନ ଧର୍ମୀୟ ବିଶ୍ୱାସ)ର ସ୍ୱୀକୃତ ଧର୍ମ ଥିଲା ଅତି ପୁରୁଷପ୍ରାଧାନ୍ୟ। ଏହାର ଏକ ଲୋକଉକ୍ତିରେ ଜଣେ ସମ୍ରାଜ୍ଞୀଙ୍କ ସମ୍ପର୍କିତ ବିଚାରଧାରା ଦେଖିବାକୁ ମିଳେ। ଏହା କହେ, ଗୋଟିଏ ମୃଗୀ ଭୋର୍‌ରେ ଗଞ୍ଜା ଭଳି ରାବିବ ବୋଲି କଳ୍ପନା କରିବା ଯାହା ଜଣେ ସମ୍ରାଜ୍ଞୀ ହେଉଛନ୍ତି ସେୟା। ତେବେ ସବୁଠୁ ଆଧ୍ୟାତ୍ମିକ ହେଉଛି ତାଓଇଷ୍ଟ ପରମ୍ପରା। ଏହା ଗ୍ରାମୀଣ କ୍ଷେତ୍ରରେ କୃଷକମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲା। ଏହି ଧର୍ମରେ ବିଶ୍ୱାସ ଥିଲା , ସ୍ୱର୍ଗ ହେଉଛି ପୁରୁଷ ଓ ପୃଥିବୀ ହେଉଛି ନାରୀ ଏବଂ ଏହି ଦୁହିଁଙ୍କ ମିଳନରେ ବିଶ୍ୱ ସୃଷ୍ଟି ହୋଇଛି। ଉକ୍ତ ସିଦ୍ଧାନ୍ତ ୟାଙ୍ଗ ଓ ୟିନ୍ ଭାବେ ଜଣାଶୁଣା। ପରମ୍ପରା ଅନୁଯାୟୀ, ସବୁଠୁ ଉଚ୍ଚ ଶିଖରରେ ସ୍ୱର୍ଗର ଜାଡେ ଫାଦରଙ୍କୁ ବଳି ସମର୍ପଣ କରାଯାଉଥିଲା। ପରେ ଦ୍ୱିତୀୟ ଉଚ୍ଚ ଶିଖରରେ ସ୍ୱର୍ଗର ମହିଳା ମୁଖ୍ୟ ବା ଜାଡେ ମଦରଙ୍କୁ ବଳି ଦିଆଯାଉଥିଲା। ଉଭୟ ପ୍ରକାର ବଳି ସମ୍ରାଟଙ୍କ ଦ୍ୱାରା ଦିଆଯାଉଥିଲା। ସମ୍ରାଜ୍ଞୀ ଉ ତାଙ୍କ ସ୍ୱାମୀଙ୍କୁ ବୁଝାଇଲେ ଯେ, ଯେହେତୁ ଜାଡେ ମଦର ଜଣେ ମହିଳା ସେଥିପାଇଁ ସେ ବଳି ଦେବାରେ ଭାଗ ନେବା ଉଚିତ। ମହାରାଣୀ ବଳି କାର୍ଯ୍ୟକ୍ରମରେ ଭାଗନେଲେ। ସଂଯୋଗବଶତଃ ପୂର୍ବ ଥର ମହାରାଜା ପାହାଡ଼ ଚଢିବାକୁ ଅସମର୍ଥ ଥିଲେ , କିନ୍ତୁ ରାଣୀ ବଳି କାର୍ଯ୍ୟରେ ଭାଗନେବା ପରେ ତାଙ୍କ ସହ ରାଜା ପାହାଡ଼ ଚଢିବାକୁ ସକ୍ଷମ ହେଲେ। ଏହା ପ୍ରମାଣ କଲା , ଜାଡେ ଫାଦର ଓ ମଦର ବଳି ପ୍ରଦାନରେ ସମ୍ରାଜ୍ଞୀଙ୍କ ଯୋଗଦେବାକୁ ସ୍ୱୀକାର କରିଥିଲେ। ସେଥିପାଇଁ ଉ ଚାଇନାର ଆଭିଜାତ୍ୟରେ ଜଣେ କ୍ଷମତାଶାଳୀ ଶକ୍ତି ହୋଇଗଲେ। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସାମ୍ରାଜ୍ୟ ଦାୟିତ୍ୱ ହାତକୁ ନେଲେ। ତାଙ୍କ ସମୟରେ ସେ ମହାଯାନ ବୌଦ୍ଧଧର୍ମ ସାମିଲ କରି ନିଜ ଅଧିକାର ସାବ୍ୟସ୍ତ କରିଥିଲେ। ଏହାସହ ବୋଧିସତ୍ତ୍ୱ, ଅଭତିଲୋକେଶ୍ୱରଙ୍କ ନାରୀ ସ୍ୱରୂପ କୱାନ ୟିନ୍ ବିଚାରଧାରାକୁ ଲୋକପ୍ରିୟ କରାଇଥିଲେ। ଚାଇନାର ସବୁଆଡେ ଗୁମ୍ଫା ଓ ସରକାରୀ ବିଲ୍ଡିଂଗୁଡ଼ିକରେ ମହିଳା ବୌଦ୍ଧ ଦିବ୍ୟ ଚରିତ୍ରମାନଙ୍କର କରୁଣାଶୀଳ ବିରାଟକାୟ ମୂର୍ତ୍ତି ଓ ଛବିଗୁଡ଼ିକ କରାଯାଇଥିଲା। ସେଥିମଧ୍ୟରୁ କେତେକରେ କିଛି ଅଂଶ ମହିଳା କିମ୍ବା ପୁରୁଷ ଭଳି ପ୍ରତୀୟମାନ ହେଉଥିବାବେଳେ ଅନ୍ୟଗୁଡ଼ିକ ସମ୍ପୂର୍ଣ୍ଣ ମହିଳା ଭାବେ ଦୃଶ୍ୟମାନ।

ନାରୀ ସ୍ୱରୂପର ମଡେଲ ପୁଲଚେରିଆଙ୍କ ଘଟଣାରେ ଯାହା ଥିଲା ସାମ୍ରାଜ୍ଞୀ ଉଙ୍କ କ୍ଷେତ୍ରରେ ବି ସେୟା ଥିଲା। ପାଖାପାଖି ସେହି ସମୟରେ ତିବ୍ବତର ରାଜା ଚାଇନାର ଜଣେ ଓ ନେପାଳର ଜଣେ ରାଜକୁମାରୀଙ୍କୁ ବିବାହ କରିଥିଲେ। ସେହି ଦୁଇ ରାଣୀ ତିବ୍ବତରେ ବୌଦ୍ଧଧର୍ମ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲେ। କିନ୍ତୁ ଏହି ବୌଦ୍ଧଧର୍ମ ଥିଲା ଭିନ୍ନ। ଏଠାରେ ବୁଦ୍ଧଙ୍କ ନାରୀ ଶକ୍ତି ତାରାଙ୍କୁ ଜ୍ଞାନ ଭାବେ ଦେଖାଯାଏ, ଯାହା ବୁଦ୍ଧଙ୍କ କରୁଣାର ଅନୁପୂରକ ଥିଲେ। ଏହି ଦୁଇ ରାଣୀଙ୍କ ପ୍ରଭାବ ଏଭଳି ଥିଲା ଯେ, ଚାଇନାର ସ୍ତ୍ରୀ ଶ୍ୱେତ ତାରା ଭାବେ ଏବଂ ନେପାଳର ସ୍ତ୍ରୀ ସବୁଜ ତାରା ଭାବେ ପରିଚିତ ହୋଇଗଲେ। ଏହା ଥିଲା ବଜ୍ରାୟନ ବୌଦ୍ଧଧର୍ମ, ଯେଉଁଥିରେ ମୁଖ୍ୟ ଶକ୍ତି ଥିଲେ ନାରୀ। ଏହିଭଳି ରୋମ ସାମ୍ରାଜ୍ୟ, ଚାଇନା ଓ ତିବ୍ବତରେ ଯେତେବେଳେ କେବଳ ନାରୀମାନେ କ୍ଷମତାଶାଳୀ ଥିଲେ ସେତେବେଳେ ପୁରୁଷପ୍ରାଧାନ୍ୟ ଧର୍ମଗୁଡ଼ିକ ମହିଳା ଦିବ୍ୟ ଚରିତ୍ର ପାଇଁ ଜାଗା ସୃଷ୍ଟି କରିପାରିଥିଲା। ଏହା ସେତେବେଳେ ଥିଲା ଏବଂ ଏବେଯାଏ ଚାଲିଛି।

–devduttofficial@gmail.com

## ଏଇ ଭାରତରେ

ସ୍କୁଲରେ ଶିକ୍ଷାଦାନ ସହ ସେଠାରେ ଏକ ମିନି ଜଙ୍ଗଲ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି କେରଳର ଶିକ୍ଷକ ରଫି ରାମନାଥ। ଆଲପୁଝା ଜିଲାର ବିଜ୍ଞାନ ବିଳାସିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକ ଅଛନ୍ତି। ସେ ଏହି ସ୍କୁଲରେ ନିଜ ଉଦ୍ୟମରେ କରିଥିବା ମିନି ଜଙ୍ଗଲରେ ୧୧୨ କିସମର ୪୫୦ ଗଛ ଲଗାଇଛନ୍ତି। ସେ ମଧ୍ୟ ସ୍କୁଲ ପରିସରରେ ୧୫୦ ପ୍ରକାର ଔଷଧୀୟ ଗଛଥିବା ବଗିଚା କରିଛନ୍ତି। ଏଥିପାଇଁ ବନ ବିଭାଗ ତାଙ୍କୁ ୫୦ ପ୍ରକାର ଗଛ ଯୋଗାଇ ଦେଇଛି। ସ୍କୁଲରେ ସଫଳତାର ସହ ଜଙ୍ଗଲ ଓ ବଗିଚା କରିବା ପରେ ରଫି ଅନ୍ୟ ସ୍କୁଲ, ସରକାରୀ ଅଫିସ ଏବଂ ଧର୍ମସ୍ଥଳୀଗୁଡ଼ିକରେ ଫଳ ବଗିଚା, ପ୍ରଜାପତି ବଗିଚା ଏବଂ ନକ୍ଷତ୍ର ବନ (ବିଭିନ୍ନ ନକ୍ଷତ୍ର ନାମରେ) କରୁଛନ୍ତି। ଏଥିପାଇଁ ସେ ସ୍କୁଲ ସମୟ ପରେ ନିୟମିତ ଭାବେ ସମୟ ଦେଉଛନ୍ତି। ବନ ବିଭାଗ ସହଯୋଗ ଓ ଲୋକଙ୍କ ଅନୁଦାନରେ ସେ ଏଭଳି କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ମେ ୧୯୯୮**

- ତମାଖୁମୁକ୍ତ ସମାଜ ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ହର୍ଷବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକଙ୍କ ପଦବୀ ପାଇବା ଲାଗି ମନୋନୀତ।
- ରାଜସ୍ଥାନର ରାଜ୍ୟପାଳ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ ରାଜନୀତିଜ୍ଞ ଦରବାରା ସିଂଙ୍କ ୭୧ ବର୍ଷ ବୟସରେ ପରଲୋକ।
- ୩୮ ଜଣ ଯାତ୍ରୀଙ୍କୁ ନେଇ କରାଚୀ ଅଭିମୁଖେ ଯାତ୍ରା କରୁଥିବା ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସର ଏକ ବିମାନକୁ ମଝି ଆକାଶରୁ ଅପହରଣ କରି ନିଆଯାଇଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| 8 | 6 | | | 3 | | | | |
| | | 7 | | | 5 | | | |
| | 8 | | 3 | | | 6 | | 9 |
| | | 9 | 4 | | 7 | | | |
| | | 1 | | 9 | | 4 | 8 | |
| | | | | | | 8 | 1 | |
| 7 | | | 1 | | 3 | | | |
| | 3 | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 3 | 4 | 8 | 1 | 9 | 2 |
| 4 | 3 | 1 | 9 | 7 | 2 | 6 | 5 | 8 |
| 8 | 9 | 2 | 6 | 1 | 5 | 7 | 3 | 4 |
| 7 | 1 | 3 | 5 | 2 | 9 | 8 | 4 | 6 |
| 6 | 4 | 5 | 8 | 3 | 7 | 2 | 1 | 9 |
| 2 | 8 | 9 | 4 | 6 | 1 | 3 | 7 | 5 |
| 9 | 6 | 8 | 1 | 5 | 3 | 4 | 2 | 7 |
| 3 | 2 | 4 | 7 | 9 | 6 | 5 | 8 | 1 |
| 1 | 5 | 7 | 2 | 8 | 4 | 9 | 6 | 3 |

ଗତକାଲିର ଉତ୍ତର

# ୨୦୦୦ ଟଙ୍କିଆ ପ୍ରତ୍ୟାହାର କାହିଁକି



ଶକ୍ତି ରଞ୍ଜନ ଦାଶ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ୨୦୦୦ ଟଙ୍କା ମୂଲ୍ୟର ନୋଟ୍‌କୁ ସଞ୍ଚରଣରୁ ପ୍ରତ୍ୟାହାର କରିବା ନିଷ୍ପତ୍ତି ଜନମାନସରେ ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି। କିନ୍ତୁ ବିଦ୍ୟମାନ ନୋଟ୍‌ଗୁଡ଼ିକ ଆଇନଗତ ଟେଣ୍ଡର ଜାରି ରହିବ ବୋଲି ଆର୍‌ବିଆଇ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଜନସାଧାରଣଙ୍କୁ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କରେ ଜମା କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ଛଅ ବର୍ଷ ପୂର୍ବେ ପ୍ରଚଳନ କରାଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ନଭେମ୍ବର ୮, ୨୦୧୬ରେ ଆର୍‌ବିଆଇ ଅଧିନିୟମ ୧୯୩୪ର ଧାରା ୨୪(୧) ଅନୁଯାୟୀ ପ୍ରଚଳିତ ହୋଇଥିଲା। ମୁଖ୍ୟତଃ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ଆଇନଗତ ଟେଣ୍ଡର ସ୍ଥିତି ପ୍ରତ୍ୟାହାର ପରେ ଅର୍ଥନୀତିର ମୁଦ୍ରା ଆବଶ୍ୟକତାକୁ ଶୀଘ୍ର ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ପରେ ପରେ ଅନ୍ୟ ମୂଲ୍ୟର ନୋଟ୍ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେବା ଦେଖି ୨୦୧୮–୧୯ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ୨୦୦୦ ଟଙ୍କିଆ ନୋଟ୍ ଛାପିବା ବନ୍ଦ କରିବା ନିଷ୍ପତ୍ତି ନିଆଗଲା। ସୂତ୍ର ଅନୁଯାୟୀ, ମାର୍ଚ୍ଚ ୨୦୧୭ ପୂର୍ବରୁ ଆର୍‌ବିଆଇ ଦ୍ୱାରା ୨୦୦୦ ଟଙ୍କା ମୂଲ୍ୟର ଅଧିକାଂଶ ନୋଟ୍ ଜାରି କରାଯାଇଥିଲା ; ଏହି ନୋଟ୍‌ଗୁଡ଼ିକ ବର୍ତ୍ତମାନ ସେମାନଙ୍କର ଆନୁମାନିକ ଜୀବନକାଳ ୪–୫ ବର୍ଷର ଶେଷରେ ଅଛି। ସାଧାରଣତଃ ଗୋଟିଏ ନୋଟ୍‌କୁ ତା'ର ୫ ବର୍ଷ ଅବଧି ପରେ ଆଉ କାରବାରରେ ବ୍ୟବହାର କରାଯାଏନାହିଁ; ଏହା ବ୍ୟତୀତ ମୁଦ୍ରା ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ନୋଟ୍‌ଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି। ତେଣୁ ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ଓ ଭାରତୀୟ ରିଜର୍ଭ ବ୍ୟାଙ୍କର 'କ୍ଲିନ୍ ନୋଟ୍ ପଲିସି' ଅନୁଯାୟୀ ୨୦୦୦ ଟଙ୍କା ମୂଲ୍ୟର ନୋଟ୍‌କୁ ପ୍ରଚାରରୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ମନରେ ପ୍ରଶ୍ନ ଉଠେ, ଏହି ''କ୍ଲିନ୍ ନୋଟ୍ ପଲିସି'' କ'ଣ ? ଏହା କିପରି ଏକ ନୋଟ୍‌ର କାରବାରକୁ ନିର୍ଦ୍ଧାରିତ କରୁଛି ? ଚାଲନ୍ତୁ ଏହା ଉପରେ ଟିକେ ଦୃଷ୍ଟି ନିକ୍ଷେପ କରିବା। 'କ୍ଲିନ୍ ନୋଟ୍ ପଲିସି' ଏକ ନୀତି, ଯାହା ଜନସାଧାରଣଙ୍କୁ ଉତ୍ତମ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଭଲ–ଗୁଣାତ୍ମକ ମୁଦ୍ରା ନୋଟ୍ ଦେବାରେ ସହାୟତା କରିଥାଏ। ପୂର୍ବରୁ ମଧ୍ୟ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଛନ୍ତି। ୨୦୦୫ ମସିହା ପୂର୍ବରୁ ମୁଦ୍ରିତ ନୋଟ୍ ତୁଳନାରେ କମ୍ ସୁରକ୍ଷା ବୈଶିଷ୍ଟ୍ୟ ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଜାନୁୟାରୀ ୨୦୧୪ରେ ତତ୍କାଳୀନ ୟୁପିଏ ସରକାରଙ୍କ ଅଧୀନରେ, ଆର୍‌ବିଆଇ ୨୦୦୫ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପୁରୁଣା ନୋଟ୍ ବ୍ୟବହାର ପାଇଁ ମାର୍ଚ୍ଚ ୩୧, ୨୦୧୪ ପର୍ଯ୍ୟନ୍ତ ଏକ ସୀମାରେଖା ସ୍ଥିର କରାଯାଇଥିଲା ଏବଂ ଜନସାଧାରଣଙ୍କୁ ଏପ୍ରିଲ ୧ରୁ ବ୍ୟାଙ୍କ ନିକଟକୁ ଯାଇ ସେହି ନୋଟ୍‌ଗୁଡିକୁ ବିନିମୟ କରିବାକୁ ପରାମର୍ଶ ଦିଆଯାଇଥିଲା। ତଥାପି, ୨୦୦୫ ପୂର୍ବରୁ ଦିଆଯାଇଥିବା ନୋଟ୍‌ଗୁଡ଼ିକର ଆଇନଗତ ଟେଣ୍ଡର ଜାରି ରହିଛି। ତେଣୁ ଏହି ନୋଟ୍ ପ୍ରତ୍ୟାହାର କିଛି ନୂଆକଥା ନୁହେଁ, ଏହା ଆର୍ଥିକ ନୀତିର ଏକ ଅଂଶ। ସମୟର ଆବଶ୍ୟକ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କଙ୍କୁ ଏପରି ନିଷ୍ପତ୍ତି ନେବାକୁ ପଡ଼େ।

ଯଦି ଆମେ ବର୍ତ୍ତମାନ ସଞ୍ଚରଣରେ ୨୦୦୦ ଟଙ୍କିଆ ନୋଟ୍‌ର ମୂଲ୍ୟ ଜାଣିବାକୁ ଚାହିଁବା ତେବେ



ତଥ୍ୟକୁ ଦେଖିଲେ ବୁଝିପାରିବା ଯେ ଏହି ୨୦୦୦ ଟଙ୍କିଆ ନୋଟ୍ ମୂଲ୍ୟର ପ୍ରାୟ ୮୯% ମାର୍ଚ୍ଚ ୨୦୧୭ ପୂର୍ବରୁ ଜାରି କରାଯାଇଥିଲା। ସଞ୍ଚରଣରେ ଏହି ନୋଟ୍‌ଗୁଡ଼ିକର ମୋଟ୍ ମୂଲ୍ୟ ୩୧ ମାର୍ଚ୍ଚ ୨୦୧୮ ସୁଦ୍ଧା ୬.୭୩ ଲକ୍ଷ କୋଟି(୩୭.୩% ନୋଟ୍‌ର ସଞ୍ଚରଣ)ରୁ ୩.୬୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ୩୧, ୨୦୨୩ରେ କେବଳ ୧୦.୮% ନୋଟ୍ ଅଟେ। ଆର୍‌ବିଆଇଙ୍କ ନିର୍ଦ୍ଦେଶ ଅନୁସାରେ ଏହି ପରିସ୍ଥିତିରେ ବ୍ୟାଙ୍କଗୁଡ଼ିକ ୨୦୦୦ ଟଙ୍କିଆ ନୋଟ୍ ଜାରି କରିବା ବନ୍ଦ କରିଛନ୍ତି ଏବଂ ଏଟିଏମ୍‌ରୁ ମଧ୍ୟ ୨୦୦୦ ଟଙ୍କିଆ ନୋଟ୍ କଢ଼ାଯାଇଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣ ସେମାନଙ୍କ କାରବାର ପାଇଁ ନିଜ ପାଖରେ ଥିବା ୨୦୦୦ ଟଙ୍କିଆ ନୋଟ୍ ବ୍ୟବହାର ଜାରି ରଖିପାରିବେ ଏବଂ ନେଣଦେଣ ମଧ୍ୟ କରିପାରିବେ। ଆର୍‌ବିଆଇଙ୍କ ସରକାରୀ ବିଜ୍ଞପ୍ତି ଅନୁସାରେ ଜନସାଧାରଣଙ୍କୁ ସେପ୍ଟେମ୍ବର ୩୦, ୨୦୨୩ କିମ୍ବା ଏହା ପୂର୍ବରୁ ଏହି ନୋଟ୍‌ଗୁଡ଼ିକୁ ବ୍ୟାଙ୍କରେ ଜମା କିମ୍ବା ବିନିମୟ କରିବାକୁ ଉତ୍ସାହିତ କରାଯାଇଛି। ତେବେ ପ୍ରଶ୍ନ ଉଠେ, କ'ଣ ସେପ୍ଟେମ୍ବର ୩୦ ଭିତରେ ବ୍ୟାଙ୍କରେ ଜମା କରିବା ବାଧ୍ୟତାମୂଳକ ? ଯଦି ଜଣେ ଜମା କରି ନ ପାରେ ତେବେ ଏହା କ'ଣ ଦଣ୍ଡନୀୟ ? ସେପ୍ଟେମ୍ବର ୩୦ ପରେ କ'ଣ ହେବ ? କିନ୍ତୁ ଆର୍‌ବିଆଇ ଏହାର ବିଜ୍ଞପ୍ତିରେ ସେପ୍ଟେମ୍ବର ୩୦ ପରେ ଏହି ନୋଟ୍‌ଗୁଡ଼ିକର ସ୍ଥିତି ସମ୍ବନ୍ଧରେ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। ପୁନଶ୍ଚ ପ୍ରଶ୍ନ ଉଠେ, ଜଣେ କେତେ ଟଙ୍କା ବିନିମୟ କିମ୍ବା ଜମା କରିପାରିବେ ତାହାର ଏକ ସୀମା ଅଛି କି ? ବିଜ୍ଞପ୍ତି ଅନୁଯାୟୀ ଜଣେ ଏକ ସମୟରେ ୨୦,୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଏହାପାଇଁ ନିଜର ଖାତା ଥିବା ବ୍ୟାଙ୍କକୁ ଯିବା ବାଧ୍ୟତାମୂଳକ ନୁହେଁ, ଜଣେ ଅଣଖାତାଧାରୀ ମଧ୍ୟ ଯେକୌଣସି ବ୍ୟାଙ୍କ ଶାଖାରେ ଏକ ସମୟରେ ୨୦,୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଜଣେ ବ୍ୟାଙ୍କ ଖାତାଧାରୀ ଚାହିଁଲେ ମଧ୍ୟ ପ୍ରତିଦିନ ୪୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ମାଧ୍ୟମରେ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଯଦି କୌଣସି ବ୍ୟକ୍ତି ପାଖରେ ବହୁତ ସଂଖ୍ୟାରେ ୨୦୦୦ ଟଙ୍କିଆ ନୋଟ୍ ଥାଏ ତେବେ କ'ଣ ହେବ ? ବାସ୍ତବରେ, ଜଣେ ବ୍ୟକ୍ତଙ୍କ ନିକଟରେ ଅଧିକ ପରିମାଣରେ ୨୦୦୦ ଟଙ୍କିଆ ନୋଟ ଥିଲେ ସେ ଏହି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୨୦,୦୦୦ ଟଙ୍କା ପ୍ୟାକେଟରେ ଏକାଧିକ ବ୍ୟାଙ୍କରେ ବିନିମୟ ଖୋଜିପାରେ। ତେବେ ଏହା କାର୍ଯ୍ୟକାରୀ ଏଜେନ୍ସି ଏବଂ ଆୟକର ବିଭାଗର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଉଛି। ୨୦୦୦ ନୋଟ୍‌ରେ ବିପୁଳ ପରିମାଣର ଟଙ୍କା ଧରିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଟଙ୍କା ବିନିମୟ କରିବା କଷ୍ଟକର ହୋଇପାରେ । ତେବେ କିଛି ଲୋକ ଭାବିପାରନ୍ତି, ଏହି ପରିସ୍ଥିତି କ'ଣ ୨୦୧୬ର ବିମୁଦ୍ରୀକରଣ ବିଶୃଙ୍ଖଳାକୁ ପୁନରାବୃତ୍ତି କରିବ କି ? ଅର୍ଥନୀତିଜ୍ଞଙ୍କ ମତ ଅନୁସାରେ ବ୍ୟାଙ୍କ ଶାଖାଗୁଡ଼ିକରେ ଏଥର ୨୦୧୬ ପରି ବିଶୃଙ୍ଖଳା ଏବଂ ଲମ୍ବାଧାଡ଼ି ଦେଖିବାର ସମ୍ଭାବନା ନାହିଁ।

ଯଦି ଆମେ ସାମ୍ପ୍ରତିକ ପରିସ୍ଥିତିରେ ବଜାରରେ ୨୦୦୦ ଟଙ୍କିଆ ନୋଟ୍‌ର କାରବାରକୁ ଦେଖିବା ତେବେ ଅନୁଭବ କରିପାରିବା ଗୋଟିଏ ସାଧାରଣ ବ୍ୟକ୍ତିଙ୍କୁ ବା ଖୁଚୁରା ବ୍ୟବସାୟୀଙ୍କୁ ଏହି ୨୦୦୦ ଟଙ୍କିଆ ନୋଟ୍‌ର ବିନିମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ଅନେକଙ୍କ ମତରେ ଏହି ନୋଟ୍ ମଧ୍ୟ କଳାଧନକୁ ପ୍ରୋତ୍ସାହିତ କରୁଥିଲା।

**ସହକାରୀ ପ୍ରଫେସର,**
**ବାଣିଜ୍ୟ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
dsakti534@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବେ–ବନ୍ଦୋବସ୍ତି ଫଇସଲା ସରଳ ହେଉ

ମହାଶୟ,

ବେ–ବନ୍ଦୋବସ୍ତି ଜମିଜମାର ଫଇସଲା ପାଇଁ ସରକାର ଡିସେମ୍ବର–୨୦୨୩ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଏଭଳି କଠୋର ସର୍ତ୍ତ ରଖିଛନ୍ତି ଯେ ୧୯୮୩–୮୪,୧୯୭୬–୭୭ ଓ ୧୯୨୬–୨୭ ର ହାଲ–ଶାବକ ମେଳକ, ୟାଦସ୍ତ ଓ ପାର୍ଚ୍ଚା ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରୁ ସଂଗ୍ରହ କରି ତହସିଲଦାରଙ୍କ ପାଖରେ ଦାଖଲ କରିବାକୁ ପଡିବ। ନଚେତ୍ ସମୟସୀମା ଗଡ଼ିଗଲେ ଏହା ସରକାରୀ ଖାତାକୁ ଚାଲିଯିବ । ଏହି କାଗଜାତଗୁଡ଼ିକୁ ପାଇବା ପାଇଁ ଲୋକମାନେ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି। ଦୂର ଦୂରାନ୍ତରୁ ଦୌଡ଼ି ଦୌଡ଼ି ମଧ୍ୟ କାଗଜ ମିଳିପାରୁ ନାହିଁ । ଯେଉଁମାନଙ୍କର ବେ–ବନ୍ଦୋବସ୍ତ ପଟ୍ଟାରେ ନାଁ ଅଛି ସ୍ୱତଃ ସେଇମାନଙ୍କ ନାଁରେ ସ୍ଥିତିବାନ ରେକର୍ଡ ହେବା କଥା। ନତୁବା ହାଲ–ଶାବକ ମେଳକ, ୟାଦସ୍ତ ଓ ପାର୍ଚ୍ଚା ବିଭାଗ ସ୍ତରରେ ଅଣାଯାଇ ମାମଲା ଫଇସଲା ହେବା କଥା। ଲୋକେ କାହିଁକି ଖର୍ଚ୍ଚାନ୍ତ ହୋଇ କଷ୍ଟ ସହିବେ ? ଏଣୁ ସରକାର ସାନି ନିର୍ଦ୍ଦେଶନାମା ଜାରି କରି କାଗଜାତ ବିଭାଗ ସ୍ତରରେ ମଗେଇ ଫଇସଲା କରନ୍ତୁ ଓ ଏହି ପ୍ରକ୍ରିୟା ଶେଷ ହେବା ଯାଏ ତାରିଖ ଗଡେଇ ଚାଲନ୍ତୁ। ଏହାଦ୍ୱାରା ସମସ୍ତେ ଉପକୃତ ହେଇପାରିବେ।

**–ମହେନ୍ଦ୍ର ତ୍ରିପାଠୀ, ସାଧନା ସଦନ, ତ୍ରିଲୋଚନପୁର, ଡେଲାଙ୍ଗ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଗି ଓଳିକି



ସ୍ମିତା ପଣ୍ଡା

ସୋସିଆଲ ମିଡିଆରେ 'ବିମାନରେ ଠାକୁର' ଶିରୋନାମାରେ ପୋଷ୍ଟଟିଏ ହୋଇଥାଏ। ମୁଁ ଖୁବ୍ ଆଗ୍ରହର ସହ ପୋଷ୍ଟ ହୋଇଥିବା ଫଟୋ ସବୁ ଦେଖି ଚାଲିଥିଲି। ଅନେକ ଫଟୋ ମଧ୍ୟରୁ କେବଳ ଗୋଟିଏ ଫଟୋରେ ଜଣେ ବ୍ୟକ୍ତି ନିଜର ସେଲ୍‌ଫି ସହ ଠାକୁରଙ୍କ ଫଟୋଟିଏ କିଛି ଦୂରରୁ ଉତ୍ତୋଳନ କରିଥିଲେ। ଯେଉଁ ଫଟୋଟିରେ କି ଖୁବ୍ ଅଳ୍ପ ଭାଗରେ ଠାକୁର ଓ ବହୁ ଭାଗରେ ଭଦ୍ରବ୍ୟକ୍ତିଙ୍କର ନିଜର ପ୍ରତିଛବି ରହିଥିଲା। ଅନ୍ୟ ସବୁରେ କେବଳ ବିଭିନ୍ନ ଭଙ୍ଗୀରେ ଉଠାଯାଇଥିବା ନିଜର ଫଟୋଗୁଡ଼ିକ ପୋଷ୍ଟ କରାଯାଇଥିଲା। ଠାକୁରଙ୍କର ଆଉ କୌଣସି ଫଟୋ ନ ପାଇ ମୁଁ ଯେତେବେଳେ ସେହି ପୋଷ୍ଟରୁ ପଛକୁ ହଟିବାକୁ ଆରମ୍ଭ କଲି ଫଟୋ ତଳେ ଦିଆଯାଇଥିବା କିଛି ମନ୍ତବ୍ୟ ତଳେ ମୋର ଦୃଷ୍ଟିପଡ଼ିଲା। ପ୍ରାୟ ଅଧିକାଂଶ ମନ୍ତବ୍ୟ ତଳେ ଫଟୋରେ ଥିବା ବ୍ୟକ୍ତିଙ୍କର ପୋଷାକ ଓ ସୌନ୍ଦର୍ଯ୍ୟକୁ ନେଇ ବିଭିନ୍ନ ମତାମତ ଦିଆଯାଇଥିଲା। ଯଦିଓ ପୋଷ୍ଟ ହୋଇଥିବା ଶୀର୍ଷକକୁ ଦେଖିଲେ ଲାଗୁଥିଲା ଠାକୁରଙ୍କ ଅନେକଗୁଡ଼ିଏ ଫଟୋ ଦେଖିବାକୁ ମିଳିବ, ବାସ୍ତବରେ ସେମିତି କିଛି ନ ଥିଲା। ବରଂ ଏହା ନିଜ ପ୍ରତିଛବି ଓ ପୋଷାକର ପ୍ରଚାର ହିଁ ଥିଲା। ଓଡ଼ିଆରେ ଢଗଟିଏ ଅଛି, 'ମାଗି ଓଳିକି ଯାଚି କଲ୍ୟାଣ'।

ବର୍ତ୍ତମାନ ବହୁଳ ଭାବରେ ଏହା ହିଁ ଚାଲିଛି। ନିଜର ପ୍ରଶଂସା ଗୋଟେଇବାରେ ଅନେକ ବ୍ୟସ୍ତ। 'ଆସ ! ମତେ ପ୍ରଶଂସା କର' ଏହା ହିଁ ଅନେକାଂଶରେ ମନର ଭାବନା ପାଲଟି ସାରିଛି। ଏଠି ଡାକ୍ତରଖାନାରେ ଜନ୍ମ ହେବା ଶିଶୁଠାରୁ ଆରମ୍ଭ କରି ମଣିଷର ବିଭିନ୍ନ ଅବସ୍ଥାର ଫଟୋ ପ୍ରଦର୍ଶନ କରିବା ଏକ ସଉକ ପାଲଟି ଯାଇଛି। କାହାର ଫଟୋ, ଭିଡିଓ କି ଲେଖା ତଳେ ମନ୍ତବ୍ୟ ନ ଆସିଲେ କିଏ ଅଭିମାନ କଲାଣି ତ କିଏ ମନ୍ତବ୍ୟ ଦେଇ ଝଗଡ଼ା କରିବାକୁ ଆଗେଇ ଆସିଲାଣି। ଆଉ କିଛି ମନେଇବାରେ, ବୁଝାଇବାରେ, ଉସୁକାଇବାରେ ବ୍ୟସ୍ତ ରହିଲେଣି। ମନ କିନ୍ତୁ ମାନୁନି । ମୁଁ ପ୍ରଶଂସା କରୁଥିବା ଲୋକଟି ମତେ କାହିଁକି ପ୍ରଶଂସା ନ କରିବ ? ଏଇ କଥା ମନକୁ ବିଚଳିତ କରୁଛି। କିନ୍ତୁ ଆମକୁ ବୁଝିବାକୁ ହେ ଯେ ଜଣକୁ ଭଲ ଲାଗିଲେ ହିଁ ଜଣେ ପ୍ରଶଂସା କରିବ। ଭଲ ନ ଲାଗିଲେ କାହିଁକି ବା କରିବ ? ଆଉ କିଛି ଜାଗାରେ ଦେଖାଯାଏ ଯେ କିଛି ମତାମତ, ପ୍ରଶଂସା ଏମିତି ହିଁ ଅନ୍ୟକୁ ଖୁସି କରିବାକୁ ହିଁ କେବଳ ଲେଖାଯାଇଥାଏ।

ଯେଉଁମାନଙ୍କ କୃତି ଆମକୁ ଭଲ ଲାଗେ ସେମାନଙ୍କୁ ଯେ ଆମେ ପ୍ରଶଂସା କରି କିଛି ପୋଷ୍ଟ କରିବା, ମତାମତ ଦେବା ଏମିତି କିଛି ମାନେ ନାହିଁ। ଅନେକ କୃତି ଅଛି ଯାହା ଆମ ମାନସପଟରେ ଦୀର୍ଘଦିନ ଧରି ବସା ବାନ୍ଧି ରହେ, ଆମକୁ ପ୍ରେରଣା ଦିଏ। ଅବଶ୍ୟ କଥା ପ୍ରସଙ୍ଗରେ କେବେ କେଉଁଠି ଆଲୋଚନା ହେଲେ ଆମେ ସେଇ ସବୁକୁ ଉଦାହରଣ ମାଧ୍ୟମରେ ଉପସ୍ଥାପିତ କରୁ। ତାହା ହିଁ ସେ ସ୍ରଷ୍ଟାଙ୍କୁ ପ୍ରକୃତ ଉପହାର, ଯଥାର୍ଥ ପ୍ରଶଂସା। 'କାନି ସୁନ୍ଦର କୁଞ୍ଚ ସୁନ୍ଦର' ବ୍ୟବହାରରେ ଜ୍ଞାନୀ ଲୋକଟିଏ କେବେହେଲେ ଖୁସି ହୁଏନାହିଁ। ନିଜର ପ୍ରଶଂସା ନିଜେ କରିବା ଓ କରାଇବା କେବେ କାହାକୁ ଭଲ ଲାଗେ ନାହିଁ। ହୁଏତ ପ୍ରଶଂସା କରୁଥିବା ଲୋକଟି ତମ ଆଗରେ ପ୍ରଶଂସା କରିପାରେ କିନ୍ତୁ ପଛରେ ସେ ସମାଲୋଚନା ହିଁ କରିବ। ପୁଣି ନିଜର ଆତ୍ମପ୍ରଚାର ପାଇଁ ଅନ୍ୟକୁ ବ୍ୟବହାର କରିବା କେତେଦୂର ଯଥାର୍ଥ ?

ପ୍ରତିଭାର ପ୍ରଦର୍ଶନ ପାଇଁ ଏକ କ୍ଷେତ୍ରର ଆବଶ୍ୟକତା ରହିଛି, କିନ୍ତୁ ସେ କ୍ଷେତ୍ରର ଅପବ୍ୟବହାର କେବେ ବି ଠିକ୍ ନୁହେଁ। କେବେ କେବେ ନିଜର କିମ୍ବା ପରିବାରବର୍ଗଙ୍କର ଫଟୋ କିମ୍ବା ଭିଡିଓ ସବୁ ବାରମ୍ବାର ପୋଷ୍ଟ କରାଯାଇ ପ୍ରଶଂସା କରିବାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆବେଦନ କରାଯାଇଥାଏ। ପ୍ରତ୍ୟେକ ମଣିଷ ମନରେ ଏକ ଭାବନା ଥାଏ ଯେ, ସମସ୍ତେ ତା'କୁ ପ୍ରଶଂସା କରନ୍ତୁ, ଭଲ ବୋଲି କହନ୍ତୁ । କେହି ନିଜର ଖରାପ ଗୁଣ ଶୁଣିବାକୁ ଭଲ ପାଆନ୍ତି ନାହିଁ। ନିଜକୁ ଭଲ ବୋଲି ଭାବିବା ଦ୍ୱାରା ମନ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। କିନ୍ତୁ ନିଜକୁ ଭଲ ବୋଲି କୁହାଇବା ବା ସେପରି କିଛି କାର୍ଯ୍ୟ କରାଇବା କେବେହେଲେ ଏକ ଉତ୍ତମ ମାନସିକତାର ଲକ୍ଷଣ ନୁହେଁ। ପ୍ରଶଂସା, ପୁରସ୍କାର ଏସବୁ ମାଗି କରି ଅଣାଯାଏ ନାହିଁ। ନିଜେ ନିଜକୁ ଯେତେ ପ୍ରସାର ପ୍ରଚାର କରାଇଲେ ମଧ୍ୟ ଦକ୍ଷତା ବିହୀନ ଜୀବନ ବେଶି ସମୟ ଭିଡ଼ ମଧ୍ୟରେ ତିଷ୍ଠି ରହିପାରେନାହିଁ। ଉପଯୁକ୍ତ ସ୍ଥାନରେ ନିଜକୁ ଠିକ୍ ଢଙ୍ଗରେ ଉପସ୍ଥାପିତ କରିବା ହିଁ ବିଦ୍ୱାନମାନଙ୍କର କାର୍ଯ୍ୟ।

**ନରସିଂହପୁର, କଟକ**
ମୋ–୭୦୦୮୨୪୩୬୭୨

## ଚିରନ୍ତନୀ

ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ !

–(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ବେଙ୍ଗାଲୁରୁ ବିଧାନସୌଧଠାରେ କଂଗ୍ରେସ ବିଧାୟକ ଦଳ ବୈଠକରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର।

# ଲୋକ ସଭା ବାଚସ୍ପତି ନୂଆ ସଂସଦ ଭବନ ଉଦ୍‌ଘାଟନ କରନ୍ତୁ: ଓୱାଇସି

**ନୂଆଦିଲ୍ଲୀ,୨୪।୫**

ନୂତନ ସଂସଦ ଭବନର ଉଦ୍‌ଘାଟନକୁ ନେଇ ରାଜନୈତିକ ମାହୋଲ ସରଗରମ ହୋଇଉଠିଛି। ଏହାକୁ ନେଇ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱାଇସି ଏକ ନୂଆ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ନୂତନ ସଂସଦ ଗୃହର ଉଦଘାଟନ କରିବା ଉଚିତ ନୁହେଁ। କାରଣ ଏ ଦୁହେଁ କାର୍ଯ୍ୟନିର୍ବାହୀର ଏକ ଅଂଶ, ତେଣୁ ଲୋକ ସଭା ବାଚସ୍ପତି ନୂତନ ସଂସଦ ଗୃହର ଉଦ୍‌ଘାଟନ କରିବା ଆବଶ୍ୟକ।



ଅସଦୁଦ୍ଦିନ ଓୱାଇସି

ଯଦି ପ୍ରଧାନମନ୍ତ୍ରୀ ନୂତନ ସଂସଦ ଗୃହର ଉଦଘାଟନ କରନ୍ତି, ତେବେ ଆମେ ସେହି କାର୍ଯ୍ୟକ୍ରମରେ ଯୋଗଦେବୁ ନାହିଁ। ବାଚସ୍ପତି ଉଦଘାଟନ କଲେ ଏଆଇଏମ୍‌ଆଇଏମ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ ବୋଲି ଓୱାଇସି ସ୍ପଷ୍ଟ କରିଛନ୍ତି। ଏଥିସହ ନୂତନ ସଂସଦ ଭବନର ପ୍ରସ୍ତାବ ସମ୍ପର୍କରେ ସେ କହିଛନ୍ତି, ୨୦୧୯ ଲୋକସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ବୈଠକର ଏଜେଣ୍ଡା ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ଥିଲା। ପ୍ରାୟ ସମସ୍ତ ଦଳ ଏଥିରେ ସହମତ ହୋଇଥିଲେ। ଯଦିଓ ମୁଁ ଏବଂ ସୀତାରାମ ୟେଚୁରୀ ଏହାକୁ ବିରୋଧ କରିଥିଲୁ। ମୁଁ ଏକ ନୂତନ ଲୋକ ସଭା ଗଠନ କରିବାକୁ ପ୍ରସ୍ତାବ ଦେଇଥିଲି। ତେବେ ସଂସଦ ଗୃହର ଉଦ୍‌ଘାଟନୀ ସମାରୋହ ନେଇ କୌଣସି ବିରୋଧୀ ଦଳ ଆମ ସହ ଯୋଗାଯୋଗ କରି ନାହାନ୍ତି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚାହୁଁଛନ୍ତ କେବଳ ତାଙ୍କ ଦଳ ହିଁ ସମଗ୍ର ଦେଶରେ ରହୁ। ନୂତନ ସଂସଦ ଭବନର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ, କାରଣ ବର୍ତ୍ତମାନର ସଂସଦ ଭବନରେ ଅଗ୍ନିଶମ ବିଭାଗର ଏନଓସି ନ ଥିବା ଓୱାଇସି କହିଛନ୍ତି।

# ‘ସାମାଜିକ ସୁରକ୍ଷା ଭତ୍ତା ନଗଦ ନୁହେଁ, ଡିବିଟି ଆକାରରେ ଦେବାକୁ ଅନୁରୋଧ’

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ଧର୍ମେନ୍ଦ୍ରଙ୍କୁ ବାସ୍ତବ ସ୍ଥିତି ବିଷୟରେ ଜଣାନାହିଁ: ବିଜେଡି

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା ଭତ୍ତାକୁ ଡିବିଟି ବଦଳରେ ନଗଦ ଅର୍ଥ ଆକାରରେ ଦେବାର ନିଷ୍ପତ୍ତି ଚିନ୍ତାଜନକ। ତେଣୁ ସ୍ୱଚ୍ଛତା ବଜାୟ ରଖିବା ତଥା ଭ୍ରଷ୍ଟାଚାର ଦୂରକରିବାର ପ୍ରତିବଦ୍ଧତାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୁଧବାର ଚିଠି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନଗଦ ଅର୍ଥ ପ୍ରଦାନ ଜରିଆରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି, ହେରଫେର କାରଣରୁ ହିତାଧିକାରୀମାନେ ଅତୀତରେ ଶୋଷଣ ହେବାର ଅନେକ ନଜିର ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବାର ନିଷ୍ପତ୍ତି ପୁଣି ଥରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରୋତ୍ସାହନ ଦେବ। ଏହି ସମସ୍ୟା ଆମ ବରିଷ୍ଠ ନାଗରିକଙ୍କ ଉପରେ ବୋଝ ସୃଷ୍ଟି କରିପାରେ। ତେଣୁ ଡିବିଟି ପ୍ରକ୍ରିୟା ମାଧ୍ୟମରେ ବରିଷ୍ଠ ନାଗରିକ, ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ଭତ୍ତା ସହାୟତା ପ୍ରଦାନ କରାଯାଉ। ଜନଧନ ଯୋଜନା ଏହାର ଏକ ଉତ୍କୃଷ୍ଟ ଉଦାହରଣ। ଏନ୍‌ଏସ୍‌ଏପି ଅନ୍ତର୍ଗତ ଭାରତ ସରକାରଙ୍କ ପ୍ରାୟ ୨.୯୯ କୋଟି ହିତାଧିକାରୀ ବିଶେଷ ଭାବେ ବରିଷ୍ଠ, ବିଧବା ଏବଂ ଦିବ୍ୟାଙ୍ଗମାନେ ମାସିକ ଭତ୍ତା ପାଉଛନ୍ତି। ଓଡ଼ିଶାରେ ମଧ୍ୟ ୨୦ ଲକ୍ଷ ୯୫ ହଜାର ୬୯୫ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଛି। ଡିବିଟି ବ୍ୟବସ୍ଥା ଯୋଗୁ ରାଜକୋଷକୁ ସହାୟକ ହେବା ସହ ନକଲି କିମ୍ବା ଭୂତ ହିତାଧିକାରୀ ବାଦ୍ ପଡ଼ିଛନ୍ତି ଏବଂ ମଧ୍ୟସ୍ଥଙ୍କ ଆବଶ୍ୟକତା ମଧ୍ୟ ହ୍ରାସ ପାଇଛି।

ଓଡ଼ିଶା ମଧ୍ୟ କେନ୍ଦ୍ରୀୟ ଏବଂ ରାଜ୍ୟ ଯୋଜନାରେ ଡିବିଟି ବ୍ୟବସ୍ଥା ଆପଣାଇଛି। ଓଡ଼ିଶା ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଅନ୍ତର୍ଗତ ୮,୧୩୫.୧୮ କୋଟି ଟଙ୍କା ହସ୍ତାନ୍ତର କରିଛି। ଏହିବର୍ଷ ୧.୯୫ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ବ୍ୟବସ୍ଥା ଆପଣାଇବା ଦ୍ୱାରା ଭୂତ ଓ ନକଲି ହିତାଧିକାରୀ ବାଦ୍ ପଡ଼ିଥିଲେ। ଏହି କାରଣରୁ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୪୫୯.୯୬ କୋଟି ଟଙ୍କା ସଞ୍ଚୟ ହୋଇଛି। ୨୦୨୩ ଜାନୁୟାରୀ ସୁଦ୍ଧା ଓଡ଼ିଶାର ବିଭିନ୍ନ ବ୍ୟାଙ୍କରେ ୮୨ ହଜାର ୨୬୧ ସକ୍ରିୟ ବ୍ୟାଙ୍କ୍ ମିତ୍ର ମହଜୁଦ ଅଛନ୍ତି। ଏହା ବ୍ୟତୀତ ଓଡ଼ିଶାରେ ୮,୪୯୧ ପୋଷ୍ଟ ଅଫିସ ରହିଛି। ଏଥିରେ ଦୁର୍ଗମ ଏବଂ ଗ୍ରାମୀଣ ଅଞ୍ଚଳରେ ଆର୍ଥିକ ସେବା ପ୍ରଦାନ କରିବା ପାଇଁ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି। ଓଡ଼ିଶାରେ ୬,୭୭୨ ଗ୍ରାମପଞ୍ଚାୟତକୁ ୨୨ ହଜାର ଜନସେବା କେନ୍ଦ୍ର ସେବା ପ୍ରଦାନ କରୁଛନ୍ତି। ଏ ଗୁଡିକ ଅଭିନବ ଉପାୟରେ ଅପହଞ୍ଚ ଲୋକଙ୍କୁ ସେବା ପ୍ରଦାନ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଚିଠିର ପ୍ରତିକ୍ରିୟାରେ ଟୁଇଟ୍ କରି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ନଗଦ ବଦଳରେ ଡିବିଟି ମାଧ୍ୟମରେ ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ସହାୟତା ପହଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ ଆଶ୍ଚର୍ଯ୍ୟଜନକ। ଏହା ସ୍ପଷ୍ଟ କରୁଛି ଯେ, ବାସ୍ତବ ସ୍ଥିତି ବିଷୟରେ କେନ୍ଦ୍ରମନ୍ତ୍ରୀ ଅଜ୍ଞ ଅଛନ୍ତି। ବ୍ୟାଙ୍କିଙ୍ଗ୍ ସେବାର ଅଭାବ ଯୋଗୁ ବୃଦ୍ଧ ଓ ଦିବ୍ୟାଙ୍ଗମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୫୦୦ ଟଙ୍କା ଭତ୍ତା ଲାଗି ସେମାନଙ୍କୁ ୨୦ରୁ ୩୦ କି.ମି. ଯାତ୍ରା କରିବାକୁ ପଡୁଛି। ତାକୁ ଆଣିବା ଲାଗି ୨୦୦ରୁ ୩୦୦ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଭତ୍ତାକୁ ନଗଦ ଆକାରରେ ପ୍ରଦାନ କରିବା ବାସ୍ତବରେ ଦୀର୍ଘ ଦୂରତା ଯାତ୍ରା କରିବାର କଷ୍ଟକୁ ହ୍ରାସ କରିବ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ଲକ୍ଷ ଲକ୍ଷ ବିଧବା, ଭିନ୍ନକ୍ଷମ ତଥା ବୃଦ୍ଧ ବ୍ୟକ୍ତିଙ୍କ ପ୍ରତି ଅନ୍ୟାୟ ବୋଲି ସସ୍ମିତ କହିଛନ୍ତି।

# ପଶ୍ଚିମ ଓଡ଼ିଶାର ୯ ଜିଲା ବୁଲିବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ: ସୁଶାନ୍ତ

- ସୁଶାନ୍ତଙ୍କୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ
- ସୁଶାନ୍ତ ରାଜନୈତିକ ଗଣିତଜ୍ଞ ନୁହନ୍ତି: ଭାଜପା

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)**



ସୁଶାନ୍ତ ସିଂ

ରାଜ୍ୟ ସରକାର ଗତ ୨୨ ତାରିଖରେ ମନ୍ତ୍ରିମଣ୍ଡଳ ଅଦଳବଦଳ କରିଥିଲେ। ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ସାରଦା ନାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ତେବେ ଏହି ୩ ନେତାଙ୍କ ନାମ ଘୋଷଣା ହେବା ପୂର୍ବରୁ ଆହୁରି ଅନେକ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉଥିଲା। ପଶ୍ଚିମ ଓଡ଼ିଶାରୁ ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀ ପଦ ମିଳିବ ବୋଲି ତାଙ୍କ କର୍ମୀମାନେ ଆଶାବାନ୍ଧି ବସିଥିଲେ। ହେଲେ ସୁଶାନ୍ତଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ତାଙ୍କ ସମର୍ଥକମାନେ ଅସନ୍ତୋଷ ଝାଡ଼ିବା ଆରମ୍ଭ କରିଦେଲେ। ଏହି ପ୍ରସଙ୍ଗ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଲା। ହେଲେ ସୁଶାନ୍ତ ଏହି ଚର୍ଚ୍ଚାର ବୁଧବାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସେ ମନ୍ତ୍ରୀ ରେସ୍‌ରେ ନ ଥିବା ଜଣାଇଥିଲେ। ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମ ତାଙ୍କ ନାଁରେ ଓଲଟପାଲଟ କଥା ପ୍ରଚାର କରୁଛି। ସେ ଦିଲ୍ଲୀ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ସେ ମନ୍ତ୍ରୀ ହେବା ପାଇଁ ଲବି କରି ନ ଥିଲେ। ଯଦି ମନ୍ତ୍ରୀ ହେବା ପାଇଁ ଲବି କରିଥାନ୍ତେ, ତା'ହେଲେ ୨୨ ତାରିଖରେ ଶପଥ ଗ୍ରହଣ ଥିବା ସତ୍ତ୍ୱେ ଦିଲ୍ଲୀ ଯାଇ ନ ଥାଆନ୍ତେ। କିଏ କ'ଣ ହେବ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ସେ ଦିଲ୍ଲୀରୁ ୨୦ ତାରିଖରେ ଫେରିଥିଲେ। ତାଙ୍କ କାର୍ଯ୍ୟକ୍ରମ ଥିବା ଯୋଗୁ ସେ ବରପାଲି ପଳାଇଥିଲେ। ମୁଖ୍ୟମନ୍ତ୍ରୀ ଡାକିବାରୁ ସେ ମଙ୍ଗଳବାର ଆସି ଭେଟିଥିଲେ। ଗଣମାଧ୍ୟମ ଖାଲି ଏପଟସେପଟ ପ୍ରଚାର କରୁଛି। ସେ ଆହୁରି କହିଛନ୍ତି, ପଶ୍ଚିମ ଓଡ଼ିଶା ଦାୟିତ୍ୱ ବୁଝିବା ନେଇ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଛନ୍ତି। ସୁନ୍ଦରଗଡ଼ ଛାଡ଼ି ୯ ଜିଲା ବୁଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ଜିଲାରେ ଦଳର କ'ଣ ଷ୍ଟାଟସ ଅଛି ତାହାର ରିପୋର୍ଟ ଦେବାକୁ ତାଙ୍କୁ କୁହାଯାଇଛି। ଦଳର ଷ୍ଟ୍ରାଟେଜି ଠିକ୍ ରହିଲେ ବିଜେଡି ୩୧ରୁ ଅଧିକ ଆସନ ଜିତିବା ସହ ଲୋକ ସଭାରେ ମଧ୍ୟ ୫ରୁ ୫ ଜିତିବ। ସମର୍ଥକ ଅସନ୍ତୋଷ ପ୍ରକାଶ କରିବା ସମ୍ପର୍କରେ ସୁଶାନ୍ତ କହିଛନ୍ତି, ଭାବପ୍ରବଣ ହୋଇ କେହି କିଛି କହି ଦେଇଥିଲେ। ସେମାନଙ୍କୁ ବୁଝାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଛି। ମନ୍ତ୍ରୀ ନ ଥିଲେ ବି ତାଙ୍କର ଅଧିକ କାମ ହେଉଛି ବୋଲି ସେ କହିଛନ୍ତି।

ତେବେ ପଶ୍ଚିମ ଓଡ଼ିଶାରେ ୩୧ ଆସନ ଜିତିବା କଥା ନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସମୟ କହିବ କିଏ କେତେ ଆସନ ଜିତିବ, କିଏ କେତେ ହାରିବ। ସେ ବାବଦରେ ସୁଶାନ୍ତ ସିଂ ଜ୍ୟୋତିର୍ବିଦ ହେବାର କୌଣସି ଆବଶ୍ୟକତା ନାହିଁ। ସେ ମନ୍ତ୍ରୀ ପଦ ନେଇ କିଛିଦିନ ତଳେ ମାନ ଅଭିମାନ କରିଥିଲେ। ସବୁ କଥା ବୋଧେ ତୁଟିଗଲା। ତେଣୁ ସେସବୁ ବିଷୟକୁ ମେକ୍‌ଅପ୍ କରିବା ଲାଗି ସେ ଏମିତି କଥା କହିଥିବେ। ସେ କଥାର କିଛି ବାସ୍ତବତା ନାହିଁ। ଯେତେବେଳେ ମାନ ଅଭିମାନ ମଣିଷର ତୁଟିଯାଏ ସେତେବେଳେ ସେ ତାଙ୍କ ପ୍ରଭୁଙ୍କ ପ୍ରତି ନିଜର ଆନ୍ତରିକତା ଦେଖାଇବାକୁ ଅଧିକା କଥା କୁହନ୍ତି। ସୁଶାନ୍ତ ସିଂ ବୋଧେ ସେହି ଧାରାରେ ଏଭଳି ଅବାନ୍ତର ମନ୍ତବ୍ୟ ଦେଇଛନ୍ତି। ସେ ଜଣେ ରାଜନୀତିକ ଗଣିତଜ୍ଞ ନୁହନ୍ତି ବୋଲି ପୃଥ୍ୱୀରାଜ କହିଛନ୍ତି।

# କଂଗ୍ରେସରୁ ନିଲମ୍ବିତ ହେଲେ ପୂର୍ବତନ ବିଧାୟକ

## ମହଙ୍ଗା ପଡ଼ିଲା ଦଳ ବିରୋଧୀ ମନ୍ତବ୍ୟ

**ମୁମ୍ବାଇ,୨୪।୫:** ଦଳ ବିରୋଧୀ ମନ୍ତବ୍ୟକୁ ନେଇ ମହାରାଷ୍ଟ୍ରର ପୂର୍ବତନ କଂଗ୍ରେସ ବିଧାୟକ ଆଶିଷ ଦେଶମୁଖଙ୍କୁ ଦଳରୁ୬ବର୍ଷପାଇଁନିଲମ୍ବିତକରାଯାଇଛି। କଟୋଲର ପୂର୍ବତନ ବିଧାୟକ ଆଶିଷ କହିଥିଲେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ‘ମୋଦି ସରନେମ’ ମନ୍ତବ୍ୟ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ କ୍ଷମା ମାଗିବା ଆବଶ୍ୟକ। ଏଥିସହ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ ମୁଖ୍ୟମନ୍ତ୍ରୀଏକନାଥଶିନ୍ଦେଙ୍କସହମୁହାଁମୁହିଁହୋଇଥିବାସେଅଭିଯୋଗକରିଛନ୍ତି। ମହାରାଷ୍ଟ୍ରରୁ ଇମ୍ରାନ ପ୍ରତାପଗଡୀଙ୍କୁ ରାଜ୍ୟ ସଭାକୁ ପଠାଇବାକୁ ବିରୋଧ କରି ଆଶିଷ ୨୦୨୨ରେ ଦଳର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ନିକଟରେ ସେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ଭେଟିଥିଲେ। ଏହାକୁ ନେଇ ସେଠାକାର ରାଜନୈତିକ ପାଣିପାଗ ବେଶ ସରଗରମ ହୋଇଥିଲା।

CENTRAL UNIVERSITY OF ODISHA
(Established Under the Central Universities Act,2009)
NAD, Sunabeda, Dist-Koraput, Odisha. PIN-763004
Advertisement For Admission in UG / PG Programmes
Advertisement No. 05/2023 Date: 25-05-2023
The Central University of Odisha (CUO), established under the Central University Act 2009 to address the growing educational needs of the Country, is located in Koraput, one of the finest places in terms of tranquillity and weather throughout the year. As part of implementation of NEP-2020 creating inter-disciplinary academic initiatives including the community outreach programmes and industry academia interface, CUO is going to receive online application form for admission in **4 UG / PG Programmes [B.Sc. in Agriculture Science, B.Sc. in Animal Husbandry & Dairying, B.Sc. in Forest Management, and MBA (Logistics & Supply Chain Management)].**
The date of receiving of online application form: **26-05-2023**
For more details, please visit our website: https://cuo.ac.in/index.asp
Sd/- Controller of Examinations

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796



GOVERNMENT OF INDIA
Ministry of Skill Development and Entrepreneurship
REGIONAL DIRECTORATE OF SKILL DEVELOPMENT & ENTREPRENEURSHIP, ODISHA
NSIC Building, 5th Floor, IDCO Plot No.06,
Mancheswar Industrial Estate, Bhubaneswar, Odisha - 751010
Telephone No.: 0674-2974438/98 & 0674-2580444
ବିଜ୍ଞାପନ
ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଦକ୍ଷତା ବିକାଶ ଏବଂ ଉଦିମିତା ଆଞ୍ଚଳିକ ନିର୍ଦ୍ଦେଶାଳୟ ଓଡ଼ିଶାର ଅନୁଗୁଳ ଜିଲ୍ଲାର ଜନଶିକ୍ଷଣ ସଂସ୍ଥାନ ବଣ୍ଟନ ପାଇଁ ଯୋଗ୍ୟ ପ୍ରତିଷ୍ଠିତ ଅଣ-ସରକାରୀ ସଂଗଠନର ଆବେଦନକୁ ଆମନ୍ତ୍ରଣ କରିଥାଏ । ଇଚ୍ଛୁକ ଯୋଗ୍ୟ ଖ୍ୟାତିସମ୍ପନ୍ନ ଅଣ-ସରକାରୀ ସଂଗଠନଗୁଡିକ ସେମାନଙ୍କର ଆବେଦନ 30.05.2023 ସୁଦ୍ଧା ଦାଖଲ କରିପାରିବେ । ଅଧିକ ବିବରଣୀ ପାଇଁ ଦୟାକରି ଅଫିସିଆଲ୍ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: https://rdsdeodisha.dgt.gov.in.
Sd./- REGIONAL DIRECTOR

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ମଧୁସୂଦନ ନଗର ଶାଖା
ପ୍ଲଟ୍ ନଂ.: ୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍ - ୪, ଭୁବନେଶ୍ୱର - ୭୫୧୦୨୨,
ଫୋନ୍ ନଂ.: ୦୬୭୪-୨୫୩୭୯୩୯,
ଇ-ମେଲ୍ : ubin0808954@unionbankofindia.bank
ଡିମାଣ୍ଡ ନୋଟିସ୍

ଆମର ମଧୁସୂଦନ ନଗର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମଧୁସୂଦନ ନଗର ଶାଖା**ର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟଜିତ୍ ପଣ୍ଡା,** ସା: ପ୍ଲଟ୍ ନଂ.: ୨୧୬୯(ଅଂଶ), କେଦାର ଗୌରୀ ରୋଡ, ଭୁବନେଶ୍ୱର - ୭୫୧୦୦୨ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ନାୟକ,** ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ସା: ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର - ୭୫୧୦୦୨, **୨) ଶ୍ରୀ ଲିଙ୍ଗରାଜ ରାଉତରାୟ,** ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ସା: ପ୍ଲଟ୍ ନଂ.: ୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର - ୭୫୧୦୦୨ | ୧)ଗୃହ ଋଣ/ ଟ.୨୫,୦୦,୦୦୦/- ୨)ସମ୍ପତ୍ତି ମିଆଦୀ ଋଣ / ଟ.୩୭,୫୦,୦୦୦/- ସମୁଦାୟ: ଟ.୬୨,୫୦,୦୦୦/- | ୩୧.୦୩.୨୦୨୨ / ୨୩.୦୫.୨୦୨୩ / ୩୦.୦୪.୨୦୨୩ ସୁଦ୍ଧା ଟ.୪୮,୬୯,୯୬୩.୦୪ + ୦୧.୦୫.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | **ଶ୍ରୀ ସତ୍ୟଜିତ୍ ପଣ୍ଡାଙ୍କ** ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୩୨, ରୟାଲ ରେସିଡେନ୍ସି, ପ୍ଲଟ୍ ନଂ.: ୮୭୭/୨୬୧୯ (ଜିଏ ପ୍ଲଟ୍ ନଂ.: ଏନ୍/୩-୭୧), ଖାତା ନଂ.: ୧୪୨୭(ଜିଏ), ମୌଜା: ଜୟଦେବ ବିହାର (ୟୁନିଟ୍-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୫ ଏବଂ ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୩୧, ଦକ୍ଷିଣ: ଖୋଲା ପ୍ୟାସେଜ୍, ପୂର୍ବ: ଖୋଲା ପ୍ୟାସେଜ୍, ପଶ୍ଚିମ: ଖୋଲା ପ୍ୟାସେଜ୍ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ । **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୫.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ନୟାଗଡ଼ ଜିଲା ବିଜେଡି କମିଟି ପୁନର୍ଗଠିତ

## ରମେଶ ବେହେରା ସଭାପତି

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ବିଜୁ ଜନତା ଦଳର ନୟାଗଡ଼ ଜିଲା କମିଟି ପୁନର୍ଗଠନ ହୋଇଛି। ନୂଆ କମିଟିରେ ରମେଶ ଚନ୍ଦ୍ର ବେହେରାଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ପ୍ରସନ୍ନ ପ୍ରଧାନ, ପଦ୍ମ ଉଦୟଭାନୁ, ନିତ୍ୟାନନ୍ଦ ପ୍ରଧାନ, ସୂର୍ଯ୍ୟମଣି ଦାଶ, ଶେଷଦେବ ସ୍ୱାଇଁ, ଦିଲୀପ କୁମାର ଦଳବେହେରା, ନିରଞ୍ଜନ ବେହେରା, ଗୟାଧର ପରିଡ଼ା, କିଶୋର ଚନ୍ଦ୍ର ଦାଶ, ଉଲ୍ଲାସ ନାୟକ , ଗିରିଜାକାନ୍ତ ମହାପାତ୍ର ଏବଂ ପାଣ୍ଡବ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୪ ଜଣଙ୍କୁ ସାଧାରଣ ସମ୍ପାଦକ, ୪୦ ଜଣଙ୍କୁ ସମ୍ପାଦକ, ୧୨ ଜଣଙ୍କୁ ସାମାଜିକ ଗଣମାଧ୍ୟମ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୩ ଜଣଙ୍କୁ ଜିଲାର ବ୍ଲକ,ଏନ୍‌ଏସି ଓ ମ୍ୟୁନିସିପାଲିଟି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ନୟାଗଡ଼ ବ୍ଲକ ସଭାପତି ଭାବେ ଅଜିତ ସାହୁଙ୍କୁ ମନୋନୀତ କରାଯାଇଥିବା ବେଳେ ଓଡ଼ଗାଁ ବ୍ଲକ ସଭାପତି ଭାବେ ସୂର୍ଯ୍ୟ ଚୌଧୁରୀ, ନୟାଗଡ଼ ମ୍ୟୁନିସିପାଲିଟି ସଭାପତି ଭାବେ ଅମୂଲ୍ୟ ମହାନ୍ତି, ଓଡ଼ଗାଁ ଏନ୍‌ଏସି ସଭାପତି ଭାବେ ପ୍ରଫୁଲ୍ଲ ଡାକୁଆ, ଭାପୁର ବ୍ଲକ ସଭାପତି ଭାବେ ଜିତେନ୍ଦ୍ର ରଣସିଂହ, ଖଣ୍ଡପଡା ବ୍ଲକ ସଭାପତି ଭାବେ ସୁଶାନ୍ତ ମିଶ୍ର, ଦଶପଲ୍ଲା ବ୍ଲକ ସଭାପତି ଭାବେ ସୁଦାମ ଚରଣ ନାୟକ, ନୂଆଗାଁ ବ୍ଲକ ସଭାପତି ଭାବେ ସନ୍ନ୍ୟାସୀ ସାମଲଙ୍କୁ ମନୋନୀତ କରାଯାଇଛି। ସେହିପରି ଗଣିଆ ବ୍ଲକ ସଭାପତି ଭାବେ ସଦାଶିବ ମିଶ୍ର, ଦଶପଲ୍ଲା ଏନ୍‌ଏସି ସଭାପତି ଭାବେ ଅନିଲ ରାୟ, ଖଣ୍ଡପଡ଼ା ଏନ୍‌ଏସି ସଭାପତି ଭାବେ ସତ୍ୟ ନାରାୟଣ ବାରିକ, ରଣପୁର ବ୍ଲକ ସଭାପତି ଭାବେ ସଚିକାନ୍ତ ଷଡ଼ଙ୍ଗୀ ଏବଂ ରଣପୁର ଏନ୍‌ଏସି ସଭାପତି ଭାବେ ଲିଙ୍ଗରାଜ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

## ନୂଆପଡ଼ାର ସରୋଜ, ଖରିଆରର ରାଜେଶ ବିଜେଡି ସମ୍ପାଦକ

ନୂଆପଡ଼ାର ସରୋଜ କୁମାର ସାହୁ ଏବଂ ଖରିଆର ରୋଡ୍‌ର ରାଜେଶ ନିଗମଙ୍କୁ ବିଜୁ ଜନତା ଦଳର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ବିଜୁଜନତାଦଳପକ୍ଷରୁପ୍ରେସ୍‌ଇସ୍ତାହାରଜରିଆରେଏହିସୂଚନାଦିଆଯାଇଛି।




MAKE YOUR WEDDING MEMORABLE
Your wedding is the most special occasion in your life, so is your style. Amaze the world with your gorgeous look. Pick your style from the trendiest collection of suits, sherwanis and a wide range of wedding sarees and lehengas from Kalamandir. Make your wedding truly memorable.
kalamandir ODISHA'S MOST POPULAR FASHION SHOP
Shop with a smile.
3, Western Market, Bhubaneswar 751009
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Patolas | Fancy Sarees
Lehengas | Suitings | Shirtings | Suits | Jackets | Kurta Pyjamas | Sherwanis | Casuals | Exclusive Readymades
Women's Wear | Kidswear | Furnishings | Dress Materials
R K SWAMY BBDO KM 2031/22

# ବନ୍ଦ ହେଲା ମୁଣ୍ଡଲୀ ଟୋଲ୍ ଗେଟ୍



ମୁଣ୍ଡଲୀ ଟୋଲ୍ ଗେଟ୍।



ପ୍ରଶାସନ ପକ୍ଷରୁ ବସ୍ ଯୋଗେ ଆହତଙ୍କୁ ଛତିଶଗଡ଼ ପଠାଯାଉଛି।

**ଛତିଶଗଡ଼ ତୀର୍ଥଯାତ୍ରୀଙ୍କୁ ମାଡ଼ ମାରିବା ଘଟଣା**

- ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ୍ ଯୋଗେ ଯାତ୍ରୀଙ୍କୁ ପଠାଗଲା
- ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା

**ଆଠଗଡ,୨୪।୫(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଥାନା ମହାନଦୀ ପୋଲ ନିକଟସ୍ଥ ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକ୍ସନ କର୍ପୋରେଶନର ମୁଣ୍ଡଲୀ ଟୋଲ୍ ଗେଟ୍ ଦେଇ ମଙ୍ଗଳବାର ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଛତିଶଗଡ଼ର ଶକ୍ତି ଜିଲା ମାଲଦା ଅଞ୍ଚଳର ତୀର୍ଥଯାତ୍ରୀ ୨ଟି ବସ୍ ଯୋଗେ ଫେରୁଥିଲେ। ଏହି ସମୟରେ ଗେଟ୍‌ରେ ଟୋଲ୍ ଫି ଆଦାୟକୁ ନେଇ ଗେଟ୍ କର୍ମଚାରୀ ଓ ବସ୍ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗେଟ୍ କର୍ମଚାରୀ ବସ୍‌କୁ ଭାଙ୍ଗିବା ସହ କର୍ମଚାରୀ ଓ ତୀର୍ଥଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସିସିଟିଭି ଫୁଟେଜର ଆଧାରରେ ଟୋଲ ଗେଟ୍ କର୍ମଚାରୀଙ୍କୁ ଚିହ୍ନଟ କରାଯିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଠଗଡ଼ ଥାନା ପାଟେଣୀଗାଁ ଗ୍ରାମର ଦୀପକ ପ୍ରଧାନ(୨୩), ଦୀପକ ପ୍ରଧାନ ଓରଫ ବୁବୁ (୩୫), କଦମପାଟଣା ଗ୍ରାମର ରାଜୁ ବାରିକ(୨୨), ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କାମଧେନୁକାଟ ଗାଁର ମନୋରଞ୍ଜନ ବେହେରା(୨୩)। ପୋଲିସ ନିଜ ଆଡୁ ନଂ. ୧୧୩/୨୩ରେ ମାମଲା ରୁଜୁ କରିଛି। ବିଭିନ୍ନ ମହଲରୁ ଗଣ୍ଡଗୋଳ ଓ ତୀର୍ଥଯାତ୍ରୀଙ୍କୁ ମାଡ଼ ଘଟଣାକୁ ନନ୍ଦା କରାଯିବା ସହ ଟୋଲ ଗେଟ୍‌କୁ ବନ୍ଦ ପାଇଁ ଦାବି କରାଯାଇଥିଲା। ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଟୋଲ୍ ଗେଟ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ରଖିଛନ୍ତି।

ଘଟଣା ଘଟିବା ପରେ ଆଠଗଡ଼ ପ୍ରଶାସନ ପକ୍ଷରୁ ଆହତମାନଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ କରାଇବା ପରେ ଯାତ୍ରୀମାନଙ୍କୁ ଏନ୍‌ଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ରଖାଯାଇ ରାତିରେ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ସେଠାରେ ମହିଳା, ଶିଶୁ ଓ ଅନ୍ୟ ଆହତମାନଙ୍କର ଚିକିତ୍ସା କରିଥିଲେ। ସକାଳୁ ପ୍ରଶାସନ ପକ୍ଷରୁ ସେମାନଙ୍କ ସହ କଥାବାର୍ତ୍ତା କରି ୨ଟି ବସ୍ ଯୋଗେ ଗ୍ରାମକୁ ପଠାଇ ଦିଆଯାଇଛି। କର୍ମଚାରୀମାନେ ଭାଙ୍ଗିଥିବା ବସ୍‌ର ମରାମତି ଲାଗି ପ୍ରଶାସନ ପକ୍ଷରୁ ୭୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପକ୍ଷରୁ ଆହତମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଇଥିଲା। ଆଠଗଡ଼ ଉପଜିଲାପାଳ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ପ୍ରିୟବ୍ରତ ଦାସ, ଆଇନଜୀବୀ ଯଶୋବନ୍ତ ବାରିକ, ସାମାଜିକ କର୍ମୀ ଶିବନାରାୟଣ ପଟ୍ଟନାୟକ, ରତି ରଞ୍ଜନ ପାଇକରାୟ, ପୁପୁନ ଦାସ ପ୍ରମୁଖ ସମସ୍ତ ବ୍ୟବସ୍ଥା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ପୂର୍ତ୍ତ ବିଭାଗ ଅଧିକୃତ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ପକ୍ଷରୁ ଚଳିତବର୍ଷ ପୁରୀ ଅଞ୍ଚଳର ଅରୁଣ କୁମାର ସାହୁ ୧ କୋଟି ୧୫ଲକ୍ଷ ଟଙ୍କା ଟେଣ୍ଡରରେ ନେଇଛନ୍ତି। ସେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ଟୋଲ୍ ଗେଟ୍‌ରୁ ଫି ଆଦାୟ କରୁଛନ୍ତି। ବସ୍ କର୍ମଚାରୀ ଓ ତୀର୍ଥଯାତ୍ରୀଙ୍କୁ ମାଡ଼ ଘଟଣାକୁ ନେଇ ଭାଜପା ପକ୍ଷରୁ ଟୋଲ୍ ଗେଟ୍‌କୁ ବନ୍ଦ କରିବା ଦାବିରେ ଆଠଗଡ଼ ସହର ଚାନ୍ଦବାଲି ଛକଠାରେ ରାସ୍ତାରୋକୋ କରାଯାଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ଯୁବନେତା ମନୋରଞ୍ଜନ ପଟ୍ଟନାୟକ, ବିକ୍ରମ ରାୟସାମନ୍ତ, ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପଜିଲାପାଳଙ୍କୁ ଟୋଲ୍ ଗେଟ୍‌କୁ ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭବନ ପରିଦର୍ଶନ ପାଇଁ ନିମନ୍ତ୍ରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଧାମି ଏବଂ ଅକ୍ଷୟ କୁମାର ମଧ୍ୟରେ ରାଜ୍ୟର ବିଭିନ୍ନ ବିଷୟରେ ଆଲୋଚନା ସହ ଉତ୍ତରାଖଣ୍ଡକୁ ଏକ ନୂତନ ଚଳଚ୍ଚିତ୍ର ଶିଳ୍ପ ହବ୍ ପାଇଁ ଆବଶ୍ୟକ ବିକାଶ ବିଷୟରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଏପରିକି ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଚଳଚ୍ଚିତ୍ର ଶିଳ୍ପ ପାଇଁ ସବୁ ବର୍ଗର ଲୋକଙ୍କୁ ଆକର୍ଷିତ କରୁଛି। ଉଲ୍ଲେଖଯୋଗ୍ୟ, ବଲିଉଡ୍ ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ଶ୍ରୀକେଦାରନାଥ ଧାମରେ ବାବା କେଦାର ନାଥଙ୍କୁ ଦେଖିବାର ସୁଯୋଗ ପାଇଛନ୍ତି।

# ତତଲା ତାୱାରେ ଓଡ଼ିଶା

- ନୂଆପଡ଼ାରେ ୪୪ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୨୫ ସହର

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରିଛି। ସକାଳ ୭ଟାରୁ ମାଡ଼ିଆସୁଛି ତାତି। ସନ୍ଧ୍ୟା ଯାଏ ନିସ୍ତାର ନାହିଁ। ବାୟୁ ମଣ୍ଡଳରେ ଆର୍ଦ୍ରତା ବଢ଼ିଯିବାରୁ ଗୁଳୁଗୁଳି ଅସହ୍ୟ କରୁଛି। ଏଭଳି ପାଗ ଆସନ୍ତା ୨୮ ତାରିଖ ଯାଏ ରହିବ। ୨୯ରୁ କାଳବୈଶାଖୀଜନିତ ବର୍ଷା ଯୋଗୁ ରାଜ୍ୟରେ ତାତି ସାମାନ୍ୟ ହ୍ରାସପାଇବ। ପୁଣି ଜୁନ୍ ୧ରୁ ତାତି ଓ ଗୁଳୁଗୁଳି ବଢ଼ିବ।

ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ସେହିପରି ୨୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୪ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ା ୪୩.୪, ତାଳଚେର ୪୩.୨, ଅନୁଗୋଳ ୪୩.୧, ସମ୍ବଲପୁର ୪୨.୯, ଭୁବନେଶ୍ୱର ୪୨.୮, ସୋନପୁର ୪୨.୫, ରାଉରକେଲା ୪୨.୪, ଢେଙ୍କାନାଳ ୪୨.୩, ବଲାଙ୍ଗୀର ୪୧.୭, କଟକ ୪୧.୬, ଚାନ୍ଦବାଲି ୪୧.୬, ବରଗଡ ୪୧.୫, ସୁନ୍ଦରଗଡ଼ ୪୧.୪, ଟିଟିଲାଗଡ଼ ୪୧.୨, ବୌଦ୍ଧ ୪୧, କେନ୍ଦ୍ରାପଡ଼ା ୪୧, ହୀରାକୁଦ ୪୦.୯, ବାରିପଦା ୪୦.୬, ଭବାନୀପାଟଣା ୪୦.୬, ଖୋର୍ଦ୍ଧା ୪୦.୫, ଯାଜପୁର ୪୦.୫, ଜଗତ୍‌ସିଂହପୁର ୪୦.୨, ନୟାଗଡ଼ ୪୦.୨ ଏବଂ କେନ୍ଦୁଝରରେ ସର୍ବାଧିକ ତାପମାତ୍ରା ୪୦.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଉପକୂଳରେ ଦିନତମାମ ପ୍ରଚଣ୍ଡ ଖରା ହେଉଥିବାବେଳେ ଅପରାହ୍ନରେ କେତେକ ସ୍ଥାନରେ ଝଡ଼ବର୍ଷା ଯୋଗୁ ପରିବେଶ ଶୀତଳ ହେଉଛି। ଗରମ ପ୍ରଭାବ ଜାରି ରହିଛି। ଆସନ୍ତା ସପ୍ତାହେ ଯାଏ ପାଗରେ ସେପରି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୯ ତାରିଖ ଯାଏ ରାଜ୍ୟର ଅନେକ ଜିଲାରେ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଏବଂ କେନ୍ଦୁଝର ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ, ଦୁଇ ବଖରା ଜଳିଗଲା

**ତିହିଡି/ଚାନ୍ଦବାଲି,୨୪।୫(ଡି.ଏନ୍.ଏ.):** ଭଦ୍ରକ ଜିଲାରେ ବୁଧବାର ଅପରାହ୍ନରେ ବଜ୍ରପାତ ହୋଇ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୁଆଁରଚତର ଗ୍ରାମର ବିଜେଡିର ବରିଷ୍ଠ କର୍ମୀ ଦାମୋଦର ମହାନ୍ତି (୬୨) ଓ ଚାନ୍ଦବାଲି ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତ ନୂଆଁଗାଁ ଇଚ୍ଛାପୁର ଗ୍ରାମର ଅଜୟ ମହାନ୍ତି(୩୯)। ସୂଚନା ଅନୁଯାୟୀ, ଦାମୋଦର ବିଲକୁ ଯାଉଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତିହିଡ଼ି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ପଠାଇଛି। ତାଙ୍କ ବିୟୋଗରେ ଦଳର ନେତା ଓ କର୍ମୀମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେହିପରି ଅଜୟ ବିଲରୁ ଚାଷ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଚାନ୍ଦବାଲି ପୋଲିସ ଶବ ବ୍ୟଚ୍ଛେଦ କରିବା ପାଇଁ ଚାନ୍ଦବାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିବା ସୂଚନା ଦେଇଛି। ନୂଆଁଗାଁ ଇଛାପୁରର ପାର୍ବତୀ ଦାସଙ୍କ ଘରେ ବଜ୍ରପାତରେ ନିଆଁ ଲାଗିଯାଇଥିଲା। ଚାନ୍ଦବାଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଦୁଇ ବଖରା ସହ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ଦୁର୍ଘଟଣାରେ ଛତିଶଗଡ଼ ଯୁବକ ମୃତ

**ଅଧା ରହିଗଲା ଜଗାଦର୍ଶନ**

**ଢେଙ୍କାନାଳ ଅଫିସ, ୨୪।୫:** ଜଗାଦର୍ଶନ ପାଇଁ ସୁଦୂର ଛତିଶଗଡ଼ରୁ ବାଇକ୍‌ରେ ଶ୍ରୀକ୍ଷେତ୍ର ଆସୁଥିଲେ ଦୁଇବନ୍ଧୁ। ଉଭୟେ ଘରୁ ଉତ୍ସାହରେ ବାହାରିଥିବା ବେଳେ ମଉଳିଯାଇଛି ଦିଅଁଦର୍ଶନ ଆଶା। ଏକ ଟ୍ରେଲର ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା କାରଣରୁ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥର ମହିଷାପାଟ ନିକଟରେ ବୁଧବାର ଅପରାହ୍ନ ୨ଟାରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ ବିବେକ ପାଇକରା। ଗୁରତର ରାଜେଶ ଯାଦବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ରରେ କଳାଠାକୁରଙ୍କ ଦର୍ଶନ ପାଇଁ ଦୁଇବନ୍ଧୁ ଏକ ବାଇକ୍‌ରେ ବାହାରିଥିଲେ। ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥ ଦେଇ ପୁରୀ ଅଭିମୁଖେ ଯାଉଥିବାବେଳେ ମହିଷାପାଟ ନିକଟରେ ଏକ ଟ୍ରେଲର ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିବେକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସହାୟତାରେ ରାଜେଶଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୃତ ବିବେକଙ୍କ ଘର ଛତିଶଗଡ ମକଡ଼ି ଥାନା ୧୭୨-ନାଗିପାରା ଅଞ୍ଚଳରେ ଓ ଆହତ ରାକେଶ ବୋରା ଥାନା ବସ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି। ଉଭୟଙ୍କ ପରିବାର ସଦସ୍ୟ ପହଞ୍ଚି ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ।

# ଶୀତଳଷଷ୍ଠୀ ଯାତ୍ରା ଦେଖି ଫେରୁଥିବା ଯୁବକଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ, ୨୪।୫**

ବଲାଙ୍ଗୀର ସହର ନୃସିଂହ ମନ୍ଦିର ନିକଟ ଗଳିରେ ଥିବା ଏକ ଚା ଦୋକାନ ସମ୍ମୁଖରେ ବୁଧବାର ଭୋର ପ୍ରାୟ ୪ଟାରେ ଛୁରା ମାଡ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଗେଟସରୋବରପଡାର ସରୋଜ ପାଣିଗ୍ରାହୀ(୨୫)। ଗୁରୁତର ଆହତ କନ୍ଧପାଲିପଡାର ପ୍ରେମ ସାହୁଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପୋଲିସ ସୂଚନା ମୁତାବକ ମଙ୍ଗଳବାର ଶୀତଳ ଷଷ୍ଠୀ ଯାତ୍ରା ଦେଖିବା ପାଇଁ ସରୋଜ ଓ ତାଙ୍କ ସାଙ୍ଗ ପ୍ରେମ ସହରର ବିଭିନ୍ନ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଥିଲେ। ରାତି ପ୍ରାୟ ସାଢ଼େ ୩ଟାରୁ ୪ଟା ମଧ୍ୟରେ ଉଭୟେ ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ନୃସିଂହ ମନ୍ଦିର ଗଳିରେ ଥିବା ଏକ ଚା ଦୋକାନକୁ ଚା ପିଇବା ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ୩/୪ ଜଣ ଯୁବକ ପହଞ୍ଚିଥିଲେ। ଏହାପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ଏବଂ ଠେଲାପେଲା ଆରମ୍ଭ ହୋଇଥିଲା। ଏତିକିବେଳେ ପ୍ରତିପକ୍ଷ ଗୋଷ୍ଠୀର ଜଣେ ଯୁବକ ଏକ ଛୁରିରେ ସରୋଜ ଏବଂ ପ୍ରେମଙ୍କୁ ଆକ୍ରମଣ କରିଥିଲେ। ସରୋଜଙ୍କ ଛାତିରେ ଛୁରାମାଡ ହେବାରୁ ସେ ଘଟଣାସ୍ଥଳରେ ଟଳିପଡିଥିଲେ। ପ୍ରେମଙ୍କ ଛାତିରେ ଛୁରାମାଡ ହେବାରୁ ସେ ଗୁରୁତର ଆହତ ହୋଇଥିଲା। ଟାଉନ୍ ଥାନା ପୋଲିସ ସେଠାରେ ପହଞ୍ଚି ସରୋଜ ଓ ପ୍ରେମଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ସହରରେ ଭୟର ବାତାବରଣ ଦେଖାଯାଇଛି। ସହରରେ ଶୀତଳଷଷ୍ଠୀ ଭିଡ ପରିଲକ୍ଷିତ ହେଉଥିବାବେଳେ ଟାଉନ୍ ଥାନା ନିକଟସ୍ଥ ସରକାରୀ ବସ୍‌ଷ୍ଟାଣ୍ଡ ପାଖରେ ଏଭଳି ଏକ ହତ୍ୟାକାଣ୍ଡ ପୁଣି ଥରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶ୍ନ ଘେରରେ ରଖିଛି। ମୃତ ସରୋଜଙ୍କ ଜଣେ କାକା କହିଛନ୍ତି ଯେ, ମେ ୧ ତାରିଖରେ ସରୋଜ ମ୍ୟୁନିସିପାଲିଟି କର୍ମଚାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ମାତ୍ର ଆଜିର ଘଟଣା ସବୁକିଛି ଓଲଟ ପାଲଟ କରି ଦେଇଛି। ସହରରେ ଅବାଧ ନିଶା କାରବାର ଏବଂ କଫ୍ ସିରପ ବେପାର ଏଭଳି ଅପରାଧର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ଆହତ ପ୍ରେମ ସାହୁ କହିଛନ୍ତି ଯେ, ଶୀତଳଷଷ୍ଠୀ ଯାତ୍ରା ଦେଖିବା ପରେ ସେମାନେ ଚା ଦୋକାନ ସାମ୍ନାରେ ଠିଆ ହୋଇଥିବାବେଳେ ବରପାଲିପଡାର କେତେକ ପିଲା ତାଙ୍କ ସହ ଯୁକ୍ତିତର୍କ କରି ଛୁରା ମାଡ କରିଥିଲେ। ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅପରାଧିଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡିବେ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରାଯାଉ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

**କଟକ ଅଫିସ,୨୪।୫**

ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଏବେ ଅସ୍ତବ୍ୟସ୍ତ। ହେଲେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପୂର୍ବବତ୍ ଚାଲିଛି। ଛୋଟ ପିଲା ଖରାରେ ଯିବାଆସିବା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ଏହାକୁ ଦୃଷ୍ଟି ଦେଇ ରାଜ୍ୟରେ ସ୍କୁଲ ଓ କଲେଜ ଭଳି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାଏର ଏହି ମାମଲାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଓ ନୟାଗଡ଼ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରକାଶ ଯେ, ଭାରତୀୟ ବିକାଶ ପରିଷଦ ନୟାଗଡ଼ ଜିଲା ଶାଖା ପକ୍ଷରୁ ଗତ ଏପ୍ରିଲ ୨୦ରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ନୟାଗଡ଼ ଜିଲାପାଳଙ୍କୁ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ନିମନ୍ତେ ଘୋଷଣା କରିବାକୁ ଦାବି କରାଯାଇଥିଲା। ପ୍ରବଳ ଉତ୍ତାପ ଯୋଗୁ ସକାଳ ୮ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାର ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରିଛନ୍ତି। ହେଲେ କୋମଳମତି ଶିଶୁମାନେ ଟାଣଖରାରେ ସକାଳ ୮ଟାରୁ ୧୨ଟା ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାଆସିବା କରିବା କଷ୍ଟସାଧ ବ୍ୟାପାର ହୋଇଥିବାବେଳେ ରାଜ୍ୟ ସରକାର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରୁ ନାହାନ୍ତି।

# ୩୧ ଓଏଏସ୍ ଅଧିକାରୀଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନର ମିଳିତ ଆନୁକୂଲ୍ୟରେ ନୂତନ ଭାବେ ନିଯୁକ୍ତି ପାଇ ଏକାଡେମୀରେ ତାଲିମ ନେଉଥିବା ୨୦୧୯ ବ୍ୟାଚ୍‌ର ୩୧ ଜଣ ଓଏଏସ୍ ଅଧିକାରୀଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଯାଇଛି। ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ସମ୍ପର୍କରେ ଯୁବ ଓଏଏସ୍ ଅଧିକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଏହି ଅଧିକାରୀମାନେ ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥାପିତ ହୋଇ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିବେ। ଏହି ତାଲିମ କାର୍ଯ୍ୟକ୍ରମ ୨ ଦିନ ଧରିଚାଲିବ। ପ୍ରଥମ ଦିନରେ ଯୁବ ଓଏଏସ୍ ଅଧିକାରୀଙ୍କୁ ପ୍ରାଥମିକ ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ଭୋଟ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ), ଆସିଷ୍ଟାଣ୍ଟ ଭୋଟ ପଞ୍ଜୀକରଣ ଅଧିକାରୀ (ଆସିଷ୍ଟାଣ୍ଟ ଇଆର୍‌ଓ) ଏବଂ ବୁଥ୍ ଲେଭଲ ଅଧିକାରୀ (ବିଏଲ୍‌ଓ)ଙ୍କ କାର୍ଯ୍ୟ ଏବଂ ଭୋଟର ତାଲିକାର ରୂପରେଖ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ତାଲିମ ପ୍ରଦାନ କରିଥିବାବେଳେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ନିର୍ବାଚନର ଆଦର୍ଶ ଆଚରଣ ବିଧି, ଅବାଧ, ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ପରିଚାଳନା ଏବଂ ନିର୍ବାଚନ ବେଳେ ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଛନ୍ତି। ସେହିପରି ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ନିର୍ବାଚନବେଳେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଭୋଟରଙ୍କୁ ନିର୍ବାଚନର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସଚେତନ କରାଇବା ସହ (ଏସ୍‌ଭିଇଇପି) ସୁଇପ୍ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି।

# ସାନିଟାରି କୂଅ ଭୁଶୁଡ଼ି ମହିଳା ମୃତ

**ଗୋଚ୍ଛାପଡ଼ା, ୨୪।୫**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ ସାଲେଣୀ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସାନିଟାରି କୂଅ ଭୁଶୁଡ଼ି ପଡ଼ିବାରୁ ପାଣି ଆଣିବାକୁ ଯାଇଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଗ୍ରେ କହଁର(୫୬)।

ସକାଳ ପ୍ରାୟ ୮ଟାରେ ସିଗ୍ରେ କୂଅକୁ ପାଣି ଆଣିବାକୁ ଯାଇଥିଲେ। କୂଅ ଛାତ ଉପରେ ଚଢ଼ି ନଳକୂପ ହ୍ୟାଣ୍ଡେଲ ମାରୁଥିବା ବେଳେ ହଠାତ କୂଅର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ସିଗ୍ରେ କୂଅ ଭିତରକୁ ଖସିପଡ଼ିଥିଲେ। ଉପରେ କଂକ୍ରିଟ୍ ରହି ଯିବାରୁ ସେ ବାହାରକୁ ବାହାରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। କୂଅରେ ପ୍ରାୟ ୧୦/୧୨ ଫୁଟ ପାଣିଥିବାରୁ ସିଗ୍ରେଙ୍କର ମୃତ୍ୟୁ ଘଟିଥିଲା। ସିଗ୍ରେ ଘରକୁ ନ ଫେରିବାରୁ ତାଙ୍କ ପୁଅ ବହୁ ଖୋଜାଖୋଜି କରି କୂଅ ପାଖରେ ପହଞ୍ଚି ଥିଲେ। ମା' ଭିତରେ ପଡିଥିବା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଖବରପାଇ ସଲାଗୁଡା ସରପଞ୍ଚ ରୋହିତ କହଁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସରୋଜ କୁମାର ମହାପାତ୍ର, ବିଜୟାନନ୍ଦ



କୂଅରୁ ମୃତଦେହ ବାହାର କରାଯାଉଛି।

ଭୋଳ, ଭୀମ ପାତ୍ର, ଲକ୍ଷ୍ମୀଧର ସାହୁ ସେଠାରେ ପହଞ୍ଚି ସିଗ୍ରେଙ୍କୁ କୂଅରୁ ବାହାର କରିଥିଲେ। ସେତବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

ଅନ୍ୟପଟେ ଗ୍ରାମକୁ ରାସ୍ତା ନ ଥିବାରୁ ମୃତଦେହ ଆଣିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ଖଟିଆରେ ବୋହି ପ୍ରାୟ ୧ କିମି ଆସିବା ପରେ ଏକ ଅଟୋରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲ ଅଣାଯାଇଥିଲା। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡିଓ ଦେବହରି ପ୍ରଧାନଙ୍କୁ ପଚାରିବାରୁ ଏହି କୂଅ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସରପଞ୍ଚ ଏହାର ମରାମତି କରିବା କଥା। ଆମର ଯାହା ନିୟମ ରହିଛି ସେହି ଅନୁସାରେ କୂଅର କାର୍ଯ୍ୟ ହେବ ବୋଲି କହିଛନ୍ତି। ସିଗ୍ରେଙ୍କ ସ୍ୱାମୀ ଗଜେନ୍ଦ୍ର କହଁରଙ୍କ ଏତଲା କ୍ରମେ ଗୋଚ୍ଛାପଡ଼ା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏ ନେଇ ନଂ.୬/୨୩ରେ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ଯବାନ-ମାଓବାଦୀ ଗୁଳିବିନିମୟ

**ସିନ୍ଧିପଙ୍ଖାଲ ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ**

**ଫୁଲବାଣୀ ଅଫିସ/ତୁମୁଡ଼ିବନ୍ଧ/ ବାଲିଗୁଡ଼ା, ୨୪।୫(ଡି.ଏନ୍.ଏ)**

ଗତ କିଛି ଦିନ ତଳେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚ ସୁବଳ କହଁରଙ୍କୁ ମାଓବାଦୀମାନେ ହତ୍ୟା କରିବା ପରେ କମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ବୁଧବାର ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁରୁକୁଡୁପା ପଞ୍ଚାୟତର ସିନ୍ଧିପଙ୍ଖାଲ ସଂରକ୍ଷିତ ଜଙ୍ଗଲ ସେନିଙ୍ଗଗାଡା ଝରଣା ପାଖରେ ଯବାନ-ମାଓବାଦୀଙ୍କ ମଧ୍ୟରେ ବିପୁଳ ପରିମାଣର ଗୁଳି ବିନିମୟ ହୋଇଛି। ଏଥିରେ କାହାର ମୃତ୍ୟୁ ଘଟି ନ ଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ କିଛି ମାଓବାଦୀ ଆହତ ହୋଇଥିବା ଜଣାପଡ଼ିଛି। ସର୍ଚ୍ଚ ଅପରେଶନ ବେଳେ ସେଠାରେ ଏକ ମାଓବାଦୀ କ୍ୟାମ୍ପ ଥିବା ଠାବ କରାଯାଇଛି।

ପ୍ରକାଶ ଯେ, ମାଓବାଦୀଙ୍କ ଗତିବିଧି ସେଠାରେ ଥିବା ନେଇ ଯବାନଙ୍କୁ ଖବର ମିଳିଥିଲା। ଗୋଇନ୍ଦା ସୂଚନା ଆଧାରରେ ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି ଯବାନମାନେ କମ୍ବିଂ ଅପରେଶନ୍ ଚଳାଇଥିଲେ। ସକାଳ ପ୍ରାୟ ୫ଟା ୪୦ ମିନିଟ୍‌ରେ ସିନ୍ଧିପଙ୍ଖାଲ ଜଙ୍ଗଲର ସେନିଙ୍ଗଗାଡା ନାଳରେ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ



ଜବତ ସାମଗ୍ରୀ।

ହୋଇଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ଘଟିବା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଘଟଣାସ୍ଥଳରୁ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଏହି ଗୁଳିବିନିମୟ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ କନ୍ଧମାଳ ଜିଲା ଗସ୍ତରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ ବଂଶଲ ଆସି ବିଭିନ୍ନ ସ୍ଥାନ ବୁଲିବା ସହ ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ୬ଟି କ୍ୱାଲିଟି ଡ୍ରୋନ୍ ନଜର ରଖିବ ବୋଲି ଡିଜିପି ବଂଶଲ କହିଥିଲେ।

# ନୂଆ ଟ୍ରେଣ୍ଡ୍‌ରେ ଖୋର୍ଦ୍ଧା ଗାମୁଛା

## ସାଧାରଣ ପୋଷାକରେ ଅତ୍ୟାଧୁନିକ ଛାପ





ଖୋର୍ଦ୍ଧା ଗାମୁଛାରେ ପ୍ରସ୍ତୁତ ନୂଆ ଡିଜାଇନ୍ ପୋଷାକ ସହ ମଡେଲମାନେ।

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଟ୍ରେଣ୍ଡ୍ ବଦଳୁଛି, ଆଉ ତା' ସହ ବଦଳୁଛି ଜୀବନଶୈଳୀ। ଓଡ଼ିଶାର ପାରମ୍ପରିକ ପରିଧାନରେ ଅତ୍ୟାଧୁନିକତାର ଛାପ ଦିନକୁ ଦିନ ରାଜ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ବିଶେଷକରି ଓଡ଼ିଶା ହସ୍ତତନ୍ତରେ ଆକର୍ଷଣୀୟ ଡିଜାଇନ୍ ସହ ପ୍ରସ୍ତୁତ ହେଉଛି ନୂଆ ନୂଆ ପୋଷାକ, ଯାହା ଓଡ଼ିଶା ସମେତ ଦେଶବିଦେଶରେ ଲୋକପ୍ରିୟତା ହାସଲ କରିବା ସହ ଟ୍ରେଣ୍ଡ୍ ସୃଷ୍ଟି କରୁଛି। ଏହି ନୂଆ ଟ୍ରେଣ୍ଡ୍‌ରେ ଏବେ ଯୋଡି ହୋଇଛି ଓଡ଼ିଶାର ଖୋର୍ଦ୍ଧା ଗାମୁଛା। କାହିଁ କେଉଁ କାଳରୁ ସ୍ୱତନ୍ତ୍ରତା ବହନ କରି ଆସିଥିବା ଏହି ଗାମୁଛାରେ ଏବେ ଅନେକ ଡିଜାଇନ୍‌ର ପୋଷାକ ତିଆରି ହେଲାଣି। ସାଧାରଣ ଶ୍ରେଣୀର ଏହି ପୋଷାକରେ ଲାଗିଲାଣି ସମ୍ଭ୍ରାନ୍ତର ଛାପ। ଗାମୁଛାରୁ ଯେ ଭଳିକି ଭଳି ଡିଜାଇନ୍‌ର ପୋଷାକ ହୋଇପାରିବ ଓ ଏହା ମଧ୍ୟ ଭଲ ଆଦୃତି ଲାଭ କରିବ, ତାହା ଓଡ଼ିଶାର ଡିଜାଇନରମାନେ ହିଁ ପ୍ରମାଣ କରି ଦେଖାଇଛନ୍ତି। ଏଥିପାଇଁ ସବ୍ୟସାଚୀ ଶତପଥୀଙ୍କ ଭଳି ଅନ୍ତର୍ଜାତୀୟ ସ୍ତରର ଡିଜାଇନରମାନେ ଅଣ୍ଟା ଭିଡିଥିବାବେଳେ ଇତିମଧ୍ୟରେ ବଡ଼ ବଡ଼ ଫ୍ୟାଶନ ଶୋ', ପ୍ରଦର୍ଶନୀରେ ଖୋର୍ଦ୍ଧା ଗାମୁଛାରୁ ପ୍ରସ୍ତୁତ ପୋଷାକ ସ୍ଥାନ ପାଇଲାଣି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଖୋର୍ଦ୍ଧା ଗାମୁଛାରୁ ତିଆରି ପ୍ୟାଣ୍ଟ, ଶାର୍ଟ, ବ୍ଲେଜର ଆଦି ପ୍ରଦର୍ଶିତ ହୋଇଥିଲା, ଯାହାକୁ ଦେଶବିଦେଶର ଅତିଥି ଓ ପରିଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଏବେ ଏହାର ଡିଜାଇନ ବଜାରରେ ଅଳ୍ପ ମାତ୍ରାରେ ଉପଲବ୍ଧ ହେଉଥିଲେ ମଧ୍ୟ ଆଗକୁ ଭଲ ଗୁଣବତ୍ତା ସହ ନୂଆ ରୂପ ଦେବାରେ ଡିଜାଇନରମାନେ ପ୍ରୟାସ ଜାରି ରଖିଛନ୍ତି। ତେବେ ଗାମୁଛାରୁ ପ୍ରସ୍ତୁତ ନୂଆ ଡିଜାଇନକୁ ଲୋକପ୍ରିୟ କରିବା ସହ ଏହାର ମାନ ବୃଦ୍ଧି କରିବାରେ ଲାଗିପଡିଥିବା ଡିଜାଇନର ଓ ମଡେଲମାନେ ଓଡ଼ିଶାର ଏହି ନିଆରା ହସ୍ତତନ୍ତର ଉଜ୍ଜ୍ୱଳ ଭବିଷ୍ୟତ ସହ ବିଶ୍ୱ ବଜାର ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।



" ହସ୍ତତନ୍ତ କ୍ଷେତ୍ରରେ ଖୋର୍ଦ୍ଧା ଗାମୁଛା ହେଉଛି ଓଡ଼ିଶାର ଆଉ ଏକ ପରିଚୟ। ଗାମୁଛାରୁ ପ୍ରସ୍ତୁତ ହେଉଥିବା ନୂଆ ଡିଜାଇନ୍‌ର ପୋଷାକ ଆଜି ନୁହେଁ ଆଗରୁ ପରିଚିତ ହୋଇପାରିଛି। ୨୦୧୨ରୁ ମୁଁ ଏହା ଉପରେ କାମ କରି ଆସୁଛି। ୨୦୧୮ରୁ ମୁଁ ତିଆରି କରୁଥିବା ବିଭିନ୍ନ ଡିଜାଇନ୍‌କୁ ଲୋକେ ପସନ୍ଦ କରି ଆସୁଛନ୍ତି। ମହିଳାଙ୍କ ପାଇଁ ସୁଟ୍, ବ୍ଲେଜର, ଶେର୍‌ୱାନି, ପ୍ରିନ୍ସ କୋର୍ଟ, ଜ୍ୟାକେଟ ଆଦିର ବେଶ୍ ଚାହିଦା ରହୁଛି। ଏହା ରାଜ୍ୟ ବାହାରେ ମଧ୍ୟ ପ୍ରଶଂସା ସାଉଣ୍ଟିଛି। ଏହା କଟନରେ ପ୍ରସ୍ତୁତ ହେଉଥିବାରୁ ଖରାଦିନେ ପିନ୍ଧିବାକୁ ବେଶି ଭଲ ଲାଗିଥାଏ। ବାକି ସବୁ ସମୟରେ ମଧ୍ୟ ଏହାକୁ ପିନ୍ଧି ହେବ। କେବେ ମଳିନ ପଡୁ ନ ଥିବା ଟ୍ରେଣ୍ଡ୍‌ରେ ଏହି ଗାମୁଛା ହିଁ ସବୁବେଳେ ରହି ଆସିଥିବାରୁ ଏଥିରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପୋଷାକର ମଧ୍ୟ ସେମିତି ସ୍ୱତନ୍ତ୍ର ଚାହିଦା ବଜାୟ ରଖିବାକୁ ଚେଷ୍ଟା ଜାରି ରହିଛି।

**-ସବ୍ୟସାଚୀ ଶତପଥୀ, ଡିଜାଇନର**



" ମୁଁ ଖୋର୍ଦ୍ଧାର ଝିଅ। ଆଉ ଗାମୁଛାରେ ପ୍ରସ୍ତୁତ ପୋଷାକ ପିନ୍ଧିବାକୁ ମୋତେ ବେଶି ଭଲ ଲାଗେ। ଏହା ପିନ୍ଧିଲେ ମନରେ ଏକ ସାହସ ଆସିଯାଏ। ୨୦୨୦ରେ ଆଇସିଏଫ୍ ମିସ୍ ଇଣ୍ଡିଆରେ ମୁଁ ଗାମୁଛାରେ ତିଆରି ଏକ ଡିଜାଇନକୁ ପରିଧାନ କରିଥିଲି, ଯାହାକୁ ଅନେକ ପ୍ରଶଂସା କରିଥିଲେ। ଏବେ ଲେହେଙ୍ଗା ମଧ୍ୟ ତିଆରି କରି ପିନ୍ଧିଛି। ଗାମୁଛାରେ ଥିବା ଲାଲ ଓ ଧଳା ରଙ୍ଗ କ୍ଲାସି ଲୁକ୍ ଦେଇଥାଏ। ଆଉ ଏହା ଏତେ କୋମଳ ଯେ ପିନ୍ଧିବାକୁ ବହୁତ ଭଲ ଲାଗେ। ଗାମୁଛାରେ ଅଧିକରୁ ଅଧିକ ୱେଷ୍ଟର୍ନ, ଇଣ୍ଡୋ ୱେଷ୍ଟର୍ନ ପୋଷାକ ପ୍ରସ୍ତୁତ ହେଲେ ଏହାର ବ୍ୟବହାର ବଢିବା ସହ ଲୋକପ୍ରିୟତା ବୃଦ୍ଧି ପାଇବ। ପୁରୁଣା ଗାମୁଛାକୁ ମଧ୍ୟ ପୁନଃ ବ୍ୟବହାର କରି ପୋଷାକ କରି ପିନ୍ଧିହେବ। ଆଗକୁ ମୁଁ ସେମିତି ଏକ ପୋଷାକ ତିଆରି କରି ପିନ୍ଧିବାର ଯୋଜନା ରଖିଛି।

**-ପ୍ରିୟଙ୍କା ମହାପାତ୍ର, ମଡେଲ ତଥା ଅଭିନେତ୍ରୀ**



" ପ୍ରଥମେ ୨୦୧୬ରେ ମୁଁ ନିଜେ ଗାମୁଛାରେ ଏକ ଶାର୍ଟ ପ୍ରସ୍ତୁତ କରି ପିନ୍ଧିଲି। ଏହାକୁ ଲୋକମାନେ ବହୁତ ପ୍ରଶଂସା କଲେ। ଏହାପରେ ମୁଁ ଗାମୁଛାରେ ନୂଆ ଡିଜାଇନ୍ କରିବାକୁ ଚେଷ୍ଟା କଲି। ଏଥିରେ ମୁଁ ଲେହେଙ୍ଗା ତିଆରି କଲି, ଯାହାକୁ ମଡେଲମାନେ ପିନ୍ଧି ପ୍ରଚାର ପ୍ରସାର କରୁଛନ୍ତି। ଏହା ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରିଛି। ଗାମୁଛା ଆମର। ଏହାକୁ ନୂତନ ଜ୍ଞାନକୌଶଳ ସହିତ ଅଧିକ ପ୍ରସ୍ତୁତ କରାଗଲେ ଏହା ସାଧାରଣରୁ ସମ୍ଭ୍ରାନ୍ତ ଘରର ଲୋକେ ବ୍ୟବହାର କରିପାରିବେ। ଏବେ ଏହାର ମୂଲ୍ୟ ଅଧିକ ରହୁଛି। କିନ୍ତୁ ଧୀରେ ଧୀରେ ଅଧିକ ବ୍ୟବହାର ହେଲେ ମୂଲ୍ୟ କମିଯିବ।

**-ଜିତ୍ ଜଗଜିତ୍, ଡିଜାଇନର**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ

# ୨ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

୨ ଦଫା ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ଗଣଧାରଣା ଆରମ୍ଭ ହୋଇଛି। ମୂଳ ଦରମା ୨୮୦୦ ଗ୍ରେଡ୍ ପେ' ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଯୋଗ ସହ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ପାଇଁ ଶିକ୍ଷକମାନେ ଅଡ଼ିବସିଛନ୍ତି।

ପ୍ରାଥମିକ ଶିକ୍ଷକଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟିରୁ +୨ ସିଟିକୁ ବୃଦ୍ଧି କରାଯାଇଛି। ମାତ୍ର ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ଦରମା ୨୨୦୦ ଟଙ୍କା ଗ୍ରେଡ୍ ପେ' ଧାର୍ଯ୍ୟ କରିଛନ୍ତି। ୨୦୧୭ରୁ ୨୮୦୦ ଟଙ୍କା ଗ୍ରେଡ୍ ପେ' ଦେବାକୁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଆସୁଛି। ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ରାଜ୍ୟ ସରକାର ଏଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ୨୦୨୨ରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଆନ୍ଦୋଳନ ତୀବ୍ର ହେବାରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଶିକ୍ଷକଙ୍କ ଦାବି ପୂରଣ ନେଇ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା। ତେବେ ବିଜ୍ଞପ୍ତି ପ୍ରକାଶନର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଶିକ୍ଷକଙ୍କ ଦାବି ପୂରଣ ହୋଇନାହିଁ। ତେଣୁ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଛି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ସୁନୀଲ କୁମାର ପ୍ରଧାନ, ଆରତ ଭଞ୍ଜନ ସାହୁ ଓ ମଳୟ କୁମାର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।




୨୮୦୦ ଗ୍ରେଡ୍ ପେ', ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଯୋଗ ସହ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଦିଆଯାଇଥିବା ଗଣଧାରଣା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭାଶିଷ



@ ରାଜାରାମ



@ ବିଶ୍ୱଭୂଷଣ



@ ଫିଲ୍‌ମାନ



@ ଆଦର୍ଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜଧାନୀରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

**ଦୁଇ ପରିବାର ଗଣ୍ଡଗୋଳରୁ କରୁଣ ପରିଣତି**

- ସ୍ତ୍ରୀଙ୍କୁ ଛାଡ଼ି ଘରକୁ ଫେରୁଥିବା ବେଳେ ସଂଘବଦ୍ଧ ଆକ୍ରମଣ
- ପୂର୍ବରୁ ଉଭୟ ପକ୍ଷର ଏତଲାରେ ରୁଜୁ ହୋଇଥିଲା ମାମଲା
- ମାମୁ, ଭଣଜାଙ୍କ ସମେତ ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍ ଗଠିତ



ସୁଶାନ୍ତ ନାୟକ



ମୃତ ସୁଶାନ୍ତଙ୍କ ଶୋକାକୁଳ ପରିବାରବର୍ଗ।



ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ମୁତୟନ।

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଜିଇଡି ବସ୍ତିରେ ବୁଧବାର ଭୋର ସମୟରେ ଜଣେ ଯୁବକଙ୍କୁ ଗୋଟିଏ ପରିବାରର ମାମୁ, ଭଣଜାଙ୍କ ସମେତ ୪ ଜଣ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ସ୍ଥାନୀୟ ଜିଇଡି ବସ୍ତିରେ ରହୁଥିବା ନୟାଗଡ଼ ଜିଲା ରାଜପାଟଣା ଥାନା ଅଞ୍ଚଳର ସୁଶାନ୍ତ ନାୟକ ଓରଫ କାଳିଆ (୩୪)। ସେ ଉଦ୍ୟାନ କୃଷି ବିଭାଗରେ ଚୁକ୍ତିଭିତ୍ତିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ଆକ୍ରମଣରେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବାରୁ ଘଟଣାସ୍ଥଳ ରକ୍ତରଞ୍ଜିତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସୁଶାନ୍ତଙ୍କ ମୃତଦେହକୁ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୩୨୩/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ହତ୍ୟାକାଣ୍ଡ ଘଟାଇଥିବା ପରିବାରର ସଦସ୍ୟମାନେ ଘର ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଏହି ମାମଲାରେ ସମ୍ପୃକ୍ତ ମାମୁ ସୁଜିତ୍ ନାୟକ, ଭଣଜା ବିଶାଲ, ଶଳା ସୁବାସ ପ୍ରମୁଖଙ୍କୁ ଧରିବାକୁ ଖୋଜାଖୋଜି କରୁଛି।

ସୂଚନା ଅନୁଯାୟୀ, ମୃତ ସୁଶାନ୍ତଙ୍କ ନାବାଳିକା ଝିଅରି କୁ ଗତ ଏପ୍ରିଲ ୨୫ରେ ବିଶାଲ୍ ଘର ପାଖରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯିବା ପରେ ପୋଲିସ ୨୬ତାରିଖରେ ବିଶାଲଙ୍କ ନାମରେ ଏକ ମାମଲା (ନଂ.୨୬୨/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ବିଶାଲଙ୍କୁ ଧରୁ ନ ଥିବାରୁ ପରିବାର ଲୋକ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାକୁ ନେଇ ପାଖାପାଖି ରହୁଥିବା ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହୁଥିଲା। ଏପରିକି ମାମଲାର ଆପୋସ ସମାଧାନ କରିବାକୁ ସୁଜିତଙ୍କ ପରିବାର ସୁଶାନ୍ତଙ୍କ ପରିବାର ଉପରେ ଚାପ ପକାଉଥିଲେ। ଅନ୍ୟପକ୍ଷରେ ସୁଜିତଙ୍କ ୧୭ବର୍ଷୀୟା ଝିଅଙ୍କୁ ଗତ ୮ତାରିଖ ରାତି ପ୍ରାୟ ୮ଟା ୩୦ରେ ମୃତ ସୁଶାନ୍ତଙ୍କ ମଝିଆ ଭାଇ ପାପୁନି ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହେବାପରେ ପୋଲିସ ପାପୁନିଙ୍କ ନାମରେ ଏକ ମାମଲା (ନଂ.୨୯୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଭଳିସ୍ଥିତିରେ ସୁଜିତଙ୍କ ପରିବାର ଲୋକ ସୁଶାନ୍ତଙ୍କ ପରିବାର ଲୋକଙ୍କ ଉପରେ ରାଗ ରଖି ଅପରାଧ ଘଟାଇବାକୁ ଯୋଜନା କରିଥିଲେ।

ବୁଧବାର ଭୋର ପ୍ରାୟ ୪ଟା ବେଳେ ବିଏମ୍‌ସି ଅଧୀନ ଜାଗୃତିରେ କାମ କରୁଥିବା ସ୍ତ୍ରୀଙ୍କୁ ସୁଶାନ୍ତ ବାଇକ୍ ଯୋଗେ ୟୁନିଟ-୪ ଅଞ୍ଚଳରେ ଛାଡ଼ିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଜିଇଡି ବସ୍ତି ରାସ୍ତାରେ ସୁଜିତ ଓ ଅନ୍ୟମାନେ ସୁଶାନ୍ତଙ୍କୁ ଅଟକାଇ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୁଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କିଛି ସମୟ ପରେ ସୁଶାନ୍ତଙ୍କୁ ବଡ଼ ଭାଉଜ ମୃତ ଅବସ୍ଥାରେ ଦେଖି ସମସ୍ତଙ୍କୁ ଡାକିବା ସହ ପୋଲିସକୁ ଖବର ଦିଆଯାଇଥିଲା। ସକାଳେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସେଠାରେ ଫିଙ୍ଗର ପ୍ରିଣ୍ଟ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିଥିଲା। ଏନେଇ ସୁଶାନ୍ତଙ୍କ ମା' କହିଛନ୍ତି, ଆମ ପକ୍ଷରୁ ମାମଲା ଦିଆଯିବା ପରେ ପୋଲିସ ଆମ କଥା ଶୁଣି ନ ଥିଲା। ଏହାପରେ ସେମାନେ ମୋ ମଝିଆ ପୁଅ ନାମରେ ମିଛ ମାମଲା କରିଥିଲେ। ପୁଅକୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଡିସିପି ପ୍ରତୀକ ସିଂ କହିଛନ୍ତି, ସୁଶାନ୍ତଙ୍କୁ ଆକ୍ରମଣ କରିଥିବା ୪ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ସିଂ କହିଛନ୍ତି।

# ଟ୍ରିବ୍ୟୁନାଲ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ ପାଇଁ
# ମହାନଦୀ ବଞ୍ଚାଅ ଆନ୍ଦୋଳନର ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

- ୨୬ରେ କଟକରେ 'ତୂଳୀରେ ବିବଶ ମହାନଦୀ'
- ୨୭ରେ ଦୟା ନଦୀକୂଳରେ ମହାନଦୀ ସତ୍ୟାଗ୍ରହ

ମହାନଦୀ ଜଳ ବିବାଦକୁ ନେଇ ମହାନଦୀ ଟ୍ରିବ୍ୟୁନାଲର ସଦସ୍ୟ ଏବେ ଓଡ଼ିଶା ଗସ୍ତରେ ଅଛନ୍ତି। ଟ୍ରିବ୍ୟୁନାଲର ଦୃଷ୍ଟି ଆକର୍ଷଣ ଲାଗି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୨୬ ତାରିଖରେ କଟକରେ 'ତୂଳୀରେ ବିବଶ ମହାନଦୀ' ଓ ୨୭ରେ ଦୟାନଦୀ କୂଳରେ 'ମହାନଦୀ ସତ୍ୟାଗ୍ରହ' କରାଯିବ ବୋଲି ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସୂଚନା ଦେଇଛନ୍ତି। ମହାନଦୀ ଏବେ ଗଭୀର ସଙ୍କଟ ଭିତରେ ଗତି କରୁଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମହାନଦୀ ଶୁଖିଲା ପଡିଛି। ପିଇବା ପାଣି, ଜଳସେଚନ, ଲୋକଙ୍କ ଜୀବନ ଜୀବିକା ସମେତ ନଦୀ ଉପରେ ନିର୍ଭରଶୀଳ ଜୈବ ବିବିଧତା ଆଦି ଗଭୀର ଭାବରେ ପ୍ରଭାବିତ ହେଉଛି। ଏ ପରିସ୍ଥିତିରେ ମହାନଦୀ ଟ୍ରିବ୍ୟୁନାଲ ପକ୍ଷରୁ ଅନ୍ତରୀଣ ରାୟ ମାଧ୍ୟମରେ ଅଣ ମୌସୁମୀ ସମୟରେ ମହାନଦୀର ସର୍ବନିମ୍ନ ପ୍ରବାହକୁ ସୁନିଶ୍ଚିତ କରାଇବା ଅତ୍ୟନ୍ତ ଜରୁରୀ ହୋଇପଡିଛି ବୋଲି ସୁଦର୍ଶନ କହିଛନ୍ତି।

ତାଙ୍କ ସୂଚନାନୁସାରେ, 'ତୂଳୀରେ ବିବଶ ମହାନଦୀ' କାର୍ଯ୍ୟକ୍ରମ କଟକସ୍ଥିତ ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିରେ ଚିତ୍ରଶିଳ୍ପୀମାନେ ମହାନଦୀର ସାମ୍ପ୍ରତିକ ଦୁଃସ୍ଥିତିକୁ ସେମାନଙ୍କର ତୂଳୀରେ ଦର୍ଶାଇବେ। ଚିତ୍ରଶିଳ୍ପୀ ରବି ରଥଙ୍କ ନେତୃତ୍ୱରେ ତଥା କଟକ ଆର୍ଟିଷ୍ଟ ସଙ୍ଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଚିତ୍ରଗୁଡିକୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷ, ସଦସ୍ୟ, କେନ୍ଦ୍ର ସରକାରଙ୍କ ଜଳ ସମ୍ପଦ ସଚିବ, ଛତିଶଗଡ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପଠାଯିବ। ସେହିପରି ୨୭ରେ ସରଦେଇପୁରଠାରେ ମହାନଦୀ ସତ୍ୟାଗ୍ରହ ଆୟୋଜିତ ହେବ। ଏଥିରେ ଦୟା, କୁଶଭଦ୍ରା, ପ୍ରାଚୀ, ଚିଲିକା, ଭାର୍ଗବୀ ଆଦି ଆନ୍ଦୋଳନର ସାଥୀମାନେ ଯୋଗଦେବେ। ଉକ୍ତଦିନ ମହାନଦୀ ଟ୍ରିବ୍ୟୁନାଲ ଏସବୁ ନଦୀ ଅବବାହିକାର ପରିସ୍ଥିତି ଅନୁଧ୍ୟାନ କରିବାକୁ ଆସୁଥିବାରୁ ସତ୍ୟାଗ୍ରହ ଆୟୋଜନ ବେଶ ଗୁରୁତ୍ୱ ବହନ କରିବ ବୋଲି ଆଶା କରାଯାଉଛି।

**୨୬ରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

କଟକ ଅଫିସ: ଆସନ୍ତା ୨୬ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ଦୀକ୍ଷାନ୍ତ ଅଭିଭାଷଣ ଦେବେ। ଏଥିରେ ୮୫ ଜଣଙ୍କୁ ପିଏଚ୍.ଡି ଉପାଧି, ୨୦୨୨ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ବୋରାସମ୍ବର ସେନାପତି ତର୍କ ପ୍ରତିଯୋଗିତାର ୩ ଜଣ ବିଜେତାଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ ବୋଲି ବୁଧବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୯ତମ ଶ୍ରାଦ୍ଧୋତ୍ସବ, ଏଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୪୫ତମ ଶ୍ରାଦ୍ଧୋତ୍ସବ, ଜୟଦେବ ବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଶ୍ରୀହନୁମାନ ମନ୍ଦିରର ୩୦ତମ ବାର୍ଷିକ ଜନ୍ମୋତ୍ସବ ଏବଂ ବିଶ୍ୱଶାନ୍ତି ଯଜ୍ଞ, ରସୁଲଗଡ଼, ପୂର୍ବାହ୍ନ ୧୦ଟା ୩୦।
- ଇନୋଭେଶନ ଇନ୍ ମିଲେଟ ରିସର୍ଚ୍ଚ ଆଣ୍ଡ ଏକ୍ସଟେନଶନ, ସ୍ୱାମୀନାଥନ ହଲ୍, ଓୟୁଏଟି, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଗିରିଜା ମେଧା ସମ୍ବର୍ଦ୍ଧନା ଉତ୍ସବ, ରୋଟାରୀ ଭବନ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଲଳିତ ସଙ୍ଗୀତ ଏକାଡେମୀର ବାର୍ଷିକ ଉତ୍ସବ ଓ ନୂଆ ପ୍ରତିଭା ଅନ୍ୱେଷଣ, ସୂଚନା ଭବନ, ଅପରାହ୍ନ ୪ଟା।
- ନୃତ୍ୟାୟନର ୩୧ତମ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ୫ମ ଜାତୀୟ ନାଟ୍ୟ ମହୋତ୍ସବ 'କୁଞ୍ଜ ଔର ଭୂତ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ମା'ଚାଚଖାଇଙ୍କ ପୀଠ, ଡିହ ବାଲିଅନ୍ତା, ଅପରାହ୍ନ ୫ଟା।

## ୨୬ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୨୪।୫(ବ୍ୟୁରୋ)- ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୨୬ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଇନ୍‌ଫୋସିଟି ଥାନା ଅଞ୍ଚଳର ସୁମିତ ପାଠୀ(୫୧)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କଣ୍ଟ୍ରାକ୍ଟର ଅଜୟ ସାହା ଏକାଧିକ ଘର ନିର୍ମାଣ କରୁଛନ୍ତି। ସେସବୁ ଘରେ ୟୁପିଭିସି ଝରକା, ଏଫ୍‌ଆର୍‌ପି କବାଟ ଓ ଫଲ୍ସ ସିଲିଙ୍ଗ ଲାଗି ଅଭିଯୁକ୍ତ ସୁମିତ ତାଙ୍କୁ ଯୋଗାଯୋଗ କରିଥିଲେ। ଏଥିପାଇଁ ସେ ଅଜୟଙ୍କୁ ୧ କୋଟି ୧୪ ଲକ୍ଷରୁ ଅଧିକ ଟଙ୍କାର କୋଟେଶନ ଦେଇଥିଲେ। ଉକ୍ତ କୋଟେଶନ ଅନୁଯାୟୀ ଅଜୟ ତାଙ୍କୁ ୪୭ ଲକ୍ଷ ୫୦ ହଜାର ଟଙ୍କା ଅଗ୍ରିମ ଆକାରରେ ଦେଇଥିଲେ। କିନ୍ତୁ ଅଭିଯୁକ୍ତ ସୁମିତ ମୋଟ ୨୬ ଲକ୍ଷ ୪୪ ହଜାର ୨୮୯ ଟଙ୍କାର କାର୍ଯ୍ୟ କରିଥିଲେ। ଏଣୁ ବଳକା ଟଙ୍କା ଫେରାଇବା ଲାଗି ଅଜୟ କହିବାରୁ ଅଭିଯୁକ୍ତ ଜଣକ ରସୁଲଗଡ଼ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଏକ ଚେକ୍ ଦେଇଥିଲେ। ମାତ୍ର ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ଅଜୟ ଅଭିଯୁକ୍ତ ସୁମିତଙ୍କୁ କହିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକାମିର ଶିକାର ହେବା ପରେ ଅଜୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

## ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ ସଂଘ ବୈଠକ

ବାଲିପାଟଣା,୨୪।୫(ଡି.ଏନ୍.ଏ.)- ବାଲିପାଟଣା ବ୍ଲକ ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ ସଂଘ ବୈଠକ ବୁଧବାର ପଞ୍ଚାୟତ ହାଇସ୍କୁଲ ନରିସଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୋଇ ହାଇସ୍କୁଲର ପ୍ରଧାନଶିକ୍ଷକ ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜୁଲାଇ ୩୧ରେ ବ୍ଲକର ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବ୍ଲକ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ କିପରି ସୁଧାର ଆସିବ ଓ ଏ-୧ ସଂଖ୍ୟା ବଢ଼ିବ, ସେ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲାରେ ବିଜ୍ଞାନ ଓ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମରେ ବ୍ଲକ ପ୍ରତି ବୈମାତୃକଭାବ, ବାଲିପାଟଣା ବ୍ଲକର ଶିକ୍ଷକଙ୍କୁ ହେଲ୍ପଡେସ୍କ ଦାୟିତ୍ୱ ପ୍ରଦାନ ଇତ୍ୟାଦିକୁ ଦୃଢ଼ ନିନ୍ଦା କରାଯିବା ସହ ଏନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ପରେ ୫-ଟି କାର୍ଯ୍ୟକ୍ରମକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନଶିକ୍ଷକ ବିଜୟ ବେହେରା, ଲଳିତ ମୋହନ ପଣ୍ଡା, ତ୍ରିଲୋଚନ ଗଡ଼ପଲ୍ଲା, ସୁଷମା ରାଣୀ ମହାପାତ୍ର, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୀବ ପଟ୍ଟନାୟକ, ଅମ୍ବିକା ଛୋଟରାୟ ଓ ସତ୍ୟଭାମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।





ଶ୍ରୀଲିଙ୍ଗରାଜଙ୍କ ବିବାହ ଶୋଭାଯାତ୍ରାରେ ବରଯାତ୍ରୀମାନେ ଘଣ୍ଟ, ତ୍ରାସ, ଛତ୍ରି ରୋଶଣିରେ ଯାଉଛନ୍ତି। ସାମିଲ ହୋଇଥିବା ବାଦ୍ୟ ରୋଶଣି।

## ଭୀମେଶ୍ୱରଙ୍କ ସହ ମା' ପାର୍ବତୀଙ୍କ ବିବାହ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)- ଭୀମେଶ୍ୱର ମନ୍ଦିର ସମିତି ପକ୍ଷରୁ ପ୍ରଭୁ ଶ୍ରୀ ଭୀମେଶ୍ୱର ଓ ମା'ପାର୍ବତୀ ଦେବ ଦମ୍ପତିଙ୍କ ଶୁଭବିବାହ ବୈଦିକ ରୀତିରେ ପାଳିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ବରାନୁଗମନ ପରେ ରାତ୍ର ୮ଟାରେ ବିବାହ ଓ ପାଣିଗ୍ରହଣ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସତ୍ୟପ୍ରିୟ ମହାନ୍ତି ଓ କଲ୍ୟାଣ ମହାନ୍ତି ଉଭୟ ଦେବ ଦମ୍ପତିଙ୍କ ମାତାପିତା ଭାବେ କାର୍ଯ୍ୟ ତୁଲାଇଥିଲେ। ମନୋରଞ୍ଜନ ବିଶ୍ୱାଳ ଏବଂ ଦୀପ୍ତି ବିଶ୍ୱାଳ ପ୍ରଭୁ ଭୀମେଶ୍ୱରଙ୍କ ମାତାପିତାଙ୍କ କାର୍ଯ୍ୟ ସମ୍ପାଦନା କରିଥିଲେ। ଦେବ ଦମ୍ପତି ଚଳନ୍ତି ପ୍ରତିମା ବିମାନରେ ବିରାଜିତ ହୋଇ ଆଲଟ ଚାମର ବାଜଲ ଶଙ୍ଖ ଧ୍ୱନିରେ ନଗର ପରିକ୍ରମା କରି ଭୋଗ ଖାଇଥିଲେ। ପଦ୍ମନାଭ ଷଡ଼ଙ୍ଗୀ, ମାନସ ପଟ୍ଟନାୟକ, ଶିବ ନାରାୟଣ ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ସହ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବୁଧବାର ପ୍ରଭୁ ଶ୍ରୀ ଲିଙ୍ଗରାଜ, ମା' ପାର୍ବତୀ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ନୀତି ଅନୁସାରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ଏକ ଆଧାତ୍ମିକ ପରିବେଶରେ ବିଳମ୍ବିତ ରାତିରେ ସମାପନ ହୋଇଛି। ଦୈନିକ ନୀତି ସନ୍ଧ୍ୟା ଧୂପ ପରେ ମା'ପାର୍ବତୀ ପ୍ରଭୁ ବାସୁଦେବଙ୍କ ସହ ପାଲିଙ୍କିରେ ଏବଂ ଶ୍ରୀ ଲିଙ୍ଗରାଜ ସୁସଜ୍ଜିତ ବିମାନରେ ବିରାଜମାନ କରିଥିଲେ। ଠାକୁରାଣୀ ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ସରିବା ପରେ ପଞ୍ଚବକ୍ତ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ଏହାପରେ ମନ୍ଦିର ତରଫରୁ ବରଯାତ୍ରୀମାନଙ୍କୁ ମନ୍ଦିର ବେଢାରେ ମହାପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ରାତି ପ୍ରାୟ ୧୧ଟା ୨୦ମିନିଟ୍‌ରେ ଘଣ୍ଟ, ଘଣ୍ଟା, ତ୍ରାସ, ଛତ୍ରୀ, ମଶାଲ, ରୋଶଣିରେ ବରଯାତ୍ରୀମାନେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାର ଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀ ଜୀଉମାନେ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିରର କୁଳ ପୁରୋହିତ ବାଟବରଣୀ କରିଥିଲେ। ପ୍ରଭୁ ଶ୍ରୀଲିଙ୍ଗରାଜ ବିବାହ ବେଦିରେ ବିରାଜମାନ କରିଥିଲେ। ଶ୍ରୀଲିଙ୍ଗରାଜଙ୍କ ତରଫରୁ ପୂଜାପଣ୍ଡା ସେବାୟତ କର୍ତ୍ତା ଏବଂ ମା' ପାର୍ବତୀଙ୍କ ତରଫରୁ ମହାସୁଆର ସେବାୟତ କର୍ତ୍ତା ହୋଇ ମନ୍ଦିର କୁଳ ପୁରୋହିତ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ବିବାହ କାର୍ଯ୍ୟ ସରିବା ପରେ ଶ୍ରୀଜୀଉମାନେ ଖଟୁଲିରେ ଅବସ୍ଥାନ କରିଥିଲେ। ଏଥିରେ ପ୍ରଭୁ ଶ୍ରୀଅନନ୍ତ ବାସୁଦେବ ମଧ୍ୟସ୍ଥତା କରିଥିଲେ। ପୂଜାପଣ୍ଡା ଓ ପତ୍ରୀ ସେବାୟତ ଦେବ ଦମ୍ପତିଙ୍କ ଉଭୟଙ୍କ ପକ୍ଷରୁ ସାତଥର କଉଡ଼ି ଖେଳ କରାଇଥିଲେ ଏବଂ ପଞ୍ଚ ଉପଚାରରେ ଶ୍ରୀ ଜୀଉଙ୍କୁ ମନ୍ଦିର ପର୍ବଯାତ୍ରା ବିଶୋଇଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ମାଣ୍ଡୁଆ ପିଠାକୁ ଭୋଗ ନୈବେଦ୍ୟ କରାଯାଇଥିଲା। ମନ୍ଦିର ପ୍ରଶାସନର ଅବହେଳା ନେଇ ଚଳିତ ବର୍ଷ ମଧ୍ୟ ଶ୍ରୀକପିଳନାଥ ଦେବ ବିବାହ କାର୍ଯ୍ୟରେ ଯୋଗଦେଇ ନ ଥିଲେ।

## ଘଣ୍ଟ, ତ୍ରାସ, ଛତ୍ରି ରୋଶଣିରେ ଗଲେ ବରଯାତ୍ରୀ



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ବିମାନରେ କେଦାରଗୌରୀ ମନ୍ଦିର ଅଭିମୁଖେ ନିଆଯାଉଛି।

## ଶୀତଳଷଷ୍ଠୀ: ଶୈବପୀଠ ଚଳଚଞ୍ଚଳ

ବାରଙ୍ଗ,୨୪।୫(ଡି.ଏନ୍.ଏ.)

ଭୁବନେଶ୍ୱର ଓ କଟକ ଉପକଣ୍ଠରେ ଥିବା ବିଭିନ୍ନ ଶୈବପୀଠ ଶିବ ବିବାହ ତଥା ଶୀତଳଷଷ୍ଠୀ ପାଇଁ ଚଳଚଞ୍ଚଳ ହୋଇଉଠିଛି। ବୁଧବାର ଦିନତମାମ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଶୈବପୀଠରେ ରଙ୍ଗବେରଙ୍ଗର ଆଲୋକ ମାଳାର ସାଜସଜ୍ଜା ଚାଲୁ ରହିଛି। ବାରଙ୍ଗ ସାନମୁଣ୍ଡଳୀ ଜଗନ୍ନାଥ ପୀଠରେ ଥିବା ବାବା କାଶୀ ବିଶ୍ୱନାଥ ମହାଦେବଙ୍କ ପୀଠରେ ବାବା ବିଶ୍ୱନାଥ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ବର ପିତା ଭାବେ ରଶ୍ମିରଞ୍ଜନ ସ୍ୱାଇଁ ଓ କନ୍ୟା ପିତା ଭାବେ ଜୟନ୍ତ ରାଉତ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏଥିସହ ତ୍ରିଶୂଳିଆ ବଜାର ନିକଟ ନରଣପୁର ରାମେଶ୍ୱରାୟ ମହାଦେବଙ୍କ ପୀଠ, ମଧୁବନସ୍ଥିତ କନକେଶ୍ୱର ପୀଠ, ଗୋଡ଼ିସାହି ରାମେଶ୍ୱରାୟ ମହାଦେବଙ୍କ ପୀଠରେ ବିବାହ ସମ୍ପନ୍ନ ହୋଇଛି। ସେହିଭଳି ରାଜଧାନୀ ଉପକଣ୍ଠ ପଟିଆ ଗ୍ରାମର ଆରାଧ୍ୟ ବାବା ନୀଳକଣ୍ଠେଶ୍ୱରଙ୍କ ପୀଠରେ ଶିବବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଆଖପାଖ ଅଞ୍ଚଳର ବହୁ ମହିଳା ଭକ୍ତ ପାଣିତୋଳା କାର୍ଯ୍ୟ କରିଥିଲେ। ବାଜା, ବାଣ ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ମହିଳାମାନେ ବିବାହ ପରେ ବରକନ୍ୟାଙ୍କୁ ବନ୍ଦାପନା କରିଥିଲେ। ଏଥିରେ ବହୁ ସ୍ୱର୍ଣ୍ଣ ଅଳଙ୍କାର ବରକନ୍ୟାଙ୍କୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ପରେ ଶହଶହ ଭକ୍ତଙ୍କ ନିମନ୍ତେ ମନ୍ଦିର କମିଟିପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସେହିଭଳି ଡାଓସ୍ଥିତ ବାବା ସୋମନାଥ ମନ୍ଦିରକୁ ଖଇରାପଡ଼ା ଗ୍ରାମର ଆରାଧ୍ୟ ବାବା ଲୋକନାଥଦେବ ନିମନ୍ତ୍ରଣ ହୋଇ ଆସିବା ପରେ ଉଭୟଙ୍କ ବିବାହ ଆନନ୍ଦ ଉଲ୍ଲାସର ସହ ସୋମନାଥଙ୍କ ପୀଠରେ ହୋଇଥିଲା। କଳାରାହାଙ୍ଗ ଗ୍ରାମର ବାବା ଜଳେଶ୍ୱରଙ୍କ ପୀଠ, ବଡ଼ିମୁଣ୍ଡ ଗ୍ରାମର ପୁରାତନ ଶୈବପୀଠ ବାବା ଲକ୍ଷେଶ୍ୱରପୀଠ ଦେବଦମ୍ପତିଙ୍କ ବିବାହକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହ ପରେ ବିଭିନ୍ନ ଶୈବପୀଠରେ ନବଦମ୍ପତିଙ୍କୁ ବାଜା, ବାଣର ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।

# ସାମାଜିକ କୁସଂସ୍କାରର କଥା କହିଲା 'ଅନ୍ଧୋ କା ହାଥୀ'



ଭୁବନେଶ୍ୱର,୨୪।୫(ବ୍ୟୁରୋ)

ପାଞ୍ଚଜଣ ଅନ୍ଧବ୍ୟକ୍ତି ଗୋଟିଏ ହାତୀର ବିଭିନ୍ନ ଅଙ୍ଗକୁ ଛୁଇଁ ହାତୀଟିର ଶାରୀରିକ ଗଠନ ସମ୍ପର୍କରେ ଭିନ୍ନ ଭିନ୍ନ ମତାମତ ଦିଅନ୍ତି। ସେମାନଙ୍କ ମାନସପଟରେ ସେମାନେ ଅନୁଭବ କରୁଥିବା ସେହି ମିଥ୍ୟା ଚିତ୍ରଟିକୁ ସତ୍ୟ ବୋଲି ଗ୍ରହଣ କରିନିଅନ୍ତି। ଏପରି ଏକ କାହାଣୀକୁ ନେଇ ରବୀନ୍ଦ୍ର ମଣ୍ଡପରେ ହିନ୍ଦୀ ନାଟକ 'ଅନ୍ଧୋ କା ହାଥୀ' ମଞ୍ଚସ୍ଥ ହୋଇଯାଇଛି। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ 'ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ନାଟ୍ୟକାର ଶରଦଯୋଶୀଙ୍କ ରଚିତ ଏହି ନାଟକ ମାଧ୍ୟମରେ ସମାଜରେ ଥିବା ସାମାଜିକ କୁସଂସ୍କାର, ରାଜନୈତିକ ବିଭେଦତା, ନାରୀ ପୁରୁଷ ମଧ୍ୟରେ ଥିବା ଅସମାନତା, ସରକାରୀ କଳର ସ୍ଥାଣୁ ଅବସ୍ଥା ମଧ୍ୟରେ ସାଧାରଣ ମଣିଷଟିର ମୌଳିକ ଅଧିକାର କିପରି କ୍ଷୁଣ୍ଣ ହେଉଛି ତାହାକୁ ଚିତ୍ରଣ କରାଯାଇଛି। ପାଟନାସ୍ଥିତ ନିର୍ମାଣ କଳାମଞ୍ଚର କଳାକାର ସରମ ଉପାଧ୍ୟାୟ, ବିବେକ କୁମାର, ମୁକେଶ କୁମାର, ମହମ୍ମଦ ଜଫର୍ ଆଲାମ୍, ଅଭିଷେକ ଆନନ୍ଦ, ରୋହିତ ଚନ୍ଦ୍ର ଓ ରୁବି ଖାତୁନଙ୍କ ନିଖୁଣ ଅଭିନୟ ଏଥିରେ ଦେଖିବାକୁ ମିଳିଥିଲା। ସଞ୍ଜୟ ଉପାଧ୍ୟାୟଙ୍କ ନିର୍ଦ୍ଦେଶନାରେ ନାଟକ ଅଧିକ ରୋମାଞ୍ଚକର ହୋଇପାରିଥିଲା। ଆୟୋଜିତ ସନ୍ଧ୍ୟାରେ ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ରୋଟାରିୟାନ ଜ୍ଞାନଶିଷ ମହାପାତ୍ର, ଲୋକ ସେବକ ମଣ୍ଡଳର ମୁଖ୍ୟ ସଂଯୋଜକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଓ ବିଦ୍ୟାକନକ ସୃଜନାନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ବିଜୟ ମଣ୍ଡଳଙ୍କୁ 'ବିଦ୍ୟାକନକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଶେଷ ଦିନରେ ବଙ୍ଗଳା ନାଟକ 'କୁଞ୍ଜ ଔର୍ ଭୁତ୍' ଦେଖିବାକୁ ମିଳିବ।

## ପରଦାକୁ ଆସିବ 'ଖଇରୀ'

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ରେନ୍ ଡ୍ରପ ପିକ୍ଚର୍ସ ଓ କିଡସ୍ ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର ପରଦାକୁ ଆସିବାକୁ ଯାଉଛି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଚଳଚ୍ଚିତ୍ରର ନାମକରଣ କରାଯାଇଛି। ଚଳଚ୍ଚିତ୍ରର ନାମ 'ଖଇରୀ' ରଖାଯାଇଛି। ଉତ୍ସବରେ 'ନିମ୍କୀ'ର ପ୍ରଯୋଜିକା ଶୁଭଶ୍ରୀ ମଙ୍ଗରାଜ, ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ଉଦୟସିଂ ଓ ଡିଜାଇନର ପୃଥୀରାଜ ପଟ୍ଟନାୟକ ଉପସ୍ଥିତ ଥିଲେ। ରିଙ୍କୁ ରିନୁ ଜେନା, ପ୍ରତୀକ ନନ୍ଦ ଓ ଜ୍ୟୋତିର୍ମୟ ମହାପାତ୍ରଙ୍କ ପ୍ରଯୋଜିତ 'ଖଇରୀ'ର ସ୍କ୍ରିପ୍ଟ ତଥା ନିର୍ଦ୍ଦେଶନା ଦାୟିତ୍ୱ ନବାଗତ ଦିବ୍ୟଜ୍ୟୋତି ଉଦୟସିଂ ନେଇଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ, ଡିଓପି ରୁଦ୍ରକାନ୍ତ ସିଂ ଓ ମାନସ କୁମାର ସାହୁ ସମ୍ପାଦନା ଦାୟିତ୍ୱ ବହନ କରିଛନ୍ତି। 'ଖଇରୀ'ରେ ବୁଲବୁଲି ନାୟିକା ତମନ୍ନା, ୟୁଟ୍ୟୁବର ରାଜୁ ଦାସ, ଅନୁଗୁଳିଆ ବଣ୍ଟି, ସନ୍ଟୁ, ଅଭିନେତା ସୁଜିତ ପାଇକରାୟ ଏବଂ ଶିଶୁ କଳାକାର ଦିବ୍ୟାଂଶୁଙ୍କ ଅଭିନୟ ଦେଖିବାକୁ ମିଳିବ। ଚଳଚ୍ଚିତ୍ର ନିଶ୍ଚିତ ଭାବେ ସଫଳ ହେବ ବୋଲି ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ମତ ଦେଇଛନ୍ତି।

## ନୃତ୍ୟାୟନର ବାର୍ଷିକ ଉତ୍ସବ 'ଗୁରୁଦେବ'




ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ'ର ୩୧ତମ ବାର୍ଷିକ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଓଡିଶୀ ନୃତ୍ୟ ନାଟିକା 'କୈକେୟୀ' ପରିବେଷଣ କରାଯାଇଥିଲା। ପରେ କୁନିକୁନି ଶିଳ୍ପୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ସମ୍ବଲପୁରୀ, ପଲ୍ଲୀ, ସାନ୍ତାଳୀ ଆଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡିଶୀ ନୃତ୍ୟ ଶିକ୍ଷା ବିଭାଗ ମୁଖ୍ୟ ଡ. ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ମ୍ୟାନେଜର ମନୀଷା ଶର୍ମା ପ୍ରମୁଖ ଯୋଗଦେଇ ଓଡିଶୀ ନୃତ୍ୟ ସଙ୍ଗୀତର ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଇଂ. ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଦୁର୍ଗାଚରଣ ରଣବୀର ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ବଳିୟାରସିଂ ସଂଯୋଜନା କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡିଶୀ ନୃତ୍ୟନାଟିକା 'କୈକେୟୀ'

## ରବି ଧାନମଣ୍ଡି ଶୁଭାରମ୍ଭ



ବାଲିପାଟଣା,୨୪।୫(ଡି.ଏନ୍.ଏ.)- ବାଲିପାଟଣା ବ୍ଲକ ଅଧୀନ ସରାଟ ପ୍ରାଥମିକ ସେବା ସମବାୟ ସମିତି ପରିସରରେ ରବି ଧାନମଣ୍ଡି ଆରମ୍ଭ ହୋଇଛି। ଏହାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁଭାରମ୍ଭ କରିଛନ୍ତି। ସମିତି ସଭାପତି ଅଧ୍ୟାପକ ଭାରତ ଭୂଷଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ, ସମବାୟ ଉପନିବନ୍ଧକ ଅଳକାନନ୍ଦା ଜେନା, ତହସିଲଦାର ବୁଲ୍‌ବୁଲ୍ ବେହେରା, ସରପଞ୍ଚ ବାହାନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଚାଷୀଙ୍କ ସହଯୋଗ କାମନା କରିବା ସହ ଅଧିକାରୀ ତୁରନ୍ତ ବିକ୍ରୟ ମୂଲ୍ୟ ପ୍ରଦାନରେ ସହଯୋଗ କରିବାକୁ ଆଶା ପ୍ରକାଶ କରିଥିଲେ। ମଣ୍ଡିରେ ୬ ଚାଷୀଙ୍କଠାରୁ ୧୬୬ କ୍ୱିଣ୍ଟାଲ ୩୨ କି.ଗ୍ରା. ଧାନ କ୍ରୟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିଲୋଚନ ସାହୁ, ବ୍ଲକ ସମବାୟ ଅଧିକାରୀ ଦିବ୍ୟରଞ୍ଜନ ପ୍ରଧାନ, ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା, ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା, ଗାରେଡ଼ିପାଞ୍ଚଣ ସମିତି ସଭାପତି ଅଭିମନ୍ୟୁ ନାୟକ ଓ ସମ୍ପାଦକ ସୁଶୀଲ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# କାମଦେବ ପାଇଲେ 'ନୀଳମଣି ରାଉତରାୟ ସ୍ମୃତି ସମ୍ମାନ'

### ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୦୩ତମ ଜୟନ୍ତୀ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏଜି ଛକସ୍ଥିତ ସ୍ୱର୍ଗତ ନୀଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିବା ପରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ସ୍ୱର୍ଗତ ରାଉତରାୟଙ୍କ ପୁତ୍ରବଧୂ ଡ. ଜ୍ୟୋତି ରାଉତରାୟ, ନାତି ଦୁର୍ଗାଦତ୍ତ ରାଉତରାୟ, ନାତୁଣୀବୋହୂ ରତ୍ନପର୍ଣ୍ଣା ରାଉତରାୟ, ପ୍ରତିଚୀରଶ୍ମି ରାଉତରାୟ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନେ ନୀଳମଣିଙ୍କ ସଂଗ୍ରାମୀ ଜୀବନ, ରାଜନୈତିକ କାର୍ଯ୍ୟକଳାପ, ଶାସନ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ କାମଦେବ ମହାପାତ୍ରଙ୍କୁ 'ନୀଳମଣି ରାଉତରାୟ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ଏଜି ଛକସ୍ଥିତ ସ୍ୱର୍ଗତ ନୀଳମଣି ରାଉତରାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଦୁର୍ବଳ ନଦୀବନ୍ଧ ମରାମତି ସାରିବାକୁ ତାଗିଦା

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ

■ ନଭେମ୍ବର ଯାଏ କାର୍ଯ୍ୟ କରିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

■ ବିଭାଗୀୟ ଅବହେଳା ନେଇ ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ପ୍ରଶାନ୍ତ

ଖୋର୍ଦ୍ଧା ଅଫିସ,୨୪।୫

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା ହୋଇଥିଲା। ଦୁର୍ବଳ ନଦୀବନ୍ଧ ମରାମତି, ଡ୍ରେନେଜ ପୁନରୁଦ୍ଧାର, ଜଳ ନିଷ୍କାସନ, ସ୍ୱାସ୍ଥ୍ୟ, ପାନୀୟଜଳ, ରିଲିଫ, ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକ ଆରମ୍ଭରୁ ଦୁର୍ବଳ ନଦୀବନ୍ଧ କଥା ଉଠାଇଥିଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ବିଭାଗୀୟ ଅବହେଳାକୁ ନେଇ ସେ ବର୍ଷିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ରାଜୁଆ ନଦୀବନ୍ଧ ସୁଦୃଢ଼ୀକରଣ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଗାଲୁଆ ଛକଠାରେ ଡ୍ରେନ ନିର୍ମାଣ, ବାଣପୁର ବାଲୁଗାଁ ମୁଖ୍ୟ ରାସ୍ତା ମେଘାମ୍ବୀ ଠାରେ ନାଳର ପୁନରୁଦ୍ଧାର, ବିଧାୟକ ରାଜେନ୍ଦ୍ର ସାହୁ ଅତ୍ରି ଉଷ୍ଣପ୍ରସ୍ରବଣ ଭିତରକୁ ଯେପରି ବନ୍ୟାଜଳ ନ ମାଡିବ, ସେଥିଲାଗି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ।

ଚଳିତବର୍ଷ ବନ୍ୟା, ବାତ୍ୟାର ପ୍ରତିକାର ପାଇଁ ସମ୍ଭାବ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ବାତ୍ୟା ମୁକାବିଲା ନିମନ୍ତେ ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମେ ୧ରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ଖୋଲାଯାଇଛି। ଜିଲା ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର ୦୬୭୫୫-୨୨୦୦୦୨ ଏବଂ ଜିଲା ଜରୁରିକାଳୀନ ଉପବିଭାଗରେ ଅବସ୍ଥାପିତ ଟୋଲ୍ ଫ୍ରି ନମ୍ବର ୧୦୭୭କୁ ଜରୁରିକାଳୀନ ବାର୍ତ୍ତା ପ୍ରଦାନ କରାଯାଇପାରିବ। ଭୁବନେଶ୍ୱର ଉପଜିଲାପାଳଙ୍କ ନିୟନ୍ତ୍ରଣ କକ୍ଷ ନଂ-୦୬୭୪-୨୪୩୨୩୦୧, ଖୋର୍ଦ୍ଧା ୦୬୭୫୫-୨୨୦୨୨୦, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଖୋର୍ଦ୍ଧା ନଂ ୦୬୭୫୫-୨୨୦୭୨୯, ପ୍ରାଚୀ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନଂ ୦୬୭୪-୨୫୬୨୪୨୭, ନିମାପଡ଼ା ଜଳସେଚନ ବିଭାଗ ନଂ-୦୬୭୫୮-୨୫୦୨୪୦କୁ ଯୋଗାଯୋଗ କରାଯାଇପାରିବ। ଏଥିସହିତ ସମସ୍ତ ତହସିଲଦାର, ବିଡିଓଙ୍କ ସ୍ତରରେ ଖୋଲାଯାଇଥିବା ଅଂଶୁଘାତ ନିୟନ୍ତ୍ରଣ କକ୍ଷକୁ ଆଗାମୀ ବର୍ଷାଋତୁରେ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୈନିକ ବୃଷ୍ଟିପାତ ରେକର୍ଡ କରାଯିବ। ଦୁର୍ବଳ ନଦୀ ଓ କେନାଲ ବନ୍ଧଗୁଡିକ ତୁରନ୍ତ ମରାମତି ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜଳସେଚନ ଏବଂ ଡ୍ରେନେଜ ଅବରୋଧମୁକ୍ତ ହେବ। ଖୋର୍ଦ୍ଧା ଜିଲାରେ ୪୮୦ ଅସ୍ଥାୟୀ ଆଶ୍ରୟସ୍ଥଳୀ ଏବଂ ୫୦ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକୁ ଆବଶ୍ୟକ ମରାମତି କରାଯିବ। ପ୍ରତ୍ୟେକ ବାତ୍ୟାଶ୍ରୟସ୍ଥଳୀରେ ଜଣେ ନୋଡାଲ ଅଫିସର ଦାୟିତ୍ୱରେ ରହିବେ। ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଛତୁଆ ରଖାଯିବ। ସମ୍ଭାବ୍ୟ ବନ୍ୟା ବାତ୍ୟା ପରିସ୍ଥିତିରେ ଡଙ୍ଗା ମୁତୟନ ଲାଗି ଟାଙ୍ଗୀ ଓ ଚିଲିକା ବିଡିଓ ଡଙ୍ଗା ମାଲିକମାନଙ୍କ ସହ ଯୋଗସୂତ୍ର ରକ୍ଷା କରି ବ୍ୟବସ୍ଥା କରିବେ। ଯାନବାହନ ଚଳାଚଳ ଦୃଷ୍ଟିରୁ ଭୁବନେଶ୍ୱର ଉପଜିଲାପାଳ ଆର୍‌ଟିଓଙ୍କ ସହ ଯୋଗସୂତ୍ର ରଖି ଆବଶ୍ୟକ ଟ୍ରକ ବାଲୁଗାଁ ଓ ମଙ୍ଗଳାଯୋଡିକୁ ପଠାଇବେ। ଏସଂକ୍ରାନ୍ତରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳ ସବିଶେଷ ରିପୋର୍ଟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇବେ। ସ୍ୱତନ୍ତ୍ର ରିଲିଫ କମିଶନଙ୍କ ୮ଟି ବୋଟ ମଧ୍ୟରୁ ୩ଟି ବାଲିପାଟଣା, ୨ଟି ଲେଖାଏଁ ବାଲିଅନ୍ତା ଓ ଖୋର୍ଦ୍ଧା ଏବଂ ଗୋଟିଏ ଜଟଣୀ ବ୍ଲକ କାର୍ଯ୍ୟାଳୟରେ ରହିବ। ଏହି ପାୱାର ବୋଟ ଚଳାଇବା ପାଇଁ ଡ୍ରାଇଭରମାନଙ୍କୁ ଜୁନରୁ ନିଯୁକ୍ତି ଦିଆଯିବ। ବର୍ଷାଋତୁ ପୂର୍ବରୁ ନାଳ, କେନାଲ, ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ୧ ଓ ୨, ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଭୁବନେଶ୍ୱର ଉପଜିଲାପାଳ ଜଳ ନିଷ୍କାସନ ଓ ନାଳ ପରିଷ୍କାର ସଂକ୍ରାନ୍ତୀୟ ତଦନ୍ତ କରି ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ଜିଲାପାଳଙ୍କୁ ଦେବେ। ବନ୍ୟା, ବାତ୍ୟା ସମୟରେ ଲୋକଙ୍କୁ ଜରୁରିକାଳୀନ ସାହାଯ୍ୟ ଯୋଗାଇବା ପାଇଁ ବନ୍ୟା ପୂର୍ବରୁ ଚୁଡ଼ା, ଚାଉଳ, ଗୁଡ ଓ କିରୋସିନ ପ୍ରଭୃତି ମହଜୁଦ ରଖିବା ଲାଗି ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ତାଗିଦ୍ କରିଥିଲେ। ବିଡିଓ, ପୌର ନିର୍ବାହୀ ଅଧିକାରୀମାନେ ନିଜ ଅଞ୍ଚଳର ଆବଶ୍ୟକତା ଅନୁସାରେ ରିପୋର୍ଟ ପ୍ରଦାନ କରିବେ।

ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଭୁକ୍ତ ଡିଲରଙ୍କ ନିକଟରେ ଗଚ୍ଛିତ ଖାଦ୍ୟ ତାଲିକା ପ୍ରଦାନ କରିବେ। ଜିଲା ଯୋଗାଣ ଅଧିକାରୀ ସମସ୍ତ ଚୁଡ଼ା ମାଲିକଙ୍କ ସହ ଯୋଗସୂତ୍ର ରଖି ବିପର୍ଯ୍ୟୟ ସମୟରେ ସାମଗ୍ରୀ ଶୀଘ୍ର ପହଞ୍ଚାଇବା ବ୍ୟବସ୍ଥା କରିବେ। ଏଥିଲାଗି ବିଭିନ୍ନ ଦଳ ଗଠନ କରି ସାମଗ୍ରୀ ଗୁଣବତ୍ତା ଯାଞ୍ଚ ସହ କଳାବଜାରୀ ରୋକିବା ଦିଗରେ ଯତ୍ନବାନ ହେବେ। ବନ୍ୟା, ବାତ୍ୟା ସମୟରେ ବ୍ୟାପକ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ବନ୍ୟାଞ୍ଚଳରେ କୃଷିକାର୍ଯ୍ୟ ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସହ ସବିଶେଷ ରିପୋର୍ଟ ପ୍ରଦାନ କରିବେ। ବନ୍ୟା, ବାତ୍ୟା ସମୟରେ ଜନସାଧାରଣ ଏବଂ ପଶୁସମ୍ପଦଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନଦେବା ଆବଶ୍ୟକ। ଆଶ୍ରୟସ୍ଥଳୀରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ମେଡିସିନ ମହଜୁଦ ଓ ମେଡିକାଲ ଟିମ୍ ପ୍ରସ୍ତୁତ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ୟବସ୍ଥା କରିବେ। ପଶୁ ଖାଦ୍ୟ, ସ୍ୱାସ୍ଥ୍ୟଯତ୍ନ ଲାଗି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗୁରୁତ୍ୱ ଦେବେ। ପ୍ରତ୍ୟେକ ବ୍ଲକ, ଏନ୍‌ଏସି, ପୌର ପରିଷଦକୁ ଗୋଟିଏ ଲେଖାଏ ସର୍କଲରେ ବିଭକ୍ତ କରାଯାଇଛି। ସମ୍ପୃକ୍ତ ଅଧିକାରୀ ଏହି ସର୍କଲ ଦାୟିତ୍ୱରେ ରହିବେ। ନରାଜଠାରେ ୬ଲକ୍ଷ ଘନଫୁଟ କ୍ୟୁସେକ ବନ୍ୟାଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେବା ମାତ୍ରେ ଜଳସେଚନ ବିଭାଗ ସମ୍ପୃକ୍ତ ଅଧିକାରୀମାନେ ସମ୍ପୃକ୍ତ କାର୍ଯ୍ୟାଳୟକୁ ପ୍ରତି ଘଣ୍ଟାରେ ବିବରଣୀ ଦେବେ। ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟରେ ସହାୟତ ପାଇଁ ସମ୍ପୃକ୍ତ ଅଧିକାରୀ ନିଜ ସର୍କଲରେ ସହକାରୀ ଓ ଅଣଅନୁଷ୍ଠାନ ସଂସ୍ଥା ସହ ଯୋଗାଯୋଗ ରଖି ରିଲିଫ୍ ଦଳ ଗଠନ କରିବେ। ବନ୍ୟା,ବାତ୍ୟା ସମୟରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା ବ୍ୟବସ୍ଥା କରିବା ଲାଗି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଉପଜିଲାପାଳ ଭୁବନେଶ୍ୱର ଦେବବ୍ରତ ସାହୁ, ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକରେ ଉପସ୍ଥିତ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ୨.୮ ଲକ୍ଷ ଟଙ୍କାର ଗଞ୍ଜେଇ ସହ କାର୍ ଜବତ: ୨ ଗିରଫ



ଖୋର୍ଦ୍ଧା ଅଫିସ,୨୪।୫: ଖୋର୍ଦ୍ଧାରେ ବ୍ରାଉନସୁଗାର ସହ ଗଞ୍ଜେଇ ବେପାର ବଢ଼ିଚାଲିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବୁଧବାର ମଧ୍ୟାହ୍ନରେ ୫୭ନମ୍ବର ଜାତୀୟ ରାଜପଥର ଚିଙ୍ଗୁଡିଝର ଢାବା ନିକଟରେ ୨୮ କେଜି ୨ଶହ ଗ୍ରାମ ଗଞ୍ଜେଇ ବୋଝେଇ କାର୍ ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଜିଲା ଶରଣଗଡ଼ ଥାନା ଅନ୍ତର୍ଗତ ବନିଗାଁର ସାମିଲାନ ପ୍ରଧାନ(୨୮) ଓ ଗୌତମ ପ୍ରଧାନ(୨୯)। ଗଞ୍ଜେଇ ଚାଲାଣ ଚେର କନ୍ଧମାଳରୁ ଖୋର୍ଦ୍ଧା ଓ ଭୁବନେଶ୍ୱରକୁ ଲମ୍ବିଛି। ଜବତ ଗଞ୍ଜେଇ ମୂଲ୍ୟ ୨ଲକ୍ଷ ୮୦ହଜାର ଟଙ୍କା ହେବ। ଏନେଇ ଆଦର୍ଶ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୩୨୧/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍‌ଡିପିଓ ଦିଲୀପ ଦାସ ଓ ଥାନାଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଚିଙ୍ଗୁଡିଝର ଢାବା ନିକଟରେ ଯାନବାହନ ଅଟକାଇ ଯାଞ୍ଚ କରୁଥିଲେ। ଏହି ସମୟରେ ମାରୁତି ସୁଜୁକି କାର୍ (ନଂ. ଓଡି-୩୩-ଏନ-୮୯୮୯) ଉପରେ ସନ୍ଦେହ ହେବାରୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। କାର୍‌ରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ମିଳିଥିଲା। ସେମାନେ ଏହା ଚୋରା ଚାଲାଣ କରୁଥିବା ଜଣାପଡ଼ିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଗିରଫ କରିଥିଲା।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାଣପୁର,୨୪।୫(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବେଲେଡିହ ଗ୍ରାମର ପୁଷ୍ପାଞ୍ଜଳି ବାରିକ(୨୫)। କିନ୍ତୁ ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ନେଇ ମୃତାଙ୍କ ବାପା ପ୍ରମୋଦ ବାରିକ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ନରେନ୍ଦ୍ରପୁର ଗ୍ରାମର ସମୀର ବାରିକଙ୍କୁ ପୁଷ୍ପାଞ୍ଜଳି ବିବାହ କରିଥିଲେ। ବିବାହର କିଛି ମାସ ପରେ ବିଭିନ୍ନ କଥାକୁ ନେଇ ପୁଷ୍ପାଞ୍ଜଳିକୁ ନିର୍ଯାତନା ଦିଆଯାଉଥିବା ନେଇ ବାପଘରକୁ ସେ ଜଣାଇଥିଲେ। ତେବେ ମଙ୍ଗଳବାର ରାତିରେ ହଠାତ୍ ପୁଷ୍ପାଞ୍ଜଳି ଦେହ ଅସୁସ୍ଥ ଥିବାରୁ ଗୁରୁତର ଅବସ୍ଥାରେ ବାଣପୁର ଚିକିତ୍ସାଳୟରେ ଭର୍ତ୍ତି କରି ବାପଘର ଲୋକଙ୍କୁ ଖବର ଦିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟରାତ୍ରିରେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମେଡିକାଲ ପକ୍ଷରୁ ବାଣପୁର ପୋଲିସକୁ ସୂଚନା ଦିଆଯାଇଥିଲା। ଅନ୍ୟପଟେ ପୁଷ୍ପାଞ୍ଜଳିଙ୍କ ବାପା ପହଞ୍ଚିବା ବେଳେ ଝିଅର ମୃତ୍ୟୁ ହୋଇଯାଇଥିବା ଦେଖି ବୁଧବାର ଶାଶୁଘର ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

### କୁଣ୍ଡଳେଶ୍ୱର ଦେବଙ୍କ ବାର୍ଷିକ ମହାଯଜ୍ଞ ଉତ୍ସବ ଉଦ୍‌ଯାପିତ

ଜଟଣୀ,୨୪।୫(ଡି.ଏନ.ଏ.): ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର -୯ ଷଣ୍ଢପୁର ଗ୍ରାମର ବାବା କୁଣ୍ଡଳେଶ୍ୱର ଦେବଙ୍କ ୧୯ତମ ବାର୍ଷିକ ମହାଯଜ୍ଞ ଉତ୍ସବ ଆୟୋଜିତ ହୋଇଯାଇଛି। ଗତ ୨୧ରୁ ୨୪ ତାରିଖ ଚାରିଦିନ ବ୍ୟାପି ଚାଲିଥିବା ଜଗତ କଲ୍ୟାଣ ପାଇଁ ଉକ୍ତ ଯଜ୍ଞ ଉତ୍ସବ ବୁଧବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ଗତ ରବିବାର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳଯାତ୍ରା, ଅଧିବାସ ଓ ଅଗ୍ନିସ୍ଥାପନ, ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୁଜା, ଶାଳାମଣ୍ଡନ, ଅଭିଷେକ ଓ ଆରତି ପ୍ରଦାନ କରାଯଇଥିଲା। ଶେଷ ଦିବସରେ ସୂର୍ଯ୍ୟ ପୂଜା, ଗୋପୁଜା, ଶାଳାପୂଜା, ଅଭିଷେକ ଓ ପୂର୍ଣ୍ଣାହୂତି ଆରତି ଓ ପୁଷ୍ପାଞ୍ଜଳି ସହିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପାଖଆଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସମସ୍ତ ଯଜ୍ଞ କାର୍ଯ୍ୟକୁ ମୁଖ୍ୟ ପଣ୍ଡିତ କୃଷ୍ଣଚନ୍ଦ୍ର ଦାଶ, ସୁକାନ୍ତ ମହାପାତ୍ର ଓ ସାଥି ପରିଚାଳନା କରିଥିଲେ। ମନ୍ଦିର ଗ୍ରାମ୍ୟ କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ରାଉତ, ସୁଶାନ୍ତ ରାଉତ, ସୁଶାନ୍ତ ଦାସ, ଚକ୍ରଧର ଦାସ, ଅକ୍ଷୟ ଦାସ, ଭାଗବତ ପ୍ରଧାନ, ମାଗ ସାହୁଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।

## ମହୁମାଛି ପ୍ରଶିକ୍ଷଣ ଶିବିର, ଚାଷୀଙ୍କୁ ମହୁ ବାକ୍ସ ବଣ୍ଟନ

ପିପିଲି,୨୪।୫(ଡି.ଏନ୍.ଏ.)

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତରେ ଓଡ଼ିଶା ଖଦି ଓ ଗ୍ରାମ୍ୟଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ମହୁମାଛି ପ୍ରଶିକ୍ଷଣ ଶିବିର ସହିତ ଚାଷୀମାନଙ୍କୁ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଭାଗନେଇ ତାଲିମ ନେଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ କୁମାରେଶ୍ୱରଠାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଦି ଗ୍ରାମ୍ୟ ଉଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଚାଷୀମାନଙ୍କୁ ଏହି ଶିବିର ଉପାଦେୟ ସମ୍ପର୍କରେ କହିବା ସହ ମହୁ ବାକ୍ସ ପ୍ରଦାନ କରିଛନ୍ତି। ଏହି ଶିବିରରେ କିପରି ଭାବରେ ମହୁ ଚାଷ କରିବା ସହିତ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଭଲରେ ରୋଜଗାରକ୍ଷମ ପାଇପାରିବେ ସେନେଇ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଦେବଶ୍ମିନୀ ନନ୍ଦ, ଜିଲା ପରିଷଦ ଧରଣୀଧର ସାହୁ, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ମହୁମାଛି ଚାଷ ପ୍ରଶିକ୍ଷକ ପୀୟୁଷ ରଞ୍ଜନ ଷଡଙ୍ଗୀ, ଉନ୍ନୟନ ଅଧିକାରୀ ବେଣୁଧର ପ୍ରଧାନ ଓ ପ୍ରଦୀପ କୁମାର ପତି, ପୂର୍ବତନ ସରପଞ୍ଚ ପଦ୍ମନାଭ ସାମନ୍ତରାୟ, ସାମାଜିକ କର୍ମୀ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପିପିଲି ଓ ଡେଲାଙ୍ଗ ବ୍ଲକର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ପିପିଲି ବିଧାୟକ ମହାରଥୀ କହିଛନ୍ତି। ୭ଦିନ ଧରି ମହିଳାମାନଙ୍କୁ ମହୁମାଛି ଚାଷ ଉପରେ ତାଲିମ ଦଆଯାଇଛି ବୋଲି ଖଦି ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ଏକ ଚାଷୀଙ୍କୁ ୫ଟି ମହୁ ବାକ୍ସ, ୫ଟି ମହୁମାଛି ଦଳ, ୫ଟି ବକ୍ସ ଷ୍ଟାଣ୍ଡ, ମହୁ ନିଷ୍କାସନ ଯନ୍ତ୍ର, ଧୁଆଁଦିଆ ଯନ୍ତ୍ର ବିନା ମୂଲ୍ୟରେ ଦିଆଯାଇଛି।



ଜଟଣୀର ଖୁଦୁପୁରସ୍ଥିତ ଭିନ୍ନକ୍ଷମ ସ୍ୱତନ୍ତ୍ର ଶିଳ୍ପ ତାଲିମ ଅନୁଷ୍ଠାନ ବୁଲିବାକୁ ଆସିଥିବା ବିଇଓ, ସିଆର୍‌ସିସିଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

## ଗେଡ଼ିଆପଲ୍ଲୀରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବୋଲଗଡ,୨୪।୫(ଡି.ଏନ୍.ଏ.)

ବୋଲଗଡ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ପଞ୍ଚାୟତ ଏବଂ କଟକ ଅର୍ବାନ ମଲ୍ଟି ସ୍ପେଶାଲିଷ୍ଟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଡା. ନିରଞ୍ଜନ ସାମନ୍ତରାୟ, ଟେକ୍ନିସିଆନ ବିଭୂତି ନାୟକ, ଶୁଭଲକ୍ଷ୍ମୀ ବାରିକ, ପିଙ୍କୁ ବେଉରା, ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ରହି ୨୩ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଏଥିସହ ୮ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅପରେଶନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ସାମାଜିକ କର୍ମୀ ଦେବଦତ୍ତ ପାଣିଗ୍ରାହୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ ଏବଂ ସମସ୍ତ ୱାର୍ଡ ସଭ୍ୟସଭ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକର୍ମ ପରିଚାଳନାରେ ସହଯୋଗ କରିଥିଲେ।

## 'ଦିବ୍ୟାଙ୍ଗମାନେ ସକ୍ଷମ, ସମର୍ଥ'

### ଭିନ୍ନକ୍ଷମ ସ୍ୱତନ୍ତ୍ର ଶିଳ୍ପ ତାଲିମ ଅନୁଷ୍ଠାନ ବୁଲିଲେ ବିଇଓ, ସିଆର୍‌ସିସି

ଖୋର୍ଦ୍ଧା ଅଫିସ,୨୪।୫

'ଦିବ୍ୟାଙ୍ଗମାନେ ସକ୍ଷମ ଓ ସମର୍ଥ। ସେମାନେ ସମାଜରେ ବୋଝ ନୁହନ୍ତି' ବୋଲି ଜଟଣୀର ଖୁଦୁପୁରସ୍ଥିତ ଭିନ୍ନକ୍ଷମ ସ୍ୱତନ୍ତ୍ର ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଦିଲୀପ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ବୁଧବାର ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସନ୍ଧ୍ୟାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ସ୍ୱର୍ଣ୍ଣଲତା ସାମନ୍ତରାୟ, ବ୍ଲକର ସମସ୍ତ ସିଆର୍‌ସିସି ଏବଂ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଖୁଦୁପୁରରେ ଭିନ୍ନକ୍ଷମଙ୍କ ପାଇଁ ପ୍ରତିଷ୍ଠିତ ସ୍ୱତନ୍ତ୍ର ଶିଳ୍ପ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ସେମାନେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଦିଲୀପ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ତାଲିମ ଅଧିକାରୀ ରବିନାରାୟଣ ସାହୁ ସେମାନଙ୍କୁ ସମସ୍ତ ବିଭାଗ ପରିଦର୍ଶନ କରାଇଥିଲେ। ଦିବ୍ୟାଙ୍ଗମାନେ ସମାଜରେ ବୋଝ ନୁହନ୍ତି। ସେମାନେ ମଧ ଅନ୍ୟମାନଙ୍କ ଭଳି ସବୁ କାର୍ଯ୍ୟ କରିବାକୁ ସମର୍ଥ ବୋଲି ବୁଝାଇଥିଲେ। ଏଠାରେ ୬୦%ରୁ ଅଧିକ ଦିବ୍ୟାଙ୍ଗ ବାଳିକା, ବାଳକଙ୍କୁ ଇଲେକ୍ଟ୍ରିସିଆନ୍ ଫିଟର, ମେକାନିକ ମୋଟର ଭେଇକେଲ, ୱେଲଡର୍, ପ୍ଲମ୍ବର, ଡ୍ରେସ୍ ମେକିଙ୍ଗ୍, ବେସିକ୍ କସ୍‌ମେଟଲୋଜି ଇତ୍ୟାଦି ବିଭାଗରେ ସ୍ୱତନ୍ତ୍ର ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ଏଠାରେ ୮ମ ଓ ୧୦ମ ଶ୍ରେଣୀରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନେ ବିନା ମୂଲ୍ୟରେ ନାମ ଲେଖାଇ ପ୍ରଶିକ୍ଷଣ ନେଉଛନ୍ତି। ଭବିଷ୍ୟତରେ ଯେପରି ସେମାନେ ସ୍ୱାବଲମ୍ବୀ ଭାବେ ଜୀବନଯାପନ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି ପରିଦର୍ଶନ ଟିମ୍‌ରେ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ଅମିୟ ପରିଡ଼ା, ଅମିୟ କୁମାର ଜେନା, ବିକାଶ ମୁଦୁଲି, ଧ୍ରୁବଚରଣ ରଣା, ପ୍ରଦ୍ୟୁମ୍ନ ମିଶ୍ର, ସୁଶାନ୍ତ କୁମାର ସାହୁ, ରବିନାରାୟଣ ସାହୁ, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବାଗେଶ୍ରୀ ମହାପାତ୍ର, ରେବତୀ ପଣ୍ଡା, ପବିତ୍ର ପାଣି, ବିଭୁଦତ୍ତ ପଟ୍ଟନାୟକ ଏବଂ ପ୍ରଦୀପ୍ତ ସାହୁ ପ୍ରମୁଖ ସାମିଲ ଥିଲେ।

## ମିଶନ ଆଶ୍ରାରେ ବିଶ୍ୱ ସ୍କିଜୋଫେନିଆ ଦିବସ

ଯାଁଳା,୨୪।୫(ଡି.ଏନ୍.ଏ.)

ବିଶ୍ୱ ସ୍କିଜୋଫେନିଆ ଦିବସ ଉପଲକ୍ଷେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମିଶନ ଆଶ୍ରାରେ ଏକ ବିଶାଳ ସ୍ୱାସ୍ଥ୍ୟସେବା ଶିବିର ସହ ମାନସିକ ରୋଗ କ୍ଷେତ୍ରରେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିପୁଲ୍‌ସ ଫୋରମ ଦ୍ୱାରା ପରିଚାଳିତ ପ୍ରକଳ୍ପ ମିଶନ ଆଶ୍ରା ଏବଂ ମିଶନ ଆଶାଲୋକ ମାନସିକ ଭାବେ ଅସୁସ୍ଥ ୩୧୫ ଅନ୍ତେବାସୀ ଶିବିରରେ ଯୋଗଦେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାନସିକ ରୋଗର ଲକ୍ଷଣ ନିରାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମାନସିକ ସ୍ୱାସ୍ଥ୍ୟର ଅତିରିକ୍ତ ନିର୍ଦ୍ଦେଶିକା ପ୍ରମିଳା ବରାଳ, ଖୋର୍ଦ୍ଧା ମେଡିକାଲର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଆଲୋକ ଜ୍ୟୋତି ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ଓ ଜିଲା ସ୍ୱାସ୍ଥ୍ୟ ସମିତି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପିପୁଲ୍‌ସ ଫୋରମ ଅନୁଷ୍ଠାନର ମାନସିକ ସ୍ୱାସ୍ଥ୍ୟକ୍ଷେତ୍ରରେ ଅଭିନବ କାର୍ଯ୍ୟକୁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରମିଳା ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ମିଶନ ଆଶ୍ରାରେ ବିଶ୍ୱ ସ୍କିଜୋଫେନିଆ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବିବାହ ବନ୍ଧନରେ ଆବଦ୍ଧ ହେଲେ ଶିବଦମ୍ପତି

### ଆଜି ଶୀତଳଷଷ୍ଠୀ ଯାତ୍ରା

ବେଗୁନିଆ,୨୪।୫(ଡି.ଏନ.ଏ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଶିବାଳୟରେ ବୁଧବାର ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ପାଳିତ ହୋଇଯାଇଛି। ହିନ୍ଦୁ ରୀତି ଓ ନୀତି ଅନୁଯାୟୀ ପୀଠ ପରିସରରେ ବାଜା, ବାଣ, ସାହାନାଇ, ଶଙ୍ଖ ନାଦରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଦେବଦମ୍ପତି। ପରେ ଗୁରୁବାରଠାରୁ ଅନେକ ଗ୍ରାମରେ ଦେବଦମ୍ପତିଙ୍କର ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ଆବାହମାନ କାଳରୁ ବିଭିନ୍ନ ଗ୍ରାମରେ ଏହି ଯାତ୍ରାକୁ ଅନେକ ଢାଞ୍ଚାରେ ଆୟୋଜନ କରାଯାଇଥାଏ। କେଉଁଠି ମହୋତ୍ସବରେ ତ ଆଉ କେଉଁଠି ପାଲା, ଯାତ୍ରା ପାର୍ଟିରେ ପଡିଆ ଉତ୍ସବମୁଖର ହୋଇଥାଏ। ଚଳିତ ବର୍ଷ ବ୍ଲକର ଅତ୍ରିର ହଟ୍ଟକେଶ୍ୱର ଦେବ, ବେଗୁନିଆ ବାଲୁଙ୍କେଶ୍ୱର ଦେବ, ଗୋଡାର ଲୋକନାଥ ଦେବ, ସିକୋର ଚନ୍ଦ୍ରଶେଖର ଦେବ, ବଡ଼ବେରଣାର ଜଳେଶ୍ୱର ଦେବ, ଗୋବିନ୍ଦପୁର ଗ୍ରାମର ବାଲୁଙ୍କେଶ୍ୱର ଦେବ, କୁଶୁପଲ୍ଲାର ଲୋକେଶ୍ୱର ଦେବଙ୍କର ଏବଂ ଗଁପୁର ସୋମନାଥ ଦେବଙ୍କ ପୀଠ ପରିସରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ରାଉତପଡା, ଗୋଡା, ତଣ୍ଡାଳ, ଗୋବିନ୍ଦପୁର, କୁଶପଲ୍ଲା ଆଦି କେତେକ ଗ୍ରାମରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ବିଭିନ୍ନ ସ୍ଥାନରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ

ବୋଲଗଡ,୨୪।୫(ଡି.ଏନ୍.ଏ.)



ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ପାରମ୍ପରିକ ଶୀତଳ ଷଷ୍ଠୀ ଉପଲକ୍ଷେ ଶିବପାର୍ବତୀ ବିବାହ ଉତ୍ସବ ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସର ସହିତ ରୀତିନୀତି ଅନୁସାରେ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ବାଙ୍କୋଇସ୍ଥିତ ପ୍ରମୁଖ ଶୈବ ପୀଠ ପ୍ରଭୁ ଶ୍ରୀ ତାରେଶ୍ୱର ଦେବଙ୍କ ବିବାହ ଉତ୍ସବ ଅବସରରେ ମନ୍ଦିରର ସକାଳ ନୀତି ପରେ ପୂର୍ବାହ୍ନରେ ବିବାହ ରୀତିନୀତି ଅନୁଯାୟୀ କରାଯାଇଥିବା ବେଳେ ସାଲତରାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ ମହାଆଡ଼ମ୍ବରରେ ଆୟୋଜିତ ହୋଇଥିଲା। ଏଠାରେ ଦିନତମାମ ନାମସଂକୀର୍ତ୍ତନ ଚାଲିଥିବା ବେଳେ ବେଦିରେ ଦେବ ଦମ୍ପତିଙ୍କର ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଏକ ପାଟୁଆରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ନିଆଯାଇ ଗେଡିଆପଲ୍ଲୀ ପାଟଣା, ଶାମୁକା ପାଟଣା ଓ ଗେଡ଼ିଆପଲ୍ଲୀ ଗ୍ରାମ ପରିକ୍ରମା କରାଯାଇ ସାଲତରାସ୍ଥିତ ମନ୍ଦିରକୁ ଆସିବା ପରେ ସେଠାରେ ସାମୂହିକ ପ୍ରସାଦ ସେବନ ହୋଇଥିଲା। ଏଠାରେ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ବିବାହ ବେଦିରେ ଖଙ୍ଗୁରିଆସ୍ଥିତ ଅମୃତେଶ୍ୱର ମହାଦେବ ମନ୍ଦିର, ସଂପୁରସ୍ଥିତ ବାଲୁଙ୍କେଶ୍ୱର ଦେବ ମହାଦେବ ମନ୍ଦିର, ମାଳିସାହିସ୍ଥିତ ସୋମନାଥ ଦେବ ମହାଦେବ ମନ୍ଦିର, ବୋଲଗଡ ବାଲୁଙ୍କେଶ୍ୱର ଦେବ ମହାଦେବ ମନ୍ଦିର, ପିଚୁକୁଳି ନୀଳକଣ୍ଠେଶ୍ୱର ଦେବ, ବଡ଼କୁମାରୀ ନୀଳକଣ୍ଠେଶ୍ୱର ଦେବ ସାଗରଗୁଆଁସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଧଳାପଥରସ୍ଥିତ ଧବଳେଶ୍ୱର ଦେବ, ଖଣତିସ୍ଥିତ ସ୍ୱପ୍ନେଶ୍ୱର ଦେବ, ତାଳତୁମ୍ବସ୍ଥିତ ପଶ୍ଚିମେଶ୍ୱର ଦେବ, ପାଟବନ୍ଧସ୍ଥିତ ପଶ୍ଚିମେଶ୍ୱର ଦେବ, କାଉଁରୀ ପାଟଣା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ଆଦି ବିଭିନ୍ନ ଶିବାଳୟରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ମେ, ୨୦୨୩

## ଗଞ୍ଜେଇ ଜବତ, ଜଣେ ଗିରଫ

**କଟକ ଅଫିସ:** ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠସାହିର ନନ୍ଦନ କୁମାର ସାହୁ। ତାଙ୍କଠାରୁ ୫ କେଜି ୭୦୦ ଗ୍ରାମ ଗଞ୍ଜେଇ ଓ ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଏକ ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରିବା ଉଦ୍ଦେଶ୍ୟରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡର ପଛ ଫାଟକ ନିକଟରେ ଠିଆ ହୋଇଥିଲା। ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୦୮/୨୩) ରୁଜୁ ହୋଇଛି।



## ଆଜି କ'ଣ କେଉଁଠି

କଟକ
- କଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରତିଭା ଅନ୍ୱେଷଣ, କଳା ବିକାଶ କେନ୍ଦ୍ର, ଅପରାହ୍ନ ୪ଟା ୩୦।
- ଶିବପାର୍ବତୀଙ୍କ ବିରାଟ ରୋଷଣୀ ଯାତ୍ରା, ଗଡ଼ଗଡ଼େଶ୍ୱର ମନ୍ଦିର, ସନ୍ଧ୍ୟା ୬ଟା।

## ନାବାଳିକା ଉଦ୍ଧାର, ଯୁବକ ଗିରଫ

**ମଙ୍ଗୁଳି-ଜଗତପୁର,୨୪।୫ (ଡି.ଏନ୍.ଏ.):** ନାବାଳିକା ଅପହରଣ ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୁଜରପୁର ଗ୍ରାମର ଚଗଲା ପ୍ରଧାନ। ପୋଲିସ ସୂଚନା ମୁତାବକ, ଜଗତ୍‌ପୁର ଥାନା ଅଧୀନ ଭୁବନପୁର ଅଞ୍ଚଳରୁ ଗତ ଏପ୍ରିଲ ୨୪ରେ ସମ୍ପୃକ୍ତା ନାବାଳିକା ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ଚଗଲାଙ୍କ ବାଇକ୍‌ରେ ବସି ନାବାଳିକା ଯାଇଥିବା ପଡୋଶୀଙ୍କଠାରୁ ଜାଣିବାକୁ ପାଇଥିଲେ। ନାବାଳିକାଙ୍କ ବାପା ଚଗଲାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଚଗଲା ଏବଂ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି, ସେଥିପାଇଁ ସେ ତାଙ୍କୁ ବିବାହ କରିବ ବୋଲି ନେଇଯାଇଛି। ଆମେ ମଧ ଚଗଲାଙ୍କୁ ଖୋଜି ପାଉନାହୁଁ ବୋଲି ଚଗଲାଙ୍କ ବାପା କହିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୬/୨୩) ରୁଜୁ କରିଥିଲା। ତଦନ୍ତବେଳେ ଉଭୟ ଆନ୍ଧ୍ରପ୍ରଦେଶର ଏକ ଭଡା ଘରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ସେଠାରେ ଚଢାଉ କରି ଉଭୟଙ୍କୁ କାବୁ କରିଥିଲା। ନାବାଳିକା ଏବେ କଟକ ବସୁନ୍ଧରାରେ ରହିଥିବା ଜଣାପଡିଛି।

## ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

**କଟକ ଅଫିସ,୨୪।୫:** କଟକ କଲ୍ୟାଣୀନଗର ଅଞ୍ଚଳରେ ରହୁଥିବା ଆଇନଜୀବୀ ସ୍ମିତିରଞ୍ଜନ ମହାପାତ୍ରଙ୍କର



ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁସାରେ ଆଇନଜୀବୀ ମହାପାତ୍ରଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ସତ୍କାର ସାରି ସେ ଘରକୁ ଫେରିଥିଲେ। ତେବେ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଏକ କୋଠରିରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖବରପାଇ ମଧୁପାଟଣା ପୋଲିସ ସ୍ମିତିରଞ୍ଜନଙ୍କ ଘରୁ ଯାଇଥିଲେ ହେଁ ତାଙ୍କ ପରିବାରର କୌଣସି ସଦସ୍ୟଙ୍କୁ ନ ପାଇ ଫେରି ଆସିଥିବା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

# ଅଲ୍ ପାସ୍ ସ୍ୱରରେ କମ୍ପିଲା ବୈଠକ

### ସିଏମ୍‌ସି କାଉନ୍‌ସିଲ ବୈଠକ

- ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହଟ୍ଟଗୋଳ
- ମେୟର ଗୁଣ୍ଡାରାଜ କରୁଥିବା ଅଭିଯୋଗ
- ନିଜ ସ୍ୱାର୍ଥ ପାଇଁ ବିରୋଧୀ କର୍ପୋରେଟର କାର୍ଯ୍ୟ କରୁଛନ୍ତି: ମେୟର



ସିଏମ୍‌ସି କାଉନ୍‌ସିଲ ବୈଠକରେ କର୍ପୋରେଟରମାନେ ମେୟରଙ୍କ ସମ୍ମୁଖରେ ଅସନ୍ତୋଷ ଜାହିର କରୁଛନ୍ତି।

**କଟକ ଅଫିସ,୨୪।୫**

କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁଭବନସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ବୁଧବାର ସିଏମ୍‌ସି କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ମେୟର ସୁବାସ ସିଂ ଗୁଣ୍ଡାରାଜ କରୁଛନ୍ତି ବୋଲି ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ଅଭିଯୋଗ କରିଥିଲେ। ହେଲେ ଏହାକୁ ମେୟର ଖଣ୍ଡନ କରି କହିଛନ୍ତି, ନିଜସ୍ୱ ସ୍ୱାର୍ଥ ରଖି ବିରୋଧୀ କର୍ପୋରେଟର କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗକୁ ନେଇ ଶାସକ ଓ ବିରୋଧୀ ଦଳର କର୍ପୋରେଟର ମୁହାଁମୁହିଁ ହୋଇଥିଲେ। ଅପରପକ୍ଷରେ ବୈଠକରେ ହଟ୍ଟଗୋଳ କରାଯାଉଥିବାରୁ ବହୁ କର୍ପୋରେଟର ସେମାନଙ୍କ ୱାର୍ଡର ସମସ୍ୟା ଉପସ୍ଥାପନ କରିପାରି ନଥିଲେ। ଫଳରେ ଶାସକ ଦଳର କର୍ପୋରେଟରମାନେ ରିଜୋଲ୍ୟୁସନରେ ଥିବା କାର୍ଯ୍ୟଗୁଡ଼ିକୁ ବିନା ଆଲୋଚନାରେ ଅନୁମୋଦନ କରାଇନେଇଥିଲେ। ଫଳରେ ଅଲ୍ ପାସ୍... ଅଲ୍ ପାସ୍... ସ୍ୱରରେ ବୈଠକ କମ୍ପିଥିଲା।

ବୈଠକ ଆରମ୍ଭରୁ ବିରୋଧୀ କର୍ପୋରେଟରମାନେ ବିଭିନ୍ନ ଦାବି ନେଇ ମେୟରଙ୍କୁ ଘେରିଥିଲେ। କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କେତେକ ଦାବି ଉପସ୍ଥାପନ କରିଥିଲେ। ତାଙ୍କ ୱାର୍ଡରେ ଏକ ନାଳ ୩ ମାସ ହେବ ହୋଇପାରୁ ନ ଥିବାବେଳେ ୱାର୍ଡ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବଦଳି କରିବା ଏବଂ କର୍ପୋରେଟରଙ୍କୁ ନ ଜଣାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ପ୍ରଭୃତି ବିଷୟକୁ ନେଇ ଭୋଳ ମେୟରଙ୍କୁ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ କର୍ପୋରେଟର ଜେ. କାମେଶ୍ୱର ରାଓ, ଭାଜପା କର୍ପୋରେଟର ଗଗନ ଓଝା ଓ ଦୀପକ ଦାସ ପ୍ରମୁଖ ବିଭିନ୍ନ ସମସ୍ୟାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ଉଭୟ ବିରୋଧୀ ଓ ଶାସକ ଦଳର କର୍ପୋରେଟର ମୁହାଁମୁହିଁ ହୋଇଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ମେୟର ପ୍ରାୟ ଦେଢ଼ ଘଣ୍ଟା ପାଇଁ ବୈଠକ ସ୍ଥଗିତ ରଖିଥିଲେ। ଏହାପରେ ବିରୋଧୀଙ୍କୁ ନେଇ ଏକ ବନ୍ଦ କୋଠରିରେ ବୈଠକ ଡାକି ଆଲୋଚନା କରିଥିଲେ ମଧ ତାହା ବିଫଳ ହୋଇଥିଲା। ଫଳରେ ପୁନର୍ବାର ବିରୋଧୀ କର୍ପୋରେଟରମାନେ ସମ୍ମିଳନୀ କକ୍ଷ ବାହାରେ ନାରାବାଜି ଦେଇଥିଲେ। ବୈଠକରେ ମେୟର ଧମକ ଦେବା ସହିତ ଦାଦାଗିରି କରୁଥିବା ନେଇ କର୍ପୋରେଟର ଭୋଳ ଏବଂ ଓଝା ଅଭିଯୋଗ କରିଥିଲେ। ଏନେଇ ମେୟର କହିଥିଲେ, ବିରୋଧୀ କର୍ପୋରେଟର ଯେଉଁ ଦାବି ଉପସ୍ଥାପନ କରିଛନ୍ତି ସେଗୁଡ଼ିକ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ। ସେମାନେ କାମକୁ ଗୁରୁତ୍ୱ ନ ଦେଇ ସେମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ଯନ୍ତ୍ରୀ ବଦଳି ପ୍ରତି ସେମାନେ ଏତେ ଗୁରୁତ୍ୱ କ'ଣ ପାଇଁ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଭଳି ହଟ୍ଟଗୋଳରୁ ଶାସକ ଦଳ କର୍ପୋରେଟରମାନେ ମଧ ବାଦ ପଡି ନ ଥିଲେ। କର୍ପୋରେଟର ଦୀପ୍ତିମୟୀ ମୁଳିଆ, ବିକାଶ ବେହେରା, ପୂର୍ଣ୍ଣିମା ସ୍ୱାଇଁ, ପ୍ରଦୀପ୍ତ ଖୁଣ୍ଟିଆଙ୍କ ସମେତ ବହୁ ଶାସକ କର୍ପୋରେଟର ବିରୋଧୀ ଦଳ ସମସ୍ତ କାଉନସିଲ ବୈଠକରେ ଏଭଳି ହଟଗୋଳ କରୁଥିବାରୁ ବୈଠକ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ କକ୍ଷ ତ୍ୟାଗ କରି ମେୟରଙ୍କ କକ୍ଷରେ ପହଞ୍ଚିଥିଲେ। ଶାସକ ଦଳର ସମସ୍ତ କର୍ପୋରେଟରଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ମେୟରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଶାସକ ଦଳ ସଂଖ୍ୟା ଗରିଷ୍ଠତା ଦର୍ଶାଇ ରିଜୋଲ୍ୟୁସନରେ ଥିବା ସମସ୍ତ କାର୍ଯ୍ୟକୁ ଅନୁମୋଦନ ମିଳିଥିଲା। ଶାସକ ଦଳର ଏଭଳି ମନମାନି କାର୍ଯ୍ୟକୁ ବିରୋଧୀମାନେ ତୀବ୍ର ନିନ୍ଦା କରିଥିଲେ।

### ଖୋଲିଲାନି ସମସ୍ୟା ତାଲିକା

ପ୍ରତ୍ୟେକ ଥର କାଉନସିଲ ବୈଠକରେ କର୍ପୋରେଟରମାନେ ନିଜ ୱାର୍ଡର ସମସ୍ୟା ଉପସ୍ଥାପନ କରି ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ହେଲେ ଚଳିତଥର ବୈଠକରେ ଶାସକ ଦଳର କର୍ପୋରେଟର ନିରାଶ ହୋଇଫେରିଛନ୍ତି। ପ୍ରାୟ ୨ ମାସ ପରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବିରୋଧିଙ୍କ ହଟ୍ଟଗୋଳ ପାଇଁ ଲୋକଙ୍କ ସମସ୍ୟା ତାଲିକା ଖୋଲି ପାରି ନଥିଲା।

### ମୋ ୱାର୍ଡ ଅଭିଯାନ ପାଇଁ ୪୦ ହଜାର ଆକଳନ

ମେୟରଙ୍କ ପକ୍ଷରୁ କିଛିଦିନ ହେବ ମୋ ୱାର୍ଡ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମ କରାଗଲେ ଚା', ଚୌକି, ପାଲ ଓ ଖାଦ୍ୟ ପୁଡ଼ିଆ ବାବଦକୁ ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ଏଥିପାଇଁ ରିଜୋଲ୍ୟୁଶନ ପାସ୍ କରିବାକୁ ପ୍ରସ୍ତାବ ଦିଆଯାଇଥାନ୍ତା। ହେଲେ ଏହା ପୂର୍ବରୁ ବିରୋଧୀ କର୍ପୋରେଟରମାନେ ବିରୋଧ କରିଥିଲେ। ମେୟର ମୋ' ୱାର୍ଡ ଅଭିଯାନ ଆଳରେ ଦଳୀୟ ପ୍ରଚାର ପ୍ରସାର କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ମେୟର କହିଛନ୍ତି, କୌଣସି କାର୍ଯ୍ୟକ୍ରମ କରାଗଲେ ସେଠାରେ ପାଲଠାରୁ ଆରମ୍ଭ କରି ଚା, ଖାଦ୍ୟ ଓ ଚୌକି ସହିତ ମାଇକ ବ୍ୟବସ୍ଥା ଆବଶ୍ୟକ। ଏହା ହେଉଛି ନିହାତି ଆବଶ୍ୟକ ଖର୍ଚ୍ଚ। ବିରୋଧୀ କର୍ପୋରେଟରମାନେ ଏଭଳି ଅଭିଯୋଗ ଆଣିବା ଅଜ୍ଞନତାର ପରିଚୟ ଦେଉଛି।

### ୨୬ରେ ସ୍ଥାୟୀ କମିଟି ନିର୍ବାଚନ

ଆସନ୍ତା ଶୁକ୍ରବାର ସିଏମ୍‌ସି ସ୍ଥାୟୀ କମିଟି ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ସିଏମ୍‌ସି ୯ଟି ଷ୍ଟାଣ୍ଡିଂ କମିଟିର ସଦସ୍ୟ ଯୋଗଦେବେ। ପ୍ରତି କମିଟିରେ ଜଣେ ଅଧ୍ୟକ୍ଷଙ୍କୁ ମିଶାଇ ୭ ଜଣ ସଦସ୍ୟାସଦସ୍ୟ ରହିଛନ୍ତି। ଟିକସ ଅର୍ଥ ଏବଂ ହିସାବ ସ୍ଥାୟୀ କମିଟି, ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ନର୍ଦ୍ଦମା ଜଳ ନିଷ୍କାସନ ଏବଂ ପରିବେଶ ସ୍ଥାୟୀ କମିଟି, ପୂର୍ତ୍ତ ସ୍ଥାୟୀ କମିଟି, ଯୋଜନା ଏବଂ ଉନ୍ନୟନ, ଲାଇସେନ୍ସ ଏବଂ ଆବେଦନ ସ୍ଥାୟୀ କମିଟି, ଚୁକ୍ତି ସ୍ଥାୟୀ କମିଟି, ନିଗମ ସଂସ୍ଥାପନ (ଏଷ୍ଟାବ୍ଲିଶମେଣ୍ଟ) ଏବଂ ସାଧାରଣ ଅଭିଯୋଗ, ସାମାଜିକ ନ୍ୟାୟ ସ୍ଥାୟୀ କମିଟିର ଅଧ୍ୟକ୍ଷଙ୍କୁ ମନୋନୀତ କରାଯିବ।

## ବେଆଇନ ଲିଙ୍ଗ ନିରୂପଣ, କ୍ଲିନିକ୍ ସିଲ୍

**କଟକ ଅଫିସ,୨୪।୫**

ବେଆଇନ ଭାବେ ଭ୍ରୂଣର ଲିଙ୍ଗ ନିରୂପଣ ଅଭିଯୋଗରେ କଟକ ଫ୍ରେଣ୍ଡସ୍ କଲୋନୀ ଅଞ୍ଚଳରେ ଥିବା ଏକ କ୍ଲିନିକ୍‌କୁ ବୁଧବାର ସିଲ୍ କରାଯାଇଛି। ଏଥିସହ ଉକ୍ତ କ୍ଲିନିକ୍‌ର ସମସ୍ତ ସାମଗ୍ରୀ ଓ ଯନ୍ତ୍ରପାତିକୁ ଜବତ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟ ସୂଚନା ଦେଇଛନ୍ତି। ଉକ୍ତ କ୍ଲିନିକ୍ କୌଣସି ସରକାରୀ ଅନୁମତି ବିନା ଜଣେ ଡାକ୍ତରଙ୍କ ଆବାସିକ କୋଠାରେ ଚାଲିଥିଲା। ତାହାର କୌଣସି କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ନ ଥିଲା। ପ୍ରାଥମିକ ପର୍ଯ୍ୟାୟରେ ସିଲ୍ କରାଯାଇଥିବାବେଳେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଥିବା ସିଡିଏମ୍‌ଓ ଛୋଟରାୟ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି ସେଠାରେ ବେଆଇନ୍ କ୍ଲିନିକ ଚଳାଇ ଭ୍ରୂଣର ଲିଙ୍ଗ ନିରୂପଣ କରାଯାଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଫଳରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ଚଢ଼ାଉ କରିବା ପରେ ଏଭଳି ବେଆଇନ କାର୍ଯ୍ୟ ହେଉଥିବା ପ୍ରମାଣ ମିଳିଥିଲା। ଏହି କ୍ଲିନିକ୍ ଜଣେ ଡାକ୍ତରଙ୍କ ନିର୍ଦ୍ଦେଶରେ ଚାଲୁଥିବା ସୂଚନା ମିଳିଛି। ଚଢ଼ାଉବେଳେ ମାଜିଷ୍ଟ୍ରେଟ୍ ଭାବେ କଟକ ସଦର ଉପଜିଲାପାଳ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପୋଲିସ ସହାୟତା କରିଥିଲା।

## ଡା. ଅନ୍ନପୂର୍ଣ୍ଣା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୨୪।୫**

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ପ୍ରଫେସର ଡା. ଅନ୍ନପୂର୍ଣ୍ଣା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଡା. ଲଲାଟେନ୍ଦୁ ଷଡଙ୍ଗୀ, ବାଦଲ ମହାନ୍ତି, ଡ. ଉପେନ୍ଦ୍ର ନାଥ ପଣ୍ଡା, ଡ. ନିମାଇଁ ଚରଣ ପଣ୍ଡା, ଡ. କୈଳାସ ଚନ୍ଦ୍ର ବିଶ୍ୱାଳ, ନମିତା ପଣ୍ଡା, ସୁଦୀପ୍ତା ଦାଶ, ଡ. ସୁବାସିନୀ ଲେଙ୍କା, ଇଂ. ଗୋପାଳକୃଷ୍ଣ ବେହେରା, ରବୀନ୍ଦ୍ର ନାଥ ମହାନ୍ତି, ପଦ୍ମନାଭ ସାମଲ, ଡ. ପ୍ରଭାତ ମିଶ୍ର ପ୍ରମୁଖ ଯୋଗଦେଇ ଅନ୍ନପୂର୍ଣ୍ଣାଙ୍କ ସ୍ମୃତିଚାରଣ କରିଥିଲେ।




କଟକ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହର-ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ମହାଦେବଙ୍କୁ ବେଦି ଉପରକୁ ନେବା ପୂର୍ବରୁ ବରଣି କରାଯାଉଛି।

## ଦେବ ଦମ୍ପତିଙ୍କ ବିବାହ ଉତ୍ସବ

**ଚୌଦ୍ୱାର/ଖୁଣ୍ଟୁଣୀ, ୨୪।୫(ଡି.ଏନ୍.ଏ.)**

ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କପାଳେଶ୍ୱର ମନ୍ଦିରରେ ହର-ପାର୍ବତୀଙ୍କ ବିବାହ ରୀତିନୀତିରେ ହୋଇଥିଲା। ସେହିପରି ଚଷାପଡ଼ାସ୍ଥିତ ଚନ୍ଦନେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ ଚତୁର୍ଭୁଜ ରାଉତ ଓ କନ୍ୟାପିତା ଭାବେ ରାମଚନ୍ଦ୍ର ସାହୁ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତ୍ରିଲୋଚନ ରାଉତ, ବ୍ରଜେନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ଖୋଟେଶ୍ୱର, ଚାଟେଶ୍ୱର, ବଟେଶ୍ୱର, କେଦାରେଶ୍ୱର, ଆଗ୍ରାହାଟସ୍ଥିତ ମଣିନାଗେଶ୍ୱର, ଉତ୍ତରେଶ୍ୱର, ଶଙ୍କରପୁରସ୍ଥିତ ଶଙ୍କରେଶ୍ୱର, ବାଲିଚନ୍ଦ୍ରୁରୀସ୍ଥିତ ବାଲୁଙ୍କେଶ୍ୱର, ନଖରା ଅଙ୍ଗଦରାଡ଼ିହିସ୍ଥିତ କନକେଶ୍ୱର ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁର ଗ୍ରାମରେ ଜମ୍ବେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ନୀତିକାନ୍ତି ସରିବା ପରେ ଜମ୍ବେଶ୍ୱର ବରବେଶରେ ନଗର ପରିକ୍ରମା କରିଥିଲେ। ବାଟରେ ବର ଓ କନ୍ୟା ପିତାଙ୍କ ତରଫରୁ ଠାକୁରଙ୍କୁ ଅଭ୍ୟର୍ଥନା କରାଯାଇଥିଲା। ବାଟବରଣୀ ନୀତି ପରେ ମଧ୍ୟାହ୍ନରେ ଜମ୍ବେଶ୍ୱର ଦେବ ଓ ମା' ପାର୍ବତୀଙ୍କ ବିବାହ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ବନ୍ଦାପନା ଓ ସନ୍ଧ୍ୟାରେ ହର-ପାର୍ବତୀଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା। କନ୍ୟା ପିତାମାତା ଭାବେ ବିଜୟ ଦାସ ଓ ବେବିନା ଦାସ ଏବଂ ବରପିତାମାତା ଭାବେ ବିନୟ ବେଉରା ଓ ସୁଜାତା ବେଉରା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଖୁଣ୍ଟୁଣୀ-ରମ୍ପେଇ ଗ୍ରାମ ଓ ରାଧାକିଶୋରପୁର ଗ୍ରାମରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ୨୬ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**କଟକ ଅଫିସ,୨୪।୫**

ଆସନ୍ତା ୨୬ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ଦୀକ୍ଷାନ୍ତ ଅଭିଭାଷଣ ଦେବେ। ଏଥିରେ ୮୫ ଜଣଙ୍କୁ ପିଏଚ୍.ଡି. ଉପାଧି ତଥା ୨୦୨୨ରେ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାର ବିଭିନ୍ନ ବିଷୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପରୀକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ଏଥିସହ ବୋରାସମ୍ବର ସେନାପତି ତର୍କ ପ୍ରତିଯୋଗିତାର ୩ ଜଣ ବିଜେତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଚଳିତ ବର୍ଷଠାରୁ ଦୁଇଟି ନୂତନ ସମ୍ମାନ ପ୍ରଦାନ କରାଯିବ। ଇଂଲିଶ ବିଭାଗର ସ୍ନାତକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅଧ୍ୟାୟୀଙ୍କୁ ଜଷ୍ଟିସ ହରିହର ମହାପାତ୍ର ସ୍ମାରକୀ ସ୍ୱର୍ଣ୍ଣପଦକ ଏବଂ କମ୍ପ୍ୟୁଟେସ୍ନାଲ୍ ହ୍ୟୁମାନିଟିଜ୍ ପିଜି ସାର୍ଟିଫିକେଟ୍ ପାଠ୍ୟକ୍ରମରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରଫେସର ଡ. ବାସୁଦେବ କର ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ଲେଖକ ଦେବଦାସ ଛୋଟରାୟ, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ମାନ ସୂଚକ ଡି.ଲିଟ୍ ଏବଂ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମିଶ୍ର ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ରୁମାଟୋଲୋଜି ଓ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର ଡା. ବିଦ୍ୟୁତ କୁମାର ଦାସଙ୍କୁ ସମ୍ମାନସୂଚକ ଡି.ଏସ୍. ଉପାଧି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ ନାୟକ, ପିଜି କାଉନସିଲ୍ ଅଧ୍ୟକ୍ଷା ଅସୀମା ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୮୫ ଜଣ ପାଇବେ ପିଏଚ୍.ଡି. ଉପାଧି



ପ୍ରସ୍ତୁତି ବୈଠକରେ କୁଳପତି ସଞ୍ଜୟ ନାୟକଙ୍କ ସମେତ ଅନ୍ୟମାନେ।

## ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପୁଣି ବିକ୍ଷୋଭ

**କଟକ ଅଫିସ,୨୪।୫**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ପ୍ରକାଶ ପାଇଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାର ମେଧା ତାଲିକାକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେବା ପରେ ବିବାଦ ଦେଖାଦେଇଛି। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ନ୍ୟାୟ ଦାବିରେ ବୁଧବାର କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପୁଣିଥରେ ବିକ୍ଷୋଭ କରିବା ସହ ଧାରଣାରେ ବସିଥିଲେ। ଏହି ପ୍ରାର୍ଥୀମାନେ ଓପିଏସ୍‌ସି ମେରିଟ୍ ଲିଷ୍ଟ ଘୋଷଣା ପ୍ରକ୍ରିୟାକୁ ଠିକ୍ ଦର୍ଶାଇଛନ୍ତି। ତେଣୁ ଏ ଦିଗରେ ଆଉ ସମୟ ନ ଗଡ଼ାଇ ଓପିଏସ୍‌ସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ବୋଲି ସେମାନେ ଦାବି କରିଛନ୍ତି। ଏହାକୁ ନେଇ ଓପିଏସ୍‌ସି ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠରେ ଶୀଘ୍ର ଆବେଦନ କରୁ ଓ ଏହି ବିବାଦର ଅନ୍ତ ଘଟୁ ବୋଲି ସେମାନେ କହିଛନ୍ତି। କେତେଜଣ ପରୀକ୍ଷାର୍ଥୀ ଯେଉଁମାନେ ଏହି ପରୀକ୍ଷାରେ ସଫଳ ହୋଇପାରି ନାହାନ୍ତି, ସେମାନେ ଓପିଏସ୍‌ସିକୁ ବଦ୍‌ନାମ କରିବା ପାଇଁ ଏଭଳି ଅପଚେଷ୍ଟା କରୁଛନ୍ତି ବୋଲି ମନୋନିତ ପ୍ରାର୍ଥୀମାନେ କହିଛନ୍ତି।



ନ୍ୟାୟ ଦାବିରେ ମେଧାତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

### ହାଇକୋର୍ଟରେ ଏଏସ୍‌ଓ ମେଧା ତାଲିକା ଖାରଜ ଘଟଣା

ମିଳିଥିବା ସୂଚନା ଅନୁଯାୟୀ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨ ଅଗଷ୍ଟରେ ହୋଇଥିବା ଏଏସ୍‌ଓ ଲିଖିତ ପରୀକ୍ଷା ନିମନ୍ତେ ୧,୪୮,୮୮ ଜଣ ଆବେଦନକାରୀ ଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ଓପିଏସ୍‌ସି ପକ୍ଷରୁ ଏକ ମେଧା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ୧୧୦୪ ଜଣ ସ୍ଥାନିତ ହୋଇଥିଲେ। ପ୍ରକାଶିତ ମେଧା ତାଲିକା ଓପିଏସ୍‌ସି ସର୍ଭିସ୍ ନିୟମ ଅନୁସାରେ ହୋଇ ନ ଥିବା ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ କେତେଜଣ ଏଏସ୍‌ଓ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରିବା ସହ ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଦେଇଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମେଧା ତାଲିକାରେ ସ୍ଥାନ ପାଇଥିବା ଶତାଧିକ ପରୀକ୍ଷାର୍ଥୀ ନ୍ୟାୟ ଦାବି କରି ଗତ ଶନିବାର ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୪।୫।୨୦୨୩

| | |
|---|---|
| ୪,୧୭,୨୨୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ମା’ ପାର୍ବତୀଙ୍କୁ ବିବାହ କଲେ ପଞ୍ଚମହାଦେବ

ପୁରୀ ଅଫିସ, ୨୪।୫

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ବୁଧବାର ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ଶୈବପୀଠରେ ଶିବ ବିବାହ ନୀତି ସମ୍ପନ୍ନ ହୋଇଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକାଳମୋଚନ ଏବଂ ଶ୍ରୀନୀଳକଣ୍ଠଙ୍କ ବିବାହ ନୀତି ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ବିବାହ ପୂର୍ବଦିନ ପଞ୍ଚମହାଦେବ ନିଜ ନିଜ ଶ୍ୱଶୁରାଳୟରୁ ପାର୍ବତୀଙ୍କୁ ଘେନି ସ୍ୱ ସ୍ୱ ମନ୍ଦିରକୁ ବିଜେ କରିଥିଲେ। ଏହାକୁ କନ୍ୟା ଚୋରି ନୀତି କୁହାଯାଏ। ମଙ୍ଗଳବାର କନ୍ୟା ଚୋରି ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ମହାଦେବ ଏବଂ ମା’ ପାର୍ବତୀଙ୍କ ବିବାହ ଉତ୍ସବ ନିମନ୍ତେ ପଞ୍ଚମହାଦେବଙ୍କ ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମଙ୍ଗଳଆଳତି, ମଇଲମ, ମହାସ୍ନାନ ଆଦି ନୀତି ହୋଇ ଚନ୍ଦନଲାଗି କରାଯାଇଥିଲା। ଏହାପରେ ବଲ୍ଲଭ ଭୋଗ ଅନୁଷ୍ଠିତ ହୋଇଥିଲା। ପରେ ସକାଳଧୂପ ନୀତି ବଢ଼ି ରୋଷଘରେ ବିବାହ ହାଣ୍ଡି ବସିଥିଲା। ପରେ ମହାଦେବ ଓ ମା’ ପାର୍ବତୀଙ୍କ ମାଜଣା ନୀତି ହୋଇ ବେଶ ବଢ଼ିଥିଲା। ପରେ ବିବାହ ମଣ୍ଡପକୁ ଠାକୁର ଠାକୁରାଣୀ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ବିବାହର ପ୍ରଥମ ବରଣ ନିମନ୍ତେ ମହାଦେବ ଧଳା ବସ୍ତ୍ର ଏବଂ ପାର୍ବତୀ ପୀତ ବସ୍ତ୍ର ପରିଧାନ କରିଥିଲେ। ପ୍ରଥମ ବରଣ କର୍ମ ସରିବା ପରେ ମହାଦେବ ଓ ପାର୍ବତୀଙ୍କ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ଠାକୁରାଣୀଙ୍କୁ ପାଟ ପରିଧାନ କରାଯାଇଥିଲା। ଏହାପରେ ଦ୍ୱିତୀୟ ବରଣ କର୍ମ ଆରମ୍ଭ ହୋଇଥିଲା। ଉଭୟ ଠାକୁର ଠାକୁରାଣୀଙ୍କୁ ଆଷାଢୁଆ ସୂତା ବନ୍ଧାଯାଇଥିଲା। ଏହାପରେ ଗଇଁଠାଳ ପଡ଼ିଥିଲା। ପ୍ରସାଦ ଲାଗି ହେବା ସହ ହାତଗଣ୍ଠି ପଡ଼ି ବିବାହ ହୋମ ଅନୁଷ୍ଠିତ ହୋଇଥିଲା। ଭୋଗପଣା ପଞ୍ଚଉପଚାରରେ ଅର୍ପଣ ହୋଇ ବନ୍ଦାପନା ନୀତି ବଢିଥିଲା। ଉଭୟ ନବ ବିବାହିତ ଦେବଦମ୍ପତିଙ୍କୁ ସେବକମାନେ ଜଗମୋହନରେ ଥିବା ବୃଷଭକୁ ଲାଗିକରାଇ ଗର୍ଭଗୃହକୁ ବିଜେ କରାଇଥିଲେ। ଶୀତଳଷଷ୍ଠୀ ଅବସରରେ ଗୁଆଲି ହେବ। ସେହିପରି ନବବିବାହିତ ଦେବଦମ୍ପତି ନଗର ପରିକ୍ରମା କରି ପନ୍ତି ଭୋଗ ମଣୋହୀ ହୋଇ ଶ୍ରୀମନ୍ଦିରକୁ ବିଜେ କରିବେ। ପରେ ଶ୍ରୀମନ୍ଦିରରେ ବନ୍ଦାପନା ନୀତି ଅନୁଷ୍ଠିତ ହେବ।

### ଆଜି ଶ୍ରୀମନ୍ଦିରରେ ବନ୍ଦାପନା ନୀତି

## ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ଉତ୍ସବ

ପୁରୀ ଅଫିସ, ୨୪।୫

ଶିବ ବିବାହ ଅବସରରେ ବୁଧବାର ପୁରୀ ସଦର ମୁକୁନ୍ଦମିଶ୍ର ନଗରରେ ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ଉତ୍ସବ ଜାକଜମକରେ ପାଳନ କରାଯାଇଛି। ନାଗା, ମେଢ଼, ଡିଜେ ସାଙ୍ଗକୁ ଆତସବାଜିରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ନଗରର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ଘର ସମ୍ମୁଖରେ ପ୍ରଥମେ ରୀତିନୀତି ଅନୁଯାୟୀ ବାବା ମୁକୁନ୍ଦେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଡିଜେ ତାଳେ ତାଳେ ନଗରର ବାସିନ୍ଦାମାନେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମା’ ପାର୍ବତୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। କନ୍ୟା ତଥା ପାର୍ବତୀଙ୍କ ପକ୍ଷରୁ ପ୍ରକାଶ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ବର ତଥା ବାବା ମୁକୁନ୍ଦେଶ୍ୱରଙ୍କ ପକ୍ଷରୁ ନିହାର ରଞ୍ଜନ ରଥ କର୍ତ୍ତା ହୋଇଥିଲେ। ସେଠାରେ ଅପେକ୍ଷା କରିଥିବା କନ୍ୟାପକ୍ଷ ଆଦରର ସହ ବାବା ମୁକୁନ୍ଦେଶ୍ୱରଙ୍କୁ ପାଛୋଟି ନେଇଥିଲେ। ପରେ ବର ପକ୍ଷରୁ ମୁକୁନ୍ଦେଶ୍ୱରଙ୍କ ସହ ମା’ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଦେବ ଦମ୍ପତି ନଗର ପରିକ୍ରମା କରିବା ସହ ପନ୍ତି ଖାଇବାର କାର୍ଯ୍ୟକ୍ରମ ରହିଛି। ସେହିପରି ପୁରୀ ସହରର ବିଭିନ୍ନ ଶିବ ମନ୍ଦିରରେ ଶିବ ବିବାହ ନୀତି ସମ୍ପନ୍ନ ହୋଇଛି।



ମୁକୁନ୍ଦ ମିଶ୍ର ନଗରରେ ବାହାରିଥିବା ଶୋଭାଯାତ୍ରା।

## ଶିବ ବିବାହ ପାଇଁ ଜିଉଁନ୍ତି ଗାଁ ଉତ୍ସବମୁଖର



ଶିବ ବିବାହ ନୀତି ସମ୍ପନ୍ନ କରାଯାଉଛି।

ଅସ୍ତରଙ୍ଗ, ୨୪।୫ (ଡି.ଏନ୍.ଏ)

ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି ଗ୍ରାମର ପ୍ରସିଦ୍ଧ ଶୈବପୀଠ ଈଶ୍ୱରନାଥ ମହାଦେବଙ୍କ ପୀଠରେ ବୁଧବାର ପାରମ୍ପରିକ ପ୍ରଥାନୁଯାୟୀ ଶିବବିବାହ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ହାଣ୍ଡି ମଙ୍ଗୁଳା, ଦିଅଁ ମଙ୍ଗୁଳା, ଶିବପାର୍ବତୀଙ୍କ ମହାସ୍ନାନ, ବାଟବରଣ ନୀତି ପରେ ପ୍ରଥମ ବରଣ ଓ ଦ୍ୱିତୀୟ ବରଣ ହୋଇଥିଲା । ପରେ ହରିବୋଲ, ହୁଳହୁଳି ଶବ୍ଦ ମଧ୍ୟରେ ଶିବ –ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପଣ୍ଡିତ ରୋଶନ କର ଏବଂ ପଣ୍ଡିତ ବିଶ୍ୱନାଥ ମିଶ୍ର ବିବାହ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିରର ବଡ଼ପଣ୍ଡା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ବରପିତା ଭାବେ ଦେବେନ୍ଦ୍ର ଦାଶ ଓ କନ୍ୟାପିତା ଭାବେ ଶରତ ଚନ୍ଦ୍ର ପଣ୍ଡା ଦାୟିତ୍ୱ ନିଭାଇଥିଲେ। ଶିବ –ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳର ଗୋପବନ୍ଧୁ ଯୁବ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ। ଉକ୍ତ ବିବାହ କାର୍ଯ୍ୟରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଶିବ ପାର୍ବତୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଶିବ ପାର୍ବତୀଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ମଣିବିମାନରେ ବସାଇ ନଗର ପରିକ୍ରମା କରାଯିବା ପରେ ପୁନର୍ବାର ମନ୍ଦିରକୁ ଫେରାଇ ଅଣାଯିବ ବୋଲି ସଙ୍ଗଠନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଖଣ୍ଡୁଆଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭେକ୍ଟରଜନିତ ରୋଗର ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୪ ।୫:** ମଶାଙ୍କ ଉତ୍ସ ନଷ୍ଟ ସହ ଭେକ୍ଟର ଜନିତ ରୋଗର ପ୍ରତିଷେଧକ ପାଇଁ ଏକ ସମନ୍ୱୟ କମିଟି ବୈଠକ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର ଅଧକ୍ଷତା କରିବା ସହ ଆଗାମୀ ବର୍ଷା ଋତୁ ପୂର୍ବରୁ ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏହି ଭେକ୍ଟର ଜନିତ ରୋଗକୁ ନିୟନ୍ତ୍ରଣ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ପୌରପାଳିକା ପକ୍ଷରୁ ରଥଯାତ୍ରା ପୂର୍ବରୁ ଏକାଧିକଥର ମଶା ମରା ତୈଳ ସିଞ୍ଚନ, ଫଗିଂ ଓ ଲାର୍ଭି ସାଇଟ ସ୍ପ୍ରେ ବ୍ୟବସ୍ଥା ପ୍ରତ୍ୟେକ ୱାର୍ଡରେ କରାଯିବ ବୋଲି କହିଥିଲେ। ବୈଠକରେ ଏଡିପିଏଚ୍‌ଓ ଡା.ଏନ୍. ସି. ଜେନା, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ ନାୟକ, ରାଜ୍ୟ ପ୍ରତିନିଧି ଡା.ଦୀପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

### ଫକୀରମୋହନ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ପୁରୀ ଅଫିସ,୨୪ ।୫ :** ଦେବୀଘାଟସ୍ଥିତ ତାରା ଟ୍ରଷ୍ଟର ନିଜସ୍ୱ ବାସଗୃହରେ ଫକୀରମୋହନ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ରାଧାରମଣ ଟ୍ରଷ୍ଟର ସମ୍ପାଦକ ଗୁରୁଚରଣ ଦାସ ଯୋଗ ଦେଇଥିବା ବେଳେ ବେଦାନ୍ତ ସେବା ସମିତିର ବାଲ ସଂସ୍କାର ବିଭାଗର ମୁଖ୍ୟ ଗିରିଶ ଚନ୍ଦ୍ର ଦାଶ, ବିଦ୍ୟାମନ୍ଦିରର ସଭାପତି ଅଭୟ ରାଉତ, ଆଇନଜୀବୀ ମନୋଜ ମହାପାତ୍ର ଏବଂ ସମ୍ପାଦିକା ରେବତି ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନୂତନ ଅନୁଷ୍ଠାନ ଜ୍ଞାନ ମନ୍ଦିର ଶୁଭାରମ୍ଭ କରାଯାଇଥିଲା। ଏଠାରେ ୩ରୁ ୭ ବର୍ଷର ପିଲାଙ୍କୁ ପାଠପଢା ହେବ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତପସ୍ୱନୀ ସେନାପତି ଓ ଜ୍ଞାନ ମନ୍ଦିରର ପ୍ରିନ୍ସିପାଲ ବନଲତା ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲେ। ସହ ପ୍ରଧାନ ଶିକ୍ଷୟିତ୍ରୀ ମମତା ପାଇକରାୟ, ମାମୀ ପ୍ରଧାନ, ଅମ୍ବିକା ବେହେରା, ଶୁଭଲକ୍ଷ୍ମୀ ନାୟକ, ଜ୍ୟୋତ୍ସ୍ନାରାଣୀ ରଣସିଂହ, ସୁଜତା ପ୍ରଧାନ ଓ ସଙ୍ଗୀତା ସେଠୀ ସାମିଲ ଥିଲେ।



ପୁରୀ ଚୁଡ଼ଙ୍ଗ ସାହିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ କରାଯାଉଛି।

## ପାର୍ବତୀଙ୍କ ହାତ ଧରିଲେ ଐଶାନେଶ୍ୱର

ସାକ୍ଷୀଗୋପାଳ, ୨୪।୫ (ସ୍ୱ.ପ୍ର./ଡି.ଏନ.ଏ.)

ସାକ୍ଷୀଗୋପାଳ ମନ୍ଦିରରେ ବୁଧବାର ଶିବବିବାହ ନୀତି ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ବରପିତା ଭାବେ ପୂଜାପଣ୍ଡା କିଶୋର ଚନ୍ଦ୍ର ମହାପାତ୍ର ଐଶାନେଶ୍ୱର ଦେବ ଓ ବରଯାତ୍ରୀଙ୍କୁ ନେଇ ମନ୍ଦିର ବେଢ଼ାରୁ ଘଣ୍ଟ, ତେଲିଙ୍ଗି ବାଜା, ମହୁରୀ, ବିଜେ କାହାଳୀ, ଆତସବାଜି ସହିତ ରୋଶଣିରେ ଶ୍ରୀରାମ ମନ୍ଦିରକୁ ବିଜେ କରିଥିଲେ। କନ୍ୟାପିତା ଭାବେ ପୂଜାପଣ୍ଡା ବିଜୟ କୁମାର ମହାପାତ୍ର ବାଟବରଣ କରି ଐଶାନେଶ୍ୱର ଦେବଙ୍କୁ ବେଦିକୁ ପାଛୋଟି ନେଇଥିଲେ। ମନ୍ଦିର ପୁରୋହିତ ଗୋପୀନାଥ ଦାଶ ଓ ଶ୍ରୀରାମ ମନ୍ଦିର ପୂଜକ ବଂଶୀଧର ପାଢୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ଉତ୍ସବରେ ମନ୍ଦିର ସେବାୟତ, କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱାସୀ ତ୍ରିପାଠୀ, ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ଶିବ ମନ୍ଦିର ସେବାୟତ ଲକ୍ଷ୍ମୀକାନ୍ତ ନନ୍ଦ ଓ ପ୍ରତିହାରୀ ରାମଚନ୍ଦ୍ର ନନ୍ଦ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀରାମ ମନ୍ଦିରରେ ଶିବ ବିବାହ ନୀତି ପାଳନ ହୋଇଯାଇଛି।

## ସାକ୍ଷୀଗୋପାଳରେ ଅଟକିବ ୨ ଟ୍ରେନ୍

ପୁରୀ ଅଫିସ, ୨୪।୫

### ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସମ୍ବିତ ପାତ୍ର

ପୁରୀ ଚାରିଧାମ ମଧ୍ୟରେ ଅନ୍ୟତମ ପ୍ରମୁଖ ଧାମ। ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଖପାଖ ଅଞ୍ଚଳରେ ଥିବା ଦର୍ଶନୀୟ ସ୍ଥାନ ଭ୍ରମଣ କରିଥାନ୍ତି। ପୁରୀ ଜିଲାର ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବା ପାଇଁ ଭକ୍ତମାନେ ମଧ୍ୟ ଆସିଥାନ୍ତି। ମାତ୍ର ଅନେକ ଟ୍ରେନ୍ ସାକ୍ଷୀଗୋପାଳ ଷ୍ଟେଶନରେ ରହୁ ନ ଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଗତ ଜାନୁଆରୀ ୧୦ ଓ ମାର୍ଚ୍ଚ ୩୧ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ନେଇ ଦାବି ଜଣାଇଥିଲେ। ଏହି ଦାବିକୁ ରେଳମନ୍ତ୍ରୀ ଗ୍ରହଣ କରିଛନ୍ତି। ଏଣିକି ସାକ୍ଷୀଗୋପାଳ ଷ୍ଟେଶନରେ ଗାଡ଼ି ସଂଖ୍ୟା ୧୨୮୨୧/୨୨ ପୁରୀ–ଶାଳିମାର ଧଉଳି ଏକ୍ସପ୍ରେସ୍ ଅଟକିବ। ସେହିପରି ଗାଡ଼ି ସଂଖ୍ୟା–୧୨୮୪୩/୪୪ ପୁରୀ–ଅହମ୍ମଦାବାଦ ଏକ୍ସପ୍ରେସ ମଧ୍ୟ ରହଣି କରିବ। ଏହାଦ୍ୱାରା ସତ୍ୟବାଦୀ ଅଞ୍ଚଳବାସୀ ଏବଂ ଅନ୍ୟ ଯାତ୍ରୀ ଉପକୃତ ହେବେ। ସେହିପରି କାଲୁପଡାଘାଟଠାରେ ଗାଡ଼ି ସଂଖ୍ୟା– ୧୮୧୧୭/୧୮ ରାଉରକେଲା–ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି କରିବ। ଏହାଦ୍ୱାରା ଚିଲିକା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାଜନକ ହେବ ବୋଲି ପାତ୍ର ସୂଚନା ଦେଇଛନ୍ତି। ରେଳ ମନ୍ତ୍ରୀ ଏହି ଦାବି ଗ୍ରହଣ କରିଥିବାରୁ ପାତ୍ର ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନଳକୂପ ଅଚଳ: ଅଭିଯୋଗ ସତ୍ତ୍ୱେ ମରାମତି ହେଉନି

ସାକ୍ଷୀଗୋପାଳ,୨୪।୫(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ସୁରାଲାଗି ବରଗଛ ନଳକୂପଟି ପ୍ରାୟ ୧୫ଦିନ ହେବ ଅଚଳ ହୋଇପଡିଛି। ଏହି ନଳକୂପ ଉପରେ ଗ୍ରାମର ଅଧିକାଂଶ ଲୋକ ନିର୍ଭର କରୁଥିବା ବେଳେ ଏବେ ଅଚଳ ହୋଇଯାଇଥିବାରୁ ପାଣି ନାନା ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଲୋକମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଏହି ନଳକୂପ ଉପରେ ପ୍ରାୟ ୫୦ଟି ପରିବାର ନିର୍ଭର କରିଥାନ୍ତି। ଅନ୍ୟପକ୍ଷେ ଖରାଦିନ ଯୋଗୁ ପାଣି ପାଇଁ ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପାଇଁ ଲୋକେ ହଇରାଣ ହେଉଛନ୍ତି। ମେଗା ପାନୀୟଜଳ ପ୍ରକଳ୍ପ ସତ୍ୟବାଦୀ ବ୍ଲକର ବଳପୁରଠାରେ ଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟକ୍ଷମ ହୋଇନାହିଁ।

## ମହାପ୍ରଭୁଙ୍କ ନୂତନ ଗଜଦନ୍ତ ପଲଙ୍କ ନିର୍ମାଣ କରାଯାଉ

ପୁରୀ ଅଫିସ, ୨୪।୫

ମହାପ୍ରଭୁଙ୍କ ନିମନ୍ତେ ନୂତନ ଗଜଦନ୍ତ ପଲଙ୍କ ଓ ଭୋଗଥାଳି ନିର୍ମାଣ କରିବାକୁ ଅନୁରୋଧ କରି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁଦାନ କମ୍ ନୁହେଁ। ମନ୍ଦିରର ଆୟ ମଧ୍ୟ କମ୍ ନୁହେଁ। ଠାକୁରଙ୍କ ପାଇଁ ସେବାୟତଙ୍କଠାରୁ ଭକ୍ତ ସମସ୍ତେ ସମୃଦ୍ଧ। ଅଥଚ ଠାକୁରଙ୍କ ରତ୍ନଗଜଦନ୍ତ ପଲଙ୍କ ଓ ଠାକୁରଙ୍କ ଭୋଗଥାଳି କଥା ନ କହିଲେ ଭଲ। ପାଳିଆ ସେବାୟତମାନଙ୍କ ଠାରୁ ଲକ୍ଷଲକ୍ଷ ଭକ୍ତଙ୍କ ପର୍ଯ୍ୟନ୍ତ ସମସ୍ତେ ଦୀର୍ଘଦିନ ଧରି ଏଥିପାଇଁ ଅସନ୍ତୁଷ୍ଟ। ଅନେକ ପ୍ରଶାସକ ଆସିଲେଣି ଓ ଗଲେଣି। ହେଲେ ଠାକୁରଙ୍କ ପାଇଁ କାହାର ନିଘା ନାହିଁ। ଫଳରେ ଶ୍ରୀବିଗ୍ରହମାନଙ୍କ ନୀତିରେ ଭଙ୍ଗା ଗଜଦନ୍ତ ପଲଙ୍କ ଏବଂ ଭୋଗଥାଳି ବ୍ୟବହାର କରାଯାଉଛି, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ତେଣୁ ଠାକୁରଙ୍କ ନୂତନ ପଲଙ୍କ ଓ ଉନ୍ନତମାନର ଭୋଗଥାଳି ନିର୍ମାଣ କରାଯିବାକୁ ମିଶ୍ର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି ଜଣାଇଛନ୍ତି। ଠାକୁରଙ୍କ ନୂତନ ପଲଙ୍କ ଓ ଭୋଗଥାଳି ନିର୍ମାଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେବା ସହ ଠାକୁରଙ୍କ ନୀତି, ସଂସ୍କୃତି, ପରମ୍ପରା ଓ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

## ସଚେତନତା ବାର୍ତ୍ତା ବାଣ୍ଟି ପୁରୀରେ ପହଞ୍ଚିଲେ ଆଶୁତୋଷ

ପୁରୀ ଅଫିସ, ୨୪।୫

ଦୀର୍ଘ ୩୬୦୦ କି.ମି ଚାଲି ଚାଲି ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟି ଉତ୍ତରପ୍ରଦେଶ ଅଯୋଧ୍ୟାର ବାସିନ୍ଦା ଆଶୁତୋଷ ପାଣ୍ଡେ ପୁରୀରେ ପହଞ୍ଚିଛନ୍ତି। ଆଶୁତୋଷ ଦେଶର ବିଭିନ୍ନ ରାଜ୍ୟ ବୁଲି ବୁଲି ବୃକ୍ଷରୋପଣ କରି ପରିବେଶକୁ ସୁରକ୍ଷା ଦେବା ପାଇଁ ବାର୍ତ୍ତା ପ୍ରଦାନ କରୁଛନ୍ତି। ଦିଲ୍ଲୀ ଓ ଲକ୍ଷ୍ନୌ ଭଳି ସହରରେ ମଣିଷର ଆୟୁ ପ୍ରାୟ ଦଶ ବର୍ଷ କମୁଛି। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିଲାବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ବୃକ୍ଷ ଲଗାଇବା ନିମନ୍ତେ ଏକ ପଲିସି ଆଣିବାକୁ ସେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଦାବି କରୁଛନ୍ତି। ପୁରୀ ଅତିରିକ୍ତ ଜିଲାପାଳ କୈଳାସ ନାୟକଙ୍କୁ ଭେଟି ପଦଯାତ୍ରା ସମ୍ପର୍କରେ କହିଥିଲେ।



ପୁରୀ: ଆସନ୍ତା ସ୍ନାନପୂର୍ଣ୍ଣିମା ପାଇଁ ସ୍ନାନବେଦିକୁ ସଜ୍ଜିତ କରାଯାଉଛି।

## ବିଭିନ୍ନ ରାଜ୍ୟର ୪୦୦ କଳାକାର ପୁରସ୍କୃତ

ପୁରୀ ଅଫିସ, ୨୪।୫

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସାଂସ୍କୃତିକ ଅନୁଷ୍ଠାନ ତ୍ରିବେଣୀ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ପୁରୀ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ୪୦୦ରୁ ଅଧିକ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ନୃତ୍ୟ ଏବଂ କଳାକୌଶଳ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। କଳା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହିଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ଫଳରେ ଓଡ଼ିଶାର କଳା ଓ ପରମ୍ପରା ଆହୁରି ଋଦ୍ଧିମନ୍ତ ହେବ ବୋଲି ସେ ମତବ୍ୟକ୍ତ କରିବା ସହ ତ୍ରିବେଣୀ କଳାକେନ୍ଦ୍ରର ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଆସାମ, ମଣିପୁର, ବିହାର, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କେରଳ ଆଦି ରାଜ୍ୟର ୪୦୦ରୁ ଅଧିକ ପ୍ରତିଯୋଗୀ ଭାଗନେଇ ନୃତ୍ୟ ଓ କଳାକୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଉଦ୍‌ଘାଟନ ଉତ୍ସବରେ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ସାମାଜିକ କର୍ମୀ ରାଧେଶ୍ୟାମ ରଥ ଏବଂ ଖବରଦାତା ନିର୍ମଳ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ରେଖା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟକାରିଣୀ ସଦସ୍ୟ ମୃତ୍ୟୁଞ୍ଜୟ ଦାସ, ସୁଶିଲ ପଟ୍ଟନାୟକ, ରାମକୃଷ୍ଣ ମହାପାତ୍ର, ଶଶିକାନ୍ତ ସାହୁ, ସସ୍ମିତା ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଏବଂ ଆୟୋଜକଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

### ଶ୍ରୀଜଗନ୍ନାଥ ପୁରୀ ଉତ୍ସବ ଉଦ୍‌ଯାପିତ

## ୩ଦିନ ହେଲା ପାନୀୟଜଳ ପାଇଁ ପଞ୍ଚାୟତବାସୀ ହଇରାଣ

କଣାସ,୨୪।୫(ସ୍ୱ.ପ୍ର)

ପୁରୀ ଜିଲାର କଣାସ ବ୍ଲକ ଚିଲିକା ଉପକୂଳରେ ରହି ମଧ୍ୟ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗି ରହୁଛି। ଏଥିପାଇଁ ଏଠାରେ କିଛି ପାନୀୟ ଜଳ ପ୍ରକଳ୍ପ ବସାଯାଇଛି। ସେଥିମଧ୍ୟରୁ କଣାସ ପଞ୍ଚାୟତର ଡିମିରି, ବିଶ୍ୱାଳିପଡା, ଗାଣ୍ଡପଡା, କୃଷ୍ଣନଗର, ସହନା, କଣାସ ଥାନା, ତହସିଲ, ବ୍ଲକ କାର୍ଯ୍ୟାଳୟ, କଣାସ ଦମକଳ କେନ୍ଦ୍ର ଓ ଅନ୍ୟାନ୍ୟ ଅଫିସ୍‌ଗୁଡ଼ିକୁ ପାଇପି ଜଳ ଯୋଗାଇବା ପାଇଁ ଡିମିରିଠାରେ ପାଇପ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ୩ଦିନ ହେଲା ପାଇପ୍ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ଏହି ୩ ଦିନ ପାନୀୟଜଳ ପାଇଁ ଅଞ୍ଚଳବାସୀ, ସରକାରୀ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ଗ୍ରାମ୍ୟ ଜଳ ବିଭାଗକୁ ଜଣାଇଛନ୍ତି। ଏ ନେଇ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କୁ ପଚାରିବାରେ ପାଣି ଉଠାଉଥିବା ମୋଟରଟି ଠିକ୍ ଭାବେ ପାଣି ଉଠାଉନଥିବାରୁ ଜଳ ଯୋଗାଣ ସମ୍ଭବ ହୋଇପାରୁନାହିଁ। ଅସୁବିଧା ସମ୍ପର୍କରେ ଅଧିକାରୀଙ୍କୁ ଜଣାଇ ତୁରନ୍ତ ମରାମତି କରିବାକୁ ଚେଷ୍ଟା ଚଳାଇଛି।

**ଚାକିରି ଦେବା ନାଁରେ ଟଙ୍କା ଠକିନେଲେ**

ଭୁବନେଶ୍ୱର,(ବ୍ୟୁରୋ)- ଅନ୍‌ଲାଇନ୍ ଜରିଆରେ ଚାକିରି ଖୋଜିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଚାକିରି ଦେବା ନାଁରେ ଠକମାନେ ୧୭ ଶହ ଟଙ୍କା ଠକିନେଇଛନ୍ତି। ସେ ହେଲେ ଲିଙ୍ଗିପୁର ଅଞ୍ଚଳର ତପନ କୁମାର ପଟ୍ଟନାୟକ। ଲୋକଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ଠକମାନେ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ କର୍ପୋରେଟ୍ ଆଫେୟାର୍ସର ପୋର୍ଟାଲ ନାମରେ ନକଲି ୱେବ୍‌ସାଇଟ୍ ଖୋଲି ଏପରି ଠକେଇ କରୁଥିବାବେଳେ ଏନେଇ ତପନ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

କଟକ ଅଫିସ,୨୪।୫: କଟକ କଲ୍ୟାଣୀନଗର ଅଞ୍ଚଳରେ ରହୁଥିବା ଆଇନଜୀବୀ ସ୍ମିତିରଞ୍ଜନ ମହାପାତ୍ରଙ୍କର ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ଆଇନଜୀବୀ ମହାପାତ୍ରଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ସତ୍କାର ସାରି ସେ ଘରକୁ ଫେରିଥିଲେ। ତେବେ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଏକ କୋଠରୀରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖବରପାଇ ମଧୁପାଟଣା ପୋଲିସ ସ୍ମିତିରଞ୍ଜନଙ୍କ ଘରୁ ଯାଇଥିଲେ ହେଁ ତାଙ୍କ ପରିବାରର କୌଣସି ସଦସ୍ୟଙ୍କୁ ନ ପାଇ ଫେରି ଆସିଥିବା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

### ଦେଶୀ ମଦ ଜବତ, ମହିଳାଙ୍କ ସମେତ ୧୬ ଗିରଫ

ଭୁବନେଶ୍ୱର,୨୪।୫(ବ୍ୟୁରୋ)-ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ଦେଶୀ ମଦ ତିଆରି ଚାଲିଛି। ଖବର ପାଇବା ପରେ ଅବକାରୀ ଟିମ୍‌ର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ସେସବୁ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ଏହାସହ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ମଧ୍ୟରେ ୮ଜଣ ମହିଳା ଓ ୮ ଜଣ ପୁରୁଷ ରହିଛନ୍ତି। ସାଲିଆସାହି, ନୟାଗଡ଼ ବସ୍ତି, ଇଡ୍‌କୋ ବସ୍ତିରେ ଏହି ଚଢ଼ାଉ କରାଯାଇଥିଲା। ଏହାସହ ମଦ ପ୍ରସ୍ତୁତରେ ବ୍ୟବହୃତ ହେଉଥିବା ବିପୁଳ ଜିନିଷ ଜବତ ସହ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଆହତ

ଭୁବନେଶ୍ୱର,୨୪।୫(ବ୍ୟୁରୋ)- ନୟାପଲ୍ଲୀ ଥାନା ଅନ୍ତର୍ଗତ ଫାୟାର ଷ୍ଟେଶନ ଫ୍ଲାଏଓଭର ବ୍ରିଜ୍ ନିକଟରେ ଏକ ବାଇକକୁ ଅଜଣା ଗାଡି ଧକ୍କା ଦେବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜଟଣୀ ଅଞ୍ଚଳର ସୌମ୍ୟ ସାମନ୍ତରାଏ (୨୧) ଓ ଆହତ ଯୁବକ ହେଲେ ବାପି ପ୍ରଧାନ। ଘଟଣା ସଂକ୍ରାନ୍ତରେ ସୌମ୍ୟଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ସୌମ୍ୟ ଓ ବାପି ମଙ୍ଗଳବାର କୌଣସି କାମରେ ଭୁବନେଶ୍ୱର ଆସି ରାତି ୧୧ ଟାରେ ଜଟଣୀ ଫେରୁଥିବାବେଳେ ଏକ ଅଜଣା ଗାଡି ପଛରୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟେ ଛିଟିକି ପଡିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୌମ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଫାଣ୍ଡି ପାଇଁ ଜାଗା ଚିହ୍ନଟ

ବାରଙ୍ଗ,୨୪।୫(ଡି.ଏନ୍.ଏ.)- ମେଣ୍ଢାଶାଳଠାରେ ୧୯୮୮ରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ଡେରାସ ଫାର୍ମ ଓ ପରେ ବିଦ୍ୟାଳୟର ଏକ ପରିତ୍ୟକ୍ତ ଘରେ ଫାଣ୍ଡି କାର୍ଯ୍ୟ କରୁଥିଲା। ଫାଣ୍ଡି ପାଇଁ ଏବେ ଗିରିଙ୍ଗାପୁଟଠାରେ ଚନ୍ଦକା ପିତାପଲି ରାସ୍ତା କଡ଼ରେ ଥିବା ରକ୍ଷିତ ଅନାବାଦୀ ଜାଗାକୁ ଚିହ୍ନଟ କରାଯାଇଛି। ଉକ୍ତ ଜମିକୁ ଭୁବନେଶ୍ୱର ତହସିଲ ପକ୍ଷରୁ ବୁଧବାର ପୋଲିସ ବିଭାଗକୁ ହସ୍ତାନ୍ତର କରାଯାଇଛି।

# ବିକାଶରେ ବାଧକ ଜବରଦଖଲ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

## ବିରୋଧ ସତ୍ତ୍ୱେ ଡ୍ରେନ୍ ନଂ.୧୦ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ



ସହରର ଅନ୍ୟତମ ମୁଖ୍ୟ ଡ୍ରେନ୍ ନଂ.୧୦ର ବିକାଶ ଓ ପୁନରୁଦ୍ଧାର କାର୍ଯ୍ୟ ବିଏମ୍‌ସି ଦ୍ୱାରା କରାଯାଉଛି। ମୁକ୍ତା ଯୋଜନାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ନାଳରେ ପ୍ରାକୃତିକ ଉପାୟରେ କିପରି ଜଳ ପରିଚାଳନା ସହ ଏହାର ଆଖପାଖର ସୌନ୍ଦର୍ଯ୍ୟକରଣ କରାଯିବ ସେନେଇ ସେମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ବିକାଶ କାର୍ଯ୍ୟରେ ଜବରଦଖଲ ଏବେ ବି ମୁଖ୍ୟ ବାଧକ ସାଜିଛି। ବିଏମ୍‌ସିର ୱାର୍ଡ ନଂ. ୩୬ ଅନ୍ତର୍ଗତ ନିକୋପାର୍କ ନିକଟରେ ଯାଇଥିବା ଏହି ଡ୍ରେନ୍‌ର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ଲାଗି ଆବଶ୍ୟକ ଥିବା ସରକାରୀ ଜମିରେ ଏକାଧିକ ବେଆଇନ ନିର୍ମାଣ ଥିବାରୁ ବିକାଶ କାର୍ଯ୍ୟ ଅଧାପନ୍ତରିଆ ହେଉଛି। ଦିନେ କାମ ହେଲେ ୪ଦିନ ବନ୍ଦ ରହୁଛି। ଉଚ୍ଛେଦ ଲାଗି ଆବଶ୍ୟକ ଥିବା ମେଶିନ ଦେବା ଲାଗି ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବିଏମ୍‌ସିକୁ ବାରମ୍ବାର କୁହାଯାଉ ଥିବାବେଳେ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଡ୍ରେନ ନଂ.୧୦ରେ ଥିବା ସରକାରୀ ଜମିକୁ କେତେଜଣ ଲୋକ ଜବରଦଖଲ କରି ପାଚେରି ନିର୍ମାଣ କରି ନିଜ ଅକ୍ତିଆରରେ ରଖିଛନ୍ତି। ସେହିପରି କିଛି ଲୋକ ସରକାରୀ ଜମିରେ ଛାତ ଘର କରିବା ସହ ଆଉ କେତେଜଣ ନିଜ ପାଇଖାନା ନିର୍ମାଣ କରିଛନ୍ତି। ସ୍କ୍ୱାଡ୍ ନିୟମିତ ଭାବେ ସେଗୁଡ଼ିକୁ ଭାଙ୍ଗୁଛି। ମାତ୍ର ସବୁ ଉଚ୍ଛେଦ ଜେସିବିରେ କରାଯାଇପାରୁ ନାହିଁ। ଛାତ ଘର ଭାଙ୍ଗିବାକୁ ଆବଶ୍ୟକ ଥିବା ପ୍ରୋକ୍ଲେନ ମେଶିନ ଦେବାକୁ ବିଡିଏ ସ୍କ୍ୱାଡ୍ ବିଏମ୍‌ସି ଡ୍ରେନେଜ ବିଭାଗକୁ ବାରମ୍ବାର କହିବା ସତ୍ତ୍ୱେ ଏ ନେଇ ବ୍ୟବସ୍ଥା କରାଯାଉନାହିଁ। ଫଳରେ ବହୁ ସ୍ଥାନରୁ ଉଚ୍ଛେଦ ହୋଇପାରୁ ନାହିଁ। ସେହିପରି ଜବରଦଖଲ ଉଚ୍ଛେଦକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିରୋଧ କରାଯାଉଛି। ବୁଧବାର ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଡ୍ରେନ୍ ନଂ.୧୦ ଅଞ୍ଚଳରୁ ଉଚ୍ଛେଦ କରିବାକୁ ଯାଇଥିବାବେଳେ ବିରୋଧର ଶିକାର ହୋଇଥିଲା। କେବଳ ସ୍ଥାନୀୟ ଲୋକ ନୁହନ୍ତି, କର୍ପୋରେଟରଙ୍କ ମଧ୍ୟ ଏହାକୁ ବିରୋଧ କରିଥିବା ନଜରକୁ ଆସିଥିଲା। ଏହାସତ୍ତ୍ୱେ ୬ଟି ଆଜବେଷ୍ଟ ଘର, ୪ଟି ପାଇଖାନା ଓ ପାଚେରି ଭଙ୍ଗା ଯାଇଛି। ଏନେଇ କର୍ପୋରେଟର ଅଲିଅଲି ମଲ୍ଲିକ କହିଛନ୍ତି, ସମୟ ନ ଦେଇ ଲୋକଙ୍କ ନିର୍ମାଣ ଭାଙ୍ଗିବା ଅନୁଚିତ। ସରକାରୀ ଜମିରେ ମୁଖ୍ୟତଃ ଅଞ୍ଚଳବାସୀ ନିଜ ଶୌଚାଳୟ ନିର୍ମାଣ କରିଛନ୍ତି। ତେଣୁ ସର୍ବନିମ୍ନ ୭ ଦିନ ସମୟ ଦେଇ ତା' ପରେ ଭାଙ୍ଗିବାକୁ ସେ ଦାବି କରିଛନ୍ତି। ଏଥିସହ ଅଞ୍ଚଳବାସୀଙ୍କ ସହ ସେ ବିଏମ୍‌ସି କମିଶନର ଓ ମେୟରଙ୍କୁ ଏନେଇ ଅବଗତ କରାଇବେ ବୋଲି କହିଛନ୍ତି।

# ବଦଳିଲେ ୨୩ ଟ୍ୟାକ୍ସ କଲେକ୍ଟର

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ପ୍ରଥମେ ଗାଳି, ଆଉ ତା' ପରେ ବଦଳି। ମଙ୍ଗଳବାର ବିଏମ୍‌ସି ସଭାଗୃହରେ ଟିକସ ଆଦାୟ ନେଇ ୱାର୍ଡ ଅଫିସର ବା ଟ୍ୟାକ୍ସ କଲେକ୍ଟରଙ୍କ ଏକ ବୈଠକ ହୋଇଥିଲା। ଏଥିରେ ସହରବାସୀଙ୍କଠାରୁ ଶତ ପ୍ରତିଶତ ଟିକସ ଆଦାୟ ସହ ଡୋର୍ ଟୁ ଡୋର୍ ବୁଲି ଯାଞ୍ଚ କରିବା ଏବଂ ଲୋକଙ୍କୁ ଅନ୍‌ଲାଇନରେ ଟିକସ ଦେବାକୁ ମନାଇବା ପାଇଁ ତାଗିଦ କରାଯାଇଥିଲା। ଏପରି କି କାମ କରି ନ ପାରିଲେ ଦରମା ବନ୍ଦ କିମ୍ବା ବଦଳି କରିବାକୁ ବିଏମ୍‌ସି କମିଶନ କଡ଼ା ଚେତାବନୀ ଦେବା ପରେ ବୁଧବାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହିକ୍ରମରେ ଏକାଥରକେ ୨୩ଜଣ ଟ୍ୟାକ୍ସ କଲେକ୍ଟରଙ୍କ ବଦଳି କରାଯାଇଛି। ସେମାନଙ୍କୁ ଗୋଟିଏ ଜୋନ୍‌ରୁ ଅନ୍ୟ ଜୋନ୍‌କୁ ବଦଳି କରିବା ସହ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ନିର୍ଦ୍ଧାରିତ ଜୋନ୍‌ରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୩ଦିନ ମଧ୍ୟରେ ସମସ୍ତ ଚାର୍ଜ ନୂତନ ଟ୍ୟାକ୍ସ କଲେକ୍ଟରଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ବଦଳି ହୋଇଥିବା ଟ୍ୟାକ୍ସ କଲେକ୍ଟରଙ୍କ ମଧ୍ୟରେ କେଶବ ଚରଣ ରାଉତ, ପୀତବାସ ଦାସ, ରବୀନ୍ଦ୍ରନାଥ ସାହୁ, ସେକ୍ ଜେଲୁଲ ଆବେଦିନ୍, ମାନସ କୁମାର ପ୍ରଧାନ, ନୃସିଂହ ବେହେରା, ପ୍ରଶାନ୍ତ କୁମାର ସେଠୀ, ରଞ୍ଜନ କୁମାର ନାୟକ, ଅମରେନ୍ଦ୍ର ସାହୁ, ବିବେକାନନ୍ଦ ମିଶ୍ର, ଅମିୟ କୁମାର ସ୍ୱାଇଁ, ଫାଲଗୁନି ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ସାହୁ, ସତ୍ୟବ୍ରତ ମିଶ୍ର, ଅରୁଣ କୁମାର ସାହୁ, ପ୍ରଦୀପ କୁମାର ଡାକୁଆ, ବୈଷ୍ଣବ ଚରଣ ସାହୁ, ବିନୋଦ ଚରଣ ମଲ୍ଲିକ, ଅଜୟ କୁମାର ସ୍ୱାଇଁ, ଦୀପକ କୁମାର ନାୟକ, ଶ୍ରୀକାନ୍ତ କୁମାର ମହାନ୍ତି ଓ ସୁଜିତ୍ କୁମାର ସ୍ୱାଇଁ ରହିଛନ୍ତି।

# ଏକାମ୍ର ବରିଷ୍ଠ ନାଗରିକ ସଂଘର ଚନ୍ଦନ ମହୋତ୍ସବ



ସାହିତ୍ୟିକ ସୁଧୀର କୁମାର ଦାସଙ୍କୁ ଚନ୍ଦନ ସମ୍ମାନରେ ସମ୍ମାନିତ କରାଯାଉଛି।

## ୬ଜଣଙ୍କୁ ଚନ୍ଦନ ସମ୍ମାନ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ସ୍ଥାନୀୟ ଲୁଇସ୍ ରୋଡ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଏକାମ୍ର ବରିଷ୍ଠ ନାଗରିକ ସଂଘର ସପ୍ତମ ଚନ୍ଦନ ମହୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ଦୋରା ଯୋଗଦେଇଥିଲେ। ସଂଘର ସଭାପତି ହୃଷୀକେଶ ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଧୀରେନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥ ଏହି ଉତ୍ସବର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟିକ ତଥା କବି ସୁଧୀର କୁମାର ଦାସ, ରଙ୍କୁଣା ରଥ ବରିଷ୍ଠ ସାରଥି ନୃସିଂହ ଖୁଣ୍ଟିଆ, ରଘୁନାଥ ସାହୁ, ଗୋପବନ୍ଧୁ ଦାସ ପ୍ରମୁଖ ୬ଜଣ ବରିଷ୍ଠଙ୍କୁ ଚନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଗଠନର ଉପ-ସଭାପତି ଅଶୋକ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଚନ୍ଦନ ମହୋତ୍ସବରେ ଗୀତ ଗାଇଲେ ରାଜ୍ୟପାଳ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ଭୁବନେଶ୍ୱର ସଂସ୍କୃତି ପରିଷଦ ପକ୍ଷରୁ ଏକାମ୍ର ଚନ୍ଦନ ମହୋତ୍ସବ ପାଳିତ ହୋଇଯାଇଛି। ଗୁଆଝର ପରିସରରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଚନ୍ଦନ ମହୋତ୍ସବର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସଭାରେ ଏକ ଗୀତ ଗାଇଥିଲେ। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ମେୟର ସୁଲୋଚନା ଦାସ, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ ପାଟଶାଣୀ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ମଧ୍ୟ ବିଧାୟକ ଅନନ୍ତ କୁମାର ଜେନାଙ୍କ ସମେତ ବହୁ କର୍ପୋରେଟର ବୁଦ୍ଧିଜୀବୀ ଯୋଗଦେଇଥିଲେ। ପରିଷଦର ଅଧ୍ୟକ୍ଷ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନ୍ୟ ସଭ୍ୟମାନେ ପରିଚାଳନା କରିଥିଲେ।



ଭୁବନେଶ୍ୱର ସଂସ୍କୃତି ପରିଷଦ ପକ୍ଷରୁ ଗୁଆଝରଠାରେ ଅନୁଷ୍ଠିତ ଏକାମ୍ର ଚନ୍ଦନ ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# ୩୦କୁ ଘୁଞ୍ଚିଲା ବିଏମ୍‌ସି ଷ୍ଟାଣ୍ଡିଂ କମିଟି ନିର୍ବାଚନ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ବିଏମ୍‌ସି କର୍ପୋରେଶନ ଗତ ମାସରେ ବର୍ଷେ ପୂରଣ କରିଥିବାବେଳେ ସମସ୍ତ ଷ୍ଟାଣ୍ଡିଂ କମିଟିର କାର୍ଯ୍ୟକାଳ ସରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ସଦସ୍ୟ ନିର୍ବାଚିତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏବେ ନିର୍ବାଚନକୁ ୩୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କେତେଜଣ କର୍ପୋରେଟର ବା ସଦସ୍ୟ ଗୁରୁବାର ଅନୁପସ୍ଥିତ ରହିବା କାରଣରୁ ନିର୍ବାଚନ ହୋଇପାରି ନ ଥିଲା। ଏଥିସହ ନିର୍ବାଚନ ନେଇ ପରବର୍ତ୍ତୀ ତାରିଖ ଧାର୍ଯ୍ୟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ବିଏମ୍‌ସିରେ ମୋଟ ୯ଟି ଷ୍ଟାଣ୍ଡିଂ କମିଟି ରହିଥିବାବେଳେ ପ୍ରତି କମିଟିର କାର୍ଯ୍ୟକାଳ ମାତ୍ର ଏକ ବର୍ଷ। ତେଣୁ ପୁରୁଣା କମିଟିର କାର୍ଯ୍ୟକାଳ ସରିବା ସହ ନୂତନ ଷ୍ଟାଣ୍ଡିଂ କମିଟି ନିର୍ବାଚନ କରାଯିବ।

# ମୋବାଇଲ ଫେରାଇଲେ ବସ୍ ମାଲିକ

ବାରଙ୍ଗ,୨୪।୫(ଡି.ଏନ୍.ଏ.)

ବସ୍‌ରେ ଯାତ୍ରା ସମୟରେ ଛାଡ଼ିଯାଇଥିବା ଜଣେ ଯାତ୍ରୀଙ୍କ ମୋବାଇଲକୁ ବସ୍ ମାଲିକ ମଙ୍ଗଳବାର ଫେରାଇ ଚର୍ଚ୍ଚାକୁ ଆସିଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ୍‌ରୁ ନନ୍ଦନକାନନ ଯାଉଥିବା ଟାଉନବସ୍ ମା' ଯୋଗମାୟାରେ ପୁରୀର ଦୀପକ ପାତ୍ର ପଟିଆରେ ଓହ୍ଲାଇଥିଲେ। ଭୁଲବଶତଃ ତାଙ୍କ ମୋବାଇଲ ବସ୍‌ରେ ରହିଯାଇଥିଲା। ପରେ ବସ୍ ରଘୁନାଥପୁର ଗାଁମୁଣ୍ଡ ବସ ମାଲିକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ରାତିରେ ବସ୍ ସଫା କରିବା ସମୟରେ ସିଟ୍ ତଳେ ମୋବାଇଲ ପଡ଼ିଥିବା ଡ୍ରାଇଭର ଦେଖି ମାଲିକ ତ୍ରିଲୋଚନ ରାଉତଙ୍କୁ ଦେଇଥିଲେ। ଏହି ସମୟରେ ସେହି ମୋବାଇଲକୁ କଲ ଆସିବାରୁ ଦୀପକଙ୍କ ମୋବାଇଲ ହଜିଥିବା ସେ ଜାଣିବାକୁ ପାଇଥିଲେ। ପରେ ସେ ସେଠାକୁ ଆସି ବସ୍ କାର୍ଯ୍ୟାଳୟରୁ ତାଙ୍କ ମୋବାଇଲ ନେଇଥିଲେ। ବସ୍ ମାଲିକଙ୍କ ସଚ୍ଚୋଟତା ପାଇଁ ଦୀପକ ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ମଧ୍ୟରେ ସମ୍ପର୍କ ଓ ଆତ୍ମୀୟତା ଜରୁରୀ



ବିଧାୟକ ଅରବିନ୍ଦ ଢାଲି ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାଲିଅନ୍ତା,୨୪।୫(ଡି.ଏନ୍.ଏ.)

ବାଲିଅନ୍ତା ପଞ୍ଚାୟତ ନିକୁଞ୍ଜବିହାରୀ ମନ୍ଦିର ପରିସରରେ ବୁଧବାର ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ସ୍ଥାନୀୟ ଅଞ୍ଚଳର ୮୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକମାନେ ଅଭିଜ୍ଞ ସମ୍ପନ୍ନ ବ୍ୟକ୍ତି। ସେମାନଙ୍କ ଭିତରେ ସମ୍ପର୍କ ଓ ଆତ୍ମୀୟତା ରହିବା ଜରୁରୀ। ବରିଷ୍ଠ ନାଗରିକମାନେ ଆତ୍ମସମୀକ୍ଷା କରନ୍ତୁ ଓ ଅବଶିଷ୍ଟ ସମୟ ଲୋକଙ୍କ ସହିତ ମିଳିମିଶି ରୁହନ୍ତୁ ଓ ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ବିଧାୟକ ଢାଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ପୂର୍ବତନ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ଧୀରେନ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଢାଲି ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି।

# ମହାପ୍ରଭୁଙ୍କ ନୂତନ ଗଜଦନ୍ତ ପଲଙ୍କ ନିର୍ମାଣ କରାଯାଉ

ପୁରୀ ଅଫିସ, ୨୪।୫

ମହାପ୍ରଭୁଙ୍କ ନିମନ୍ତେ ନୂତନ ଗଜଦନ୍ତ ପଲଙ୍କ ଓ ଭୋଗଥାଳି ନିର୍ମାଣ କରିବାକୁ ଅନୁରୋଧ କରି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁଦାନ କମ୍ ନୁହେଁ। ମନ୍ଦିରର ଆୟ ମଧ କମ୍ ନୁହେଁ। ଠାକୁରଙ୍କ ପାଇଁ ସେବାୟତଙ୍କଠାରୁ ଭକ୍ତ ସମସ୍ତେ ସମୃଦ୍ଧ। ଅଥଚ ଠାକୁରଙ୍କ ରତ୍ନଗଜଦନ୍ତ ପଲଙ୍କ ଓ ଠାକୁରଙ୍କ ଭୋଗଥାଳି କଥା ନ କହିଲେ ଭଲ। ପାଳିଆ ସେବାୟତମାନଙ୍କ ଠାରୁ ଲକ୍ଷଲକ୍ଷ ଭକ୍ତଙ୍କ ପର୍ଯ୍ୟନ୍ତ ସମସ୍ତେ ଦୀର୍ଘଦିନ ଧରି ଏଥିପାଇଁ ଅସନ୍ତୁଷ୍ଟ। ଅନେକ ପ୍ରଶାସକ ଆସିଲେଣି ଓ ଗଲେଣି। ହେଲେ ଠାକୁରଙ୍କ ପାଇଁ କାହାର ନିଘା ନାହିଁ। ଫଳରେ ଶ୍ରୀବିଗ୍ରହମାନଙ୍କ ନୀତିରେ ଭଙ୍ଗା ଗଜଦନ୍ତ ପଲଙ୍କ ଏବଂ ଭୋଗଥାଳି ବ୍ୟବହାର କରାଯାଉଛି, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ତେଣୁ ଠାକୁରଙ୍କ ନୂତନ ପଲଙ୍କ ଓ ଉନ୍ନତମାନର ଭୋଗଥାଳି ନିର୍ମାଣ କରାଯିବାକୁ ମିଶ୍ର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି ଜଣାଇଛନ୍ତି। ଠାକୁରଙ୍କ ନୂତନ ପଲଙ୍କ ଓ ଭୋଗଥାଳି ନିର୍ମାଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେବା ସହ ଠାକୁରଙ୍କ ନୀତି, ସଂସ୍କୃତି, ପରମ୍ପରା ଓ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ନାରାବାଜି ସହ ଘଣ୍ଟ ବାଡ଼େଇ ପ୍ରତିବାଦ କଲେ ସଭ୍ୟାସଭ୍ୟ

ବାରଙ୍ଗ,୨୪।୫(ଡି.ଏନ୍.ଏ.)

ବାରଙ୍ଗ ପଞ୍ଚାୟତ ସମିତିର ବୁଧବାର ଅନୁଷ୍ଠିତ ୬ଷ୍ଠ ସାଧାରଣ ବୈଠକରେ ଅସନ୍ତୁଷ୍ଟ ସଭ୍ୟାସଭ୍ୟଙ୍କ ଘଣ୍ଟ ବଜାଇ ପ୍ରତିବାଦ ଯୋଗୁ ବୈଠକ ବାତିଲ ହୋଇଯାଇଛି। ସଭ୍ୟାସଭ୍ୟଙ୍କ ସମ୍ମାନ ହାନି ଘଟିଥିବା ଦର୍ଶାଇ ବିଧାୟକ, ଅଧ୍ୟକ୍ଷା ଓ ବିଡିଓଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିରେ ୨ ବିଧାୟକ ବାଧ ହୋଇ କକ୍ଷ ତ୍ୟାଗ କରିଥିଲେ।

ସୂଚନା ମୁତାବକ, ପୂର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ପୂର୍ବାହ୍ନରେ ସମିତି କାର୍ଯ୍ୟାଳୟରେ ସମିତିର ୬ଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇଙ୍କ ସଭାପତିତ୍ୱରେ ବୈଠକରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଯୋଗ ଦେଇଥିଲେ। ସୂଚୀ ଅନୁଯାୟୀ ମୋଟ ୭ ଗୋଟି ପ୍ରସ୍ତାବ ଆଲୋଚନା ହୋଇଥା'ନ୍ତା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଥମେ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପୂର୍ବ ବୈଠକରେ ଏକ ରାସ୍ତା କାମକୁ ନେଇ କୁହ୍ଲେଇପଡ଼ା ସରପଞ୍ଚ ଓ ବେଲଗଛିଆ ସମିତି ସଭ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ଘଟଣାରେ ହୋଇଥିବା ନିନ୍ଦା ପ୍ରସ୍ତାବ ଓ ରେଜୁଲେଶନରେ ଅଭଦ୍ରୋଚିତ ଭଳି ଏକ ଅପଶବ୍ଦ ବ୍ୟବହର ହୋଇଥିବା ବିବରଣୀ ପାଠବେଳେ ଜଣାପଡ଼ିଥିଲା।



ବୈଠକରେ ହୋହଲ୍ଲା କରୁଛନ୍ତି।

## ଚଳାଇଦେଲେନି ପଞ୍ଚାୟତ ସମିତି ବୈଠକ

ରେଜୁଲେଶନରେ ଲେଖାଯାଇଥିବା ଅଭଦ୍ରୋଚିତ ଭଳି ଏକ ଅପଶବ୍ଦକୁ ସରପଞ୍ଚ, ସମିତି ସଭ୍ୟ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କିନ୍ତୁ ଏଥିପ୍ରତି କେହି ଗୁରୁତ୍ୱ ନ ଦେବାରୁ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ନାରାବାଜି ଦେଇଥିଲେ। ପ୍ରାୟ ୧ ଘଣ୍ଟା କାଳ ଘଣ୍ଟ ବାଡ଼େଇ ପ୍ରତିବାଦ କରିଥିଲେ। ଶେଷରେ ବାଧ ହୋଇ ୨ ବିଧାୟକ ଓ ଅଧ୍ୟକ୍ଷା କକ୍ଷ ତ୍ୟାଗ କରିବା ପରେ ବୈଠକ ବାତିଲ ହୋଇଯାଇଥିଲା।

# ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଅନ୍‌ଲାଇନ୍ ଠକ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

## ସେକେଣ୍ଡ ହ୍ୟାଣ୍ଡ୍ ଜିନିଷ ଅନ୍‌ଲାଇନ୍‌ରେ କିଣୁଥିଲେ ସାବଧାନ

ସେକେଣ୍ଡ୍ ହ୍ୟାଣ୍ଡ୍ ହେଲେ ମଧ କମ୍ ଦାମ୍‌ରେ ଏକ ନମ୍ବର କ୍ୱାଲିଟିର ଜିନିଷ ମିଳିବ। ଟଙ୍କା ଦେଲେ ସହଜରେ ଘରେ ପହଞ୍ଚିବ ସାମଗ୍ରୀ। ଟ୍ରାନ୍ସପୋର୍ଟେଶନ ମାଗଣା। ଭୁବନେଶ୍ୱର, କଟକ ସହ ରାଜ୍ୟର ଯେଉଁଠି କହିବେ ସେଠାରେ ଜିନିଷ ସୁରକ୍ଷିତ ଭାବେ ପହଞ୍ଚିବ। ଏଥିପାଇଁ ପ୍ରଥମେ ୨ ହଜାର ଟଙ୍କା ଦେଇ ବୁକିଂ କରିବାକୁ ପଡିବ। ଜିନିଷ ବାଛିବା ପରେ ଅବଶିଷ୍ଟ ଟଙ୍କା ଅନ୍‌ଲାଇନ୍‌ରେ ପଠାଇବାକୁ ହେବ। ବିଶ୍ୱାସ ଜନ୍ମାଇବା ଭଳି ଏଭଳି ବିଭିନ୍ନ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଅନ୍‌ଲାଇନ ଠକ। ବିମାନବନ୍ଦରରେ ଚାକିରି କରିଥିବା ଫେସ୍‌ବୁକ ପେଜ୍‌ରେ ଉଲ୍ଲେଖ କରିବା ସହ ଏସବୁ ଜିନିଷ ବିକ୍ରି କରିବା ଲାଗି ଲମ୍ବା ତାଲିକା ପୋଷ୍ଟ କରୁଛନ୍ତି। ଏସି ୧.୫ ଟନ୍ ଫାଇଭ୍ ଷ୍ଟାର୍ ୧୧ ହଜାର, ସୋଫା ସେଟ୍ ୧୦ ହଜାର, ଡବଲ ବେଡ୍ ୮ ହଜାର, ଡବଲ ଡୋର ଫ୍ରିଜ୍ ୭ ହଜାର, ୱାଶିଂ ମେଶିନ ୬ ହଜାର, ଏଲଇଡି ଟିଭି ୬ ହଜାର ଟଙ୍କା ଆଦିରେ ମିଳୁଥିବାରୁ ଲୋକେ ମଧ୍ୟ ଆକର୍ଷିତ ହୋଇ ଲୋଭରେ ପଡି ଦିଆଯାଉଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରୁଛନ୍ତି। ଏହାପରେ ଠକଙ୍କ କାରନାମା ଆରମ୍ଭ ହେଉଛି। ଏଭଳି ଠକେଇ ଶିକାର ହୋଇଥିବା ଜଣେ ଯୁବକ କହିଛନ୍ତି, ଫେସବୁକ୍ ଖୋଲି ଦେଖୁଥିବାବେଳେ ସୁଶୀଲ କୁମାର ସାର୍ ନାମକ ଏକ ଆଇଡିରେ ସେକେଣ୍ଡ ହାଣ୍ଡ ଟିଭି, ଫ୍ରିଜ୍, ସୋଫା ସେଟ, ଡବଲ ବେଡ ଆଦି ୫ ମାସର ଜିନିଷ କମ୍ ଟଙ୍କାରେ ବିକ୍ରି ହେଉଥିବା ଜାଣିଲି। ତେଣୁ ଉକ୍ତ ଆଇଡିରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିଥିଲି। ବ୍ୟକ୍ତି ଜଣକ ହିନ୍ଦୀରେ କଥା ହେବା ସହ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଚାକିରି କରିଥିବା କହିଥିଲେ। ତେଣୁ ବିଶ୍ୱାସ ବଢ଼ିଯାଇଥିଲା। ଏନେଇ ଜିନିଷ ବାବଦକୁ ପଚାରିବାରୁ ସେ ପ୍ରଥମେ ୨ ହଜାର ଟଙ୍କା ଦେଇ ବୁକିଂ କରିବାକୁ ପଡିବ ବୋଲି କହିଥିଲେ। ହେଲେ ମୁଁ ୫୦୦ ଟଙ୍କା ଦେଇଥିଲି। ଏହାପରେ ଜିନିଷ ଦେଖିବାକୁ କହିବାରୁ ସେ ବିଭିନ୍ନ ପ୍ରକାର ବାହାନା କରିବା ସହ ବାକି ଟଙ୍କା ଦେବାକୁ କହିଥିଲେ। ତେଣୁ ଟଙ୍କା ଫେରାଇବାକୁ କହିବାରୁ ସିଧା ମନା କରିଦେଲେ। ଏନେଇ ଠକ ସଂସ୍ଥା କହିବାରୁ ନାନା ଧମକ ଦେଇ ବ୍ୟକ୍ତିଜଣକ ଫୋନ୍ କାଟି ଦେଇଥିବା ସେ କହିଛନ୍ତି।

## ଲୋକେ ଜାଣିଶୁଣି ଠକି ଯାଉଛନ୍ତି

ଅନ୍‌ଲାଇନରେ ଲୋକ ଜାଣିଶୁଣି ନିଜେ ଠକେଇର ଶିକାର ହେଉଛନ୍ତି। ସାଇବର ଠକମାନେ ବିଭିନ୍ନ ସମୟରେ ଅନଲାଇନ୍ ଜରିଆରେ ବିଭିନ୍ନ ସାଇଟ୍ ଖୋଲି ଲୋକଙ୍କୁ ଲୋଭ ଦେଖାଇ ଠକିଥାନ୍ତି। ତେଣୁ ଲୋକେ ଏଥିପ୍ରତି ସଚେତନ ହେବା ଆବଶ୍ୟକ। ଠକାମିର ଶିକାର ହୋଇଥିବା ବ୍ୟକ୍ତି ତୁରନ୍ତ ଅଭିଯୋଗ କଲେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ। କିନ୍ତୁ ଲୋକେ ସଚେତନ ହେଲେ ଅନ୍‌ଲାଇନ ଅପରାଧ ନିୟନ୍ତ୍ରଣରେ ରହିବ ବୋଲି ଇନ୍ସପେକ୍ଟର ସନ୍ତୋଷ କୁମାର ଜେନା କହିଛନ୍ତି।

## ସଂକ୍ଷେପରେ

### କୂଅରୁ ଯୁବକଙ୍କ ମୃତଦେହ ଜବତ

ଚୌଦ୍ୱାର,୨୪।୫(ଡି.ଏନ୍.ଏ.)- ଆଗ୍ରାହାଟ ପଞ୍ଚାୟତ ଅଧୀନ ମଙ୍ଗଳପୁର ଗ୍ରାମର ଏକ କୂଅରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ଆମ୍ବିଳିଝରି ଗ୍ରାମର ଗୋପୀ ପୂର୍ତ୍ତି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ କୂଅକୁ ଗୋପୀ ମଟର ଲଗାଇ ପାଣି କାଢ଼ିବା ସହିତ ସଫା କରୁଥିଲେ। କିଛି ସମୟ ପରେ ଘର ମାଲିକ କୂଅ ଭିତରକୁ ଚାହିଁଲାବେଳକୁ ଗୋପୀ ମଟର ପାଇପ୍ ଧରି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଡାକିବାରେ ସେ ନ ଶୁଣିବାରୁ ଘର ମାଲିକ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅଭିତରୁ ଗୋପୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ଗୋପୀଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜରଙ୍କ ତାଲିମ ଶିବିର

ବଡ଼ମ୍ବା,୨୪।୫(ଡି.ଏନ.ଏ.) ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ବଡ଼ମ୍ବା ମଣ୍ଡଳର ସମସ୍ତ ୧୩୪ଟି ବୁଥ୍‌ର ୧୩୪ଜଣ ବୁଥ ସ୍ତରୀୟ ଅଧିକାରୀ, ୧୩ ସୁପରଭାଇଜରଙ୍କୁ ବିଏଲ୍ଓ ଆପ୍ ସମ୍ପର୍କରେ ଦିନିକିଆ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ ଉପଖଣ୍ଡ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ଓ ବିଡିଓ ରମେଶ କୁମାର ଜେନା ଉପସ୍ଥିତ ରହି ପୂର୍ବରୁ ଭୋଟର ତାଲିକା ଗରୁଡ଼ ଆପ୍‌ରେ ଯୋଗ କରାଯାଉଥିଲା। ନୂତନ ଭାବେ ବିଏଲ୍ଓ ଆପ୍ ୩.୮ ମାଧ୍ୟମରେ କିପରି ସଂଯୋଗ, ସଂଶୋଧନ, ସ୍ଥାନାନ୍ତର ଏବଂ ମୃତବ୍ୟକ୍ତିଗୁଡ଼ିକରେ ନାମ କଟାଯିବ ତାହା ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିଲା। ନୂଆ ଆପ ମାଧ୍ୟମରେ ମୋବାଇଲରେ କିପରି କରାଯିବ ସେହି ଉପରେ ଡେମୋ ମଧ କରି ଦେଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଖଣ୍ଡ କାର୍ଯ୍ୟାଳୟର ବରିଷ୍ଠ କିରାଣି ସୂର୍ଯ୍ୟମଣି ସାହୁ, ବଡ଼ମ୍ବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର, ତହସିଲର କିରାଣି ଅଭୟ କୁମାର ସାହୁ, ବିଏଲ୍ଓ ସୁପରଭାଇଜର ରମେଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ନାଥ, ଅଶୋକ କୁମାର ମାଝି, କୈଳାସ ଚନ୍ଦ୍ର ବେହେରା, ଜ୍ଞାନେନ୍ଦ୍ର ରାଉତ, ବସନ୍ତ କୁମାର ପାଣି, ରାଧାମୋହନ ଜୟସିଂହ, ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ୨୮ରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘର ପ୍ରତିଷ୍ଠା ଦିବସ

କଟକ ଅଫିସ, ୨୪।୫: ସମ୍ବାଦପତ୍ର ବିକ୍ରେତା ସଂଘର ୫୫ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୮ରେ ପାଳନ କରାଯିବ। ଏ ନେଇ ସମ୍ବାଦପତ୍ର ବିକ୍ରେତା ସଂଘର ଏକ ବୈଠକ ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସମାଜ ସମ୍ପାଦକ ନିରଞ୍ଜନ ରଥ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଗୋପାଳକୃଷ୍ଣ ମହାପାତ୍ର, କର୍ପୋରେଟର ରୋଜାଲିନ ରାଉତ ଓ କର୍ପୋରେଟର ଏ. ଶ୍ରୀଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ବୈଠକରେ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାସ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ହିମାଂଶୁ ମହାପାତ୍ର, ମନୋଜ ପାଲ, ଦୁର୍ଗା ପ୍ରସାଦ ଛାଟୋଇ, ଦୀପ୍ତି ରଞ୍ଜନ ପଟ୍ଟନାୟକ, ରବି ପାଲ, ନିବାସ ରେଡ୍ଡୀ, ହୃଷୀକେଶ ପଢ଼ିହାରୀ, ଦିବାକର ଭୋଳ ଯୋଗ ଦେଇଥିଲେ।

# ପୁଣି ଭାଙ୍ଗିଲା ୫-ଟି ସ୍କୁଲ ପାଚେରି

## ଠିକାଦାର ପୁରୁଣା ପାଚେରିରେ ରଙ୍ଗ ବୋଳି ଦେଇଥିଲେ

ନରସିଂହପୁର, ୨୪।୫(ସ୍ୱ.ପ୍ର.)



ବିଦ୍ୟାଳୟର ପାଚେରି ଭୁଶୁଡି ପଡିଛି।

ନରସିଂହପୁର ସଦର ମହକୁମାରେ ଥିବା ସର୍ବପୁରାତନ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରିତ କରାଯାଇଛି। ସାମାନ୍ୟ ବର୍ଷାରେ ସ୍କୁଲର ସମ୍ମୁଖ ଭାଗ ୩୦ ମିଟର ଲମ୍ବା ପାଚେରି ବୁଧବାର ଭୁଶୁଡ଼ି ପଡ଼ିଛି। ଦୀର୍ଘବର୍ଷର ପୁରୁଣା ପାଚେରିରେ ଠିକାଦାର ରଙ୍ଗ ବୋଳି ଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ୨ ବର୍ଷ ମଧ୍ୟରେ ଏହି ସ୍କୁଲ ୫-ଟି ରୂପାନ୍ତରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାର କିଛି ମାସ ପରେ ପ୍ରଥମେ ଅଳ୍ପ ପାଚେରି ଭୁଶୁଡ଼ି ପଡ଼ିଥିଲା। ବର୍ଷାଦିନେ ଛାତରୁ ପାଣି ଗଳି କମ୍ପ୍ୟୁଟର ସମେତ ବହୁ ଜିନିଷ, ନଥିପତ୍ର ନଷ୍ଟ ହେବା ସହ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢ଼ିବା ଘଟଣା ଦେଖିବାକୁ ମିଳିଥିଲା। ବିଦ୍ୟାଳୟଟିର କାମ ନିମ୍ନମାନର କରାଯାଇଥିବା ଚର୍ଚ୍ଚା ସାଧାରଣରୁ ଲିଭି ନ ଥିବା ବେଳେ ଏବେ ରଙ୍ଗ ବୋଳା ପୁରୁଣା ପାଚେରି ଭୁଶୁଡ଼ି ପଡ଼ିବା ଚର୍ଚ୍ଚାର ବିଷୟ ପାଲଟିଛି। ପାଚେରି ଭୁଶୁଡ଼ିବା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବିଡିଓ ନୀଳମାଧବ ସୁନା ପ୍ରତିକ୍ରିୟାରେ କହିଛନ୍ତି।

# ତଦନ୍ତ ଦାବିରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଚୌଦ୍ୱାର,୨୪।୫(ଡି.ଏନ୍.ଏ.)

ଚୌଦ୍ୱାର ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବା ପାଇଁ ଚୌଦ୍ୱାର ସ୍ୱାଭିମାନ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ମଞ୍ଚର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମଞ୍ଚର ଆବାହକ ଅଜିତ୍ କୁମାର ସ୍ୱାଇଁ, ଦୀପକ କୁମାର ମଙ୍ଗରାଜ, କୈଳାସ ଚନ୍ଦ୍ର ବେହେରା, ଶୁଭେନ୍ଦୁ ମହାନ୍ତି, ମାନସ ରଞ୍ଜନ ପରିଡ଼ା, ମନୋରଞ୍ଜନ ସାହୁ, ଅକ୍ଷୟ ଭୂୟାଁ, ବର୍ଷାରାଣୀ ପଲେଇ, ମୋନାଲିସା ଦାସଙ୍କ ସମେତ ଅନେକ ସୂଚନା ଅଧିକାର କର୍ମୀ, ରାଜନୈତିକ ଦଳର କର୍ମୀ, ମହିଳା, ଯୁବକ ତଥା ସ୍ଥାନୀୟ ନାଗରିକ ବିକ୍ଷୋଭରେ ସାମିଲ ହୋଇଥିଲେ। ଗତ ବର୍ଷଗୁଡ଼ିକରେ ପୌରପାଳିକାରେ ହୋଇଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ପୌର କର୍ମକର୍ତ୍ତାମାନଙ୍କୁ ସମାଲୋଚନା କରିଥିଲେ। ଏ ସମ୍ପର୍କରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ କହିଛନ୍ତି, ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏ ନେଇ ସ୍ପଷ୍ଟୀକରଣ ରଖିବୁ।

# କୃଷି ବିଭାଗ ପକ୍ଷରୁ କର୍ମଶାଳା

ନରସିଂହପୁର, ୨୪।୫(ସ୍ୱ.ପ୍ର.)

ନରସିଂହପୁର ବ୍ଲକ କୃଷି ବିଭାଗ ପକ୍ଷରୁ ଆସନ୍ତା ଖରିଫ ଋତୁରେ ଫସଲ, ବିହନ ସଂରକ୍ଷଣ, ଯତ୍ନ ସହ ମୃତ୍ତିକା ପରିକ୍ଷଣ ସମ୍ପର୍କରେ ଏକ ଦିବାସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ କାର୍ଯ୍ୟାଳୟର ସଭାଗୃହରେ ଆୟୋଜିତ କର୍ମଶାଳାରେ ବ୍ଲକ କୃଷି ଅଧିକାରୀ ନିର୍ମଳ କୁମାର ନାୟକ ଓ ଆଠଗଡ଼ ଉପଖଣ୍ଡ କୃଷି ଅଧିକାରୀ ପ୍ରିୟନାଥ ପାତ୍ର ଯୋଗଦେଇ ଫସଲର ଯତ୍ନ ସାର ବିହନ ପ୍ରୟୋଗ ପ୍ରଣାଳୀ ସହ ମୃତ୍ତିକା ପରୀକ୍ଷଣ ସମ୍ପର୍କରେ ସବିଶେଷ ବୁଝାଇଥିଲେ। ବ୍ଲକ କୃଷି ସହାୟକ କୁଶ ସ୍ୱାଇଁ, ରମଣୀ ରଞ୍ଜନ ସିଂଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ଅଗ୍ରଣୀ ଚାଷୀ, ବିଭିନ୍ନ ସେବା ସମବାୟ ସମିତିର ସମ୍ପାଦକ ସମୂହ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଶୈବପୀଠରେ ହର-ପାର୍ବତୀଙ୍କ ବିବାହ ସମ୍ପନ୍ନ



ବିବାହ ଲାଗି ସୋମନାଥଙ୍କୁ ବିମାନରେ ନେବାକୁ ପ୍ରସ୍ତୁତି ଚାଲିଛି।

ନିଶ୍ଚିନ୍ତକୋଇଲି,୨୪।୫(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପ୍ରଭୁ ଶିବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଯାଥରୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ବୁହାଲୋ ପଞ୍ଚାୟତ ବରପଡ଼ାସ୍ଥିତ ସୋମନାଥ ମହାଦେବଙ୍କ ପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମାପନ ହୋଇଛି। ଏହି ଅବସରରେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ କୂଳରେ ଥିବା ପ୍ରସିଦ୍ଧ ହରିବୋଲି କୁଦରୁ ପ୍ରଭୁ ସୋମନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ବାଜାବାଣ ରୋଶଣିରେ ଗାଁ ପରିକ୍ରମା କରାଯାଇଥିଲା। ସୋମନାଥଙ୍କ ପୀଠରେ ବର ଓ ବରଯାତ୍ରୀ ପହଞ୍ଚିବା ପରେ କନ୍ୟା ଘର ପକ୍ଷରୁ ପାଛୋଟି ନିଆଯାଇଥିଲା। ପୀଠରେ ଅନୁଷ୍ଠିତ ବିବାହ ଉତ୍ସବରେ ବର ପିତାମାତା ଭାବେ ସାମାଜିକ କର୍ମୀ ଡ. ଦେବ ମହାନ୍ତି ଓ ସ୍ତ୍ରୀ ହରପ୍ରିୟା, କନ୍ୟା ପିତାମାତା ଭାବେ ବିପିନ ବିହାରୀ ଦଣ୍ଡପାଟ ଓ ସ୍ତ୍ରୀ ପୁଷ୍ପଲତା କନ୍ୟାଦାନ କରିଥିଲେ। ଏହି ବିବାହ ଉତ୍ସବରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥିରେ ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି, ସରପଡ଼ା ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିବାହ କାର୍ଯ୍ୟକୁ ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସମାପନ କରିଥିଲେ। ସେହିଭଳି ଭାବେ ନତକାଇ ପଞ୍ଚାୟତ ଶକ୍ତିଶ୍ୱରଙ୍କ ପୀଠରେ ଗଣପତି ବକ୍ରତୁଣ୍ଡ ଗଣପତି ମହାଯଜ୍ଞର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାକର୍ତ୍ତୀ ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଚନ୍ଦ୍ରସାରଥି ବେହେରା, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଜେନା ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟି ରମେଶ ଚନ୍ଦ୍ର ସ୍ୱାଇଁ ଶିବ ବିବାହ ଓ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିଭଳି ଭାବେ ରଙ୍ଗେଶ୍ୱରୀ ମନ୍ଦିରରେ ଶିବ ପାର୍ବତୀ ବିବାହ ଉତ୍ସବ ପାଳିତ ହୋଇଯାଇଛି।

# ଜନମଙ୍ଗଳକାରୀ ଯୋଜନାରେ ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ହେବ

କଟକ ଅଫିସ, ୨୪।୫

ଦିବ୍ୟାଙ୍ଗମାନଙ୍କ ପ୍ରଗତୀ ଓ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ରାଜ୍ୟରେ ସପ୍ତାହବ୍ୟାପୀ ସଚେତନତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ ଜିଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ କାର୍ଯ୍ୟରତ ଅନୁ ଆଇନ ସ୍ୱେଚ୍ଛାସେବୀମାନେ ଦିବ୍ୟାଙ୍ଗମାନଙ୍କ ଘରକୁ ଯାଇ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ବୁଝିବେ। ଏଥିସହ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଜନମଙ୍ଗଳକାରୀ ଯୋଜନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ। ସେହିପରି ଦିବ୍ୟାଙ୍ଗଙ୍କୁ ସୁବିଧା ସୁଯୋଗ ଓ ଆଇନଗତ ସାହାଯ୍ୟ ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏ ନେଇ ଜିଲା ଆଇନ ସେବା ପ୍ରାଧିକରଣରେ ବୁଧବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧିକରଣ ଅଧକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁ ଯୋଗଦେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନୁ ଆଇନ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିଥିଲେ।

# ବୁଥ୍‌ସ୍ତରରେ ଲୋକଙ୍କୁ ସଚେତନ କରାଅ




କାର୍ଯ୍ୟକାରିଣୀ ବୈଠକରେ ଭାଜପା ନେତା ଶାରଦା ପ୍ରଧାନ ଓ ଅନ୍ୟମାନେ।

## ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ମାହାଙ୍ଗା,୨୪।୫(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଗୋତରାସ୍ଥିତ ଏକ ମଣ୍ଡପରେ ଭାଜପାର ଭଦ୍ରେଶ୍ୱର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ଭାଜପା ଉପସଭାପତି ମନୋରଞ୍ଜନ ନାୟକ, ଜିଲା ମହିଳା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଜିଲା କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ରାଉତ, ଗୌତମ ଶତପଥୀ, ପ୍ରହ୍ଲାଦ ପ୍ରଧାନ, ବିଶ୍ୱନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମେ ୩୦ରୁ ଜୁନ୍ ୩୦ ଏକମାସ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସମସ୍ତ ଜିଲା, ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍‌ସ୍ତରରେ ଆୟୋଜନ କରାଯିବା ସହ ଜନସମ୍ପର୍କ ଅଭିଯାନ ଲୋକସଭା କ୍ଷେତ୍ରରେ ଜାରି ରଖାଯିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଭଦ୍ରେଶ୍ୱର ମଣ୍ଡଳର ସମସ୍ତ ପଞ୍ଚାୟତର ପ୍ରଭାରୀ, ସହପ୍ରଭାରୀ, ବୁଥ୍ ସଭାପତି ଓ କାର୍ଯ୍ୟକାରିଣୀ ସଭ୍ୟ ଯୋଗଦେଇଥିଲେ। ଶେଷରେ କମଳାକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ସେହିପରି ଅପରାହ୍ନରେ ୪୧ନଂ. ଜୋନ୍‌ର କୁସୁପୁର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ନିର୍ମଳ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ନେତା ଶାରଦା ପ୍ରଧାନ ଯୋଗ ଦେଇଥିଲେ। ସେ ବୁଥ୍ ମଜଭୁତ ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଜପାର ଘର ଘର କାର୍ଯ୍ୟକ୍ରମକୁ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମାହାଙ୍ଗା ବ୍ଲକ ପୂର୍ବତନ ଚେୟାରମ୍ୟାନ୍ କନକଲତା ବେହେରା, ମନୋରଞ୍ଜନ ନାୟକ, ଲଳିତଗିରିର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ଲଳିତଗିରି ସମିତିସଭ୍ୟ ଧ୍ରୁବ ଚରଣ ସାମଲ ଓ ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶେଷରେ ଭାଜପା ଏସି ମୋର୍ଚ୍ଚାର ସଭାପତି ଲୋକନାଥ ମଲିକ ଧନ୍ୟବାଦ ଦେଇଥିଲେ।

# ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ୪ ଗିରଫ

କଟକ ସଦର,୨୪।୫(ଡି.ଏନ୍.ଏ.)

କିଶନନଗର ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ସରକାରୀ କାମରେ ବାଧା ଦେବା ଅଭିଯୋଗରେ ସ୍ଥାନୀୟ ପୋଲିସ ବୁଧବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କିଶୋର ନଗର ଅଞ୍ଚଳର ସୌମ୍ୟରଞ୍ଜନ ସାହୁ, ଜାମିନି ମୋହନ ସାହୁ, ତାପସ ମଣ୍ଡଳ ଓ ଟିକିନା ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ଏକ ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାର ମଧୁସୂଦନ ନାୟକ ଜରିମାନା କରିବାକୁ ନେଇ ମଙ୍ଗଳବାର ଅଭିଯୁକ୍ତମାନଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଫାଟକରେ ତାଲା ପକାଇ ଦିଆଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୯୮/୨୩) ରୁଜୁ କରିଛି। ଅପରପକ୍ଷରେ ତହସିଲଦାର ନାୟକ ଆକ୍ରୋଶମୂଳକ ଭାବେ କିଶୋର ନଗର ସରପଞ୍ଚଙ୍କୁ ଆକ୍ଷେପ କରିବାକୁ ନେଇ ସୁଜାତା ସେଠୀ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାରଙ୍କ ନାଁରେ ଏକ ମାମଲା(ନଂ.୯୯/୨୩) ରୁଜୁ ହୋଇଛି।

# ୩ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ




## ବୈକୁଣ୍ଠ ନାଥ ସ୍ମୃତିସଂସଦର ବାର୍ଷିକ ଉତ୍ସବ

ସାଲେପୁର,୨୪।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଜପକୁଦଠାରେ ଥିବା ଦୁର୍ଗାମଣ୍ଡପ ପରିସରରେ ବୈକୁଣ୍ଠନାଥ ସ୍ମୃତିସଂସଦର ୨୯ତମ ବାର୍ଷିକ ଉତ୍ସବ , ସ୍ମୃତିଚାରଣ ସଭା, ପୁସ୍ତକ ଉନ୍ମୋଚନ, ପ୍ରତିଭା ସମ୍ବର୍ଦ୍ଧନା, ଆଲୋଚନାଚକ୍ର ଓ କୃତୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୀତାବଲ୍ଲଭ ମହାପାତ୍ର, ମୁଖ୍ୟବକ୍ତା ରୂପେ ଡ. ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ରୂପେ ଜଗନ୍ନାଥାୟନର ସମ୍ପାଦକ ପ୍ରଭାତ କୁମାର ନନ୍ଦ, ଡା. ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଆଜିର ସମାଜରେ ମଣିଷପଣିଆ ହଜିଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ନୀତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଜପକୁଦ ଜ୍ୟୋତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅନନ୍ତ ଗୋପାଳ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଚନ୍ଦ୍ରମଣି ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ପର୍ଶୁରାମ ଦ୍ୱିବେଦୀ, ସାହିତ୍ୟିକ ହରିଶ କୁମାର ମିଶ୍ର, ଆଦର୍ଶ ଶିକ୍ଷକ ଡ. ଭଗବାନ ପାତ୍ରଙ୍କୁ ଯଥାକ୍ରମେ ଅଞ୍ଚଳଶ୍ରୀ, ସାହିତ୍ୟଶ୍ରୀ ଓ ଶିକ୍ଷକଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। କବି ରାଜୀବ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଉପସଭାପତି ପଣ୍ଡିତ ଶରତ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଆଧାତ୍ମିକ କବିତା ଆସରକୁ ପ୍ରାଣକୃଷ୍ଣ ମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଗୀତିକାର ଗୌର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ସୁଦର୍ଶନ ଜେନା ଉପସ୍ଥିତ ଥିଲେ। କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ।

# ୯୧.୪୨ କୋଟିର ୩ ପ୍ରକଳ୍ପର ଶିଳାନ୍ୟାସ

## ସାଲେପୁର-ଛତିଆ ପୂର୍ତ୍ତ ରାସ୍ତା ସମ୍ପ୍ରସାରଣ, ଗୋବରୀ ନଦୀରେ ସେତୁ, ସାଲେପୁର ଉପନିବନ୍ଧକ କାର୍ଯ୍ୟାଳୟ

ସାଲେପୁର/ ମାହାଙ୍ଗା, ୨୪।୫(ଡି.ଏନ.ଏ./ସ୍ୱ.ପ୍ର.)




ବିଧାୟକ ପ୍ରତାପ ଜେନା ଓ ପ୍ରଶାନ୍ତ କୁମାର ବେହେରା ରାସ୍ତାର ଶିଳାନ୍ୟାସ କରୁଛନ୍ତି।

ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତୀକରଣ କାର୍ଯ୍ୟ ୪୨ କୋଟି ବ୍ୟୟରେ କରାଯିବ। ଏଥିସହ ଶ୍ରୀକୃଷ୍ଣପୁର ପଞ୍ଚାୟତ ପଶୁଲୁଣ୍ଡାଠାରେ ଗୋବରୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ୪୮.୯୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ବୁଧବାର ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଅନୁଷ୍ଠିତ ସଭାରେ ବିଧାୟକ ଜେନା ଯୋଗଦେଇ ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତମାନର ହେବା ସହ ବିଭିନ୍ନ ସ୍ଥାନରେ ଛୋଟ ବଡ଼ କଲଭର୍ଟ ନିର୍ମାଣ କରାଯିବ। ଏଥିସହ ପଶୁଲୁଣ୍ଡାଠାରେ ଗୋବରୀ ନଦୀ ଉପରେ ଏକ ଓସାରିଆ ସେତୁ ନିର୍ମାଣ ହେବା ଦ୍ୱାରା ଯାନବାହାନ ଆଦି ଚଳାଚଳରେ ସୁବିଧା ହେବ। ଏହାଦ୍ୱାରା କଟକ-ଚଣ୍ଡିଖୋଲ, ଜଗତପୁର, ଚାନ୍ଦବାଲି ଜାତୀୟ ରାଜପଥର ବାଇପାସ ରାସ୍ତା ଭାବେ ବ୍ୟବହାର କରାଯାଇ ପାରିବ ବୋଲି ସୂଚନା ଦେଇଛନ୍ତି। ଏଥିରେ ଅତିଥି ଭାବେ ସାଲେପୁର ବ୍ଲକ୍ ଚେୟାରମ୍ୟାନ୍ ରାମଚନ୍ଦ୍ର ଭୋଇ, ବ୍ଲକ୍ ଉପାଧକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ଜିଲା ଉପସଭାପତି ବିଶ୍ୱଜିତ୍ ଚାଟାର୍ଜୀ, ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ଜିଲାପରିଷଦ ସଭ୍ୟ ହରପ୍ରସନ୍ନ ବେହେରା, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ପ୍ରାକ୍ତନ ବ୍ଲକ ଅଧକ୍ଷ ଶରତ ନାୟକ, ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ଜଳେଶ୍ୱରପୁର ସରପଞ୍ଚ ସୁଜାତା ମଲିକ, ସମିତସଭ୍ୟା ରେବତୀ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମିଞ୍ଜ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ୪୮ଲକ୍ଷ ଟଙ୍କା ବ୍ୟୟରେ ସାଲେପୁର ଉପନିବନ୍ଧକ ଗୃହର ଶିଳାନ୍ୟାସ କରାଯାଇଥିଲା। ସାଲେପୁର ବିଧାୟକ ବେହେରା, ମାହାଙ୍ଗା ବିଧାୟକ ଜେନା, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଉପନିବନ୍ଧକ ଗୋପବନ୍ଧୁ ପରିଡା, ସାଲେପୁର ଉପନିବନ୍ଧକ ଅଶୋକ କୁମାର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୨୬ ଲକ୍ଷ ଟଙ୍କା ଠକେଇ କରି ଜଣେ ଗିରଫ

ଭୁବନେଶ୍ୱର,୨୪।୫(ବ୍ୟୁରୋ)- ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୨୬ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଇନ୍‌ଫୋସିଟି ଥାନା ଅଞ୍ଚଳର ସୁମିତ ପାଠୀ(୫୧)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କଣ୍ଟ୍ରାକ୍ଟର ଅଜୟ ସାହା ଏକାଧିକ ଘର ନିର୍ମାଣ କରୁଛନ୍ତି। ସେସବୁ ଘରେ ୟୁପିଭିସି ଝରକା, ଏଫ୍‌ଆର୍‌ପି କବାଟ ଓ ଫଲ୍ସ ସିଲିଙ୍ଗ ଲାଗି ଅଭିଯୁକ୍ତ ସୁମିତ ତାଙ୍କୁ ଯୋଗାଯୋଗ କରିଥିଲେ। ଏଥିପାଇଁ ସେ ଅଜୟଙ୍କୁ ୧ କୋଟି ୧୪ ଲକ୍ଷରୁ ଅଧିକ ଟଙ୍କାର କୋଟେଶନ ଦେଇଥିଲେ। ଉକ୍ତ କୋଟେଶନ ଅନୁଯାୟୀ ଅଜୟ ତାଙ୍କୁ ୪୭ ଲକ୍ଷ ୫୦ ହଜାର ଟଙ୍କା ଅଗ୍ରିମ ଆକାରରେ ଦେଇଥିଲେ। କିନ୍ତୁ ଅଭିଯୁକ୍ତ ସୁମିତ ମୋଟ ୨୬ ଲକ୍ଷ ୪୪ ହଜାର ୨୮୯ ଟଙ୍କାର କାର୍ଯ୍ୟ କରିଥିଲେ। ଏଣୁ ବଳକା ଟଙ୍କା ଫେରାଇବା ଲାଗି ଅଜୟ କହିବାରୁ ଅଭିଯୁକ୍ତ ଜଣକ ରସୁଲଗଡ଼ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଏକ ଚେକ୍ ଦେଇଥିଲେ। ମାତ୍ର ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ଅଜୟ ଅଭିଯୁକ୍ତ ସୁମିତଙ୍କୁ କହିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକାମିର ଶିକାର ହେବା ପରେ ଅଜୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

### ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ ସଂଘ ବୈଠକ

ବାଲିପାଟଣା,୨୪।୫(ଡି.ଏନ୍.ଏ.)- ବାଲିପାଟଣା ବ୍ଲକ ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ ସଂଘ ବୈଠକ ବୁଧବାର ପଞ୍ଚାୟତ ହାଇସ୍କୁଲ ନରିସଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଆଲୋଇ ହାଇସ୍କୁଲର ପ୍ରଧାନଶିକ୍ଷକ ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଜୁଲାଇ ୩୧ରେ ବ୍ଲକର ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବ୍ଲକ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ କିପରି ସୁଧାର ଆସିବ ଓ ଏ-୧ ସଂଖ୍ୟା ବଢ଼ିବ, ସେ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲାରେ ବିଜ୍ଞାନ ଓ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମରେ ବ୍ଲକ ପ୍ରତି ବୈମାତୃକଭାବ, ବାଲିପାଟଣା ବ୍ଲକର ଶିକ୍ଷକଙ୍କୁ ହେଲ୍ପଡେସ୍କ ଦାୟିତ୍ୱ ପ୍ରଦାନ ଇତ୍ୟାଦିକୁ ଦୃଢ଼ ନିନ୍ଦା କରାଯିବା ସହ ଏନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ପରେ ୫-ଟି କାର୍ଯ୍ୟକ୍ରମକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନଶିକ୍ଷକ ବିଜୟ ବେହେରା, ଲଳିତ ମୋହନ ପଣ୍ଡା, ତ୍ରିଲୋଚନ ଗଡ଼ପଲ୍ଲା, ସୁଷମା ରାଣୀ ମହାପାତ୍ର, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୀବ ପଟ୍ଟନାୟକ, ଅମ୍ବିକା ଛୋଟରାୟ ଓ ସତ୍ୟଭାମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।





ଶ୍ରୀଲିଙ୍ଗରାଜଙ୍କ ବିବାହ ଶୋଭାଯାତ୍ରାରେ ବରଯାତ୍ରୀମାନେ ଘଣ୍ଟ, ତ୍ରାସ, ଛତ୍ରି ରୋଶଣିରେ ଯାଉଛନ୍ତି। ସାମିଲ ହୋଇଥିବା ପାରମ୍ପରିକ ବାଦ୍ୟ ରୋଶଣି।

### ଭୀମେଶ୍ୱରଙ୍କ ସହ ମା' ପାର୍ବତୀଙ୍କ ବିବାହ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ଭୀମେଶ୍ୱର ମନ୍ଦିର ସମିତି ପକ୍ଷରୁ ପ୍ରଭୁ ଶ୍ରୀ ଭୀମେଶ୍ୱର ଓ ମା'ପାର୍ବତୀ ଦେବ ଦମ୍ପତିଙ୍କ ଶୁଭବିବାହ ବୈଦିକ ରୀତିରେ ପାଳିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ବରାନୁଗମନ ପରେ ରାତ୍ର ୮ଟାରେ ବିବାହ ଓ ପାଣିଗ୍ରହଣ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସତ୍ୟପ୍ରିୟ ମହାନ୍ତି ଓ କଲ୍ୟାଣ ମହାନ୍ତି ଉଭୟ ଦେବ ଦମ୍ପତିଙ୍କ ମାତାପିତା ଭାବେ କାର୍ଯ୍ୟ ତୁଲାଇଥିଲେ। ମନୋରଞ୍ଜନ ବିଶ୍ୱାଳ ଏବଂ ଦୀପ୍ତି ବିଶ୍ୱାଳ ପ୍ରଭୁ ଭୀମେଶ୍ୱରଙ୍କ ମାତାପିତାଙ୍କ କାର୍ଯ୍ୟ ସମ୍ପାଦନା କରିଥିଲେ। ଦେବ ଦମ୍ପତି ଚଳନ୍ତି ପ୍ରତିମା ବିମାନରେ ବିରାଜିତ ହୋଇ ଆଲଟ ଚାମର ବାଜଲ ଶଙ୍ଖ ଧ୍ୱନୀରେ ନଗର ପରିକ୍ରମା କରି ଭୋଗ ଖାଇଥିଲେ। ପଦ୍ମନାଭ ଷଡ଼ଙ୍ଗୀ, ମାନସ ପଟ୍ଟନାୟକ, ଶିବ ନାରାୟଣ ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ସହ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ

## ଘଣ୍ଟ, ତ୍ରାସ, ଛତ୍ରି, ରୋଶଣିରେ ଗଲେ ବରଯାତ୍ରୀ

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

ଜ୍ୟୋଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବୁଧବାର ପ୍ରଭୁ ଶ୍ରୀ ଲିଙ୍ଗରାଜ, ମା' ପାର୍ବତୀ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ନୀତି ଅନୁସାରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ଏକ ଆଧାତ୍ମିକ ପରିବେଶରେ ବିଳମ୍ବିତ ରାତିରେ ସମାପନ ହୋଇଛି। ଦୈନିକ ନୀତି ସନ୍ଧ୍ୟା ଧୂପ ପରେ ମା'ପାର୍ବତୀ ପ୍ରଭୁ ବାସୁଦେବଙ୍କ ସହ ପାଲିଙ୍କିରେ ଏବଂ ଶ୍ରୀ ଲିଙ୍ଗରାଜ ସୁସଜ୍ଜିତ ବିମାନରେ ବିରାଜମାନ କରିଥିଲେ। ଠାକୁରାଣୀ ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ସରିବା ପରେ ପଞ୍ଚବକ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ଏହାପରେ ମନ୍ଦିର ତରଫରୁ ବରଯାତ୍ରୀମାନଙ୍କୁ ମନ୍ଦିର ବେଢାରେ ମହାପ୍ରସାଦରେ ଆପାୟିତ କରାଯାଇଥିଲା। ରାତି ପ୍ରାୟ ୧୧ଟା



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ବିମାନରେ କେଦାରଗୌରୀ ମନ୍ଦିର ଅଭିମୁଖେ ନିଆଯାଉଛି।

୨୦ମିନିଟ୍‌ରେ ଘଣ୍ଟ, ଘଣ୍ଟା, ତ୍ରାସ, ଛତ୍ରୀ, ମଶାଲ, ରୋଶଣିରେ ବରଯାତ୍ରୀମାନେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାର ଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀ ଜୀଉମାନେ ମନ୍ଦରରେ ପହଞ୍ଚିବା ପରେ ମନ୍ଦିରର କୂଳ ପୁରୋହିତ ବାଟବରଣୀ କରିଥିଲେ। ପ୍ରଭୁ ଶ୍ରୀଲିଙ୍ଗରାଜ ବିବାହ ବେଦିରେ ବିରାଜମାନ କରିଥିଲେ। ଶ୍ରୀଲିଙ୍ଗରାଜଙ୍କ ତରଫରୁ ପୂଜାପଣ୍ଡା ସେବାୟତ କର୍ତ୍ତା ଏବଂ ମା' ପାର୍ବତୀଙ୍କ ତରଫରୁ ମହାସୁଆର ସେବାୟତ କର୍ତ୍ତୀ ହୋଇ ମନ୍ଦିର କୂଳ ପୁରୋହିତ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ବିବାହ କାର୍ଯ୍ୟ ସରିବା ପରେ ଶ୍ରୀଜୀଉମାନେ ଖଟୁଲିରେ ଅବସ୍ଥାନ କରିଥିଲେ। ଏଥିରେ ପ୍ରଭୁ ଶ୍ରୀଅନନ୍ତ ବାସୁଦେବ ମଧ୍ୟସ୍ଥତା କରିଥିଲେ। ପୂଜାପଣ୍ଡା ଓ ପତ୍ରୀ ସେବାୟତ ଦେବ ଦମ୍ପତିଙ୍କ ଉଭୟଙ୍କ ପକ୍ଷରୁ ସାତଥର କଉଡ଼ି ଖେଳ କରାଇଥିଲେ ଏବଂ ପଞ୍ଚ ଉପଚାରରେ ଶ୍ରୀ ଜୀଉଙ୍କୁ ମନ୍ଦିର ପର୍ବଯାତ୍ରା ବିଶୋଇଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ମାଣ୍ଡୁଅ ପିଠାକୁ ଭୋଗ ନୈବେଦ୍ୟ କରାଯାଇଥିଲା। ମନ୍ଦିର ପ୍ରଶାସନର ଅବହେଳା ନେଇ ଚଳିତ ବର୍ଷ ମଧ ଶ୍ରୀକପିଳନାଥ ଦେବ ବିବାହ କାର୍ଯ୍ୟରେ ଯୋଗଦେଇ ନ ଥିଲେ।

## ସାକ୍ଷୀଗୋପାଳ, କାଲୁପଡ଼ା ଘାଟରେ ଅଟକିବ ୩ ଟ୍ରେନ୍

ପୁରୀ ଅଫିସ, ୨୪।୫

ପୁରୀ ଚାରିଧାମ ମଧ୍ୟରେ ଅନ୍ୟତମ ପ୍ରମୁଖ ଧାମ। ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଖପାଖ ଅଞ୍ଚଳରେ ଥିବା ଦର୍ଶନୀୟ ସ୍ଥାନ ଭ୍ରମଣ କରିଥାନ୍ତି। ପୁରୀ ଜିଲାର ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବା ପାଇଁ ଭକ୍ତମାନେ ମଧ ଆସିଥାନ୍ତି। ମାତ୍ର ଅନେକ ଟ୍ରେନ୍ ସାକ୍ଷୀଗୋପାଳ ଷ୍ଟେଶନରେ ରହୁ ନ ଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଗତ ଜାନୁଆରୀ ୧୦ ଓ ମାର୍ଚ୍ଚ ୩୧ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ନେଇ ଦାବି ଜଣାଇଥିଲେ। ଏହି ଦାବିକୁ ରେଳମନ୍ତ୍ରୀ ଗ୍ରହଣ କରିଛନ୍ତି। ଏଣିକି ସାକ୍ଷୀଗୋପାଳ ଷ୍ଟେଶନରେ ଗାଡ଼ି ସଂଖ୍ୟା ୧୨୮୨୧/୨୨ ପୁରୀ-ଶାଳିମାର ଧଉଳି ଏକ୍ସପ୍ରେସ୍ ଅଟକିବ। ସେହିପରି ଗାଡ଼ି ସଂଖ୍ୟା-୧୨୮୪୩/୪୪ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ମଧ ରହଣି କରିବ। ଏହାଦ୍ୱାରା ସତ୍ୟବାଦୀ ଅଞ୍ଚଳବାସୀ ଏବଂ ଅନ୍ୟ ଯାତ୍ରୀ ଉପକୃତ ହେବେ। ସେହିପରି କାଲୁପଡାଘାଟଠାରେ ଗାଡ଼ି ସଂଖ୍ୟା-୧୮୧୧୭/୧୮ ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି କରିବ। ଏହାଦ୍ୱାରା ଚିଲିକା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାଜନକ ହେବ ବୋଲି ପାତ୍ର ସୂଚନା ଦେଇଛନ୍ତି। ରେଳ ମନ୍ତ୍ରୀ ଏହି ଦାବି ଗ୍ରହଣ କରିଥିବାରୁ ପାତ୍ର ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସାମାଜିକ କୁସଂସ୍କାରର କଥା କହିଲା 'ଅନ୍ଧୋ କା ହାଥୀ'



ଭୁବନେଶ୍ୱର,୨୪।୫(ବ୍ୟୁରୋ)

ପାଞ୍ଚଜଣ ଅନ୍ଧବ୍ୟକ୍ତି ଗୋଟିଏ ହାତୀର ବିଭିନ୍ନ ଅଙ୍ଗକୁ ଛୁଇଁ ହାତୀଟିର ଶାରୀରିକ ଗଠନ ସମ୍ପର୍କରେ ଭିନ୍ନ ଭିନ୍ନ ମତାମତ ଦିଅନ୍ତି। ସେମାନଙ୍କ ମାନସପଟରେ ସେମାନେ ଅନୁଭବ କରୁଥିବା ସେହି ମିଥ୍ୟା ଚିତ୍ରଟିକୁ ସତ୍ୟ ବୋଲି ଗ୍ରହଣ କରିନିଅନ୍ତି। ଏପରି ଏକ କାହାଣୀକୁ ନେଇ ରବୀନ୍ଦ୍ର ମଣ୍ଡପରେ ହିନ୍ଦୀ ନାଟକ 'ଅନ୍ଧୋ କା ହାଥୀ' ମଞ୍ଚସ୍ଥ ହୋଇଯାଇଛି। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ 'ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ନାଟ୍ୟକାର ଶରଦଯୋଶୀଙ୍କ ରଚିତ ଏହି ନାଟକ ମାଧ୍ୟମରେ ସମାଜରେ ଥିବା ସାମାଜିକ କୁସଂସ୍କାର, ରାଜନୈତିକ ବିଭେଦତା, ନାରୀ ପୁରୁଷ ମଧ୍ୟରେ ଥିବା ଅସମାନତା, ସରକାରୀ କଳର ସ୍ଥାଣୁ ଅବସ୍ଥା ମଧ୍ୟରେ ସାଧାରଣ ମଣିଷଟିର ମୌଳିକ ଅଧିକାର କିପରି କ୍ଷୁଣ୍ଣ ହେଉଛି ତାହାକୁ ଚିତ୍ରଣ କରାଯାଇଛି। ପାଟନାସ୍ଥିତ ନିର୍ମାଣ କଳାମଞ୍ଚର କଳାକାର ସରମ ଉପାଧ୍ୟାୟ, ବିବେକ କୁମାର, ମୁକେଶ କୁମାର, ମହମ୍ମଦ ଜଫର୍ ଆଲାମ୍, ଅଭିଷେକ ଆନନ୍ଦ, ରୋହିତ ଚନ୍ଦ୍ର ଓ ରୁବି ଖାତୁନଙ୍କ ନିଖୁଣ ଅଭିନୟ ଏଥିରେ ଦେଖିବାକୁ ମିଳିଥିଲା। ସଞ୍ଜୟ ଉପାଧ୍ୟାୟଙ୍କ ନିର୍ଦ୍ଦେଶନାରେ ନାଟକ ଅଧିକ ରୋମାଞ୍ଚକର ହୋଇପାରିଥିଲା। ଆୟୋଜିତ ସନ୍ଧ୍ୟାରେ ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ରୋଟାରିୟାନ ଜ୍ଞାନଶିଷ ମହାପାତ୍ର, ଲୋକ ସେବକ ମଣ୍ଡଳର ମୁଖ୍ୟ ସଂଯୋଜକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଓ ବିଦ୍ୟାକନକ ସୃଜନାନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ବିଜୟ ମଣ୍ଡଳଙ୍କୁ 'ବିଦ୍ୟାକନକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଶେଷ ଦିନରେ ବଙ୍ଗଳା ନାଟକ 'କୁଞ୍ଜୀ ଔର୍ ଭୁତ୍' ଦେଖିବାକୁ ମିଳିବ।

## ପରଦାକୁ ଆସିବ 'ଖଇରୀ'

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ରେନ୍ ଡ୍ରପ ପିକ୍ଚର୍ସ ଓ କିଭସ୍ ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର ପରଦାକୁ ଆସିବାକୁ ଯାଉଛି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଚଳଚ୍ଚିତ୍ରର ନାମକରଣ କରାଯାଇଛି। ଚଳଚ୍ଚିତ୍ରର ନାମ 'ଖଇରୀ' ରଖାଯାଇଛି। ଉତ୍ସବରେ 'ନିମ୍‌କୀ'ର ପ୍ରଯୋଜିକା ଶୁଭଶ୍ରୀ ମଙ୍ଗରାଜ, ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ଉଦୟସିଂ ଓ ଡିଜାଇନର ପୃଥୀରାଜ ପଟ୍ଟନାୟକ ଉପସ୍ଥିତ ଥିଲେ। ରିଙ୍କୁ ରିନୁ ଜେନା, ପ୍ରତୀକ ନନ୍ଦ ଓ ଜ୍ୟୋତିର୍ମୟ ମହାପାତ୍ରଙ୍କ ପ୍ରଯୋଜିତ 'ଖଇରୀ'ର ସ୍କ୍ରିପ୍ଟ ତଥା ନିର୍ଦ୍ଦେଶନା ଦାୟିତ୍ୱ ନବାଗତ ଦିବ୍ୟଜ୍ୟୋତି ଉଦୟସିଂ ନେଇଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ, ଡିଓପି ରୁଦ୍ରକାନ୍ତ ସିଂ ଓ ମାନସ କୁମାର ସାହୁ ସମ୍ପାଦନା ଦାୟିତ୍ୱ ବହନ କରିଛନ୍ତି। 'ଖଇରୀ'ରେ ଚୁଲବୁଲି ନାୟିକା ତମନ୍ନା, ୟୁଟୁବର ରାଜୁ ଦାସ, ଅନୁଗୁଳିଆ ବଣ୍ଟି, ସନ୍ତୁ, ଅଭିନେତା ସୁଜିତ ପାଇକରାୟ ଏବଂ ଶିଶୁ କଳାକାର ଦିବ୍ୟାଂଶୁଙ୍କ ଅଭିନୟ ଦେଖିବାକୁ ମିଳିବ। ଚଳଚ୍ଚିତ୍ରଟି ନିଶ୍ଚିତ ଭାବେ ସଫଳ ହେବ ବୋଲି ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ମତ ଦେଇଛନ୍ତି।

## ରାଜନୈତିକ ଚାପରେ ଚୁପ୍ ବସିଛି ପୋଲିସ

ଖୋର୍ଦ୍ଧା ଅଫିସ,୨୪।୫

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ସଂଖ୍ୟା ଲଘୁ ସମ୍ପ୍ରଦାୟର ଯୁବକ ଶାରୀରିକସମ୍ପର୍କରଖିବା ପରେପ୍ରତାରଣା କରିବା ସହ ଗୋମାଂସ ଖାଇବାକୁ ବାଧ କରିବା, ଧର୍ମ ପରିବର୍ତ୍ତନ ଏବଂ ହତ୍ୟା ଧମକ ଦେବା ଅଭିଯୋଗ ହୋଇଥିଲା। ଏନେଇ ପୀଡିତା ମଙ୍ଗଳବାର ଖୋର୍ଦ୍ଧା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଘଟଣାକୁ ୪୮ଘଣ୍ଟା ବିତିଗଲାଣି, ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଛି। ଅଭିଯୋଗ ପରେ ସଂପୃକ୍ତ ଯୁବକ ଫେରାର ରହିଥିବାବେଳେ ରାଜନୈତିକ ଚାପରେ ଚୁପ୍ ବସିଛି ପୋଲିସ। ଏ ସଂକ୍ରାନ୍ତରେ କେହି ପୋଲିସ ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ଅନ୍ୟପକ୍ଷରେ ଏକ ଗୋଷ୍ଠୀ ଉକ୍ତ ଘଟଣାକୁ ଚାପିବାକୁ ଚେଷ୍ଟା କରୁଥିବାବେଳେ ପୀଡ଼ିତା ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପୋଲିସ ତଦନ୍ତକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋମାଂସ ଖାଇବାକୁ ବାଧ କରିବା ଏବଂ ଧର୍ମ ପରିବର୍ତ୍ତନକୁ ନେଇ ସମ୍ପର୍କିତ ଖବର ପ୍ରକାଶ ପରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ପୋଲିସର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଆଦର୍ଶ ଥାନା ଅଞ୍ଚଳର ଜଣେ ଯୁବତୀ କଲେଜରେ

### ପ୍ରେମ, ପ୍ରତାରଣାରୁ ହତ୍ୟା ଧମକ ଘଟଣା

ପାଠ ପଢିବା ସମୟରେ ସେହି ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା। ଉଭୟେ ଅନେକ ସମୟ ଏକାଠି ବିତାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡିତା ବାରମ୍ବାର ବିବାହ ପାଇଁ କହିଥିଲେ ମଧ ସେ ମିଥ୍ୟା ପ୍ରତିଶ୍ରୁତି ଦେଇ ଏଡ଼ାଇ ଯାଉଥିଲେ। ଗୋମାଂସ ଗ୍ରହଣ ସହ ଧର୍ମ ପରିବର୍ତ୍ତନ କଲେ ବିବାହ କରିବେ ବୋଲି ସେ ଚେତାବନୀ ଦେଇଥିଲେ। ତେବେ ପୀଡ଼ିତା ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ୨୦୨୨ ନଭେମ୍ବରରେ ସମ୍ପୃକ୍ତ ଯୁବକଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଭୁବନେଶ୍ୱରର ଏକ ହୋଟେଲକୁ ଯାଇଥିଲେ। ସେଠାରେ ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଗୋମାଂସ ଖାଇବା ସହ ରାତ୍ରିଯାପନ ଲାଗି ବାଧ କରିଥିଲେ। ଧର୍ମ ପରିବର୍ତ୍ତନ ନ କଲେ ସେ ଅନ୍ୟତ୍ର ବିବାହ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏ ବିଷୟରେ କାହାକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପୀଡ଼ିତା ଅଭିଯୋଗ ଆଣିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ଏବେ ପୋଲିସର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

## ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଜଟଣୀ,୨୪।୫(ଡି.ଏନ.ଏ.)

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ୪୮ତମ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ନିକଟ ଆରଖୁ ଭ୍ୟାଲିଠାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସଭାପତି ସମ୍ପଦ କୁମାରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶାଖାପାଟଣା ରେଳମଣ୍ଡଳ ମଣ୍ଡଳ ପ୍ରଭାରକ ଅନୁପ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତୀୟ ରେଲୱେ ସେବାରେ କାମ କରୁଥିବାରୁ ସମସ୍ତ କର୍ମଚାରୀ ଅଧିକାରୀ ଗର୍ବ ଅନୁଭବ କରିବା ଉଚିତ। ସମସ୍ତେ ନିଷ୍ଠାର କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ମଣ୍ଡଳର ଅଧିକାଂଶ ବରିଷ୍ଠ ଅଧିକାରୀମାନେ ଅନ୍ୟାନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ସଙ୍ଗଠନ ଜରିଆରେ ୧୮ଦଫା ଦାବିସମ୍ବଳିତ ଦାବିପତ୍ର ଉପସ୍ଥାପିତ କରାଯାଇଥିଲା। ନୂତନ ପେନସନ ରଦ୍ଦ ସହିତ ପୁରୁଣା ପେନ୍‌ସନ ଲାଗୁ, ଟିଟି ରେଷ୍ଟ ରୁମ୍‌ଗୁଡ଼ିକରେ ରେଳ ବୋର୍ଡ ୨୦୧୮ ନିଷ୍ପତ୍ତି ଅନୁଯାୟୀ ଏସି ସଂଯୋଗ ଓ ରୋଷେଇ ଘର ସହିତ ରୋଷେଇ ବ୍ୟବସ୍ଥା, ରନିଙ୍ଗ ଷ୍ଟାଫମାନଙ୍କ ପାଇଁ ସର୍ବନିମ୍ନ ମାଇଲେଜ ବ୍ୟବସ୍ଥା, ଟ୍ରାକ ମ୍ୟାନ ଓ ମେଡିକାଲ ସେବକମାନଙ୍କୁ ବିଭାଗୀୟ ପଦୋନ୍ନତି ପରୀକ୍ଷା ଦେବା ପାଇଁ ଅନୁମତି ପ୍ରଦାନ, ୨୦୧୪ରୁ ଅର୍ବାନ ବ୍ୟାଙ୍କର ବନ୍ଦ ପଡ଼ିଥିବା ଲାଭାଂଶ ପ୍ରଦାନ ଇତ୍ୟାଦି ଦାବି ରହିଛି। ଦ୍ୱିତୀୟାର୍ଦ୍ଧରେ ସଂଗଠନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପୌରୋହିତ୍ୟରେ ଏକ ବୈଠକ ହୋଇଥିଲା। ସାହୁ ପ୍ରଥମେ ୨୦୨୨/୨୩ର ଆୟ ବ୍ୟୟ ହିସାବ ଦେଇଥିଲେ। ଏହାକୁ ଗୃହ ଅନୁମୋଦନ ଦେଇଥିଲା। ତିନୋଟି ମଣ୍ଡଳ ଯଥା ବିଶାଖାପାଟଣା, ଖୋର୍ଦ୍ଧାରୋଡ ଓ ସମ୍ବଲପୁର ୪୦ଟି ବ୍ରାଞ୍ଚର ସମ୍ପାଦକମାନେ ନିଜର କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ବିଶାଖାପାଟଣା ମଣ୍ଡଳ ସଂଯୋଜକ ଟି. ମଉଳି, ସମ୍ବଲପୁର ମଣ୍ଡଳ ସଂଯୋଜକ ଭୂପେସ ମୁଣ୍ଡ ଓ ଖୋର୍ଦ୍ଧାରୋଡ ମଣ୍ଡଳ ସହ ସଂଯୋଜକ ଇଞ୍ଚାର୍ଜ ସୁନୀଲ ଭଞ୍ଜ, ୨୧ଜଣ କେନ୍ଦ୍ରୀୟ ପଦାଧିକାରୀ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ ବୋଲି ଶାଖା ସମ୍ପାଦକ ଏଲ୍. ଡି. ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।



ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## 'ଅଞ୍ଚଳବାସୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ'

### ବେଗୁନିଆ ପିଏଚସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

■ ଆନ୍ଦୋଳନର ୩ୟ ଦିବସ

ବେଗୁନିଆ,୨୪।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ମାତ୍ର ପ୍ରଶାସନ, ବିଭାଗ, ଜନପ୍ରତିନିଧି ଓ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଏହାକୁ ଅବହେଳା କରାଯାଉଛି। ଏଥିଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହ ଗଣ ଆନ୍ଦୋଳନର ରୂପ ନେଇଛି। ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଥିବା ଗଣ ସତ୍ୟାଗ୍ରହକୁ ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ବଳିୟାର ସିଂହଙ୍କ ଅଧକ୍ଷତାରେ ବସିଥିବା ସତ୍ୟାଗ୍ରହରେ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ପ୍ରମୁଖ ସଂଗଠକମାନେ





ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ସାମିଲ ହୋଇଛନ୍ତି। ମାତ୍ରାଧିକ ଗ୍ରୀଷ୍ମପ୍ରବାହ ଯୋଗୁ ରାସ୍ତା ଓ ବଜାର ଜନ ଶୂନ୍ୟ ହୋଇ ଆସୁଥିବା ବେଳେ ଦୈନିକ ଖରା ତାତିରେ ଆନ୍ଦୋଳନକାରୀମାନେ କିଭଳି ଜରି ପାଲ ତଳେ ୫ଘଣ୍ଟା ସମୟ ବିତାଉଛନ୍ତି ତାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ବଳଭଦ୍ର ପଣ୍ଡା ପ୍ରମୁଖ କହିଛନ୍ତି। ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକ ସ୍ୱାସ୍ଥ୍ୟ। ହେଲେ ବେଗୁନିଆ ବ୍ଲକବାସୀଙ୍କୁ ମିଳୁନି ଉନ୍ନତ ସାସ୍ଥ୍ୟ ସେବା। ବାରମ୍ବାର ଅଭିଯୋଗ କଲେ ଶୁଣୁନାହାନ୍ତି ସରକାର। ସରକାରଙ୍କ ସଚେତନ ବାର୍ତ୍ତା 'ସାସ୍ଥ୍ୟ ହିଁ ସମ୍ପଦ' ଏଠି ଫେଲ୍ ହୋଇଛି। ତେଣୁ ଏହି ଆନ୍ଦୋଳନ ଆମ ସ୍ୱାର୍ଥ ରକ୍ଷା ପାଇଁ ନୁହେଁ ବରଂ ଲୋକଙ୍କ ହକ ପାଇଁ ଲଢେଇ ଜାରି ରହିବ ବୋଲି ବେଗୁନିଆ ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂ ଉଦବୋଧନ ଦେଇଛନ୍ତି। ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

ପ୍ରକାଶଥାଉ କି, ୧୯୧୭ ମସିହାରୁ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି ଉନ୍ନତ ହେବା ବଦଳରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲୋକଙ୍କ ମୌଳିକ ଆବଶ୍ୟକ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଉଦାସୀନ ମନୋଭାବ ରଖୁଛନ୍ତି। ୨୦୧୫ ମେ ୧୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ପୂର୍ବତନ ଅଧକ୍ଷ ପ୍ରଭାତ ରଞ୍ଜନ ବିଶାଳ ଓ ଅନ୍ୟ ସଦସ୍ୟମାନେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଉପଯୁକ୍ତ ସେବା ସ୍ଥିତି ପରଖିଥିଲେ। ହୃଦୟଙ୍ଗମ କରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହାକୁ ୮ବର୍ଷ ବିତିଯାଇଥିଲେ ମଧ ସୁଫଳ ମିଳୁନାହିଁ। ସାଧାରଣ ଲୋକଙ୍କ ହିତରେ ସଫଳ ହେବା ପର୍ଯ୍ୟନ୍ତ ଆମର ଏହି ଆନ୍ଦୋଳନ ଜାରି ରହିବ ବୋଲି କମିଟି ସଭାପତି ଲାଲା ଦିଲୀପ ରାୟ କହିଛନ୍ତି।

## ସଂକ୍ଷେପରେ

### ଟଙ୍କା ପାଇଁ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ନିମାପଡ଼ା,୨୪।୫(ଡି.ଏନ୍.ଏ.):** ପୂର୍ବ ବ୍ୟବସାୟ ଟଙ୍କାକୁ ନେଇ ନିମାପଡ଼ା ମହାବୀର କଲୋନୀ ଶ୍ରୀକୃଷ୍ଣନଗରର ଜଣଙ୍କୁ ଆକ୍ରମଣ ଘଟଣାରେ ନିମାପଡ଼ା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ବୁଧବାର ରାତିରେ କାବୁ କରିଛି। ଆକ୍ରମଣକାରୀଙ୍କଠାରୁ ପୋଲିସ ଏକ ଧାରୁଆ କାତି, ବନ୍ଧୁକ ଓ ଘଟଣା ସ୍ଥଳରୁ ଏକ ସ୍କୁଟି ଜବତ କରିଛି। ଆହତ ଶ୍ରୀକୃଷ୍ଣନଗରର ସୁଧାଂଶୁ ଶେଖର ସ୍ୱାଇଁ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସୁଧାଂଶୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟ ୨ ସହଯୋଗୀ ଘଟଣା ସ୍ଥଳରୁ ଖସି ପଳାଇଛନ୍ତି। ସୂଚନା ମୁତାବକ, ପୂର୍ବ ବ୍ୟବସାୟ ଟଙ୍କା ଦେଣନେଣ ଓ ସୁଧକାରବାରକୁ କେନ୍ଦ୍ରକରି ବୁଧବାର ରାତିରେ ସ୍ଥାନୀୟ କଲେଜ ଛକର ଚିନ୍ମୟ ପାତ୍ରଙ୍କ ସମେତ ତାଙ୍କ ୨ ସହଯୋଗୀ ସୁଧାଂଶୁଙ୍କୁ ଘରୁ ଟାଣି ଆଣି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ବିଭିନ୍ନ ଧମକଚମକ ଦେବା ସହ ଏକ ଧାରୁଆ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ସୁଧାଂଶୁଙ୍କ ମୁଣ୍ଡରେ ଚିନ୍ମୟ ବନ୍ଧୁକ ଲଗାଇ ଜୀବନରୁ ମାରି ଦେବାକୁ କହିଥିଲେ। ତାଙ୍କ ଗର୍ଭବତୀ ଭାଉଜ ଏହି ଘଟଣା ଦେଖି ଚିତ୍କାର କରିବାରୁ ଚିନ୍ମୟ ଓ ୨ ସହଯୋଗୀ ଘରେ ପଶି ତାଙ୍କ ଭାଉଜଙ୍କୁ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚିନ୍ମୟଙ୍କୁ କାବୁ କରିଥିଲା।

### କଣାସ ଥାନା ପକ୍ଷରୁ ଜଳଛତ୍ର ଖୋଲିଲା

**କଣାସ,୨୪।୫(ସ୍ୱ.ପ୍ର.):** କଣାସ ଥାନା ପକ୍ଷରୁ ଥାନା ସମ୍ମୁଖରେ ଜନସାଧାରଣଙ୍କୁ ଗ୍ରୀଷ୍ମ ପ୍ରଭାବ ସମୟରେ ପାନୀୟଜଳ ଯୋଗାଇବା ପାଇଁ ଜଳଛତ୍ର ଖୋଲାଯାଇଛି। କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇଆଇସି ସୁଜିତ ଦାସ, କଣାସ ବ୍ଲକ ମୁଖ୍ୟ ପଶୁ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ବେହେରା ଉପସ୍ଥିତ ରହି ରିବନ୍ କାଟି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ସମିରକେଶରୀ ବଳିୟାରସିଂହ, ସମାଜସେବୀ ହରିବନ୍ଧୁ ଭୋଳ ଓ ଭାଗୀରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କଣାସ ତହସିଲ, ବ୍ଲକ କାର୍ଯ୍ୟାଳୟ, ଥାନା, କୃଷି କାର୍ଯ୍ୟାଳୟ, ପଶୁ ଚିକିତ୍ସା କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ତୃଷାର୍ଥ ସମୟରେ ଏହି ଜଳଛତ୍ର ସହାୟକ ହେବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ।

### ସାରସ୍ୱତ ସାଧକ ଲକ୍ଷ୍ମୀଧର ଦାସଙ୍କ ପରଲୋକ

**ପୁରୀ ଅଫିସ, ୨୪।୫:** ସାରସ୍ୱତ ସାଧକ ଡ. ଲକ୍ଷ୍ମୀଧର ଦାସଙ୍କ ବୁଧବାର ହରିହର ନଗର ଅମରକ୍ଷେତ୍ରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଗୋପ ଥାନା ଅନ୍ତର୍ଗତ ଓଟରଶାସନରେ ୧୯୯୩ ଜୁନ ୧୨ ରେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷକତା, ଗବେଷଣା ଓ ସାରସ୍ୱତ ସାଧନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଥିଲା। ତାଙ୍କର ଆତ୍ମଜୀବନୀ ‘ଅନେକ ବାଙ୍କର ଜୀବନ’ ସମେତ ୨୦ଟି ପୁସ୍ତକ ପ୍ରକାଶ ପାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ ସ୍ନେହଲତା ଦାସଙ୍କ ସମେତ ପରିବାରବର୍ଗ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ।

# ଖୋଳା ବନ୍ଦ ସହ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

## ସରକାରୀ ଜମିରେ ବେଆଇନ ପୋଖରୀ ଖନନ

**ଗୋପ,୨୪।୫(ଡି.ଏନ୍.ଏ.)**

ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତର କେତେକ ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରି ମାଛ ପୋଖରୀ ଖୋଳିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ବିଚାରକୁ ନେଇ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଗୋପ ତହସିଲଦାର ଏସ୍.କେ. ସାର୍ଗି ତୁରନ୍ତ ଏହି ବେଆଇନ ମାଛ ପୋଖରୀ ଖୋଳାଯାଉଥିବା ସ୍ଥାନକୁ ମାପଚୁପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ସବୁ ସରକାରୀ ଜମି ମହଲପଡା ଓ ଶୋରଭା ପଞ୍ଚାୟତର ମୌଜାରେ ଥିବାରୁ ଦୁଇ ମୌଜାର ରାଜସ୍ୱ ନିରୀକ୍ଷକ ସର୍କଲକୁ ଜଣାଇ ଦିଆଯାଇଛି। ପ୍ରକାଶ ଯେ, କିଛି ଦିନ ଧରି ଭୁବନେଶ୍ୱର ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏକ କମ୍ପାନୀ ନାମରେ ଅଳ୍ପ କିଛି ଜମି କିଣିବା ପରେ



ନିକଟରେ ଥିବା ପ୍ରାୟ ୫୦ ଏକରରୁ ଅଧିକ ସରକାରୀ ଜମିରେ ଡୋଜର ଲଗାଇ ଗଡିଆ ଖୋଳିବା ଆରମ୍ଭ କରିଥିଲା। ସରକାରୀ ଜମି ଜବରଦଖଲ କରି ଗଡିଆ ଖୋଳିବା ସହିତ ବେଆଇନ ଭାବେ ନିକଟରେ ଥିବା କାଦୁଆ ନଦୀକୁ ପୋତି ଦେବା ଭଳି ଅଭିଯୋଗ କରି ନିକଟସ୍ଥ ୩/୪ ଗ୍ରାମର ଲୋକମାନେ ଏହାକୁ ବିରୋଧ କରିଥିଲେ। ଅଭିଯୋଗସତ୍ତ୍ୱେ ସମ୍ପୃକ୍ତ କମ୍ପାନୀ ଏହାକୁ ମାନି ନ ଥିଲା। ଫଳରେ ସମ୍ପୃକ୍ତ ଗ୍ରାମବାସୀ ଖୋଳା ଯାଉଥିବା ସ୍ଥାନରେ ପହଞ୍ଚି ବେଆଇନ ମାଛ ପୋଖରୀ ଖୋଳା ବନ୍ଦ କରିଥିଲେ। ମହଲପଡା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ସରକାରୀ ଜମିରେ ବେଆଇନ ମାଛ ପୋଖରୀ ଖୋଳିବା ସହିତ କାଦୁଆ ନଦୀକୁ ପୋତି ଯିବାକୁ ନେଇ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ରାଜସ୍ୱ ବିଭାଗ ସହିତ ପୁରୀ ଜିଲାପାଳଙ୍କୁ ଟୁଇଟର ମାଧ୍ୟମରେ ଜଣାଇଥିଲେ।

ଏହି ଅଭିଯୋଗକୁ ନେଇ ଜିଲାପାଳ ବେଆଇନ ମାଛ ପୋଖରୀ ଖୋଳାକୁ ବନ୍ଦ କରିବା ସହିତ ସରକାରୀ ଜମି କେତେ ଜବରଦଖଲ କରାଯାଇଛି ତା’ଉପରେ ସବିଶେଷ ତଥ୍ୟ ତହସିଲଦାର ଏସ୍.କେ. ସାର୍ଗିଙ୍କୁ ମାଗିଥିଲେ। କିନ୍ତୁ ତହସିଲଦାରଙ୍କ ନିକଟରେ ଏହାର ତଥ୍ୟ ନ ଥିବାରୁ ତୁରନ୍ତ ଏହି ଦୁଇଟି ମୌଜାର ରାଜସ୍ୱ ନିରୀକ୍ଷକ ସର୍କଲକୁ ତଥ୍ୟ ମାଗିବା ସହ ସରକାରୀ ସ୍ତରରେ ମାପଚୁପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହଲପଡା ସରପଞ୍ଚ ଓ ଶୋରଭା ସରପଞ୍ଚଙ୍କୁ ତହସିଲଦାର ଡାକି ଏହି ସରକାରୀ ମାପଚୁପ ସମୟରେ ଉପସ୍ଥିତ ରହିବାକୁ କହିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ମାପଚୁପ ହୋଇ ନାହିଁ। ଅନ୍ୟପଟେ ବେଆଇନ ଭାବେ ପୋଖରୀ ଖୋଳୁଥିବା କମ୍ପାନୀର କେତେଜଣ କର୍ମଚାରୀ ଏବେ ବିରୋଧ କରୁଥିବା ଗାଁରେ ପହଞ୍ଚି ଆପୋସ ସମାଧାନ କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଯଦି ବେଆଇନ ମାଛ ପୋଖରୀ ଖୋଳିବା ବନ୍ଦ କରା ନ ଯାଏ, ତା’ହେଲେ ଆଗାମୀ ବର୍ଷାଦିନରେ ଗୋପ ବ୍ଲକର ୬ଟି ପଞ୍ଚାୟତର କେତେକ ଗାଁ ଓ ଶହ ଶହ ହେକ୍ଟର ଚାଷଜମି ବୁଡିବ ବୋଲି ସରପଞ୍ଚ ଶୀର୍ଷରଞ୍ଜନ ନାୟକ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଏସ୍.କେ. ସାର୍ଗି କହିଛନ୍ତି, ରାଜ୍ୟ ସରକାର ଓ ଜିଲାପାଳଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ଆରମ୍ଭ ହୋଇଛି। ତଦନ୍ତ ପରେ ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ମନ୍ତ୍ରୀ ସୁଦାମ ମାରାଣ୍ଡି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ରଥରେ ପାର୍ଶ୍ୱଦଣ୍ଡା, ଜଳଯନ୍ତ୍ର, କୋଣଗୁଜ ସଂଯୋଗ

### ଆଜିଠୁ ସିଂହାସନରେ ଖୋଦେଇ କାମ ଆରମ୍ଭ ହେବ



**ପୁରୀ ଅଫିସ,୨୪।୫**

**ରଥଖଳାରୁ ...**

ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରା ଯେତିକି ଯେତିକି ପାଖେଇ ଆସୁଛି, ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସେତେ ଜୋର୍‌ରେ ଆଗେଇ ଚାଲିଛି। ତିନି ରଥର ପାଞ୍ଚଦଣ୍ଡାରେ ଆଗଆଣି ପଛଆଣି ମୁହାଁଟ ସଂଯୋଗ ସହ ଆଗଆଣି ମୁହାଁଟରେ ୫ଟି ସାଲଗୁଜ ଉଠି ନିରାଡ଼ି ପଡ଼ିଥିଲା। ସେହିପରି ପଛଆଣି ମୁହାଁଟ ଦୁଇପଟେ ଦୁଇଟି ସାଲଗୁଜ ଏବଂ ମଝିରେ ତିନୋଟି ଜଳଯନ୍ତ୍ର ଉଠି ତା’ ଉପରେ ନିରାଡ଼ି ପଡ଼ିଥିଲା। ବୁଧବାର ତିନିରଥର ପାଞ୍ଚଦଣ୍ଡା ଉଭୟ ପାର୍ଶ୍ୱରେ କୁଡୁକା ସହ ପାର୍ଶ୍ୱଦଣ୍ଡା ଲାଗି ସେଥିରେ ମୁହାଁଟ ସଂଯୋଗ ହୋଇଛି। ଦୁଇ ପାର୍ଶ୍ୱ ମୁହାଁଟ ମଝିରେ ତିନୋଟି ଲେଖାଏ ଜଳଯନ୍ତ୍ର ଏବଂ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ସାଲଗୁଜ ଉଠି ଉପରେ ନିରାଡ଼ି ପଡ଼ିଛି। ତିନିରଥର ଦଣ୍ଡାଫ୍ରେମ ନିର୍ମାଣ ଶେଷ ହୋଇଛି। ଦଣ୍ଡାଫ୍ରେମ୍‌ଗୁଡ଼ିକରେ ପରୀକ୍ଷାମୂଳକ ଭାବେ ତା’ର ବିଭିନ୍ନ ଅଂଶ ସଂଯୋଗ କରାଯାଉଛି। ଉକ୍ତ ଦଣ୍ଡାଫ୍ରେମ ବା ଚେସିସ ଚକ ଅଖର ଉପରି ଭାଗରେ ସେଟିଂ ପାଇଁ ବିନ୍ଧ କାର୍ଯ୍ୟ ପରେ ନମ୍ବରିଂ ହୋଇ ଖୋଲାଯାଇ ସାଇତା ଯିବ। ରୂପକାର ସେବକମାନେ ତିନିରଥର ସମସ୍ତ ସାଲଗୁଜ ଏବଂ ତୀଖଗୁଜରେ ନୃସିଂହ ରୂପ ଖୋଦେଇ ଶେଷ କରିଛନ୍ତି। ଗୁରୁବାରଠାରୁ ତିନିରଥର ସିଂହାସନରେ ପୂର୍ଣ୍ଣକୁମ୍ଭ, ପଦ୍ମ, ଗଜମାଳ, ଡାଳିଲତା ଖୋଦେଇ କାମ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଦୋଳବେଦି ପରିସରରେ କରତି ସେବକମାନେ ଦର୍ପଦଳନ ରଥ ପୋଲ ଗୟଳ ଚିରଟ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାଳଶାଳରେ ଓଝା ସେବକମାନେ ଯୋଖାକଣ୍ଟା ଚାରିନାହାକା ପାଇଁ ଚଣାକ କଣ୍ଟା ନିର୍ମାଣ କରୁଛନ୍ତି।

## ୨୭ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଚିଲିକା ଗସ୍ତ

### ଜିଲା ପ୍ରଶାସନ ଅଧିକାରୀଙ୍କ ପ୍ରାକ୍ ପ୍ରସ୍ତୁତି

**ବ୍ରହ୍ମଗିରି,୨୪।୫(ଡି.ଏନ୍.ଏ.)**

ଆସନ୍ତା ୨୭ ତାରିଖରେ ଚିଲିକାର ଭୌଗୋଳିକ ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ମହାନଦୀ ଜଳ ବିବାଦର ଟ୍ରିବ୍ୟୁନାଲ ଅଧିକାରୀମାନେ ଚିଲିକା ଗସ୍ତ କରିବେ। ଏ ନେଇ ବୁଧବାର ଜିଲା ପ୍ରଶାସନ ଅଧିକାରୀମାନେ ଚିଲିକାରେ ପ୍ରାକ୍ ପ୍ରସ୍ତୁତି କରିଛନ୍ତି। ଏହି ଅଧିକାରୀମାନେ ଚିଲିକାର କେଉଁଠାରୁ ବାହାରି ବୋଟ ମାଧ୍ୟମରେ ଚିଲିକା ଦେଇ ଚିଲିକାର ମୁହାଣ ପାଖକୁ ଯିବେ ସେନେଇ ପ୍ରାକ ପ୍ରସ୍ତୁତି ସହ ସ୍ଥାନ ନିରୂପଣ କରାଯାଇଛି। ମହାନଦୀରୁ ବାହାରିଥିବା ଦୟା, ଭର୍ଗବୀ, ଲୁଣା ଆଦି ନଦୀ ଚିଲିକାରେ ମିଶିଛି। ମହାନଦୀର ଜଳ ବନ୍ଦ ହେବା ଦ୍ୱାରା ଏହାର ପ୍ରଭାବ ଚିଲିକା ଉପରେ କ’ଣ ପଡୁଛି ଏବଂ ଚିଲିକାର ଭୌଗୋଳିକ ସ୍ଥିତି ଅନୁଧ୍ୟାନ ପାଇଁ ଟ୍ରିବ୍ୟୁନାଲ ଅଧିକାରୀମାନେ ଶନିବାର ମିର୍ଜାପୁର ମୋଟର ବୋଟଠାରୁ ଚିଲିକା ମୁହାଣ ଅଭିମୁଖେ ପରିଦର୍ଶନରେ ଆସିବେ। ସେଥିପାଇଁ ଜିଲା ପ୍ରଶାସନର ପ୍ରମୁଖ ଅଧିକାରୀମାନେ ପ୍ରାକ ପ୍ରସ୍ତୁତି ପାଇଁ ତିନିଖଣ୍ଡ ମୋଟର ବୋଟରେ ଯାଇ ଚିଲିକା ମୁହାଣ ନିକଟରେ ଦୀର୍ଘ ସମୟ ଧରି ବିଭିନ୍ନ ଦିଗ ପ୍ରତି ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଏଡିଏମ୍, ସବ୍ କଲେକ୍ଟର, ଟୁରିଷ୍ଟ ଅଫିସର, ସ୍ଥାନୀୟ ପୋଲିସ, ଚିଲିକା ଡେଭଲପମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଫଳତା ପାଇଁ ପୁଷ୍ପା ପ୍ରଣତିଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ପୁଷ୍ପା ପ୍ରଣତି ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପିପିଲି, ୨୪।୫(ସ୍ୱ.ପ୍ର.)**

ପିପିଲି ହାଟସାହି ପଞ୍ଚାୟତ ଓଡାଳଙ୍ଗ ଗ୍ରାମର ଗରିବ ପରିବାରର ଝିଅ ପୁଷ୍ପା ପ୍ରଣତି ପୃଷ୍ଟିଙ୍କୁ ବୁଧବାର ନିକଟସ୍ଥ ସରକାରୀ ପଞ୍ଚାୟତ ନୋଡାଲ ହାଇସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପୁଷ୍ପାପ୍ରଣତି ୫୭୩ ନମ୍ବର ରଖି ପିପିଲି ବ୍ଲକରେ ଦ୍ୱିତୀୟ ଓ ପୁରୀ ଜିଲାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ କମିଟି ସଭାପତି ପ୍ରହଲ୍ଲାଦ ରାଉତ, ଶିକ୍ଷୟିତ୍ରୀ କମଳା ସେଠୀ, ପ୍ରଭାସିନୀ ମହାପାତ୍ର, ସୁନିତା ସାହୁ, ସରୋଜିନୀ ମିଶ୍ର, କାଦମ୍ବିନୀ ଦାସ, ପ୍ରିୟଙ୍କା ପଟ୍ଟନାୟକ, ଶିକ୍ଷକ ଅଜୟ କୁମାର ବାରିକ, ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପୁଷ୍ପାପ୍ରଣତିଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ତାଙ୍କ ପିତା ରାମଚନ୍ଦ୍ର ପୃଷ୍ଟିଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁଷ୍ପା ପ୍ରଣତି ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ପୁଷ୍ପା ପ୍ରଣତି ତାଙ୍କ ସଫଳତା ପାଇଁ ମା’, ବାପା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେବା ସହ ଆଗାମୀ ଦିନରେ ପ୍ରଶାସନିକ ଅଧିକାରୀ ହେବେ ବୋଲି ପ୍ରକାଶ କରିଛନ୍ତି।

# ମହୁଚାଷ ଦ୍ୱାରା ସ୍ୱାବଲମ୍ବନ ଉପରେ ଗୁରୁତ୍ୱ

**ପିପିଲି,୨୪।୫(ଡି.ଏନ୍.ଏ.)**

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତରେ ଓଡ଼ିଶା ଖଦି ଓ ଗ୍ରାମ୍ୟଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ମହୁମାଛି ପ୍ରଶିକ୍ଷଣ ଶିବିର ସହିତ ଚାଷୀମାନଙ୍କୁ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଭାଗନେଇ ତାଲିମ ନେଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ କୁମାରେଶ୍ୱରଠାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଦି ଗ୍ରାମ୍ୟ ଉଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଚାଷୀମାନଙ୍କୁ ଏହି ଶିବିର ଉପାଦେୟ ସମ୍ପର୍କରେ କହିବା ସହ ମହୁ ବାକ୍ସ ପ୍ରଦାନ କରିଛନ୍ତି। ଏହି ଶିବିରରେ କିପରି ଭାବରେ ମହୁ ଚାଷ କରିବା ସହିତ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଭଲରେ ରୋଜଗାରକ୍ଷମ ପାଇପାରିବେ ସେନେଇ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଦେବଶ୍ୱିନୀ ନନ୍ଦ, ଜିଲା ପରିଷଦ ଧରଣୀଧର ସାହୁ, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ମହୁମାଛି ଚାଷ ପ୍ରଶିକ୍ଷକ ପୀୟୁଷ ରଞ୍ଜନ ଷଡଙ୍ଗୀ, ଉନ୍ନୟନ ଅଧିକାରୀ ବେଣୁଧର ପ୍ରଧାନ ଓ ପ୍ରଦୀପ କୁମାର ପତି, ପୂର୍ବତନ ସରପଞ୍ଚ ପଦ୍ମନାଭ ସାମନ୍ତରାୟ, ସାମାଜିକ କର୍ମୀ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ପିପିଲି ବ୍ଲକର ଯଶୁଆପୁର ପଞ୍ଚାୟତରେ ମହୁମାଛି ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଆଗାମୀ ଦିନରେ ପିପିଲି ଓ ଡେଲାଙ୍ଗ ବ୍ଲକର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ପିପିଲି ବିଧାୟକ ମହାରଥୀ କହିଛନ୍ତି। ୭ଦିନ ଧରି ମହିଳାମାନଙ୍କୁ ମହୁମାଛି ଚାଷ ଉପରେ ତାଲିମ ଦଆଯାଇଛି। ଆଗାମୀ ଦିନରେ ଅନେକ ମହିଳାମାନେ ମହୁମାଛି ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଖଦି ବୋର୍ଡ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ଏକ ଚାଷୀକୁ ୫ଟି ମହୁ ବାକ୍ସ, ୫ଟି ମହୁମାଛି ଦଳ, ୫ଟି ବକ୍ସ ଷ୍ଟାଣ୍ଡ, ମହୁ ନିଷ୍କାସନ ଯନ୍ତ୍ର, ଧୁଆଁଦିଆ ଯନ୍ତ୍ର ବିନା ମୂଲ୍ୟରେ ପ୍ରଦାନ କରାଯାଇଥିବା ଉନ୍ନୟନ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

**ପୁରୀ ଅଫିସ, ୨୪।୫**

ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଚାଲିଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ଖୋଖୋ ଜନଜାତି ଓ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଚୟନ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଖୋଖୋ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ରାଜ୍ୟ ଖୋଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଜିଲାର ପୁରୁଷ ଓ ମହିଳା ବର୍ଗର ମୋଟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ବର୍ଗର ଶ୍ରେଷ୍ଠ ୨୦ -୨୦ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ବିଚାରକ ଭାବେ ସୂର୍ଯ୍ୟନାରାୟଣ ଜେନା, ପାର୍ଥସାରଥି ମହାପାତ୍ର, କ୍ରିଷ୍ଣା କୁମାରୀ ବିଶ୍ୱାଳ, ମନସ୍ମିତା ମହାନ୍ତି, ରେଣୁବାଳା ପ୍ରଧାନ, ଅନ୍ନପୂର୍ଣ୍ଣା ରାଉତ, ରଞ୍ଜନ ମହାନ୍ତି, ଧୀରେନ୍ଦ୍ର ଦାସ, ଭୁବନ ମୋହନ ଦାସ, ତପନ ଦାସ, ସୂର୍ଯ୍ୟନାରାୟଣ ଜେନା ଯୋଗଦେଇଥିଲେ।

# ସାକ୍ଷୀଗୋପାଳ କଲେଜ ଛାତ୍ରଙ୍କୁ ରାଜୀବ ଗାନ୍ଧୀ ପୁରସ୍କାର

**ସାକ୍ଷୀଗୋପାଳ,୨୪।୫(ଡି.ଏନ.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଶିବ ନାରାୟଣ ପଣ୍ଡା ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବରେ ପୁରସ୍କୃତ ହୋଇଛନ୍ତି। ରାଜୀବ ଗାନ୍ଧୀଙ୍କ ୩୨ତମ ଶ୍ରାଦ୍ଧବାର୍ଷିକୀରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ସୂଚନା ଭବନ



ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କଠାରୁ ସେ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ରକ୍ତଦାନ, ଚାରା ରୋପଣ, ସଡ଼କ ସୁରକ୍ଷା, ସହ ବିଭିନ୍ନ ସେବା କାର୍ଯ୍ୟ ଓ ସଚେତନମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରସାଦ ହରିଚନ୍ଦନ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଥ୍ୟା ବିଲ୍ ଅଭିଯୋଗ

**ଗୋପ,୨୪।୫(ଡି.ଏନ୍.ଏ.)**

## ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

ଗୋପ ବ୍ଲକ ଅଧୀନ ବନ୍ତଳି ପଞ୍ଚାୟତରେ କାର୍ଯ୍ୟ ନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଥ୍ୟା ବିଲ୍ ହୋଇଥିବା ନେଇ ବିଡିଓଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ ଦୀପ୍ତିରାଣୀ ଦାସ ଏପିଓ ଦାୟିତ୍ୱରେ ଥିବା ଅଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ବନ୍ତଳି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ନିକଟରେ ବନ୍ତଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କୌଣସି କାର୍ଯ୍ୟ ନ କରାଯାଇ ଉକ୍ତ ଯୋଜନାରେ ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରାଯାଇ ବିଲ୍ ଲାଗି ଯୋଜନା କରାଯାଉଥିବା ନେଇ ୱାର୍ଡ ସଭ୍ୟ ରୀନା ଗୋସାଲ, ମକୁନ୍ଦ ବେହେରା ଓ ସୁନୀଲ ପରିଡାଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବିଡିଓ, ପୁରୀ ଜିଲାପାଳ, ୫-ଟି ସଚିବଙ୍କ ସମେତ ବରିଷ୍ଠ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେତେଜଣ ସରକାରୀ କର୍ମଚାରୀଙ୍କୁ ହାତକରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରୁଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ପ୍ରାୟ ସମସ୍ତ ସ୍ଥାନରେ ମେଶିନ ଲଗାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଶ୍ରମିକ କାର୍ଯ୍ୟ କରୁଥିବା ଦର୍ଶାଇ ବିଲ୍ କରାଯାଉଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ବାରମ୍ବାର ତଥ୍ୟ ଭିତ୍ତିକ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନୁରୂପ ଭାବେ ଏହି ପଞ୍ଚାୟତରେ ମହାପୁର କହ୍ନେଇ ପୋଖରୀ, ଶ୍ମଶାନ ଓ କେନାଲକୁ ଖୋଳି ବ୍ୟାପକ ସରକାରୀ ଅର୍ଥ ଲୁଟ କରି ଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ଦୁର୍ନୀତିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଅଭିଯୋଗକାରୀ। ଏ ନେଇ ବିଡିଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ସହକାରୀ ପ୍ରୋଗ୍ରାମ ଅଧିକାରୀ ମୋନାଲିସା ଶତପଥୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯିବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହକାରୀ ପ୍ରୋଗ୍ରାମ ଅଧିକାରୀ ଶତପଥୀ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣରେ ମନ୍ଥର ନେଇ ଅସନ୍ତୋଷ

**କଣାସ,୨୪।୫(ସ୍ୱ.ପ୍ର)**

ରାଜ୍ୟ ସରକାର ଶିକ୍ଷାର ଉନ୍ନତି ପାଇଁ ପ୍ରତି ବ୍ଲକରେ ଆର୍ଦଶ ବିଦ୍ୟାଳୟମାନ ଖୋଲି ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ପୁରୀ ଜିଲା କଣାସ ବ୍ଲକର ଯାମଳଗୋଡାଠାରେ ଆର୍ଦଶ ବିଦ୍ୟାଳୟ ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। କାର୍ଯ୍ୟରେ ବିଳମ୍ବ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୨୦୧୯-୨୦ ବର୍ଷରେ ଠିକାଦର ନିଯୁକ୍ତି କରି ୧୨.୦୨.୨୦୨୧ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚୁକ୍ତି କରିଥିଲେ। ହେଲେ ଚୁକ୍ତିକୁ ଦୀର୍ଘ ୩ବର୍ଷ ବିତିଯାଇଥିଲେ ମଧ ବିଦ୍ୟାଳୟ ଗୃହ



ନିର୍ମାଣ ଗୃହ ଅଧାପନ୍ତରିଆ ଭାବେ ପଡିରହିଛି। ୨ବର୍ଷ ହେଲା ଅସ୍ଥାୟୀ ଭାବେ ଗଡସାହି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରେ ଛାତ୍ରୀଛାତ୍ରମାନେ ନାମ ଲେଖି ଶିକ୍ଷାଗ୍ରହଣ କରୁଛନ୍ତି। ଉନ୍ନତଧରଣର ଶିକ୍ଷାଦାନ ପାଇଁ ସ୍ମାର୍ଟ୍ କ୍ଲାସରୁମ୍, କମ୍ପ୍ୟୁଟର, ବିଜ୍ଞାନ ଲାବରେଟୋରି, ପାଠାଗାର, ଖେଳପଡ଼ିଆ, ସଙ୍ଗୀତ ଓ କଳା ଶିକ୍ଷାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ନେଇ ମଧ୍ୟ କେତେଜଣ ଅଭିଭବାକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଗ୍ରାମବାସୀ, ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ କୁହନ୍ତି, ବିଦ୍ୟାଳୟ ପାଖରେ ଏକ ବିରାଟ ପୋଖରୀ ଥିଲା। ତାହାକୁ ପୋତି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଦ୍ୟାଳୟ ଗୃହ ନିର୍ମାଣ କରିବା ସମ୍ଭବ ନୁହେଁ। ତଥାପି ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଆଉ କିଛି ମାସ ମଧ୍ୟରେ ସରିଯିବ।



ଶ୍ରୀନଗର ଡାଲ୍ ହ୍ରଦ କୂଳସ୍ଥିତ ନିସାତ୍ ଗାର୍ଡେନରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି ଜି୨୦ ପ୍ରତିନିଧି।

# ଆଲ୍ଲାହାବାଦ ମ୍ୟୁଜିୟମ୍‌ରେ ରଖାଯାଇଥିଲା ସେଙ୍ଗୋଲ

**ନୂଆଦିଲ୍ଲୀ,୨୪।୫**

୧୯୪୭ ଅଗଷ୍ଟରେ ବ୍ରିଟିଶ ସରକାର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ କ୍ଷମତା ହସ୍ତାନ୍ତର ବେଳେ 'ସେଙ୍ଗୋଲ'(ସାର୍ବଭୌମତ୍ୱର ପ୍ରତୀକ ରାଜଦଣ୍ଡ) ପ୍ରଦାନ କରିଥିଲେ। ସେବେଠୁ ଏହା ଆଲ୍ଲାହାବାଦ ମ୍ୟୁଜିୟମ୍‌ରେ ଥିବା ନେହେରୁ ଗ୍ୟାଲେରିରେ ରଖାଯାଇଥିଲା। ଏହି ସେଙ୍ଗୋଲକୁ ଆସନ୍ତା ୨୮ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଲୋକ ସଭା ବାଚସ୍ପତିଙ୍କ ଆସନ ନିକଟରେ ସ୍ଥାପନ କରାଯିବ। ଏଥିପାଇଁ ଏହାକୁ ଦିଲ୍ଲୀ ଅଣାଯାଇଛି। ରୁପାରେ ନିର୍ମିତ ସେଙ୍ଗୋଲ ଉପରେ ସୁନା ପ୍ରଲେପ ଦିଆଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା



କହିଛନ୍ତି, ସେଙ୍ଗୋଲ ହେଉଛି ବ୍ରିଟିଶଙ୍କ ଦ୍ୱାରା ଭାରତକୁ କ୍ଷମତା ହସ୍ତାନ୍ତରଣର ପ୍ରତୀକ। ତାମିଲନାଡୁରେ ଚୋଳ ବଂଶର ରାଜାମାନେ କ୍ଷମତା ହସ୍ତାନ୍ତର ବେଳେ ଏହାକୁ ବ୍ୟବହାର କରୁଥିଲେ। ୫ ଫୁଟ୍ ଲମ୍ବର ଏହି ପବିତ୍ର ସେଙ୍ଗୋଲକୁ ସଂଗ୍ରହାଳୟରେ ରଖାଯିବା ଅନୁପଯୁକ୍ତ। ପାର୍ଲାମେଣ୍ଟ ବିଲ୍ଡିଂ ହିଁ ଏହା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଶାହା କହିଛନ୍ତି।

## ଦୁର୍ଘଟଣାରେ ଅଭିନେତ୍ରୀ ବୈଭବୀଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୪।୫:** ଟେଲିଭିଜନର ସିରିଜ୍ 'ସାରାଭାଇ ଭର୍ସେସ ସାରାଭାଇ'ରେ ଜୈସ୍ମିନ ଭୂମିକାରେ ଅଭିନୟ କରୁଥିବା ବେଶ ଜଣାଶୁଣା ଅଭିନେତ୍ରୀ ବୈଭବୀ ଉପାଧ୍ୟାୟ(୩୨)ଙ୍କ ମଙ୍ଗଳବାର ହିମାଚଳ ପ୍ରଦେଶରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚଣ୍ଡିଗଡ଼ରେ ରହୁଥିବା ତାଙ୍କ ପରିବାର ବୈଭବୀଙ୍କ ମୃତଦେହକୁ ମୁମ୍ବାଇ ଆଣିବା ପରେ ବୁଧବାର ସକାଳେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାରାଭାଇ ଟେକ୍- ୨ରେ ବୈଭବୀଙ୍କ ସହ କାମ କରିଥିବା ଅଭିନେତା ତଥା ନିର୍ମାତା ଜେଡି ମାଜେଠିଆଙ୍କ ସହ ଅଭିନେତ୍ରୀଙ୍କ ଭାଇ ଏହି ଖବର ନେଇ ସ୍ପଷ୍ଟ କରିଛନ୍ତି। ବୈଭବୀ ପୂର୍ବରୁ ଅନେକ ଟିଭି ଶୋ'ରେ କାମ କରିଥିବାବେଳେ ମୁଭି 'ଚପକ୍'ରେ ମଧ ନଜରକୁ ଆସିଥିଲେ।

# ରିକଭରି ଏଜେଣ୍ଟ ଗାଡ଼ି ଛଡ଼ାଇନେବା ବେଆଇନ

**ପାଟନା,୨୪।୫**

### ପାଟନା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

କେହି ଋଣ ଖିଲାପ କଲେ ରିକଭରି ଏଜେଣ୍ଟମାନେ ବାହୁବଳୀଙ୍କ ଜରିଆରେ ତାଙ୍କଠାରୁ ବଳପୂର୍ବକ ଗାଡ଼ି ଛଡ଼ାଇ ନେଇପାରିବେ ନାହିଁ। ଏଭଳି ଜବରଦସ୍ତ ଗାଡ଼ି ଛଡ଼ାଇନେବା ସମ୍ବିଧାନ ପ୍ରଦତ୍ତ ଜୀବନ ଧାରଣ ଓ ଜୀବିକା ଉପାର୍ଜନ ସମ୍ପର୍କିତ ମୌଳିକ ଅଧିକାରର ଖୋଲା ଉଲ୍ଲଂଘନ ବୋଲି ପାଟନା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୌଣସି ରିକଭରି ଏଜେଣ୍ଟ ଏପରି କଲେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦିଆଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

ଜଷ୍ଟିସ୍ ରାଜୀବ ରଞ୍ଜନ ପ୍ରସାଦଙ୍କ ଜଣିକିଆ ଖଣ୍ଡପୀଠ ଏକାଧିକ ରିଟ୍ ପିଟିଶନର ଶୁଣାଣି କରି ଲୋକଙ୍କଠାରୁ ରିକଭରି ଏଜେଣ୍ଟ ଜରିଆରେ ଜବରଦସ୍ତ (ଏପରି କି ବନ୍ଧୁକ ଦେଖାଇ) ଗାଡ଼ି ଛଡ଼ାଇନେଉଥିବା ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ପ୍ରସାଦ କହିଛନ୍ତି ଯେ, ଅନାଦାୟ ଋଣ ଅସୁଲ ପାଇଁ ଗ୍ରହୀତା ବନ୍ଧକ ଦେଉଥିବା ସମ୍ପତ୍ତିକୁ ଜିଲା ପ୍ରଶାସନ ସହାୟତାରେ ଅଧିଗ୍ରହଣ କରି ନିଲାମ କରାଯିବା ଭଳି ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ କ୍ଷମତା ପ୍ରଦାନକାରୀ ସିକ୍ୟୁରିଟାଇଜେଶନ୍ (ପ୍ରତିଭୂତୀକରଣ)ର ନିୟମ ଅନୁସାରେ ଗାଡ଼ି ଋଣ ବାବଦ ଟଙ୍କା ଆଦାୟ କରାଯିବା ଉଚିତ। ରିକଭରି ଏଜେଣ୍ଟମାନେ ଯେପରି କୌଣସି





ଯାନବାହନ ବଳପୂର୍ବକ ଛଡ଼ାଇ ନ ନିଅନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ବିହାରସ୍ଥିତ ସବୁ ଜିଲାର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିକଭରି ଏଜେଣ୍ଟଙ୍କ ଦ୍ୱାରା ଗାଡ଼ି ଛଡ଼ାଇନିଆଯିବା ନେଇ ୫ଟି ମାମଲାର ଫଇସଲା କରି ହାଇକୋର୍ଟ ମେ' ୧୯ରେ ଏହି ରାୟ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ବ୍ୟାଙ୍କ/ଅର୍ଥ ଲଗାଣକାରୀ କମ୍ପାନୀକୁ ୫୦,୦୦୦ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ୫୩ ପୃଷ୍ଠା ସମ୍ବଳିତ ରାୟରେ ଜଷ୍ଟିସ୍ ପ୍ରସାଦ ସୁପ୍ରିମକୋର୍ଟଙ୍କ ଏଭଳି ୨୫ ନିଷ୍ପତ୍ତିର ଅବତାରଣା କରିଛନ୍ତି। ଦକ୍ଷିଣ ଆଫ୍ରିକାର ସୁପ୍ରିମକୋର୍ଟ ଦେଇଥିବା ଏକ ରାୟକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ସରକାରଙ୍କ ନାକ ତଳେ ଜଣେ ବ୍ୟକ୍ତି ଜୀବନ ଧାରଣ ଓ ଜୀବିକା ଉପାର୍ଜନ ସମ୍ପର୍କିତ ନିଜ ମୌଳିକ ଅଧିକାରଗୁଡ଼ିକରୁ ବଞ୍ଚିତ ହେଉଥିଲେ ହାଇକୋର୍ଟ କୌଣସି 'ପ୍ରାଇଭେଟ ଆକ୍ଟର'ଙ୍କ ବିରୋଧରେ ରିଟ୍ ପିଟିଶନର ଶୁଣାଣି କରିପାରିବେ ବୋଲି ଜଷ୍ଟିସ୍ ପ୍ରସାଦଙ୍କ ଜଣିକିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

## ସୁପ୍ରିମକୋର୍ଟ ବିଚାରପତି ଶେଷ ଆଶା: ଇମ୍ରାନ୍

**ଲାହୋର,୨୪।୫:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ଦେଶର ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ସୁପ୍ରିମକୋର୍ଟ ବିଚାରପତିମାନଙ୍କୁ ଅନୁରୋଧ କରିଛନ୍ତି। ଇମ୍ରାନ୍‌ଙ୍କ ଗିରଫଦାରି ପରେ ତାଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ-ଏ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଥିଲେ। ଏହାକୁ ନେଇ ପିଟିଆଇ ଉପରେ ଲାଗିବାକୁ ଥିବା ସମ୍ଭାବ୍ୟ ନିଷିଦ୍ଧାଦେଶ ପରିପ୍ରେକ୍ଷୀରେ ୭୦ ବର୍ଷୀୟ ଇମ୍ରାନ୍ ସୋସିଆଲ ମିଡିଆ ଜରିଆରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ଶେହବାଜ ଶରିଫ ସରକାର ତାଙ୍କ ଦଳର ସମସ୍ତ କର୍ମକର୍ତ୍ତାଙ୍କ ଉପରେ ବ୍ୟାନ୍ ଲଗାଇବାକୁ ଯାଉଛନ୍ତି। ପାକିସ୍ତାନ ବାନାନା ରିପବ୍ଲିକ୍ ହେବାକୁ ବସିଥିବାବେଳେ ସର୍ବୋଚ୍ଚ ଅଦାଲତର ବିଚାରପତିମାନେ ଆମର ଶେଷ ଆଶା। ସେମାନେ ହିଁ ଆମକୁ ନ୍ୟାୟ ପ୍ରଦାନ କରିବେ।

## ମଣିପୁରରେ ସାନି ହିଂସା: ମୃତ୍ୟୁସଂଖ୍ୟା ୭୧

**ଗୁଆହାଟୀ,୨୪।୫:** ମଣିପୁରରେ ମେଇତି ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜାତି (ଏସ୍‌ସି) ବର୍ଗରେ ସାମିଲ କରାଯିବା ନେଇ ହାଇକୋର୍ଟଙ୍କ ରାୟ ଆସିବା ପରଠୁ ଏହି ଉତ୍ତରପୂର୍ବ ରାଜ୍ୟରେ ହିଂସା ଥମିବାର ନାଁ ନେଉନାହିଁ। ମେ' ୩ରୁ ଚାଲିଥିବା ସଂଘର୍ଷରେ ଅଦ୍ୟାବଧି ୭୧ ଜଣଙ୍କ ମୃତ୍ୟୁ ଘଟିଲାଣି। ବୁଧବାର ପାର୍ବତ୍ୟ ଜିଲା ଚୂରଚନ୍ଦନପୁର ସଂଲଗ୍ନ ବିଶେନପୁରରେ ପୁଣି ହିଂସା ଘଟିଛି। ସେନା ଓ ଅର୍ଦ୍ଧସାମରିକ ବଳ ଯବାନମାନେ କୁକି ଉଗ୍ରପନ୍ଥୀଙ୍କୁ ଦମନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ଉପଦ୍ରବୀମାନେ କେତେଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି। ମୋଇରାଙ୍ଗ ରିଲିଫ୍ କ୍ୟାମ୍ପରେ ରହୁଥିବା ତୋଇଜାମ ଚନ୍ଦ୍ରମଣି ଗୁଳିମାଡ଼ର ଶିକାରହୋଇ ପ୍ରାଣ ହରାଇଛନ୍ତି। ସମ୍ପ୍ରଦାୟ ନେତାମାନଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଠକ ଡାକନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।



ମେକ୍ସିକୋର ପୁଏବ୍ଲାସ୍ଥିତ ପୋପୋକାଟେପେଟଲ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣର ଦୃଶ୍ୟ।

# କେନ୍ଦ୍ର ଅଧ୍ୟାଦେଶକୁ ବିରୋଧ

**ମୁମ୍ବାଇ,୨୪।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ବୁଧବାର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ମୁମ୍ବାଇରେ ଭେଟିଛନ୍ତି। ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ଛଡ଼ାଇନେବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ କରିବା ଲାଗି କେଜ୍‌ରିୱାଲ ଉଦ୍ଧବଙ୍କ ସହଯୋଗ ଲୋଡ଼ିଥିଲେ। ଉଦ୍ଧବଙ୍କ ମାତୋଶ୍ରୀ ବାସଭବନରେ ଦୁଇନେତାଙ୍କ ମଧ୍ୟରେ ସାକ୍ଷାତ ବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଏଏପିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏବଂ ରାଘବ ଚଡ଼ାଙ୍କ ସମେତ ଦିଲ୍ଲୀ ମନ୍ତ୍ରୀ ଆତିଶି ଉପସ୍ଥିତ ଥିଲେ। କେଜ୍‌ରିୱାଲ କହିଛନ୍ତି, ଉଦ୍ଧବ ଆମକୁ ଦୁଇଟି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଥମଟି ହେଲା କେନ୍ଦ୍ର ଆଣିଥିବା ଅଧ୍ୟାଦେଶକୁ ପାର୍ଲାମେଣ୍ଟରେ ଗୃହୀତ



### ଉଦ୍ଧବଙ୍କୁ ଭେଟିଲେ କେଜ୍‌ରିୱାଲ

କରାଇ ଦିଆଯିବ ନାହିଁ। ଦ୍ୱିତୀୟରେ ମୋଦି ସରକାରଙ୍କୁ ପୁଣି କ୍ଷମତାକୁ ଆସିବାକୁ ଦିଆଯିବ ନାହିଁ। ଉଦ୍ଧବ କହିଛନ୍ତି, ଦେଶ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆମେ ସମସ୍ତେ ଏକାଠି ହୋଇଛୁ। ଆମକୁ ବିରୋଧୀ ଦଳ କୁହାଯିବା ଅନୁଚିତ। ପ୍ରକୃତରେ କେନ୍ଦ୍ରକୁ ବିରୋଧୀ କୁହାଯିବା କଥା। କାରଣ ସେମାନେ ଗଣତନ୍ତ୍ର ଓ ସମ୍ବିଧାନକୁ ବିରୋଧ କରୁଛନ୍ତି। ପ୍ରକାଶ ଯେ, ଦିଲ୍ଲୀର ସର୍ଭିସେସ୍ (ସେବା) ଉପରେ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ କର୍ତ୍ତୃତ୍ୱ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ କେନ୍ଦ୍ର ଶୁକ୍ରବାର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଲାଗି ଏକ ସଂସ୍ଥା ଗଠନ କରିଛି। ଅଧ୍ୟାଦଶକୁ ବିରୋଧ କରିବା ପାଇଁ ମଙ୍ଗଳବାର କେଜ୍‌ରିୱାଲ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗ ଲୋଡ଼ିଥିଲେ।

# ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ରୋ ଡିସାଣ୍ଟିସ୍

**ୱାଶିଂଟନ୍,୨୪।୫**

ଆମେରିକାର ଫ୍ଲୋରିଡା ଗଭର୍ନର ରୋ ଡିସାଣ୍ଟିସ୍ ବୁଧବାର ଆନୁଷ୍ଠାନିକ ଭାବେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବା ଲାଗି ପେପରୱାର୍କ୍ସ ଫାଇଲ୍ କରିଛନ୍ତି। ଏଥିଯୋଗୁ ପୁନଃ ନିର୍ବାଚିତ ହେବା ପାଇଁ ଆଶାୟୀ ଥିବା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡିସାଣ୍ଟିସ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଛନ୍ତି। କୋଭିଡ୍-୧୯ ସଂକ୍ରମଣଜନିତ ଲକ୍‌ଡାଉନ୍ ବେଳେ ୪୪ ବର୍ଷୀୟ ଡିସାଣ୍ଟିସ୍‌ଙ୍କ ଉଦ୍ୟମ ତାଙ୍କୁ ରିପବ୍ଲିକାନ୍‌ଙ୍କ ମହଲରେ ଲୋକପ୍ରିୟ କରାଇଥିଲା। ଡିସାଣ୍ଟିସ୍ ଟୁଇଟର ମାଲିକ ଏଲନ୍ ମସ୍କଙ୍କ ସହ ବୁଧବାର ସନ୍ଧ୍ୟାରେ ଏକ ଲାଇଭ୍ ଷ୍ଟ୍ରିମିଂ ଚାଟ୍‌ରେ ଆଲୋଚନା ବେଳେ ନିଜ ଅଭିଯାନ ସମ୍ପର୍କରେ ଘୋଷଣା କରିଛନ୍ତି। ୟେଲ୍ ଏବଂ ହାର୍ଭାର୍ଡ ୟୁନିଭର୍ସିଟିରେ ଆଇନରେ ଶିକ୍ଷାଲାଭ କରିଥିବା ଡିସାଣ୍ଟିସ୍ ୨୦୧୨ରେ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଥିଲେ। ସେ ୨୦୧୮ରେ ଫ୍ଲୋରିଡା ଗଭର୍ନର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ।



# ବାଇଡେନ୍‌ଙ୍କୁ ମାରି କ୍ଷମତା ହାତେଇବି

**ୱାଶିଂଟନ୍,୨୪।୫:** ଜଣେ ୧୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଏକ ୟୁ-ହଉଲ ଟ୍ରକ୍‌ରେ ଜାଣିଶୁଣି ହ୍ୱାଇଟ୍ ହାଉସ୍ ପ୍ରାଚୀରକୁ ଧକ୍କା ଦେଉଥିଲେ। ସେ ରାଷ୍ଟ୍ରପତି ଭବନକୁ ପ୍ରବେଶ କରି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ହତ୍ୟା କରିବା ସହ ତାଙ୍କ କ୍ଷମତା ଛଡ଼ାଇନେବାକୁ ଚାହୁଁଥିଲେ। ସୋମାର ରାତି ୧୦ଟାରେ ହ୍ୱାଇଟ୍ ହାଉସ୍‌ର ଲାଫାୟେଟ୍ଟେ ପାର୍କ ଉତ୍ତର ପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରକୁ ଟ୍ରକ୍‌ରେ ବାରମ୍ବାର ଧକ୍କା ଦେବାପରେ ଭାରତୀୟ ବଂଶୋଦ୍ଭବ ବରଶିଷ୍ଟ କନ୍ଦୁଲାଙ୍କୁ ଆମେରିକା ପାର୍କ ପୋଲିସ ଗିରଫ କରିଛି। ରାତିରେ ଏହି ଦୃଶ୍ୟ ଦେଖି ଅନେକ ପଥଚାରୀ ସେଠାରୁ ଦୌଡ଼ି ପଳାଇଥିଲେ। ମିସୋରିର ଚେଷ୍ଟରଫିଲ୍ଡ ବାସିନ୍ଦା ବରଶିଷ୍ଟ ସେଣ୍ଟ ଲୁଇସ୍‌ରୁ ଡୁଲ୍ଲେସ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଆସିବା ପରେ ଏହି ଟ୍ରକ୍‌କୁ ଭଡ଼ାରେ ନେଇଥିଲେ। ଟ୍ରକ୍‌କୁ ରିଭର୍ସ ଗିଅରରେ ଧକ୍କା ଦେଉ ଥିବାବେଳେ ପୋଲିସ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିଲେ। ସେ ଫେରିବା ପାଇଁ କୌଣସି ଟିକେଟ କରି ନ ଥିଲେ ବୋଲି ଜଣେ ସିକ୍ରେଟ୍ ସର୍ଭିସ ଏଜେଣ୍ଟ ୱାଶିଂଟନ୍ ଫେଡେରାଲ୍ ଡିଷ୍ଟ୍ରିକ୍ଟ କୋର୍ଟରେ ନିଜ ବୟାନ ରେକର୍ଡ କରାଇଛନ୍ତି। ବରଶିଷ୍ଟ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ହତ୍ୟା କରିବା ପାଇଁ ୬ ମାସ ହେଲା ଯୋଜନା କରିଥିଲେ। ତାଙ୍କ ଉଦ୍ଦେଶ୍ୟ ଥିଲା, ହ୍ୱାଇଟ୍ ହାଉସ୍‌କୁ ପ୍ରବେଶ କରି ରାଷ୍ଟ୍ରପତିଙ୍କ କ୍ଷମତା ଛଡ଼ାଇନେବା।



ବରଶିଷ୍ଟ କନ୍ଦୁଲା

## ହୃଦ୍‌ଘାତରେ ଅଭିନେତା ନୀତେଶଙ୍କ ପରଲୋକ



**ନୂଆଦିଲ୍ଲୀ,୨୪।୫:** ଜଣାଶୁଣା ଟେଲିଭିଜନ ଅଭିନେତା ନୀତେଶ ପାଣ୍ଡେ(୫୧)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଧାରାବାହିକ 'ଅନୁପମା'ରେ ଧୀରଜ କପୁର ଚରିତ୍ରରେ ଅଭିନୟ କରୁଥିଲେ। ରିପୋର୍ଟ ମୁତାବକ ମହାରାଷ୍ଟ୍ର ନାଶିକ୍‌ର ଇଗାଟପୁରୀର ଏକ ହୋଟେଲରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ନୀତେଶଙ୍କ ମୃତଦେହ ଜବତ କରିବା ସହ ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରିଛି। ତେବେ ନୀତେଶ ଟେଲିଭିଜନ ଦୁନିଆରେ ବେଶ୍ ପ୍ରସିଦ୍ଧ କଳାକାର ଥିଲେ। ସେ ୯୦ ଦଶକରେ ଥିଏଟର ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ 'ମନ୍‌ଜିଲେ ଅପ୍‌ନି ଅପ୍‌ନି', 'ଶାୟା', 'ଦୁର୍ଗେଶ ନନ୍ଦିନୀ' ଭଳି ଟିଭି ଶୋ'ରେ ଅଭିନୟ କରିଥିଲେ।

# ଆହୁରି ଘାତକ ହୋଇପାରେ ପରବର୍ତ୍ତୀ ମହାମାରୀ

**ଜେନେଭା,୨୪।୫**

### ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

ଭବିଷ୍ୟତରେ ଆସିବାକୁ ଥିବା ସମ୍ଭାବ୍ୟ ମହାମାରୀର ମୁକାବିଲା ପାଇଁ ବିଶ୍ୱ ଏବେଠୁ ପ୍ରସ୍ତୁତ ହେବା ଉଚିତ। ଏହା କୋଭିଡ୍-୧୯ ମହାମାରୀଠାରୁ ଆହୁରି ଘାତକ ହୋଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ ସତର୍କ କରାଇଛନ୍ତି।

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯ ସଂକ୍ରମଣ ମାମଲା ବର୍ତ୍ତମାନ ସ୍ଥିର ହେବାରେ ଲାଗିଥିବାବେଳେ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲି ବୈଠକରେ ଘେବ୍ରେୟେସସ୍ କହିଛନ୍ତି, ଆଉ ଏକ ଭାରିଆଣ୍ଟର ବିପଦ ଲୋକଙ୍କୁ ରୋଗାକ୍ରାନ୍ତ କରିପାରେ। ଏଥିରୁ ଅନେକ ନୂଆ ରୋଗର ଉତ୍ପତ୍ତି ହୋଇପାରେ, ଯାହାକି କୋଭିଡ୍-୧୯ ତୁଳନାରେ ଅଧିକ ଘାତକ ହେବା ଆଶଙ୍କା କରାଯାଉଛି। ୭୬ତମ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲିରେ ସେ ନିଜ ରିପୋର୍ଟ ଉପସ୍ଥାପନ ବେଳେ ଆହୁରି କହିଛନ୍ତି, ମହାମାରୀଗୁଡ଼ିକ ଆମେ ସାମ୍ନା କରୁଥିବା ବିପଦଠାରୁ ଆହୁରି ବିପଜ୍ଜନକ। ତେଣୁ ସବୁ ପ୍ରକାର ବିପତ୍ତିର ମୁକାବିଲା ଲାଗି ବୈଶ୍ୱିକ ସ୍ତରରେ ପ୍ରଭାବଶାଳୀ ରଣନୀତି ଆପଣାଯିବା ଜରୁରୀ। ଯେତେବେଳେ ପରବର୍ତ୍ତୀ ମହାମାରୀ ମାଡ଼ିଆସିବ ସେତେବେଳେ ଆମକୁ ଆହୁରି ନିର୍ଣ୍ଣାୟକ, ସାମଗ୍ରିକ ଓ ସମାନ ଭାବେ ଏହାକୁ ଜବାବ ଦେବାକୁ ପଡ଼ିବ। ୨୦୩୦ ଡେଡ୍‌ଲାଇନ୍ ରଖାଯାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅଧୀନରେ ସ୍ୱାସ୍ଥ୍ୟ ସମ୍ପର୍କିତ ଟାର୍ଗେଟ ଉପରେ କୋଭିଡ୍-୧୯ ବିଶେଷ ପ୍ରଭାବ ପକାଇଛି। ସେହିପରି ୨୦୧୭ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲିରେ ଘୋଷିତ ଟ୍ରିପଲ୍ ବିଲିୟନ୍ ଟାର୍ଗେଟର ଅଗ୍ରଗତିକୁ ମଧ୍ୟ କରୋନା ମହାମାରୀ ପ୍ରଭାବିତ କରିଛି। କୋଭିଡ୍-୧୯ ଆମକୁ ବଡ଼ ଝଟ୍‌କା ଦେଇଥିଲେ ହେଁ ଏସ୍‌ଡିଜି ଉପରେ ଆମେ କାହିଁକି ଅଧିକ ଗୁରୁତ୍ୱ ଦେବା ଉଚିତ ତାହା ଆମକୁ ଶିଖାଇଛି। ତେଣୁ ପୂର୍ବଭଳି ସତର୍କ ଓ ସଚେତନ ହୋଇ ଦୃଢ଼ତାର ସହ ଆଗାମୀ ମହାମାରୀକୁ ସାମ୍ନା କରିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି ଡବ୍ଲ୍ୟୁଏଚ୍‌ଓର ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଜୁନ୍ ୯ରେ ଶାହିଦଙ୍କ ‘ବ୍ଲଡି ଡାଡି’

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହିଦ କପୁରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ‘ବ୍ଲଡି ଡାଡି’ ଆସନ୍ତା ଜୁନ୍ ୯ରେ ରିଲିଜ୍ ହେବାକୁ ଯାଉଛି। ନିକଟରେ ଚଳଚ୍ଚିତ୍ରର ଟିଜର ରିଲିଜ୍ ହୋଇଥିବାବେଳେ ଦର୍ଶକ ଏହାକୁ ବେଶ ପସନ୍ଦ କରିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ ଇଭେଣ୍ଟରେ ବୁଧବାର ଏହି ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ଅଲ୍ଲି ଆବାସ ଜଫରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଡିଆନା ପେଣ୍ଟି, ସଞ୍ଜୟ କପୁର, ରୋନିତ ରୟ ଏବଂ ଅଙ୍କୁର ଭାଟିଆ ପ୍ରମୁଖ ଭୂମିକାରେ ନଜରକୁ ଆସିବେ। ସେମାନେ ମାତ୍ର ୩୬ ଦିନରେ ମୁଭିର ଶୁଟିଂ ଶେଷ କରିଥିବା ଟ୍ରେଲର ରିଲିଜ୍ ସମୟରେ ଶାହିଦ କହିଥିଲେ। ଏଥିରେ ଶାହିଦଙ୍କ ସହ କ୍ରିତି ଶାନନ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ୧୯୯୭ରେ ପ୍ରଥମ ଫିଲ୍ମ ‘ଦିଲ୍ ତୋ ପାଗଲ ହେ’ ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତା’ପରଠାରୁ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଆସୁଛନ୍ତି।

# ବର୍ଷକୁ ୮ କୋଟି ରୋଜଗାର କରୁଛି କୁକୁର

**ନୂଆଦିଲ୍ଲୀ**

ଲୋକେ ଅଧିକ ଟଙ୍କା ରୋଜଗାର କରି କୋଟିପତି ହେବାକୁ ଚାହୁଁଛନ୍ତି। ହେଲେ ଆଜିକାଲି ଟଙ୍କା ରୋଜଗାର କରିବା ବହୁତ କଷ୍ଟ ହୋଇଗଲାଣି। ଅନେକ ଲୋକ ଘର ଛାଡ଼ି ବାହାରକୁ ଦାଦନ ଖଟିବାକୁ ଗଲେ ମଧ୍ୟ ଭଲରେ ଚଳିପାରୁ ନାହାନ୍ତି। ନିକଟରେ ଜଣେ ମହିଳା ଖୁବ୍ ଚର୍ଚ୍ଚାରେ ଅଛନ୍ତି। ସେ ଏକ କୁକୁର ରଖିଛନ୍ତି, ଯାହା ଭରସାରେ ସେ ବର୍ଷକୁ କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି। କର୍ଟନୀ ବଡ଼ଜିନ୍ ନାମ୍ନୀ ଜଣେ ମହିଳା ଟକ୍କର ଏବଂ ଟୋଡ୍ ନାମକ ୨ଟି କୁକୁରର ମାଲିକାଣୀ ଅଟନ୍ତି। ତାଙ୍କ କୁକୁର ଟକ୍କର ଗୋଲ୍ଡେନ ରେଟ୍ରିଭର ପ୍ରଜାତିର। କର୍ଟନୀ ଜଣେ ସୋସିଆଲ ଇନ୍‌ଫ୍ଲୁଏନସର ହୋଇଥିବାବେଳେ ତାଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ ୫ ଲକ୍ଷ ଲୋକ ଫଲୋ କରନ୍ତି। କିନ୍ତୁ ଟକ୍କରକୁ ଇନ୍‌ଷ୍ଟାଗ୍ରାମ୍‌ରେ ୩୪ ଲକ୍ଷ ଲୋକ ଫଲୋ କରନ୍ତି। ଟକ୍କରକୁ ଏତେ ଲୋକ ଫଲୋ କରୁଥିବାରୁ କର୍ଟନୀଙ୍କୁ ଏଥିରେ ଫାଇଦା ହୋଇଥାଏ। ନିକଟରେ ସେ ଏକ ସାକ୍ଷାତକାରରେ କହିଛନ୍ତି, ସେ ଆଉ ତାଙ୍କ ସ୍ୱାମୀ ମାଇକ୍ ଟକ୍କର ଜରିଆରେ ବହୁ ଟଙ୍କା ରୋଜଗାର କରୁଛନ୍ତି। ସେ ୟୁଟ୍ୟୁବରେ ଟକ୍କର ଭିଡିଓ ପାଇଁ ୩୩ ଲକ୍ଷରୁ ୪୯ ଲକ୍ଷ ଚାର୍ଜ କରନ୍ତି। ଅନ୍ୟପଟେ ଇନ୍‌ଷ୍ଟାଗ୍ରାମ୍ ପାଇଁ ସେ ୧୬ ଲକ୍ଷ ଟଙ୍କା ଚାର୍ଜ କରିଥାନ୍ତି। ଏହିପରି ତାଙ୍କ ରୋଜଗାର ବର୍ଷକୁ ୮ କୋଟି ହୋଇଯାଏ। ତେବେ କର୍ଟନୀ ପୂର୍ବରୁ ଜଣେ ସଫେଇ କର୍ମଚାରୀ ଏବଂ ମାଇକ୍ ଜଣେ ମେକାନିକାଲ ଇଞ୍ଜିନିୟର ଥିଲେ। ୨୦୧୮ରେ ଟକ୍କରର ଜନ୍ମକୁ ୮ ସପ୍ତାହ ହୋଇଥିବାବେଳେ ସେମାନେ ତାକୁ ନିଜ ସହ ନେଇଯାଇଥିଲେ।



ପରେ ସେମାନେ ଟକ୍କରର ଏକ ଇନ୍‌ଷ୍ଟାଗ୍ରାମ ପେଜ କରିଥିଲେ। ଟକ୍କର ୬ ମାସର ହେବା ବେଳକୁ ତା’ର ପ୍ରଥମ ଭିଡିଓ ସେମାନେ ସେହି ପେଜ୍‌ରେ ଛାଡ଼ିଥିଲେ। ଏହାପରେ ଟକ୍କରର ଏକ ଛୁଆ ‘ଟୋଡ୍’ ହେଲା। ଟକ୍କରର ଫଲୋୟର୍ସ ବଢ଼ିବା ସହ ରୋଜଗାର ମଧ୍ୟ ହେଲା। ଏଥିରେ କର୍ଟନୀ ଏବଂ ମାଇକ୍ ନିଜ ନିଜ ଚାକିରି ଛାଡ଼ିଦେଇ ଟକ୍କର ଏବଂ ଟୋଡ୍‌ର ଯତ୍ନ ନେବାକୁ ଲାଗିଲେ।

# ପୁରୁଣା ମଦ ନିଲାମ କରି ଲକ୍ଷପତି

**ସାକ୍ରାମେଣ୍ଟୋ:** କୁହାଯାଏ ଯେ ମଦ ଯେତେ ପୁରୁଣା ହେବ ନିଶା ସେତେ ଅଧିକ ଧରିବ। ସେଥିପାଇଁ ପୁରୁଣା ମଦର ଦାମ୍ ମଧ୍ୟ ଅଧିକ ରହିଥାଏ। ତେବେ ନିକଟରେ ଜଣେ ବ୍ୟକ୍ତି ଏହି ପୁରୁଣା ମଦ ପାଇଁ ଲକ୍ଷପତି ହୋଇଛନ୍ତି। ରିପୋର୍ଟ ମୁତାବକ, କାଲିଫର୍ନିଆର ସାନ୍‌ଫ୍ରାନ୍‌ସିସ୍‌କୋ ସହରରେ ରହୁଥିବା ୭୨ ବର୍ଷୀୟ ଅବସରପ୍ରାପ୍ତ ଚିତ୍ରକର ମାର୍କ ପଲସନ ନାମକ ଜଣେ ବ୍ୟକ୍ତିଙ୍କୁ ମଦ ରଖିବାର ବହୁତ ସଉକ ଥିଲା। ସେ ୧୯୭୦ରେ ‘ଡୋମିନ୍ ଡେ ଲା ରୋମାନି କୋଣ୍ଟି ଲା ଟେକ୍’ର ଏକ ମଦ ବୋତଲ କିଣିଥିଲେ। ତାକୁ କିଣି ୫୦ ବର୍ଷ ହେବ ଏକ କାର୍ଡ ବୋର୍ଡ ବକ୍ସରେ ଭର୍ତ୍ତି କରି ତାଙ୍କ ବେସ୍‌ମେଣ୍ଟରେ ଲୁଚାଇ ରଖିଥିଲେ। ସେ ସମୟରେ ମାର୍କ ଏହି ମଦକୁ ୨୫୦ ଡଲାର ଅର୍ଥାତ୍ ଆଜିର ସମୟରେ ପାଖାପାଖି ୨୦ ହଜାର ଟଙ୍କାରେ କିଣିଥିଲେ। ସେହି ହିସାବରେ ଏହି ମଦର ମୂଲ୍ୟ ୧୮୮୯ ଡଲାର ହେବା କଥା। କିନ୍ତୁ ତାହା ପୁରୁଣା ହେବା କାରଣରୁ ସେହି ମଦ ବୋତଲ ୧,୦୬,୨୫୦ ଡଲାର ଅର୍ଥାତ୍ ୮୭ ଲକ୍ଷ ୭୩ ହଜାରରୁ ଅଧିକ ଟଙ୍କାରେ ନିଲାମ ହେଲା। ଗତ ମାର୍ଚ୍ଚରେ ମାର୍କ କହିଥିଲେ ଯେ ତାଙ୍କ ପାଖରେ ଏକ ୫୦ ବର୍ଷ ପୁରୁଣା ‘ଡୋମିନ୍ ଡେ ଲା ରୋମାନି କୋଣ୍ଟି ଲା ଟେକ୍’ର ମଦ ବୋତଲ ଅଛି, ଯାହାକୁ କେହି କେବେ ପିଇନାହାନ୍ତି। ପରେ ସେହି ମଦକୁ ନିଲାମ ପାଇଁ ରଖାଯାଇଥିଲା। ତାହା ୫୦-୮୦ ହଜାର ଭିତରେ ନିଲାମ ହେବ ବୋଲି ଆଶା କରାଯାଉଥିଲା। ହେଲେ ତାହା ୮୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିଲାମ ହୋଇଛି। ତାଙ୍କ କହିବା ମୁତାବକ, ଏହି ମଦ ଏକପ୍ରକାର ଦୁର୍ଲଭ ଅଟେ।

# ଲମ୍ବା ନାକ ରେକର୍ଡଧାରୀଙ୍କ ମୃତ୍ୟୁ



**ଅଙ୍କାରା:** ଲମ୍ବା ନାକ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିଥିବା ମେହମେତ୍ ଓଜୁରେକ୍ (୭୫)ଙ୍କ ନିକଟରେ ମୃତ୍ୟୁ ହୋଇଛି। ସେ ଏଥିପାଇଁ ୨୦୦୧, ୨୦୧୦ ଏବଂ ତୃତୀୟ ଥର ପାଇଁ ୨୦୨୧ରେ ପୁରସ୍କୃତ ହୋଇଛନ୍ତି। ତାଙ୍କ ନାକର ଲମ୍ବ ୮.୮ ସେଣ୍ଟିମିଟର। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଆସନ୍ତା ସପ୍ତାହରେ ତାଙ୍କର ହାର୍ଟ ସର୍ଜରି ହୋଇଥାନ୍ତା। ମେହମେତ୍‌ଙ୍କ ନାମ ଭଗବାନଙ୍କ ବରଦାନ ଥିବା ସେ କହିଥିଲେ। ଫଳରେ ସେ ଯେଉଁଠାକୁ ଯାଉଥିଲେ ସାଙ୍ଗେ ସାଙ୍ଗେ ସେଠାର ବାସ୍ନାକୁ ଅନ୍ୟମାନଙ୍କ ଅପେକ୍ଷା ଶୀଘ୍ର ଶୁଙ୍ଘିପାରୁଥିଲେ।


## BHUBANESWAR MUNICIPAL CORPORATION

E-Mail Id: ee2@bmc.gov.in

No. C-396

### E-Procurement Notice

1. Bid Reference No. : BMC-EED-III-04/2022-23 Dt.23.05.2023
2. Tender Call Notice No. : No. 25124 Dt.23.05.2023
3. No. of Works : 2 Nos.
4. Bid Value : Rs.4,88,774.00 to Rs.36,33,044.00
5. Period of Completion : 30 to 60 Days

Date and time Schedule

| Start | End | Opening |
|---|---|---|
| 11.00 A.M. of 25.05.23 | 5.00 P.M. of 03.06.23 | 11.00 A.M. of 05.06.23 |

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

**Sd./- Executive Engineer, Div-III**
**Bhubaneswar Municipal Corporation**

OIPR-13002/11/0042/2324

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)

SANTARAPUR, BHUBANESWAR-751002, Tel-MD 0674-2340573, PBX-2340170, Fax:2340096

### TENDER INVITATION No.-OSSC/Engg-84/2023

**CAD-697:** Managing Director, Odisha State Seeds Corporation Ltd. invites Percentage Rate tenders in Double Cover System through ONLINE MODE ONLY for the works below. **Values in Rs.**

| Sl. | Name of the Work | Cost of Work without GST | EMD | Cost of Tender Document with GST | Com-pletion period | Class of Contractor |
|---|---|---|---|---|---|---|
| 1 | Construction of Boundary wall over Plot No.1118/4349, Khata No.252 (AJA), Mouza-Hirima, District-Jharsuguda | 18,03,149.00 Without GST | 18,031.00 | 7,080.00 With GST | 120 | C or above |

CRITICAL DATES

| | | |
|---|---|---|
| A | Availability of Bid document | 14.40 hours on dt.26.05.2023 to 17.00 hours on dt.05.06.2023 |
| B | Last Date of Receipt of tender in the Portal | 17.00 hours on dt. 05.06.2023 |
| C | Date/Time of Opening of Bid | 12.30 hours on dt.06.06.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

**Sd./- Managing Director, OSSC Ltd., BBSR**

OIPR-01106/11/0012/2324

## OFFICE OF THE PANCHAYAT SAMITI, BARGAON, DIST.: SUNDARGARH

e-mail id: ori-bargaon@nic.in, PIN - 770016

No. 3253 Date: 24.05.2023

### TENDER CALL NOTICE - 01/2023-24

No. i-136: Sealed tenders are invited from the interested bidder for the civil work under BDO, Bargaon of Sundargarh district. The detail of **works, eligibility, estimated cost and cost of tender paper** has been uploaded in the district website **www.sundergarh.nic.in**. The bidder should be **C & B Class contractor**. They have to submit the bid document to the undersign in the address of office of the B.D.O., Bargaon, At/P.O.: Bargaon, PIN - 770016, Dist.: Sundargarh (Odisha) through Registered Post/Speed Post only on or before 08.06.2023, 1.30 P.M. The sale of tender paper will be from dated 25.05.2023 to dated 06.06.2023 in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 09.06.2023 at 10.00 A.M. in the office of the undersigned in the presence of the bidders or his/her representatives.

**Sd./- Block Development Officer, Bargaon**

OIPR-19338/11/0001/2324

## ODISHA CONSTRUCTION CORPORATION LIMITED

BHUBANESWAR, ODISHA

PIN-751012, Tel.No.(0674) 2562020

e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-689: “e”-Procurement Notice No.12/OCCL/2023-24 (online)

Online tender is invited for the following work on EPC-Turn Key Basis.

| Sl. No. | Name of Work | Bid Identi-fication No. | Approx value of work (Rs. in Crores) (excluding GST) | Bid Security (through on-line transfer/ Bank Guaran-tee) (in Rs.) | Period of Com-pletion | Availability of Tender (online) | Submis-sion of tender (online) |
|---|---|---|---|---|---|---|---|
| 01 | Construction of Distribution System for 3401 ha. of CCA including Command Area Development (CAD) in 6 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Baragarh & Sundargarh District of Odisha on EPC- Turn-key basis including Operation and Maintenance of complete commissioned project for 5 (five) years (Package-V) | OCCL-UGPL/MI. Pkg 5/ 2023-24 | Rs.8706.56 Lakhs | Rs.87,07,000/- | 24 (Twenty Four) Calendar Months | From 26.05.2023, 03.30 PM to 10.07.2023, 5.30 PM | From 26.05.2023, 03.30 PM to 10.07.2023, 5.30 PM |

Procurement Officer : Managing Director, OCCL
Date of Opening of the Technical Bid: **11.07.2023, 11.30 AM**
Further details can be seen from the e-Procurement portal:https://www.tendersodisha.gov.in.

**Sd./- Managing Director**

OIPR-34120/11/0012/2324

## ପୌର ପରିଷଦ କାର୍ଯ୍ୟାଳୟ, ତାଳଚେର

ଚିଠି ନଂ. ୧୨୪୩ / ତା. ୨୪।୦୫।୨୩

### ଟେଣ୍ଡର ନୋଟିସ

No. C-405:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌର ପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡ଼ିକ ସନ ୨୦୨୩-୨୪ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା୨୫।୦୫।୨୦୨୩ରିଖଠାରୁ ତା୦୨।୦୬।୨୦୨୩ରିଖ ପୂର୍ବାହ୍ନ ଘ.୧୧.୩୦ ମି. ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ ୫୦୦/-ଙ୍କା (ପାଞ୍ଚ ଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା୦୩.୦୬.୨୦୨୩ରିଖ ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ସେହିଦିନ ଦିବା ୧୨.୩୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌର ପରିଷଦ ଦ୍ୱାରା ସର୍ତ୍ତାବଳୀ ପାଳନ କରିବା ସହିତ ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ । ଯେକୌଣସି ଟେଣ୍ଡରକୁ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ ।

| ସଇରାତ ସମ୍ପତ୍ତିଗୁଡ଼ିକର ନାମ | ବାର୍ଷିକ ସରକାରୀ ଡାକ | ଅମାନତ ଟଙ୍କା |
|---|---|---|
| ୧) ଗୁଡୁରି ହାଟ | ଟ.୩,୮୦,୦୦୦/- | ଟ. ୩୮,୦୦୦/- |
| ୨) ଦୀନଦୟାଲ ଭବନ | ଟ.୩୧,୩୫୦/- | ଟ.୩,୫୦୦/- |
| ୩) ଜେଲ ରୋଡ ମାଂସ ଦୋକାନ | ଟ.୬,୬୦୦/- | ଟ.୧,୦୦୦/- |
| ୪) ହାଣ୍ଡିଧୁଆ ମାଂସ ଦୋକାନ (୪) | ଟ.୧୫,୮୪୦/- | ଟ.୨,୦୦୦/- |
| ୫) ଦେଉଳବେଡ଼ା ମାଂସ ଦୋକାନ | ଟ.୨୩,୧୦୦/- | ଟ.୨,୩୦୦/- |
| ୬) ଶର୍ମା ଛକ ମାଂସ ଦୋକାନ | ଟ.୫୧,୧୫୦/- | ଟ.୫,୦୦୦/- |
| ୭) ହାଟତୋଟା ମାଂସ ଦୋକାନ | ଟ.୫୭,୭୫୦/- | ଟ.୬,୦୦୦/- |
| ୮) ଚିତ୍ରକୁଟ ବନ୍ଧ ମାଂସ ଦୋକାନ | ଟ.୪୧,୨୫୦/- | ଟ.୪,୦୦୦/- |
| ୯) ବାଘୁଆବୋଲ ମାଂସ ଦୋକାନ | ଟ.୭,୫୦୦/- | ଟ.୧,୦୦୦/- |
| ୧୦) ରାସ୍ତାକଡ଼ ଯାନବାହନ ପାର୍କିଂ | ଟ.୩୦,୦୦୦/- | ଟ.୩,୦୦୦/- |
| ୧୧) ରାଣୀପାର୍କ ବସ୍ ପାର୍କିଂ | ଟ.୫,୨୮,୦୦୦/- | ଟ.୫୩,୦୦୦/- |
| ୧୨) ହାଟତୋଟା ଶୌଚାଳୟ | ଟ.୩୪,୮୧୫/- | ଟ.୩,୫୦୦/- |
| ୧୩) ବସ ଷ୍ଟାଣ୍ଡ ଏନ୍.ଟି.ପି.ସି. ଶୌଚାଳୟ | ଟ.୩୦,୦୦୦/- | ଟ.୩,୦୦୦/- |
| ୧୪) ବସ ଷ୍ଟାଣ୍ଡ ଆଦର୍ଶ ଶୌଚାଳୟ | ଟ.୧,୭୯,୮୫୦/- | ଟ.୧୮,୦୦୦/- |
| ୧୫) ଚିତ୍ରକୁଟ ବନ୍ଧ ଗାଡ଼ି ଷ୍ଟାଣ୍ଡ | ଟ.୪୫,୦୦୦/- | ଟ.୪,୫୦୦/- |
| ୧୬) ରାଣୀପାର୍କ ଅଟୋଷ୍ଟାଣ୍ଡ/ tatamagic | ଟ.୩୭,୫୦୦/- | ଟ.୪,୦୦୦/- |
| ୧୭) ବିରାଦରପଡ଼ା ମାଂସ ଦୋକାନ (୨) | ଟ.୪୪,୫୫୦/- | ଟ.୪,୫୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13077/11/0007/2324

## OFFICE OF THE C.D.M. & PHO-cum- DISTRICT MISSION DIRECTOR, JAJPUR

### TENDER CALL NOTICE

No. 3888 Date: 24.05.2023

No. E-139: Sealed tender is invited from reputed frims having successful track record on online/offline works towards providing Printed OPD/IPD/ USERS TICKET and Online/Offline software for users only excluding OPD/IPD. The bidders can download the tender documents directly from the website i.e. **www.jajpur.nic.in** from **24.05.2023 to 12.06.2023 till 12 P.M.** The tender will be opened on **Dt.13.06.2023 at 10.00 A.M.** The envelope should be duly Super-scried on top of envelope as **“Tender for providing Printed OPD/IPD/USERS TICKET and Online/Offlice software for users** at DHH, Jajpur”. The tender cost of Rs.1.000 (Rupees One Thousand only (Non-refundable) by way of separate Demand Draft drawn in favour of Rogi Kalyan Samiti, DHH, Jajpur should be enclosed along with the Technical Bid. The undersigned reserves the right to accept/reject any offer without assigning any reason thereof.

**Sd./- Dr. Sibasish Moharana**
**Chief District Medical &**
**Public Health Officer, Jajpur**

OIPR-10042/11/0002/2324

## OFFICE OF DEAN & PRINCIPAL MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760004, GANJAM, ORISSA

No. 4897/MCB-23/Welfare/Berhampur Dated the 20 May, 2023

### TENDER CALL NOTICE

No. E-140: Sealed tender is invited from the Registered, Rate Contract holding firms having valid GST Registration **for Supply of Computer, Laptop, PA System & other peripherals to MKCG Medical College** so as to reach in the office of the undersigned within 21 days from the date of publication of the advertisement following the terms & conditions. The detailed tender paper, terms & conditions along with list of articles can be downloaded from website **www.mkcgmch.org**.

**Sd./- Dean & Principal**
**MKCG Medical College, Berhampur**

OIPR-10013/11/0006/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

Tender Call No.: 2773 Dt.24.05.2023

### TENDER CALL NOTICE

No. E-141: Sealed tenders are hereby invited from authorized Agencies/Firms/Suppliers for supply of Chemical, Reagents, Medical Consumables & miscellaneous items to C.D.M. & P.H.O., Bargarh. Bid documents should be submitted through Regd. Post/Speed Post/Courier only. For date, time & terms and conditions regarding tender call, please visit the district website: **www.bargarh.nic.in**.

**Sd./- Chief District Medical &**
**Public Health Officer, Bargarh**

OIPR-10124/11/0002/2324

## OFFICE OF THE MUNICIPAL COUNCIL, BALASORE

BALASORE, (ODISHA), PIN - 756003
Tel. No.: 06782-251267(O), FAX No.: 06782-251222
e-mail: balasoremunicipality@rediffmail.com

Notification No.: 3903 Dt.23.05.2023

No. C-406: The details can be download from official website of Balasore District **http://baleswar.nic.in**

**Sd./- Executive Officer, Balasore Municipality**

OIPR-13154/11/0009/2324

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER, NUAPADA IRRIGATION DIVISION, NUAPADA

e-Procurement Notice No-(NID) 01/2023-24
e-mail address: ee.npd.irr@gmail.com

### PERCENTAGE RATE e-TENDER

**No.A-171:**1.The Superintending Engineer, Nuapada Irrigation Division, Nuapada, Dist-Nuapada, Pin-766105, Odisha on behalf of Governor of Odisha invites **“PERCENTAGE RATE Bid’s” IN SINGLE COVER SYSTEM,** in electronic tendering system for the construction works detailed in the table below, which are eventually to be drawn on PI agreement.

| | |
|---|---|
| Package No | BID ID No. (NID) 01/2023-24 to BID ID No. (NID) 53/2023-24 |
| Nature of Work | 53 (Fifty Three) No.s M/R & Critical Works of Canals |
| Approximate value of work | Rs. 1.60 lakhs to 23.98 lakhs (Excluding GST) |
| Period of Completion | 01 (One) Calendar Month. |
| Classification of Bidder | 'D' , 'C' & 'B' class Contractor only |
| Bid documents available Date and Time. | From 29.05.2023 10.00 A.M to 08.06.2023 up to 5.30 P.M |
| Bid clarification start date & Closing date. | From 29.05.2023 10.00 A.M to 07.06.2023 up to 5.30 P.M |
| Date, Time and Venue of opening of bid **online.** | **09.06.2023 at 10.00 A.M** in office of the Superintending Engineer, Nuapada Irrigation Division, Nuapada. |
| If stipulation arises the Tender will be decided through Lottery System. | **13.06.2023 at 10.00 A.M** in office of the Superintending Engineer, Nuapada Irrigation Division, Nuapada, |

Further details can be seen any addendum/ corrigendum/ cancellation to the above notice will be published in the Govt. website www.tendersodisha.gov.in. only.

**Sd./- Superintending Engineer**
**Nuapada Irrigation Division, Nuapada**

OIPR-32026/11/0002/2324

## OFFICE OF THE PURI MUNICIPALITY, PURI

No.4802/ Dt.23.5.23

### NOTICE INVITING TENDER

**No.C-400:**Sealed quotations are invited from intending manufacturers/ suppliers/ Agencies having valid GST, PAN & registration certificate for supply of PRE-FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2023 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in. The quotation paper alongwith terms & conditions shall be submitted to the Office of the Executive Officer, Puri Municipality, Puri on or before 31.05.23 at 05 P.M. through Speed Post/ Regd. Post/ Courier only. The quotation documents should be submitted clearly superscribed on envelope as “BID DOCUMENT FOR THE SUPPLY OF FRP TOILETS ON HIRE BASIS”. The tenders will be opened at 11 A.M. on dt.01.06.23 in presence of bidders or their authorized representatives who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.

The authority reserves the right to reject any or all the tenders without assigning any reason thereof.

**Sd./- Executive Officer**
**Puri Municipality, Puri**

OIPR-13159/11/0008/2324

## WATCO

No.C-412

OFFICE OF THE CHIEF EXECUTIVE OFFICER, WATCO, Ground Floor, Unnati Bhawan
H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2391444
E-mail:mail@watcoodisha.in, md@watcoodisha.in

### INVITATION FOR BID (IFB)

Bid Identification No.WATCO (W)-13/2023-24, Dtd.23.05.2023
WATCO No.3054, Date:23.05.2023

01. Name of the Work: 1. Improvement, repair & renovation of W/S & S/I system of different toilet block of Capital Hospital in Unit-VI, Bhubaneswar.2. Improvement & renovation of P.H. works at D.H.H. Khordha.
02. Estimated cost : Rs.206.59 lakh (2) Rs.164.25
03. Period of completion : 4 (Four) Months
04. Date & time of availability of bid document in the portal : From 11.00 AM of Dt.25.05.2023 to 5.00 PM of 03.06.2023
05. Last date / time of receipt of bids in the portal : 5.00 PM of 03.06.2023.
06. Date & Time of Opening of technical bids : 12.30 PM of 05.06.2023
07. Name and address of the Officer Inviting Bid :- CEO, WATCO Telefax:- 0674-2391444 E-mail: mail@watcoodisha.in, md@watcoodisha.inmailto: eephibbsr@ori.nic.in
08. The bidders have to participate in ONLINE bidding only. Further details can be seen from the website: www.tendersodisha.gov.in.

**Sd./-CEO, WATCO**

OIPR-13194/11/0021/2324

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

Housing & Urban Development Department, Govt. of Odisha

## ଜଟଣୀ ପୌର ପରିଷଦ, ଜଟଣୀ

OFFICE OF THE MUNICIPAL COUNCIL,JATANI

ସ୍ଥାନ-ଜଟଣୀ,ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail:municipalityjatni@gmail.com, Phone No.0674-2490826

### ପ୍ରସ୍ତାବ ପାଇଁ ଅନୁରୋଧ (RFP)

ସଂଖ୍ୟା ୨୫୩୫/ତାରିଖ ୨୨.୦୫.୨୦୨୩

**No.C-410:**ଏତଦ୍ୱାରା ଜଟଣୀ ପୌରାଞ୍ଚଳରେ ପଞ୍ଜୀକୃତ ହୋଇଥିବା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଅଛି କି, ଜଟଣୀ ପୌରାଞ୍ଚଳର ୱାର୍ଡ ସଂଖ୍ୟା ୧୧ ଏବଂ ୨୧ ରେ ପ୍ରସ୍ତାବିତ ମିଲ୍ ପୋଖରୀ ଓ ମାଳଣା ପୋଖରୀର ଉନ୍ନତୀକରଣ, ପଙ୍କ ଉଦ୍ଧାର, ବନୀକରଣ ଏବଂ ତତ୍‌ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ୱାର୍ଡ ସଂଖ୍ୟା ୧୧ ଏବଂ ୱାର୍ଡ ସଂଖ୍ୟା ୨୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ୱାର୍ଡରେ ପ୍ରସ୍ତାବିତ ଉପରଲିଖିତ ପ୍ରସ୍ତାବ ନିମନ୍ତେ ଆବେଦନ କରିବା ପାଇଁ ନିମ୍ନରେ ଦର୍ଶାଯାଇଥିବା ଆବଶ୍ୟକୀୟ କାଗଜାତ ଓ ସଠିକ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି କାର୍ଯ୍ୟ ମୁକ୍ତା ନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯିବ । ଆବେଦନ କରିବାର ସମୟ ସୀମା ତା.୨୨.୦୫.୨୦୨୩ ରିଖ ସକାଳ ୧୦.୦୦ ଘଟିକାଠାରୁ ତା.୨୯.୦୫.୨୩ ରିଖ ସକାଳ ୧୦.୦୦ ଘଟିକା ଧାର୍ଯ୍ୟ କରାଯାଇଅଛି ଏବଂ ଆବେଦନ ପତ୍ର ଖୋଲାଯିବାର ସମୟ ତା.୩୦.୦୫.୨୦୨୩ ରିଖ ସକାଳ ୧୧.୦୦ ଘଟିକା ଧାର୍ଯ୍ୟ କରାଯାଇଅଛି । ଯଦି କୌଣସି ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେମାନଙ୍କର ଆବେଦନପତ୍ର ସହ ଆବଶ୍ୟକୀୟ କାଗଜାତ ପ୍ରଦାନ ନ କରନ୍ତି ତେବେ ସେମାନଙ୍କର ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ । ପ୍ରକାଶ ଥାଉକି, କେବଳ ୱାର୍ଡ ସଂଖ୍ୟା ୨୧ ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୨୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୱାର୍ଡ ସଂଖ୍ୟା ୧୧ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୧୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ଭାଗ ନେଇପାରିବେ । ଅଧିକ ସୂଚନା ପାଇଁ କାର୍ଯ୍ୟାଳୟର ୱେବସାଇଟ୍ www.jatnimunicipality.in କୁ ଯାଇ ଜାଣିପାରିବେ ।

01. ସାଦା କାଗଜରେ ଆବେଦନ ପତ୍ର
02. ଗୋଷ୍ଠୀ ନିର୍ଦ୍ଧାରଣର ନକଲ
03. ବ୍ୟାଙ୍କ ଖାତା ନକଲ
04. ପ୍ୟାନ୍ କାର୍ଡ ନକଲ

ସ୍ୱା./- ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

OIPR-13041/11/0011/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଣ୍ଡା ଶିଳ୍ପରେ ବ୍ଲକ୍ ଚେନ୍ ଟେକ୍ନୋଲୋଜି ପ୍ରଚଳନ

**ଭୁବନେଶ୍ୱର,୨୪।୫**

ରାଜ୍ୟର ପ୍ରମୁଖ ତଥା ପୂର୍ବ ଭାରତର ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ କମ୍ପାନୀ ଓଭୋ ଫାର୍ମ ପକ୍ଷରୁ ଏକ ଅଭିନବ ସୁବିଧାର ଶୁଭାରମ୍ଭ କରାଯାଇଛି। ବିଶେଷକରି ଅଣ୍ଡା ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଗ୍ରାହକଙ୍କ ମନରେ ବିଶ୍ୱାସ ଏବଂ ଭରସା ସହ କାରବାରରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ବ୍ଲକ୍ ଚେନ୍ ଟେକ୍ନୋଲୋଜି ପ୍ରଚଳନ କରାଇଛି। ଫଳରେ କମ୍ପାନୀ ତା'ର ଉତ୍ପାଦନ ଏବଂ ନବୀନ ପ୍ରକ୍ରିୟା ସହିତ ଭାରତର ଅଣ୍ଡା ଶିଳ୍ପକୁ ଆଗକୁ ବଢାଇବାର ନେତୃତ୍ୱ ନେଉଛି। ଏପରିକି କମ୍ପାନୀ ନିକଟରେ ତା'ର ବ୍ଲକ୍ ଚେନ୍ ଟେକ୍ନୋଲୋଜିକୁ ପ୍ରଚଳନ କରାଇଛି, ଯାହା ସପ୍ଲାଏ ଚେନ୍‌ର ପ୍ରତି ସ୍ତରରେ ଆବଶ୍ୟକ ସୂଚନା ଓ ଉତ୍ପାଦିତ ଅଣ୍ଡା ଫାର୍ମରୁ ବାହାରି ଗ୍ରାହକଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅଣ୍ଡାଗୁଡିକ ଉପରେ ନଜର ରଖିଥାଏ। ସେହିଭଳି ଓଭୋ ଫାର୍ମ ତା'ର ଫ୍ଲାଗ୍‌ଶିପ୍ ବ୍ରାଣ୍ଡ୍ 'କେନ୍‌କୋ'ଅଧୀନରେ ଉଚ୍ଚମାନର ସତେଜ ଏବଂ ସ୍ୱଚ୍ଛ ଅଣ୍ଡା ଗ୍ରାହକଙ୍କୁ ଯୋଗାଇଥାଏ। ଯାହାର ପ୍ରାମାଣିକତା ପ୍ରତ୍ୟେକ ଉତ୍ପାଦ ଉପରେ ଥିବା କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଜାଣିହେବ। ଏ ସମ୍ପର୍କରେ ଓଭୋ ଫାର୍ମର ସହ-ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସମରେନ୍ଦ୍ର ମିଶ୍ର କହିଛନ୍ତି, ବ୍ଲକ୍ ଚେନ୍ ଟେକ୍ନୋଲୋଜି ମାଧ୍ୟମରେ ଆମେ ଗୁଣବତ୍ତାକୁ ସୁନିଶ୍ଚିତ କରିବାକୁ ଚାହୁଁ ଏବଂ ଉଚିତ ଉତ୍ପାଦ ଆମ ଗ୍ରାହକଙ୍କ ନିକଟରେ ପହଞ୍ଚୁଛି ବୋଲି ନିଶ୍ଚିତ କରିବୁ। ସେହିଭଳି ଆମର ପ୍ରତ୍ୟେକ ଉତ୍ପାଦ ଉପରେ ସ୍ୱତନ୍ତ୍ର ସ୍କାନ୍ କୋଡ୍ ରହିଛି, ଯାହାକି ଉତ୍ପାଦକ ୟୁନିଟ୍‌ଠାରୁ ଗ୍ରାହକଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଉତ୍ପାଦର ପରିବହନ ବିଷୟରେ ସମସ୍ତ ସୂଚନା ଦେଇଥାଏ। ଏପରିକି ସତେଜ, ସ୍ୱଚ୍ଛ ଏବଂ ପୁଷ୍ଟିକର ଅଣ୍ଡା ଉତ୍ପାଦନ କରି ଏକ ସୁସ୍ଥ ସମାଜ ଗଢିବାର ମିଶନ ପାଇଁ ଆମେ ପ୍ରତିଶ୍ରୁତିବନ୍ଧ ରହିଛୁ ବୋଲି ମିଶ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍‌ର ସମସ୍ତ ଅଣ୍ଡା ଉପରେ ଥିବା କ୍ୟୁଆର୍ କୋଡ୍ ବ୍ୟବହାର କରି ଗ୍ରାହକମାନେ ଫାର୍ମର ଅବସ୍ଥିତି, ପ୍ରକ୍ରିୟାକରଣ ତାରିଖ, ପ୍ୟାକେଜିଂ ଏବଂ ସେମାନେ କିଣୁଥିବା ଉତ୍ପାଦର ପରିବହନ ବିବରଣୀ ଭଳି ସୂଚନା ପାଇପାରିବେ। ଅପରପକ୍ଷରେ ଓଭୋର ଫ୍ଲାଗ୍‌ଶିପ୍ ବ୍ରାଣ୍ଡ୍ କେନ୍‌କୋ ହାଇ ପ୍ରୋ, ବ୍ରାଉନ୍, ଇମ୍ୟୁନୋ, ମୋର୍‌ଓଭୋ ଏବଂ ଅନ୍-ଡେ ଭଳି ୬ଟି ବର୍ଗର ସାମଗ୍ରୀ ଯୋଗାଉଛି, ଯାହା ୬, ୧୦ ଏବଂ ୨୦ଟି ଅଣ୍ଡାର ପ୍ୟାକେଟ୍ ଆକାରରେ ଉପଲବ୍ଧ ରହିଛି। ପ୍ରତ୍ୟେକ ଉତ୍ପାଦର ନିଜସ୍ୱ ପୁଷ୍ଟିକର ଉପଯୋଗିତା ରହିଛି। ଅଣ୍ଡାଗୁଡିକ ବିନା କୌଣସି ମଣିଷ ସ୍ପର୍ଶରେ ଫାର୍ମରୁ ସିଧାସଳଖ ଷ୍ଟୋରକୁ ଆସିଥାଏ। ନିକଟରେ ଓଭୋ ଫାର୍ମ ଓଡ଼ିଶାର ପ୍ରଥମ ସ୍ୱତନ୍ତ୍ର ଅଣ୍ଡା ରିଟେଲ୍ ଷ୍ଟୋର୍ ତଥା ନିଜର ଫ୍ଲାଗ୍‌ଶିପ୍ ଷ୍ଟୋର୍ କେନ୍‌କୋ ଏଗ୍‌ଷ୍ଟ୍ରା ଭୁବନେଶ୍ୱରର ନୟାପଲ୍ଲୀ ଠାରେ ଆରମ୍ଭ କରିଛି।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସାରଥିର ଶୁଭାରମ୍ଭ

**ଭୁବନେଶ୍ୱର,୨୪।୫**

ଆକ୍ସିସ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଡିଜିଟାଲ ଅନ୍‌ବୋର୍ଡିଂ ସେବା ସାରଥିର ଆନୁଷ୍ଠାନିକ ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ମର୍ଚ୍ଚାଣ୍ଟଙ୍କ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) କିମ୍ବା ଇଲେକ୍ଟ୍ରୋନିକ୍ ଡାଟା କ୍ୟାପ୍ଚର(ଇଡିସି)କୁ ସକ୍ଷମ କରିବା ଲାଗି ବ୍ୟାଙ୍କ ପ୍ରଥମ ଧରଣର ଡିଜିଟାଲ ସେବା ସାରଥିର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପାରମ୍ପରିକ ଉପାୟରେ ଉକ୍ତ ପ୍ରକ୍ରିୟା ଲାଗି ବହୁତ ଦିନ ଲାଗୁଥିବା ବେଳେ ମର୍ଚ୍ଚାଣ୍ଟମାନଙ୍କୁ ସାରଥି ନିରବଚ୍ଛିନ୍ନ ଓ ଚିନ୍ତାମୁକ୍ତ ଅନୁଭୂତି ପ୍ରଦାନ କରୁଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ କାର୍ଡସ୍ ଆଣ୍ଡ୍ ପେମେଣ୍ଟସର ମୁଖ୍ୟ ସଂଜୀବ ମୋଘେ କହିଛନ୍ତି, ମର୍ଚ୍ଚାଣ୍ଟ ଓ ଗ୍ରାହକମାନଙ୍କ ଜୀବନଚକ୍ରରେ ଡିଜିଟାଲ ଭିନ୍ନତା ସୃଷ୍ଟି କରିବା ଉପରେ ଆକ୍ସିସ୍ ବ୍ୟାଙ୍କ ସର୍ବଦା ଗୁରୁତ୍ୱ ଦେଇ ଆସୁଛୁ।

# ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋର ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୨୪।୫**

ଦେଶର ପ୍ରମୁଖ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସହ ବାର୍ଷିକ କାରବାର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ତା'ର ସମସ୍ତ ବ୍ୟବସାୟିକ ୟୁନିଟ୍‌ରେ ଉନ୍ନତ ପ୍ରଦର୍ଶନ କରିବା ସହ ସର୍ବାଧିକ ବାର୍ଷିକ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ନାଲ୍‌କୋ ମୋଟ ୧୫୪୪ କୋଟି ଟଙ୍କାର ନେଟ୍ ଲାଭ ସହ ସମୁଦାୟ ୧୪,୨୫୫ କୋଟିର ଆୟ କରିଛି। ବିଶେଷ କରି ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ୪ର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭ ୫୨୨ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ ଆର୍ଥିକ



ଶ୍ରୀଧର ପାତ୍ର

ବର୍ଷର ୩ୟ ତ୍ରୈମାସରେ ଏହାର ନେଟ୍ ଲାଭ ୨୭୪ କୋଟି ଟଙ୍କା ରହିଥିଲା।

ଉଲ୍ଲେଖଯୋଗ୍ୟ, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ବିଶ୍ୱ ବାଣିଜ୍ୟିକ କାରବାରରେ ଦେଖାଦେଉଥିବା ବିଭିନ୍ନ ପ୍ରତିବନ୍ଧକ, ଯୋଗାଣ ଚାହିଦା ଏବଂ ବଜାର ଅସ୍ଥିରତା ଯୋଗୁ କମ୍ପାନୀର ଲାଭ ପରିମାଣ ପ୍ରଭାବିତ ହୋଇଛି। ଏସବୁ ସତ୍ତ୍ୱେ ମଧ୍ୟ କମ୍ପାନୀ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ନାଲ୍‌କୋର ବ୍ୟବସାୟିକ ଉତ୍କର୍ଷର ଯାତ୍ରାରେ ନିଜର ଅଭିବୃଦ୍ଧି ଜାରି ରଖିଛି। ସମସ୍ତ ୟୁନିଟ୍‌ରେ ଉନ୍ନତ ପ୍ରଦର୍ଶନ ସହ ସର୍ବାଧିକ ୭୫.୫୧ ଲକ୍ଷ ଟନ୍‌ର ବକ୍ସାଇଟ୍ ଉତ୍ତୋଳନ ଏବଂ ୨୧.୦ ଲକ୍ଷ ଟନ୍‌ର ନେମ୍ ପ୍ଲେଟ୍ କ୍ଷମତାକୁ ଅତିକ୍ରମ କରି ୧୦୧.୧% କ୍ଷମତା ପ୍ରଦର୍ଶନ ସହ ୨୧.୨୩ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରାଯାଇଛି। ସ୍ମେଲଟର ପ୍ଲାଣ୍ଟରେ ପୂର୍ଣ୍ଣ କ୍ଷମତା ସହ କ୍ରମାଗତ ଭାବେ ୨ୟ ବର୍ଷ ପାଇଁ ୯୬୦ଟି ପଟ୍ କାର୍ଯ୍ୟକ୍ଷମ ହେବା ସହ ୪.୬ ଲକ୍ଷ ଟନ୍‌ର ଧାତୁ ଉତ୍ପାଦନ କରାଯାଇଛି। ଠିକ୍ ସେହିଭଳି ବିକ୍ରୟ କ୍ଷେତ୍ରରେ ନାଲ୍‌କୋ ସର୍ବକାଳୀନ ସର୍ବାଧିକ ୪.୬୪ ଲକ୍ଷ ଟନ୍ ଧାତୁ ବିକ୍ରୟର ରେକର୍ଡ ହାସଲ କରିଛି, ଯେଉଁଥିରେ ସର୍ବୋଚ୍ଚ ଘରୋଇ ଧାତୁ ବିକ୍ରୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି, କମ୍ପାନୀର ବାର୍ଷିକ ଫଳାଫଳଗୁଡିକ ଉଲ୍ଲେଖନୀୟ ପରିଚାଳନାଗତ ପ୍ରଦର୍ଶନ ସହ ବ୍ୟବସାୟିକ ତଥା ବିକ୍ରୟ କ୍ଷେତ୍ରରେ ଦୃଢ କାର୍ଯ୍ୟଦକ୍ଷତା ଏବଂ ଅଭିବୃଦ୍ଧି ଦ୍ୱାରା ସମ୍ଭବ ହୋଇପାରିଛି। ବିଶେଷକରି କଞ୍ଚାମାଲର ସଦୁପଯୋଗ ଏବଂ ବିଭିନ୍ନ ବ୍ୟୟ ସଞ୍ଚୟ ପଦକ୍ଷେପ ଦ୍ୱାରା କମ୍ପାନୀ ଲାଭାନ୍ୱିତ ହୋଇଛି। ଏପରିକି ଆମେ କମ୍ପାନୀର ଉତ୍ତମ ଭବିଷ୍ୟତ ଏବଂ ଅଭିବୃଦ୍ଧି ନିମନ୍ତେ ଆଶାବାଦୀ ଓ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିଭଳି ବର୍ତ୍ତମାନ ସମୟରେ କମ୍ପାନୀ ତା'ର ୫ମ ଷ୍ଟ୍ରିମ୍ ରିଫାଇନେରି ପ୍ରକଳ୍ପର ଶୀଘ୍ର ସମାପ୍ତି ଏବଂ ଓଡ଼ିଶାର ଉତ୍କଳ ଡି ଏବଂ ଇ କୋଇଲା ବ୍ଲକର ବିକାଶ ଉପରେ ଗୁରୁତ୍ୱ ଦେଉଛି ବୋଲି ପାତ୍ର କହିଛନ୍ତି। ଏପରିକି ପ୍ରତିକୂଳ ବଜାର ପରିସ୍ଥିତିକୁ ସାମ୍ନା କରିବା ସହ ଉତ୍ତମ ସୁଯୋଗ ନିମନ୍ତେ ପୁଞ୍ଜି ନିବେଶ ଏବଂ ହିତାଧିକାରୀମାନଙ୍କୁ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବାରେ ଉକ୍ତ ପ୍ରକଳ୍ପଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପାତ୍ର ଆଶା ପ୍ରକଟ କରିଛନ୍ତି।

# ଖୁସି ରିଅଲକନ୍‌ର ନୂତନ ସ୍ଲୋଗାନ 'ଖୁସିକା ଠିକାନା'

**ଭୁବନେଶ୍ୱର,୨୪।୫**

ରାଜ୍ୟର ପ୍ରମୁଖ ଗୃହନିର୍ମାଣକାରୀ ସଂସ୍ଥା ଖୁସି ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ପ୍ରିମିୟମ ପ୍ରକଳ୍ପ ଖୁସି କାପେଲାର ନୂଆ ସ୍ଲୋଗାନ 'ଖୁସିକା ଠିକାନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପାହାଳ ନିକଟରେ କମ୍ପାନୀ ୨ଟି ପ୍ରିମିୟମ ଟାୱାର ନିର୍ମାଣ କରୁଛି। ବିଶେଷକରି ଖୁସି କାପେଲାର ପ୍ରଚାର ଓ ପ୍ରସାର ଅଭିଯାନ ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି, ଯେଉଁଥିରେ 'ଖୁସି କାପେଲା'ର ପ୍ରକୃତ ଅର୍ଥ ଏବଂ ଉଦ୍ଦେଶ୍ୟ ଗ୍ରାହକଙ୍କୁ ଅନୁଭବ ହେଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଖୁସି ରିଅଲକନ୍‌ର ନିର୍ଦ୍ଦେଶକ ଗୌରବ ଅଗ୍ରୱାଲ କହିଛନ୍ତି, ଉଭୟ କଟକ-ଭୁବନେଶ୍ୱରର ଗ୍ରାହକମାନଙ୍କ ପାଇଁ ଆମେ 'ଖୁସି କାପେଲା' ତିଆରି ଭଳି ଏକ ପ୍ରିମିୟମ ପ୍ରକଳ୍ପ କରୁଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଏକ ପ୍ରି-ସାର୍ଟିଫାଏଡ୍ ଆଇଜିବିସି ଗୋଲ୍ଡ-ଗ୍ରୀନ୍ ବିଲ୍ଡିଂ ନିର୍ମାଣ କରିବାକୁ ଯାଉଛୁ। ଉକ୍ତ



ପ୍ରକଳ୍ପ ଜରିଆରେ ଗ୍ରାହକଙ୍କୁ ୩୦ରୁ ଅଧିକ ଉତ୍କୃଷ୍ଟ ସୁବିଧା ସହ ୟୁନିଟ୍ ଲେଆଉଟ୍ ପ୍ରଦାନ କରୁଛୁ। ସେହିଭଳି ଉତ୍ତମ ଆଲୋକ ଏବଂ ବାୟୁ ସଞ୍ଚାଳନ ସୁବିଧା ସହ ସବୁଜ ନିର୍ମାଣ ମାନକ ଓ ବାସ୍ତୁ ଅନୁକୂଳ ଘର ସବୁ ଉକ୍ତ ପ୍ରକଳ୍ପରେ ଉପଲବ୍ଧ। ସୂଚନାଯୋଗ୍ୟ, ୨୦୨୩ ଫେବୃୟାରୀରୁ ଆଶାୟୀ ଗ୍ରାହକଙ୍କ ପାଇଁ 'ଖୁସି କାପେଲା'ର ବୁକିଂ ଆରମ୍ଭ ହୋଇଥିଲା। ୨ଟାୱାର ବିଶିଷ୍ଟ ଉକ୍ତ ପ୍ରିମିୟମ ପ୍ରକଳ୍ପରେ ମୋଟ ୨୪୨ ଘର ଉପଲବ୍ଧ। ଉକ୍ତ ଆପାର୍ଟମେଣ୍ଟ ୬୦୬୩୮.୬୭ ବର୍ଗ ମିଟର ସ୍ଥାନରେ ନିର୍ମିତ ହେଉଥିବା ବେଳେ ବାସ୍ତୁ ଉପଯୋଗୀ ଅତ୍ୟାଧୁନିକ ସୁବିଧା ସହ ୨ଟି ପେଣ୍ଟ ହାଉସ, ଆଧୁନିକ ଜିମ୍, ଅତ୍ୟାଧୁନିକ ସୁଇମିଂ ପୁଲ୍ ଓ ପିଲାମାନଙ୍କ ପାଇଁ ଇନ୍‌ଡୋର ଏବଂ ଆଉଟ୍‌ଡୋର ପ୍ଲେ ଏରିଆ ସହିତ ସୁଇମିଂ ପୁଲ୍, ହାଇ ଲାଇଫ୍ ଷ୍ଟାଇଲ୍ କ୍ଲବ୍, ଲ୍ୟାଣ୍ଡସ୍କେପ୍ ବଗିଚା ଏବଂ ସମସ୍ତ ଗୁଣାତ୍ମକ ଆଧୁନିକ ସୁବିଧା ଓ ସହରର ଅତି ନିକଟରେ ନୂତନ ଜ୍ଞାନ କୌଶଳରେ ନିର୍ମିତ 'ଖୁସି କାପେଲା'ର ଚାହିଦା ବଜାରରେ ବହୁତ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଖୁସି ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୌରବ ଅଗ୍ରୱାଲ,ସଞ୍ଜୟ ବଂଶଲ ଏବଂ ପ୍ରଦୀପ ଠକରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଜେନେରାଲର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୪।୫**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ନୂତନ ଉତ୍ପାଦ 'ଏସ୍‌ବିଆଇ ଜେନେରାଲ ସିଓ୍ୟୋରିଟି ବଣ୍ଡ୍ ବୀମା (ସର୍ତ୍ତମୂଳକ ଓ ନିଃସର୍ତ୍ତ)' ବୀମା ଉତ୍ପାଦ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଡ୍ ଆହ୍ୱାନ ପର୍ଯ୍ୟାୟ ଅଥବା ପ୍ରକଳ୍ପର କାର୍ଯ୍ୟକାରିତା ପର୍ଯ୍ୟାୟରେ ଠିକାଦାରଙ୍କ ଦ୍ୱାରା ସର୍ତ୍ତାବଳୀ ଉଲ୍ଲଂଘନ କ୍ଷେତ୍ରରେ ସୁରକ୍ଷା ଯୋଗାଇଦେବାକୁ ଏହି ଉତ୍ପାଦ ଡିଜାଇନ କରାଯାଇଛି।

ସେହିଭଳି ଏହି ସିଓ୍ୟୋରିଟି ବୀମା ଉତ୍ପାଦରେ ବିଡ୍ ବଣ୍ଡ୍, ଆଡଭାନ୍ସ ପେମେଣ୍ଟ ବଣ୍ଡ୍, ପରଫରମାନ୍ସ ବଣ୍ଡ୍ ଏବଂ ରିଟେନସନ ମନି ବଣ୍ଡ୍ ଭଳି ବହୁବିଧ ବଣ୍ଡ୍ ରହିଛି। ଏଥିସହିତ ଉତ୍ପାଦ ଦୁଇ କିସମରେ ଯଥା- ସର୍ତ୍ତମୂଳକ ଏବଂ ନିଃସର୍ତ୍ତ ହୋଇଥିବା ବେଳେ ସର୍ତ୍ତମୂଳକ ବଣ୍ଡ୍ କ୍ଷେତ୍ରରେ ଦାବି ଉପସ୍ଥାପନ ସମୟରେ ଧାର୍ଯ୍ୟ ସର୍ତ୍ତ ପୂରଣ କ୍ଷେତ୍ରରେ ହିତାଧିକାରୀଙ୍କୁ ଏକ ନିର୍ଦ୍ଧାରିତ ଅର୍ଥ ପରିମାଣ ପ୍ରଦାନ କରାଯାଉଛି। ସେହି ସମୟରେ ନିଃସର୍ତ୍ତ ବଣ୍ଡ୍ କ୍ଷେତ୍ରରେ ହିତାଧିକାରୀ ପ୍ରାୟତଃ ବିନା ସର୍ତ୍ତରେ ଅର୍ଥ ଦାବି ଉପସ୍ଥାପନ କରିପାରିବେ।

ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ହୋଲ୍‌ଟାଇମ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ଚଳିତ ବର୍ଷ ଆମେ ଆମ ଗ୍ରାହକଙ୍କୁ ନବୋନ୍ମେଷୀ ଆପଦ ସମାଧାନ ଯୋଗାଇବା କ୍ଷେତ୍ରରେ ଆଗରେ ରହିଛୁ। ଏପରିକି ଏସ୍‌ବିଆଇ ଜେନେରାଲ ସିଓ୍ୟୋରିଟି ବଣ୍ଡ୍ ବୀମା ଜରିଆରେ ଆମେ ଦୃଢ଼ ନିଶ୍ଚିତ ଯେ ଉକ୍ତ ଉତ୍ପାଦ ଭିତ୍ତିଭୂମି କ୍ଷେତ୍ର ନିମନ୍ତେ ଏକ ପ୍ରଭାବୀ ସାଧନ ଭାବେ କାର୍ଯ୍ୟ କରିବ। ସେହିଭଳି ସିଓ୍ୟୋରଟି ବଣ୍ଡ୍‌ଗୁଡିକ ଆର୍ଥିକ ନିରାପତ୍ତା, ଆପଦ ପ୍ରଶମନ ଏବଂ ଠିକା ରାଜିନାମାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ମାନସିକ ଶାନ୍ତି ପ୍ରଦାନ କରୁଛି। ବିଶେଷକରି ସେଗୁଡ଼ିକ ବିଶ୍ୱାସଭାବ ସୃଷ୍ଟି ସହିତ ସ୍ଥିରତା, ଦକ୍ଷତାର ସହିତ ପ୍ରକଳ୍ପ ସମାପନକରି ରାଷ୍ଟ୍ରର ସାମଗ୍ରିକ ବିକାଶ ଏବଂ ସମୃଦ୍ଧି ଦିଗରେ ଅବଦାନ ରଖୁଛି।


# Classified Everyday 0674-2580101, 2549949



REAL ESTATE

**SALE**

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399.** D-0410

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**PURCHASE**

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309





**Full Body Massage by Experience Therapist @999 Only-9078484455. (Bhubaneswar).** D-0339

Newly open health benefits SPA special offer @799, Master Canteen. 9124527173. D-75107

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Spa full Body Massage only best therapist Gents & ladies @799/- Bhubaneswar. Kajal- 9337672475. D-0397

Newly open health benefits Spa special offer @799, Jaydev Vihar, 8018429809. D-75108

**AFFIDAVIT**

Mishra Madhuri Basant, R/o, Plot No. 64/6950/9617, Saswat Vihar, Chandrasekharpur, Bhubaneswar, Dist. Khurda, Odisha-751021, changed my name as Madhuri Mishra, D/o Late Basant Kumar Mishra. D-0421

**LOST**

**ପଟ୍ଟା ହଜିଛି**

ମୁଁ ବସନ୍ତ କୁମାର ବେହେରା, ପିତା- ମହେଶ୍ୱର ବେହେରା, ଗ୍ରାମ- ସୁନାଖଳାସାହି, ପୋ.- ରାଜସୁନାଖଳା, ଜିଲ୍ଲା- ନୟାଗଡ଼ । ମୁଁ ବିଜ୍ଞାପନ ଦେବାର କାରଣ ଏହି କି ଯେ ମୋର Original ପଟ୍ଟା, ଖାତା ନଂ.୧୦୫୩, ତା୦୭।୦୫।୨୦୨୩ ରିଖ ଦିନ ଖୋର୍ଦ୍ଧାରୁ ରାଜସୁନାଖଳା ଯିବା ରାସ୍ତାରେ କେଉଁଠାରେ ହଜିଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାକୁ ପାଇବେ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବେ।

ଓକିଲ- ଦୀପକ କୁମାର ସାହୁ, (ମୋ.- ୯୯୩୭୦୫୮୭୮୫)

ଧ-୦୪୨୮

**LEGAL NOTICE**

**ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ**
**F.D.C.S. No.08/2022**
**(ସିଭିଲ କେସ୍ ନଂ.-୫୬/୨୦୦୯)**

କୃଷ୍ଣପ୍ରିୟା ମହାପାତ୍ର ... ... ବାଦୀ
ବନାମ
ରାଜ କିଶୋର ମହାପାତ୍ର ... ପ୍ରତିବାଦୀ
ପ୍ରାପ୍ତେଷୁ

କ୍ରମିକ ନଂ. ୪(f), ମିନତି ମହାପାତ୍ର, ବୟସ- ୩୫ ବର୍ଷ, ସ୍ୱାମୀ- ଟୁକୁ ମହାପାତ୍ର, ପିତା- ୰ ସୁରେଶ କୁମାର ମହାପାତ୍ର, ରଥସାହି, ସ୍ଥାନ/ପୋ/ଥାନା- ଆଠମଲ୍ଲିକ, ଜିଲ୍ଲା- ଅନୁଗୁଳ ଏବଂ କ୍ରମିକ ନଂ. ୬, ବବିତା ମହାପାତ୍ର, ବୟସ-୩୮ ବର୍ଷ, ପିତା- ୰ସନ୍ତୋଷ କୁମାର ମହାପାତ୍ର, ସ୍ୱାମୀ- ସତ୍ୟାନନ୍ଦ ନାଏକ, ସ୍ଥାନ- D.I.T. Centre, ସୋନପୁର, ପୋ/ଥାନା- ସୋନପୁର, ଜିଲ୍ଲା- ସୁବର୍ଣ୍ଣପୁର, ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା F.D.C.S. No.- 08/2022 କେସ୍‌ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୬।୦୭।୨୩ରିଖ ଦିନ ଘ୧୦.୩୦ ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

**ସ୍ୱାକ୍ଷର**
**ସିଭିଲ୍ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ**

ଧ-୦୪୨୬

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ଼ଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ନୋକିଆ ସି ୩୨ ଉନ୍ମୋଚିତ

**ଭୁବନେଶ୍ୱର,୨୪।୫**

ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ନୋକିଆ ସି ୩୨କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଡି ଗ୍ଲୋବାଲର ଭିପି-ଭାରତ ଓ ଏପିଏସି ରବି କନ୍‌ୱର କହିଛନ୍ତି, ନୋକିଆ ସି୩୨କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତ ବଜାରରେ ନୋକିଆ ସି-ସିରିଜ୍ ଫୋନ୍‌ର ସଫଳତା ଆମକୁ ଏହି ବର୍ଗରେ ଶ୍ରେଷ୍ଠ ମୂଲ୍ୟ ଓ ନବସୃଜନ ପ୍ରଦାନ କରିବାକୁ ଉତ୍ସାହିତ କରିଛି। ଉଲ୍ଲେଖଯୋଗ୍ୟ, ନୋକିଆ ସି-ସିରିଜ୍ ଫୋନ୍‌ରେ ୬.୫ ଇଞ୍ଚର ଏଚ୍‌ଡି+ ଡିସ୍‌ପ୍ଲେ ରହିଛି, ଯାହା ତିନିଟି ସୁନ୍ଦର ରଙ୍ଗ ଚାରକୋଲ୍, ବ୍ରିଜି ମିଣ୍ଟ ଓ ବିଚ୍ ପିଙ୍କ୍ ରଙ୍ଗରେ ଉପଲବ୍ଧ।


# ମନେ ପଡ଼ନ୍ତି

**OBITUARY**



**RABINARAYANJENA**

Our remembrance is just like the connection of white light & those 7 colors & we are 3 of them. Thanks for those unique experience, charmful moments. You are the treasure hidden in our hearts & key of our cheerful & happiest smiles. Your blessings & inspiration will always be with our soul. In every path of our sucess/obstacles we feel your presence. We pray before God to keep your soul happy living in heaven.

Your's Shrikirti, Saswati, Devansh and family members, Bhubaneswar

D-0430

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଡାକ୍ତର ଗଜେନ୍ଦ୍ର କୁମାର ସାମଲ**
ପୂର୍ବତନ ଏଡିଏମ୍‌ଓ, ସମରାଇପୁର, ଭଦ୍ରକ
ଆବିର୍ଭାବ: ୦୩।୦୨।୧୯୪୨
ତିରୋଧାନ: ୧୮।୦୬।୨୦୧୮

ବାପା, ଚାହୁଁ ଚାହୁଁ ୫ ବର୍ଷ ବିତିଗଲା। ତୁମ ବିନା ସବୁ ଯେମିତି ନୀରବି ଯାଇଛି । ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା। ପ୍ରତି ମୁହୂର୍ତ୍ତରେ ଶୂନ୍ୟ ଘରେ ଆମେ ସମସ୍ତେ ତୁମକୁ ଖୋଜୁଛୁ। ତୁମେ କେବଳ ଜଣେ ସ୍ନେହବତ୍ସଳ ବାପା ଭାବରେ ନୁହେଁ ବରଂ ଦରିଦ୍ରର ସହାୟ ଜଣେ ଡାକ୍ତର ଭାବରେ, ସମାଜର ବିଭିନ୍ନ ହିତ କାର୍ଯ୍ୟରେ ସମାଜସେବୀ ଭାବେ, ସର୍ବୋପରି ଜଣେ ଆଦର୍ଶ ମଣିଷ ରୂପେ ଚିରକାଳ ପାଇଁ ମନେରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ପତ୍ନୀ- ଲିଲି ସାମଲ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।

ଧ-୦୪୨୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



**୰ବିଶ୍ୱଜିତ୍ ଜେନା (ଜିତୁ)**
ଡି.ଏଲ୍.-୪, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆବିର୍ଭାବ-୨୮।୦୩।୧୯୭୮
ତିରୋଧାନ- ୧୫।୦୫।୨୦୨୩

ଏଗାର ଦିନ ହେଲା ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ହୃଦୟ ବିଦାରକ କଷ୍ଟ ଦେଉଛି। ତୁମର ଉଦାରତା, ଅସୀମ ଧୈର୍ଯ୍ୟ, ନିରଳସ ବ୍ୟକ୍ତିତ୍ୱ, ସଦ୍‌ଚିନ୍ତା, ସହାସ୍ୟ ମୁଖମଣ୍ଡଳ ସର୍ବଦା ଅଭୁଲା ତଥା ଆମ ଜୀବନର ପାଥେୟ ହେଉ। ତୁମ ବିନା ସବୁକିଛି ଯେମିତି ନୀରବ, ନିଶ୍ଚଳ। ସବୁ ପୂର୍ଣ୍ଣତା ଭିତରେ ଶୂନ୍ୟତା । ଶୂନ୍ୟ ଘରେ ସମସ୍ତେ କେବଳ ତୁମକୁ ହିଁ ଖୋଜୁଛୁ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ- ବାପା, ବୋଉ, ସ୍ତ୍ରୀ-ପିଙ୍କି, ଝିଅ-ଖୁସି, ବନ୍ଧୁ ଓ ପରିବାରବର୍ଗ

ଧ-୭୪୬୮୭





ଚେନ୍ନାଇରେ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଆଇପିଏଲ୍ ଏଲିମିନେଟର ମ୍ୟାଚ୍ ପରେ ଏକ ହାଲ୍କା ମୁହୂର୍ତ୍ତରେ ଦୁଇ ଦଳର ମାଲିକ ନୀତା ଅମ୍ବାନୀ, ସଞ୍ଜୀବ ଗୋଏଙ୍କା ଓ ଅନ୍ୟମାନେ। ମୁମ୍ବାଇ ବିଜୟରେ ଉଲ୍ଲସିତ ଦର୍ଶକ।

## ଅନ୍‌କ୍ୟାପ୍‌ଡ ଖେଳାଳିଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଆକାଶ ମାଧୱାଲ-୫/୫, ବନାମ ଲକ୍ଷ୍ନୌ
ଅଙ୍କିତ ରାଜପୁତ-୫/୧୪,ବନାମ ହାଇଦ୍ରାବାଦ
ବରୁନ ଚକ୍ରବର୍ତ୍ତୀ-୫/୨୦, ବନାମ ଦିଲ୍ଲୀ
ଉମ୍ରାନ୍ ମଲିକ୍-୫/୨୫, ବନାମ ଗୁଜରାଟ

## ଆଇପିଏଲ୍ ଇତିହାସରେ ଶ୍ରେଷ୍ଠ ବୋଲିଂ

ଆଲଜାରୀ ଯୋଶେଫ-୬/୧୨, ବନାମ ହାଇଦ୍ରାବାଦ
ସୋହେଲ ତନଭୀର-୬/୧୪,ବନାମ ଚେନ୍ନାଇ
ଆଡାମ ଜାମ୍ପା-୬/୧୯, ବନାମ ହାଇଦ୍ରାବାଦ
ଅନୀଲ କୁମ୍ବଲେ-୫/୫,ବନାମ ଡେକାନ୍ ଚାର୍ଜର୍ସ
ଆକାଶ ମାଧୱାଲ-୫/୫, ବନାମ ଲକ୍ଷ୍ନୌ

# ଆଇପିଏଲ୍ ପ୍ଲେ ଅଫ୍‌ରେ ଶ୍ରେଷ୍ଠ ବୋଲିଂ

ଚେନ୍ନାଇ, ୨୪।୫

ଆଇପିଏଲ ଏଲିମିନେଟର-୧ରେ ଅଗ୍ନିବର୍ଷୀ ବୋଲିଂ କରି ୫ ଉଇକେଟ ଅକ୍ତିଆର କରିଛନ୍ତି ଆକାଶ ମାଧୱାଲ। ଏହା ସହିତ ପ୍ଲେ ଅଫ୍‌ର ଶ୍ରେଷ୍ଠ ବୋଲିଂ ଫିଗର ସେ ନିଜ ନାମରେ କରିଛନ୍ତି। ପ୍ରଥମ ଖେଳାଳି ଭାବରେ ମାଧୱାଲ ୫ ଉଇକେଟ ନେଇଥିବା ବେଳେ ପୂର୍ବରୁ ଏହି ରେକର୍ଡ ଡଗ ବୋଲିଞ୍ଜରଙ୍କ ନାମରେ ରହିଥିଲା। ସେ ୧୩ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଏହି ତାଲିକାରେ ଅନୀଲ କୁମ୍ବଲେ ଦ୍ୱିତୀୟ ଓ କର୍ନ ଶର୍ମା ତୃତୀୟ ସ୍ଥାନରେ ରହିଥିଲେ। ଉଭୟ ଖେଳାଳି ୧୬ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ୨୦୧୭ର କ୍ୱାଲିଫାୟର-୨ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ କର୍ନ ଶର୍ମା ୪ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ନବୀନ-ଉଲ୍-ହକ୍‌ଙ୍କ ନିଆରା ସେଲିବ୍ରେଶନ।

# ନେପାଳକୁ ହରାଇ ଭାରତ ସେମିରେ

ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁରେ ଚାଲିଥିବା ଏନ୍‌ଏସ୍‌ସି ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ (କାଭା) ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ର ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ପ୍ରିଲିମିନାରି ଲିଗ୍ ମ୍ୟାଚରେ ଆୟୋଜକ ନେପାଳକୁ ୩-୧ (୨୫-୧୨, ୨୬-୨୪, ୨୧-୨୫, ୨୫-୨୧) ସେଟ୍‌ରେ ହରାଇ ଭାରତ ଆଗକୁ ବଢ଼ିଛି। ପୁଲ୍-ଏ ଟେବୁଲରେ ଭାରତ ଶୀର୍ଷସ୍ଥାନ ଅଧିକାର କରିଛି। ନେପାଳ ବିପକ୍ଷ ମ୍ୟାଚରେ ଭାରତ ବିଜୟରେ ବ୍ଲକର ଅଶ୍ୱିନ ଓ ସୋର୍ଯ୍ୟା,

**କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍**

ଆଟାକର ଅନୁଶ୍ରୀ, ଅଲ୍‌ରାଉଣ୍ଡର ଜିନ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପରାଜିତ ହେବା ସତ୍ତ୍ୱେ ନେପାଳ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୬ ତାରିଖରେ ପ୍ରଥମ ସେମିଫାଇନାଲରେ ଭାରତ ଓ ଉଜବେକିସ୍ତାନ ମଧ୍ୟରେ ମୁକାବିଲା ହେବ। ସେହିଦିନ ଦ୍ୱିତୀୟ ସେମିରେ ନେପାଳ ଓ କାଜାଖସ୍ତାନ ପରସ୍ପରକୁ ଭେଟିବେ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଗତ ୨୨ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।



ଭାରତୀୟ ଖେଳାଳି ବଲ୍ ରିଟର୍ନ କରୁଛନ୍ତି।

# ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ ବିଜୟୀ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୪।୫

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ପୁରୁଷ ହକିର ବୁଧବାର ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶ ୫-୦ ଗୋଲରେ କର୍ନାଟକକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସତ୍ୟମ ପାଣ୍ଡେ ୨ୟ ଓ ୧୪ଶ ମିନିଟରେ ୨ଟି ଏବଂ କେତନ କୁଶୱା ୧୩, ରାହୁଲ ଯାଦବ ୨୧ ଓ ଅଧିନାୟକ ଅଜିତ ଯାଦବ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡ ୬-୧ ଗୋଲରେ ବେଙ୍ଗଲକୁ ହରାଇ ଦେଇଛି। ଝାଡ଼ଖଣ୍ଡ ପକ୍ଷରୁ ଫଗୁଆ ହୋରୋ ୨୦ ଓ ୩୪ ମିନିଟରେ ୨ଟି ଏବଂ ଜୋଲେନ ଟପ୍ପୋ ୫, ବିକ୍ରମ ସୋରେଙ୍ଗ ୧୬, ନିକୋଲାସ ଟପ୍ପୋ ୨୨ ଓ ଅଙ୍କିତ୍ ଏକ୍କା ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବେଙ୍ଗଲ ପକ୍ଷରୁ ବିଷ୍ଣୁ ପାସୱାନ ୫୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

### ଓଡ଼ିଶାର ଦ୍ୱିତୀୟ ବିଜୟ

ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୧୨-୦ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଓଡ଼ିଶାର ଏହା ଦ୍ୱିତୀୟ ବିଜୟ ଥିଲା। ପୁଲ୍ 'ସି'ର ଏହି ମ୍ୟାଚରେ ଦଳ ପକ୍ଷରୁ ଦେଓନାଥ ନାନ୍‌ୱାର ୧୨, ୩୩, ୪୭, ୪୮ ଓ ୫୮ତମ ମିନିଟରେ ଏକାକୀ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ପ୍ରଧାନ ୨୭ ଓ ୩୭ ମିନିଟରେ ୨ଟି ଏବଂ ବିଲକାନ ଓରାମ ୨୧, ଯୋଜିନ ମିଞ୍ଜ୍ ୩୫, ରୋହିତ କୁଲୁ ୪୩, ପ୍ରଦୀପ ମଣ୍ଡଳ ୪୯ ଓ ସୁରେଶ ଶର୍ମା ଅଧିକାରୀମାୟୁମ୍ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# କିଟ୍ ମହିଳା, ପୁରୁଷ ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରଗ୍‌ବୀ ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟର ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ପ୍ରତିଯୋଗିତାର ରଗ୍‌ବୀ ଇଭେଣ୍ଟ ଲକ୍ଷ୍ନୌସ୍ଥିତ ଗୁରୁ ଗୋବିନ୍ଦ ସିଂ ସ୍ପୋର୍ଟ୍ସ କଲେଜ ପରିସରରେ ଅନୁଷ୍ଠିତ ହେଉଛି। ପୁରୁଷ ୭ଏସ୍ ଇଭେଣ୍ଟରେ କିଟ୍ ଦଳ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ୩୧-୦ରେ ପରାସ୍ତ କରିଛି। ପରେ ଦ୍ୱିତୀୟ ମ୍ୟାଚରେ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ୟୁନିଭର୍ସିଟିକୁ ୨୮-୧୨ରେ ହରାଇ ଦେଇଛି। ସେହିପରି ମହିଳା ୭ଏସ୍ ଇଭେଣ୍ଟରେ କିଟ୍ ଏହାର ପ୍ରଥମ ମ୍ୟାଚରେ ଅମୃତସରର ଗୁରୁ ନାନକ ଦେବ ୟୁନିଭର୍ସିଟିକୁ ୫୧-୫ ଓ ଦ୍ୱିତୀୟ ମ୍ୟାଚରେ ଚଣ୍ଡିଗଡ଼ ୟୁନିଭର୍ସିଟିକୁ ୫୧-୦ରେ ପରାସ୍ତ କରିଛି। ଗୁରୁବାର ଅନ୍ତିମ ଲିଗ୍ ମ୍ୟାଚରେ କିଟ୍‌ର ମହିଳା ଓ ପୁରୁଷ ଦଳ କୋହ୍ଲାପୁରର ଶିବାଜୀ ୟୁନିଭର୍ସିଟିକୁ ଭେଟିବ। ଏଥିରେ ବିଜୟୀ ହେଲେ ପୁଲ୍ ଟପ୍ପର ହେବ। ପୁରୁଷ ଟେନିସ ଇଭେଣ୍ଟରେ କିଟ୍ ଦଳ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ୨-୧ରେ ହରାଇ ଅଭିଯାନ ଆରମ୍ଭ କରିଛି। ଉଭୟ ଦଳ ସିଙ୍ଗଲ୍ସରେ ବିଜୟୀ ହୋଇଥିବାବେଳେ ଡବଲ୍ସରୁ ଫଳାଫଳ ନିର୍ଣ୍ଣୟ ହୋଇଥିଲା।



କିଟ୍ ମହିଳା ରଗ୍‌ବୀ ଦଳ।

# କ୍ୱାର୍ଟର ଫାଇନାଲରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହାର ପଡ଼ିଆରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୧୫ ରନରେ ହରାଇ ମୁକ୍ତେଶ୍ୱର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁକ୍ତେଶ୍ୱର ୩୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଅର୍ପିତ ନାୟକ ୫୪ ବଲ୍‌ରୁ ସର୍ବାଧିକ ୬୧ ରନ କରିଥିଲେ। ବିପକ୍ଷ ଦଳର ଆଦିତ୍ୟ କୁମାର ପ୍ରଧାନ ୨୩ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୧୫୦ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଆଦିତ୍ୟ ପ୍ରଧାନ ୩୪ ଏବଂ ଦେବଜ୍ୟୋତି ପଟ୍ଟନାୟକ ୫୭* ରନ କରିଥିଲେ। ମୁକ୍ତେଶ୍ୱର ବୋଲରଙ୍କ ମଧ୍ୟରେ ଅର୍ପିତ ନାୟକ ୨୬ ରନରେ ୨ଟି ଏବଂ ପୀୟୂଷ ପାତ୍ର ୧୧ ରନରେ ଗୋଟିଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅର୍ପିତ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଣଜୀ ଟ୍ରଫି ଖେଳାଳି ସନ୍ଦୀପ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଅର୍ପିତଙ୍କୁ ପୁରସ୍କୃତ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ ଅର୍ପିତ ନାୟକ।

# ଭାଲେନ୍ସିଆକୁ ୪୦ ଲକ୍ଷ ଜରିମାନା

ମାଡ୍ରିଡ୍,୨୪।୫(ପି.ଟି.)

**ଭିନିସିୟସ ଜାତିଆଣ ଆକ୍ଷେପ ମାମଲା**

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିୟସ୍ ଜୁନିୟରଙ୍କ ପ୍ରତି ଜାତିଆଣ ଆକ୍ଷେପ ମାମଲାରେ ପୋଲିସ ଆଉ ୩ ଜଣଙ୍କୁ ଗିରଫ କରିଛି। ଏହା ସହିତ ଫୁଟବଲ୍ କ୍ଲବ ଭାଲେନ୍ସିଆ ଉପରେ ୪୫ ହଜାର ୟୁରୋ ବା ଭାରତୀୟ ମୁଦ୍ରାରେ ୪୦ ଲକ୍ଷ ୧୬ ହଜାର ୩୫୮ ଟଙ୍କାର ଫାଇନ୍ ଲାଗୁ କରାଯାଇଛି। ସ୍ପାନିଶ୍ ସକ୍କର ଅଫିସିଆଲ୍‌ଙ୍କ ପକ୍ଷରୁ ଏହି ଫାଇନ୍ ଲାଗୁ କରାଯାଇଛି। ଏହାକୁ ମିଶାଇ ସମୁଦାୟ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଏହା ପୂର୍ବରୁ ଜାନୁୟାରୀ ମାସରେ ଭିନିସିୟସଙ୍କ ଏଫିଗି(କଣ୍ଢେଇ ଆକୃତିର ପ୍ରତିମୂର୍ତ୍ତି)କୁ ଫାଶୀ ଦେଇଥିବା ଘଟଣାରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ରବିବାର ମ୍ୟାଚ୍ ଘଟଣାରେ ପୋଲିସ୍ ଭିଡିଓ ଫୁଟେଜ୍ ତର୍ଜମା କରିବା ପରେ ୩ ଜଣଙ୍କୁ ଗିରଫ କରିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ମଷ୍ଟାଲ୍ଲା ଷ୍ଟାଡିୟମରେ ଜାତିଆଣ ଆକ୍ଷେପ ହେବାପରେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥିବା ନେଇ ସେ କହିଥିଲେ। ଭିନିସିୟସ ଏ ସମ୍ପର୍କରେ ପୋଷ୍ଟ କରିବା ପରେ ତାଙ୍କୁ ସମଗ୍ର ବିଶ୍ୱରୁ ସମର୍ଥନ ମିଳିବା ପରେ ସ୍ପାନିଶ ସକ୍କର ଲିଗ୍ ପକ୍ଷରୁ ଆକ୍ସନ ନିଆଯାଉଛି। ଭାଲେନ୍ସିଆ ଦଳକୁ ୪୫ ହଜାର ୟୁରୋ ଫାଇନ୍ ସହିତ ମଷ୍ଟାଲ୍ଲା ଷ୍ଟାଡିୟମର ଉକ୍ତ ଦର୍ଶକ ଷ୍ଟାଣ୍ଡକୁ ସାମୟିକ ଭାବରେ ବନ୍ଦ କରି ଦିଆଯାଇଛି। ଉକ୍ତ ଷ୍ଟାଣ୍ଡରେ ଭାଲେନ୍ସିଆର ହାର୍ଡକୋର ସମର୍ଥକଙ୍କ ଉପସ୍ଥିତି ଅଧିକ ରହିଥାଏ। ଉଲ୍ଲେଖଯୋଗ୍ୟ ଯେ, ୫ ବର୍ଷ ହେଲାଣି ସ୍ପାନିଶ ଲିଗ୍ ଖେଳୁଥିବା ବ୍ରାଜିଲ ଫରୱାର୍ଡଙ୍କୁ ସବୁବେଳେ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥାଏ। ତେବେ ଚଳିତ ବର୍ଷ ସେ ନିଜ ଗୋଲକୁ ଡ୍ୟାନ୍ସ କରି ସେଲିବ୍ରେଟ୍ କରୁଥିବାରୁ ଏଭଳି ଆକ୍ଷେପ ବଢ଼ିବାରେ ଲାଗିଛି। ଉକ୍ତ ମ୍ୟାଚରେ ମଝି ଆଙ୍ଗୁଳି ଦେଖାଇବାକୁ ନେଇ ଭିନିସିୟସଙ୍କୁ ରେଡ୍‌କାର୍ଡ ମିଳିଥିବା ବେଳେ ଏହାକୁ ସେ ସମାଲୋଚନା କରିଛନ୍ତି। ମୋତେ ମିଳିଥିବା ରେଡ୍‌କାର୍ଡ ଜାତିଆଣବାଦୀଙ୍କ ପାଇଁ ପୁରସ୍କାର ବୋଲି ସେ କହିଛନ୍ତି। ସ୍ପାନିଶ୍ ଲିଗ୍‌ରେ ଜାତିଆଣବାଦ ଜନ୍ମ ହେବା ପୂର୍ବରୁ ମଧ୍ୟ ରହିଛି। ୧୯୯୭ ମସିହାରେ ରବର୍ଟୋ କାର୍ଲୋସଙ୍କ ଉଦାହରଣ ଦେବା ସହିତ ସେ ଏକ ଫଟୋ ପୋଷ୍ଟ କରିଥିଲେ। ଏତେ ବର୍ଷ ବିତିଥିଲେ ମଧ୍ୟ କିଛି ବି ବଦଳି ନାହିଁ ବୋଲି ସେ ଲେଖିଥିଲେ।

# କୋଚ୍ ନିଯୁକ୍ତ କଲା ଓସିଏ

ଭୁବନେଶ୍ୱର,୨୪।୫ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଏହାର ପୁରୁଷ ଓ ମହିଳା ଦଳ ପାଇଁ କୋଚଙ୍କ ନାମ ଘୋଷଣା କରାଯାଇଛି। ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ନିର୍ଦ୍ଦେଶକ ଦୀନେଶ ମୋଙ୍ଗିଆ ଓ ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ନେତୃତ୍ୱରେ ପୁରୁଷ ୱିଙ୍ଗ ପାଇଁ ୧୧ ଜଣ କୋଚ୍‌ଙ୍କ ନାମ ଘୋଷଣା କରାଯାଇଛି। ସେହିପରି ମହିଳା ଦଳର ମୁଖ୍ୟ କୋଚ୍ ରୁମେଲୀ ଧରଙ୍କ ନେତୃତ୍ୱରେ ମହିଳା ୱିଙ୍ଗ ପାଇଁ ୬ ଜଣଙ୍କୁ ନିଯୁକ୍ତ କରାଯାଇଛି।

ପୁରୁଷ କୋଚ୍: ଅବକାଶ ଖଟୁଆ, ଦୀପକ ମଙ୍ଗରାଜ, ସୁରେଶ କୁମାର, ନଟରାଜ ବେହେରା, ବସନ୍ତ ମହାନ୍ତି, କୁଳଦୀପ ଶର୍ମା, ରଶ୍ମି ରଞ୍ଜନ ଦାସ, ଶୋଭନ ଦେବ, ପ୍ରଭାତ ନାୟକ, ପ୍ରୀତମଜିତ୍ ଦାସ, କେ. ଭି. ପ୍ରସାଦ। ମହିଳା କୋଚ୍: ପୁଷ୍ପାଞ୍ଜଳୀ ବାନାର୍ଜୀ, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ମଧୁସ୍ମିତା ବେହେରା, ଟିଙ୍କିଲତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ରନରଅପ୍

ଭୁବନେଶ୍ୱର, ୨୪।୫ (ସ୍ପୋର୍ଟ୍ସ ବ୍ୟୁରୋ)

**ଆନ୍ତଃ ବିଭାଗୀୟ ସଚିବାଳୟ କ୍ରିକେଟ**

ଇସ୍ପାତ ଓ ଖଣି ବିଭାଗ ଦ୍ୱାରା ଆୟୋଜିତ ଆନ୍ତଃବିଭାଗୀୟ ସଚିବାଳୟ କ୍ରିକେଟ ଟୁର୍ନାମେଣ୍ଟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଚାମ୍ପିୟନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର କ୍ରିକେଟ ଦଳ ରନରଅପ୍ ହୋଇଛି । ବୁଧବାର ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଜଣେ ଭଲ ଖେଳାଳି ବିଭାଗୀୟ କାର୍ଯ୍ୟ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିଥାଏ । କ୍ରୀଡ଼ା, କଳା ଏବଂ ସରକାରୀ କାର୍ଯ୍ୟରେ ଉତ୍କର୍ଷ ପ୍ରଦର୍ଶନ କରି ବିଭାଗ ପାଇଁ ସୁନାମ ଆଣିଲେ ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଥିଲେ । ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ କ୍ୱାର୍ଟର ଫାଇନାଲରେ ଗୃହ ବିଭାଗ ଏବଂ ସେମିଫାଇନାଲ୍‌ରେ ଅର୍ଥ ବିଭାଗକୁ ପରାସ୍ତ କରି ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉଦୀୟମାନ ଖେଳାଳି ଆଲୋକ କୁମାର ମହାରଣା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପ୍ରତିଯୋଗିତାରେ ମୋଟ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ ଏବଂ ୭୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ମୌସୁମୀ ଦାଶ ସଂଯୋଜନା କରିଥିଲେ ।



ଆନ୍ତଃ ବିଭାଗୀୟ ସଚିବାଳୟ କ୍ରିକେଟରେ ରନରଅପ୍ ସୂଚନା ଓ ଲୋକସଂପର୍କ ବିଭାଗ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବଡ଼ ପରଦାରେ ମହେଶ

**ଛୋ**ଟ ପରଦା ଆଉ ଜଲିଉଡ୍‌ରେ ନିଜର ନିର୍ଦ୍ଦେଶନାର ସ୍ୱତନ୍ତ୍ରତା ଦେଖାଇବା ପରେ ମହେଶ ହାଜ୍‌ରା ଏବେ ବଡ଼ ପରଦାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'କାଇଁଚମାଳି–ମାଟିର ଛିଟାରେ ଆମ ମାଟିର ଗପ'। ଓମ୍‌କାର ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ବର୍। ନିଜର ଏହି ସୁଯୋଗ ବିଷୟରେ 'ଦୁର୍ଗା' ଧାରାବାହିକ ଫେମ୍ ମହେଶ କୁହନ୍ତି, 'ବଡ଼ ପରଦାରେ ନିର୍ଦ୍ଦେଶନା ଦେବା ଅଧିକ ରିସ୍କ। କାରଣ ମୁଁ ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଦେଖାଇବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମରେ ରହିଛି ଖାଣ୍ଟି ଓଡ଼ିଆ ଘରର କଥା। ଆମ ରାଜ୍ୟର ଚାଲିଚଳଣି, ପରମ୍ପରାର ଝଲକ ଏଥିରେ ଦେଖିବାକୁ ମିଳିବ। ଶୁଟିଂ ସମୟରେ ଯେପରି ପ୍ରତିଟି ବିଷୟକୁ ଧ୍ୟାନ ଦିଆଯିବ ସେ ନେଇ ଶତ ପ୍ରତିଶତ ଚେଷ୍ଟା କରିବି।' ଏହି ଫିଲ୍ମର ନାୟକ ସାଜୁଛନ୍ତି ଶୁଭାଶିଷ ଶର୍ମା ଓରଫ ମଣ୍ଟୁ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ


ମହେଶ ହାଜ୍‌ରା

ସୁପ୍ରିୟା ନାୟକ, ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ଅଶ୍ରୁମୋଚନ ମହାନ୍ତି, ଅଶୋକ ଦାସ, ମନୀଷା ମିଶ୍ର ଏବଂ ଭୂପତି ତ୍ରିପାଠୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। କ୍ୟାମେରା ଦାୟିତ୍ୱ ତୁଲାଇବେ ରବୀନ୍ଦ୍ର ବେହେରା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଏହାବ୍ୟତୀତ ଆସନ୍ତା ଯାତ୍ରା ସିଜନରେ ମହେଶଙ୍କ ନିର୍ଦ୍ଦେଶନାରେ 'ଅଲିଅଳି ରାଜଜେମା', (ଶିବାନୀ), 'ଆସିଛି ଏକା ଯିବି ମୁଁ ଏକା' (ରଙ୍ଗମହଲ) ଏବଂ 'ଜଣେ ଚଷାପୁଅ ପ୍ରେମ କାହାଣୀ' (ଯାତ୍ରା ମୋହିନୀ) ପ୍ରସ୍ତୁତ ହେବାକୁ ଯାଉଛି।


କିଆରା

## ପ୍ରଥମେ..., ଶେଷରେ ନା

**ଏ**କ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ହିନ୍ଦୀ ସିନେମା 'ସତ୍ୟ ପ୍ରେମ୍ କି କଥା'। ନିକଟରେ ଏହାର ଶୁଟିଂ ଶେଷ ହୋଇଛି। କିନ୍ତୁ ଏହି ସମୟରେ ଏକ ଘଟଣାକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି, ଏହି ଫିଲ୍ମର ଏକ ଗୀତର ଶୁଟିଂ ବାକି ଥିଲା। ଏଥିରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡ୍‌ୱାନୀ ନାଚିବାକୁ ଫାଇନାଲ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଉକ୍ତ ଗୀତଟିର ଦୃଶ୍ୟାୟନ କାର୍ତ୍ତିକଙ୍କୁ ନେଇ କରାଯାଇଛି। ଏଭଳି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି କିଆରା। ଏ ନେଇ ସେ କହନ୍ତି, 'ପ୍ରଥମେ ନିର୍ଦ୍ଦେଶକ ମୋତେ କହିଥିଲେ ଯେ, ଶେଷଭାଗରେ ଶୁଟିଂ ହେବାକୁ ଥିବା ଗୀତରେ କାର୍ତ୍ତିକଙ୍କ ସହ ମୁଁ ନାଚିବି। ହେଲେ ରାତାରାତି କ'ଣ ହେଲା କେଜାଣି ମୋତେ ଏଥିରୁ ବାଦ୍ ଦିଆଗଲା। ଅବଶ୍ୟ ଏ ନେଇ ମନ ଦୁଃଖ ହେଉଛି, ହେଲେ ପ୍ରଯୋଜନା ସଂସ୍ଥାର କଥା ଆମକୁ ମାନିବାକୁ ପଡ଼ିବ। କାରଣ କ'ଣ ଶୁଟିଂ ହେବ ଏବଂ ଫାଇନାଲ ସିଡ୍ୟୁଲ କ'ଣ ହେବ ତାହା ସେମାନଙ୍କ ଉପରେ ନିର୍ଭର କରେ। ହେଲେ ଏହି ଗୀତଟିରେ ନାଚିବାକୁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିସାରିଥିଲି। ଯେତେବେଳେ ଏଥିରୁ ମୋତେ ବାଦ୍ ଦିଆଯାଇଛି ବୋଲି ଶୁଣିଲି ମନ ତ ନିଶ୍ଚୟ ଦୁଃଖ ହେଲା, ହେଲେ ଏବେ ମୁଁ ନିରୁପାୟ। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ରହିଛି ଏବଂ ତାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ।' 'ସତ୍ୟ ପ୍ରେମ୍ କି କଥା'ର ପ୍ରଯୋଜନା କରିଛନ୍ତି ହିନ୍ଦୀ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ସାଜିଦ ନାଦିଓ୍ୱାଦୱାଲା। ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନ୍। ଚିତ୍ରଟି ଚଳିତ ବର୍ଷ ଜୁନ୍ ୨୯ରେ ରିଲିଜ୍ ହେବାକୁ ଯାଉଛି। ତେବେ ଏହି ଫିଲ୍ମରେ କାର୍ତ୍ତିକ–କିଆରା ଯୋଡ଼ି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

## ଝିଲିକ୍ ଝଡୁ

**ଚ**ଳିତ ମାସ ୨୫ ଏବଂ ୨୬ ତାରିଖରେ ତିନୋଟି ଓଡ଼ିଆ ସିନେମା ପରଦା ଉପରକୁ ଆସିବ। ଏହାକୁ ନେଇ ଚଳିତ ବର୍ଷ ରିଲିଜ୍ ହୋଇଥିବା ଓଡ଼ିଆ ସିନେମା ସଂଖ୍ୟା ପହଞ୍ଚିବ ୧୭ରେ। ବିଶେଷ ଭାବରେ ଟ୍ରାନ୍ସଜେଣ୍ଡରଙ୍କ ଉପରେ ଆଧାରିତ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଟି'। ଚଳିତ ମାସ ୨୫ ତାରିଖରେ ରିଲିଜ୍ ହେଉଥିବା ଏହି ଫିଲ୍ମଟିର ପ୍ରଯୋଜକ-ନିର୍ଦ୍ଦେଶକ ସାଜିଛନ୍ତି ଜିତେଶ୍ କୁମାର ପରିଡ଼ା। ଦେବାଶିଷ ସାହୁ, ଉଷଶୀ ମିଶ୍ର, ହର ରଥ, ରଣବୀର କାଳସି ଏବଂ ପ୍ରସନ୍‌ଜିତ ମହାପାତ୍ର ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏହି ଦିନ ମଧ୍ୟ ଆଉ ଏକ ଓଡ଼ିଆ ସିନେମା 'ପ୍ରୀତି ବନ୍ଧନ' ରିଲିଜ୍ ହେଉଛି। ପ୍ରଶାନ୍ତ କୁମାର ନାୟକ ଓ ନରେନ୍ଦ୍ର ପାତ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଶେସ ମହାନ୍ତି (ସିଲୁ)। ସମ୍ବିତ୍, ତମନ୍ନା ଓ ତୃପ୍ତି, ପୁଷ୍ପା ପଣ୍ଡା, ଭୂପତି ତ୍ରିପାଠୀ ଏବଂ ଥିନ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶଳା ବୁଢ଼ାର ବଦଳା' ମେ' ୨୬ରେ ରିଲିଜ୍ ହେବ।


'ଟି' ଫିଲ୍ମର ଏକ ଦୃଶ୍ୟ

### ଅପେରା ହାଲ୍‌ଚାଲ୍

## ସ୍ୱର୍ଣ୍ଣମହଲର ସ୍ପେଶାଲ ସଜବାଜ

**ଆ**ସନ୍ତା ଯାତ୍ରା ସିଜନ ପାଇଁ ଏବେଠାରୁ ସଜବାଜ ଆରମ୍ଭ ହୋଇଗଲାଣି। ନୂଆ ନାଟକ ପ୍ରସ୍ତୁତି ସାଙ୍ଗକୁ କଳାକାରଙ୍କ ପାର୍ଟି ଅଦଳବଦଳ ପ୍ରାୟ ଶେଷ ପର୍ଯ୍ୟାୟରେ। ଆଉ ଏଥର ଦର୍ଶକଙ୍କୁ ଭରପୂର ତଥା ସ୍ମରଣୀୟ ମନୋରଞ୍ଜନ ଦେବାକୁ ଅଣ୍ଟା ଭିଡ଼ିଛି ଜଲିଉଡ୍‌ର ଅନ୍ୟତମ ଅଗ୍ରଣୀ ଯାତ୍ରାନୁଷ୍ଠାନ ସ୍ୱର୍ଣ୍ଣମହଲ। ''ଆସନ୍ତା ଯାତ୍ରା ସିଜନରେ ଏହି ପାର୍ଟି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ପରବେଷଣ ତ କରିବ, ତା'ସହ ହାଇ–ଫାଇ ମେଲୋଡି, ରେକର୍ଡ ଡ୍ୟାନ୍ସ, ଫ ୁ ଲ ଲେଜର ଲାଇଟ୍ ଏବଂ ଆଖି ଝଲସିଲା ଭଳି ଷ୍ଟେଜ୍‌କୁ ନେଇ ମଇଦାନକୁ ଓହ୍ଲାଇବ। ୨୦୨୩–୨୪ ଲାଗି ଆମେ ଆଗଧାଡ଼ିର ନାଟ୍ୟକାର ତଥା ନିର୍ଦ୍ଦେଶକଙ୍କୁ ନେଇ ନାଟକ ପ୍ରସ୍ତୁତି ଜାରି ରଖିଛୁ। ସ୍ୱର୍ଣ୍ଣମହଲ ଏଥର ଆଉ ଦୁଇପାଦ ଆଗରେ ରହିବ ବୋଲି କୁହନ୍ତି ଏହାର ପ୍ରୋପ୍ରାଇଟର କ୍ଷୀରୋଦ ସ୍ୱାଇଁ।'' ଆସନ୍ତା ସିଜନ ପାଇଁ ନୂଆ ନାଟକଗୁଡ଼ିକ ହେଲା–'ରାତି ସୁନ୍ଦରକୁ ସାଥୀ ସୁନ୍ଦର' (କିଶୋର ଖଣ୍ଡୁଆଳ), 'କେତେ ଦୁଃଖ ଦେବୁରେ କାଳିଆ' (ଇଂ. ଆଶୁତୋଷ ମହାପାତ୍ର), 'ରାଜା ଘର କଥା ମନେ ରଖିଥା' (ଗୁରୁ ପ୍ରସାଦ ମିଶ୍ର) ଏବଂ 'ଏ ଆଖି କାନ୍ଦୁଛି ତୋରି ପାଇଁ' (ପ୍ରଶାନ୍ତ ନାୟକ)। ଆସନ୍ତା ସିଜନ ପାଇଁ ଏହାର ପ୍ରମୁଖ କଳାକାରମାନେ ହେଉଛନ୍ତି ସୁବାସ ବେହେରା, କାବେରୀ ପାଢ଼ୀ, ଅଜୁ–ଆପୁ ଏବଂ ବ୍ୟାଡ୍‌ମ୍ୟାନ୍ ଜ୍ଞାନ।



କାବେରୀ–ସୁବାସ

## ରକି ଔର ରାନୀ କି ପ୍ରେମ କାହାନୀ

**ଏ**ଭଳି ଟାଇଟଲରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ଫିଲ୍ମଟି ଏକ ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ରକି ଆଉ ରାନୀ ନାମକ ପ୍ରେମୀଯୁଗଳଙ୍କ ପ୍ରେମ କିପରି ଆରମ୍ଭ ହେଉଛି ଆଉ ତାହାର ଶେଷ କେମିତି ହେଉଛି ତାହାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ଏହାର କାହାଣୀକୁ ରଚନା କରିଛନ୍ତି ଇଶିତା ମୈତ୍ର, ଶଶାଙ୍କ ଖୈତାନ ଏବଂ ସୁମିତ୍ ରାୟ। ହିରୋ ୟଶ୍ ଜୋହର, କରନ ଜୋହର ଏବଂ ଅପୂର୍ବ ମେହେଟାଙ୍କ ଦ୍ୱାରା ପ୍ରଯୋଜିତ ଫିଲ୍ମଟିକୁ ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର। 'ରକି ଔର ରାନୀ କି ପ୍ରେମ୍ କାହାନୀ'ର ବିଭିନ୍ନ ଭୂମିକାରେ ରଣବୀର ସିଂ, ଆଲିୟା ଭଟ୍ଟ, ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସବାନା ଆଜ୍‌ମୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ମାନୁଷ ନନ୍ଦନ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରୀତମ୍। ଫିଲ୍ମଟି ଚଳିତ ବର୍ଷ ଜୁଲାଇ ୨୮ରେ ପରଦା ଉପରକୁ ଆସିବ।


ଆଲିୟା

## ରହିଗଲା ଅବସୋସ

**ଦି**ଶା ପଟାନି ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ପାଠ ପଢ଼ିବା ବେଳେ ତାଙ୍କର ଇଚ୍ଛା ଥିଲା ଭାରତୀୟ ବାୟୁସେନାରେ ଜଣେ ପାଇଲଟ୍ ଭାବରେ ଯୋଗଦେବେ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେମିତି ଦିଶାଙ୍କର ଏହି ଅଭିଳାଷ କେବଳ ତାଙ୍କ ମନରେ ହିଁ ରହିଗଲା। ନିଜର ଲକ୍ଷ୍ୟ ବିଷୟରେ ସେ କହନ୍ତି, 'ଯେତେବେଳେ ମୁଁ ଛାତ୍ରୀ ଥିଲି ସେତେବେଳେ ବଡ଼ ହେଲେ ଏୟାରଫୋର୍ସରେ ପାଇଲଟ୍ ହେବି ବୋଲି ଆଶା ରଖିଥିଲି। କିନ୍ତୁ କ'ଣ କରିବି ? ତାହା ପୂରଣ ହୋଇପାରିଲା ନାହିଁ। ଏ କଥା ମୋ ମନରେ ଏକ ଅବସୋସ ହୋଇ ରହିଯାଇଛି କହିଲେ ଭୁଲ ହେବନାହିଁ। ଯେତେବେଳେ ସେ କଥା ମନେପଡେ ସେତେବେଳେ ମନ ଦୁଃଖ ହୁଏ।' ଉତ୍ତର ପ୍ରଦେଶର ବରେଲିରେ ଜନ୍ମିତା ଦିଶାଙ୍କ ପାଠପଢ଼ା ଅଧାରେ ବନ୍ଦ ରଖିବାକୁ ପଡ଼ିଥିଲା। ସେ ବି.ଟେକ୍ କରିବା ସମୟରେ ଷ୍ଟୁଡେଣ୍ଟ କ୍ୟାରିୟରରେ ଡୋରି ବାନ୍ଧିଥିଲେ। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ବିଶ୍ୱର ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ବାୟୋପିକ୍ 'ଏମ୍.ଏସ୍.ଧୋନୀ: ଦ ଅନ୍‌ଟୋଲ୍ଡ ଷ୍ଟୋରି'ରୁ। ଏଥିରେ ସେ ଧୋନୀଙ୍କ ପ୍ରେମିକା ପ୍ରିୟଙ୍କା ଝା(ଯିଏ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ) ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କୁ ନେଇ ଦୃଶ୍ୟାୟିତ ଗୀତ 'କୌନ୍ ତୁଝେ' ବେଶ୍ ଶ୍ରୋତାଦୃତ ହୋଇଥିଲା।


ଦିଶା

# ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ କଳା ପ୍ରଦର୍ଶନ



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ଶିବପାର୍ବତୀଙ୍କ ବାଲୁକା କଳାକୃତି।

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଉପଲକ୍ଷେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଶିବପାର୍ବତୀଙ୍କ ବାଲୁକା କଳା ପ୍ରଦର୍ଶନ କରାଯାଇଛି। ଏହି ବାଲୁକା କଳାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବି. ଗଙ୍ଗାଧର, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଶଙ୍କର ସାହୁ, ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝିଙ୍କ ସମେତ ବିଭିନ୍ନ ଶୀତଳଷଷ୍ଠୀ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ କଚେରି ଛକ ନିକଟ ରାଜରାସ୍ତା ତଥା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କରାଯାଇଥିବା ଏହି ବାଲୁକା କଳାକୁ ଶୀତଳଷଷ୍ଠୀ ଦେଖିବାକୁ ଆସୁଥିବା ଲୋକଙ୍କୁ ଆକୃଷ୍ଟ କରିବ। ଯାତ୍ରା ୩ଦିନ ଧରି ଏହି ପ୍ରଦର୍ଶନ ଲାଗିରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଲୋକନାଥ ବାବାଙ୍କୁ ତୈଳାଭିଷେକ କରାଯାଉଛି।



ଶିବଙ୍କ ବରଯାତ୍ରୀରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।



ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବା ବରବେଶରେ ସଜ୍ଜିତ ହୋଇଛନ୍ତି।



କନ୍ୟାବେଶରେ ଦେବୀ ପାର୍ବତୀ।



ଶୋଭାଯାତ୍ରାରେ ବାଉଁଶବାଡ଼ି ନୃତ୍ୟ ପରିବେଷଣ।






















# ବିବାହ ବନ୍ଧନରେ ଦେବଦମ୍ପତି



ବାଲିବନ୍ଧା ସୋମନାଥ ବାବାଙ୍କ ବରାତି।

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀଳତଷଷ୍ଠୀ ଯାତ୍ରାର ମୁଖ୍ୟ ଲୋକାଚାର ଭାବେ ରୀତିନୀତିରେ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ସମ୍ପନ୍ନ ହୋଇଛି। ଗୁରୁବାର ବ୍ରାହ୍ମମୁହୂର୍ତ୍ତରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସ୍ୱମନ୍ଦିରରୁ ବୁଧବାର ରାତିରେ ମହାଦେବ ବରଯାତ୍ରୀ ସହ କନ୍ୟାଘରକୁ ଯାଇଥିଲେ। ବରଯାତ୍ରୀରେ ନିୟୁତା ପାଇ ଆସିଥିବା ଦେବଦେବୀ ମଧ୍ୟ ସାମିଲ ହୋଇଥିଲେ। କନ୍ୟାଘରେ ବେଲପତ୍ର, କୁଶରଜ୍ଜୁ ଓ ପଦ୍ମମାଳାରେ ହୋଇଥିବା ହସ୍ତବନ୍ଧନରେ କନ୍ୟା ମାତାପିତା ଜଳଦାନ କରିଥିଲେ। ପଣ୍ଡିତଙ୍କ ମହାମନ୍ତ୍ର ଉଚ୍ଚାରଣରେ ବିବାହ ଉତ୍ସବ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ସହରର ସର୍ବପୁରାତନ ଶୈବପୀଠ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡ଼ା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଆଭୂଷଣ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହା ଆଳତି କରିଥିଲେ। ହରିବୋଲ ହୁଳହୁଳି ଓ ଶଙ୍ଖନାଦରେ ଶୈବପୀଠ ମୁଖରିତ ହୋଇଥିଲା। ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଝଟକୁଥିଲା। ଭକ୍ତମାନେ ବିଭିନ୍ନ ଦେବଦେବୀଙ୍କ ବେଶରେ ସଜ୍ଜିତ ହୋଇ ମହାଦେବଙ୍କ ସହ ସାମିଲ ହୋଇଥିଲେ। ମଧ୍ୟରାତ୍ରିରେ ଭକ୍ତଙ୍କ କାନ୍ଧରେ ମହାଦେବ ବରାତିରେ ବାହାରିଥିଲେ। ଏଥିସହ ଐତିହାସିକ ଶୈବପୀଠ ବୁଢ଼ାରଜା ମହାଦେବ, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ସହର ଉପକଣ୍ଠ ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କ ମହାକାଳେଶ୍ୱର ବାବା ସୁନା ଓ ରୁପା ଅଳଙ୍କାରରେ ସଜେଇହୋଇ ବରାତିରେ ସହର ପରିକ୍ରମା କରିଥିଲେ। ବରାତି ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ, ଢୋଲକ, ଦୁଲଦୁଲି, ସମ୍ପଦା ଓ ଘୁମୁରା ବାଦ୍ୟରେ ରାଜରାସ୍ତା ପ୍ରକମ୍ପିତ ହୋଇଥିଲା। ସେହିପରି ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଲୋକନୃତ୍ୟ ଓ ଗୀତରେ ବରାତି ଆକର୍ଷଣୀୟ ହୋଇଥିଲା। ସମ୍ବଲପୁରୀ, ବିହୁ, ମଣିପୁରୀ, ଛତିଶଗଡ଼ୀ ଲୋକନୃତ୍ୟ, ଢେଙ୍କାନାଳ, ଅନୁଗୋଳ, କଟକ, ଦୁର୍ଗ, କୋଲକତା, ୱାଲଟିୟର ଅଞ୍ଚଳର ଆଧୁନିକ ନୃତ୍ୟ, ପୁରୀ, ଗଞ୍ଜାମ ଅଞ୍ଚଳର କଳାକାରଙ୍କ ମେଢ଼ ନୃତ୍ୟ ମହାଦେବଙ୍କ ବରାତିକୁ ଦ୍ୱିଗୁଣିତ କରିଥିଲା। ଅପରପକ୍ଷେ କନ୍ୟାପକ୍ଷ ମହିଳାମାନେ ପୂର୍ଣ୍ଣ କଳସ ଓ ୧୦୮ ଦୀପ ସ୍ଥାପନକରି ମହାଦେବଙ୍କ ବରାତି ଆସିବା ବାଟକୁ ଚାହିଁ ବସିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜେଇହୋଇ ଜଗଜ୍ଜନନୀ ମାତା ପାର୍ବତୀ କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନରେ କନ୍ୟାବେଶରେ ଚାହିଁ ବସିଥିଲେ। ମଧ୍ୟରାତ୍ରି ଶେଷ ଭାଗରେ ମହାଦେବଙ୍କୁ ବାଟବରଣ କରିଥିଲେ।



ଗୁଡ଼େଶ୍ୱର ବାବାଙ୍କୁ ରୌପ୍ୟ ଅଳଙ୍କାର ପ୍ରଦାନ କରାଯାଉଛି।

ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଟକୁଥିଲା ପାର୍ବତୀଙ୍କ ବାସଭବନ। ବାଜା, ରୋଶଣି, ରଙ୍ଗିନ ଆତସବାଜିରେ ପ୍ରକମ୍ପିତ ହେଉଥିଲା ରାଜରାସ୍ତା ଓ ଆକାଶ ମାର୍ଗ। ମହିଳାମାନେ ଦୂବ, ଅରୁଆ ଚାଉଳ, ବେଲପତ୍ରରେ ବନ୍ଦାଣ କରିବା ପରେ ମହାଦେବଙ୍କୁ ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ଉଭୟ ପକ୍ଷ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ବିବାହ ମଣ୍ଡପ ପ୍ରକମ୍ପିତ ହେଉଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ସହ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ କାର୍ଯ୍ୟକ୍ରମ ରହିଛି।







## ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

### ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ଯାତ୍ରା

**ସୋନପୁର,୨୪।୫(ନି.ପ୍ର.):** ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ବୁଧବାର ରାତି ମାହେନ୍ଦ୍ର ବେଳାରେ ଶିବ ପାର୍ବତୀଙ୍କ ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଛି। ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ଶୁଭ ବିବାହ ମାତା ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୂପେଣ କନ୍ୟା ପିତାଙ୍କ ବାସଗୃହ ହିମାଦ୍ରୀ ନଗର(ବଡବଜାର) ଠାରେ ଅନୁଷ୍ଠିତ ହୋଇଥିଲା। ଆଡମ୍ବର ଭାବେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଛି। ଦେବଦମ୍ପତିଙ୍କ ଏହି ଲୌକିକ ଲୀଳା ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା। ମଙ୍ଗଳବାର ଅଳଙ୍କାର ଧାରଣ ପାଇଁ ବର ଘର ପକ୍ଷରୁ କନ୍ୟାପିତା ବଡବଜାର ଅଞ୍ଚଳର ଶ୍ୟାମ ସୁନ୍ଦର ଶର୍ମାଙ୍କ ବାସଗୃହରେ ପହଞ୍ଚିବା ପରେ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ଓ ମହିଳାଙ୍କ ଦ୍ୱାରା ମଙ୍ଗଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ କନ୍ୟା ଘର



ରାୟଗୁରୁପଡସ୍ଥିତ ବର ପିତା ମନୋଜ ମିଶ୍ରଙ୍କ ଘରକୁ ମହାଦେବଙ୍କୁ ବର ଭାବେ ନିମନ୍ତ୍ରଣ ପାଇଁ ଯାଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ଇଷ୍ଟଦେବତା ସୁବର୍ଣ୍ଣମେରୁ ମହାଦେବଙ୍କୁ ବିବାହ ଉତ୍ସବରେ ବାହାରିବା ପାଇଁ ସନ୍ଧ୍ୟାରେ ଥନାପତିପଡାରେ ଥିବା ଚନ୍ଦ୍ରଶେଖର ମନ୍ଦିରକୁ ନିଆଯାଇଥିଲା। ସେଠାରୁ ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ରାତିରେ ଶୋଭାଯାତ୍ରାରେ ବାହାରି ଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବଡବଜାରର ରୁକ୍ମଣୀ ଓ ଶ୍ୟାମ ସୁନ୍ଦର ଶର୍ମା କନ୍ୟାଦାନ କରିଥିଲେ। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ତୁଲାଇ ନିଜକୁ ଧନ୍ୟ ମଣିଛନ୍ତି କନ୍ୟା ଓ ବର ମାତାପିତା। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନିଯାତ୍ରା ଭଳି ଲୋକସଂସ୍କୃତି ଓ ଅଧ୍ୟାତ୍ମିକ ପର୍ବ ଶୀତଳ ଷଷ୍ଠୀ ଅନ୍ୟତମ। ରାଜା ରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି।

## ବହଲି, ସିକୁଆଁରେ ଶୀତଳ ଷଷ୍ଠୀ ଯାତ୍ରା

**ଦେଓଗାଁ, ୨୪।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବହଲି ଓ ଦେଓଗାଁରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ଦେଓଗାଁ ଯୋଗେଶ୍ୱର ବାବା ମନ୍ଦିରଠାରେ ମଧ୍ୟ ଶୀତଳଷଷ୍ଠୀ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଛି। ଏଥିରେ ବରପିତା ଭାବେ ଗୋବର୍ଦ୍ଧନ ଦଲାଇ ଓ ସ୍ୱର୍ଣ୍ଣକାନ୍ତି ଦଲାଇ, କନ୍ୟାପିତା ଭାବେ ଆଜେନ୍ଦ୍ର ସାହୁ ଓ କନକ ମଞ୍ଜରୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସେପରି ବହଲି ଶୀତଳଷଷ୍ଠୀ ମନ୍ଦିରଠାରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଦେବଙ୍କ କର୍ତ୍ତା ଭାବେ ନିରାକାର ମହାକୁର ଓ କନ୍ୟାପିତା ଭାବେ ବଶିଷ୍ଠ ପଧାନ ଦାୟିତ୍ୱ ତୁଲାଉଛନ୍ତି। ସିକୁଆଁ ସିଦ୍ଧେଶ୍ୱର ବାବା ମନ୍ଦିରରେ କମିଟି ସଭାପତି ଦିଜନ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଯାତ୍ରାରେ ବର କର୍ତ୍ତାଭାବେ ଶମ୍ଭୁ ସାହୁ ଓ କନ୍ୟାକର୍ତ୍ତା ଭାବେ ବିଜାରୁ ଭୁଏ ଦାୟିତ୍ୱ ତୁଲାଉଛନ୍ତି।












ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୨୫/୨୦୨୩ Bhubaneswar, Thursday, May 25/ 2023

# ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟ୍

**ଚେନ୍ନାଇ, ୨୪।୫**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଏଲିମିନେଟ୍ କରିଛି ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ବୁଧବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ମୁମ୍ବାଇ ୮୧ ରନରେ ଲକ୍ଷ୍ନୌକୁ ପରାସ୍ତ କରିଛି। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ଲକ୍ଷ୍ନୌ ଦଳ ଦାୟିତ୍ୱହୀନ ବ୍ୟାଟିଂ କରି ୧୬.୩ ଓଭରରେ ୧୦୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଆସନ୍ତା ୨୬ ତାରିଖରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ କ୍ୱାଲିଫାୟର-୨ ଖେଳିବ। କ୍ୱାଲିଫାୟର-୧ରେ ଗୁଜରାଟ ପ୍ରତିପକ୍ଷ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ହାରି ଯାଇଥିଲା। କ୍ୱାଲିଫାୟର-୨ର ବିଜେତା ରବିବାର ଫାଇନାଲରେ ଚେନ୍ନାଇ ସୁପର କିଙ୍ଗ୍ସକୁ ଭେଟିବ।

ଚେନ୍ନାଇର ସ୍ଲୋ ଟ୍ରାକ୍‌କୁ ଲକ୍ଷ୍ୟରେ ରଖି ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଯୋଡ଼ିରେ ୨୦ ବଲ୍‌ରୁ ୩୦ ରନ ସଂଗ୍ରହ ପରେ ରୋହିତ ବ୍ୟକ୍ତିଗତ ୧୧ ରନକରି ଆଉଟ ହୋଇଥିଲେ। ଏହାର ପରବର୍ତ୍ତୀ ଓଭରରେ ଇଶାନ କିଶନ (୧୫ ରନ) ଆଉଟ ହେବାରୁ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ କାମେରନ ଗ୍ରୀନ୍ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୩୮ ବଲ୍‌ରୁ ଦ୍ରୁତ ୬୬ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଲକ୍ଷ୍ନୌ ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ଅତ୍ୟନ୍ତ ପ୍ରଭାବୀ ରହିଥିଲେ। ରୋହିତଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିବା ନବୀନ ୧୧ତମ ଓଭରରେ ଦୁଇ ସେଟ୍ ବ୍ୟାଟର ସୂର୍ଯ୍ୟକୁମାର ଓ ଗ୍ରୀନ୍‌ଙ୍କୁ ଆଉଟ କରି ମୁମ୍ବାଇକୁ ଡବଲ୍ ଝଟ୍‌କା ଦେଇଥିଲେ। ସୂର୍ଯ୍ୟକୁମାର ୨୦ ବଲ୍‌ରୁ ୩୩ (୨ ଚୌକା, ୨ ଛକା) ଓ ଗ୍ରୀନ୍ ୨୩ ବଲ୍‌ରୁ ସର୍ବାଧିକ ୪୧ (୬ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଟିମ୍ ଡାଭିଡ ମାତ୍ର ୧୩ ରନରେ ଆଉଟ ହେବାରୁ ମୁମ୍ବାଇ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ନେହାଲ ୱାଧେରାଙ୍କୁ ଖେଳାଇଥିଲା। ଅଧିନାୟକଙ୍କୁ ନିରାଶ ନ କରି ୱାଧେରା ୧୨ ବଲ୍‌ରୁ ୨୩ (୨ ଚୌକା, ୨ ଛକା) ରନ କରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲେ ମଧ୍ୟ ତିଳକ ବର୍ମା ୨୨ ବଲ୍‌ରୁ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ନବୀନ-ଉଲ-ହକ୍ ୩ଟି, ୟାଶ୍ ଠାକୁର ୩ଟି ଏବଂ ମହସିନ ଖାଁ ଗୋଟିଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆକାଶ ମାଧୱାଲ।

## ମୁମ୍ବାଇ-ଗୁଜରାଟ କ୍ୱାଲିଫାୟର-୨

### ଲଢ଼ିପାରିଲାନି ଲକ୍ଷ୍ନୌ

ବିଜୟ ଲକ୍ଷ୍ୟ ସେମିତି ବଡ଼ ନ ଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଯେମିତି ଲଢୁଆ ମନୋବୃତ୍ତି ଦେଖାଇବାକଥା ଲକ୍ଷ୍ନୌ କ୍ଷେତ୍ରରେ ତାହା ଦେଖିବାକୁ ମିଳି ନ ଥିଲା। କେବଳ ଜଣେ ବ୍ୟାଟର (ମାର୍କସ ଷ୍ଟୋଇନିସ) ୨୦ରୁ ଊର୍ଦ୍ଧ୍ୱ ରନ କରିବାକୁ ସକ୍ଷମ ହୋଇଥିଲେ। ଏହା ଦଳପାଇଁ ମହଙ୍ଗା ପଡ଼ିଲା। ଏହାଛଡ଼ା ବୁଝାମଣାର ଅଭାବ ଯୋଗୁ ଟପ୍ ସ୍କୋରର ଷ୍ଟୋଇନିସଙ୍କ ସମେତ ୩ ଜଣ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ମୁମ୍ବାଇର ଆକାଶ ମାଧୱାଲ ଘାତକ ବୋଲିଂ କରି ୧୦ମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ଆୟୁଷ ବଦୋନୀ (୧) ଓ ନିକୋଲସ ପୁରନ (୦)ଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିବାସହ ଲକ୍ଷ୍ନୌକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ଷ୍ଟୋଇନିସ ସର୍ବାଧିକ ୪୦ (୨୭ ବଲ, ୫ ଚୌକା, ୧ ଛକା) ରନ କରିଥିଲେ। ଚମତ୍କାର ବୋଲିଂ କରିଥିଲେ ଆକାଶ ମାଧୱାଲ। ସେ ନିଜର ୩.୩ ଓଭର ସ୍ପେଲ୍‌ରେ ମାତ୍ର ୫ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଆଇପିଏଲ୍ ପ୍ଲେ-ଅଫ୍‌ରେ ଏହାଥିଲା ସବୁଠାରୁ ଶ୍ରେଷ୍ଠ ବୋଲିଂ। କ୍ରିସ୍ ଜୋର୍ଡାନ ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୨/୮ (କାମେରନ ଗ୍ରୀନ୍-୪୧, ସୂର୍ଯ୍ୟକୁମାର ଯାଦବ-୩୩, ତିଳକ ବର୍ମା-୨୬, ନେହାଲ ୱାଧେରା-୨୩, ନବୀନ ଉଲ୍ ହକ୍-୪/୩୮, ୟାଶ୍ ଠାକୁର-୩/୩୪, ମହସିନ ଖାଁ-୧/୨୪)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୬.୩ ଓଭରରେ ୧୦୧/ଅଲ୍‌ଆଉଟ (ମାର୍କସ ଷ୍ଟୋଇନିସ-୪୦, ଆକାଶ ମାଧୱାଲ-୫/୫, କ୍ରିସ୍ ଜୋର୍ଡାନ-୧/୭, ପୀୟୂଷ ଚାୱଲା-୧/୨୮)।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**TUSHI MOTORS**
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.

*Offer includes consumer offer, exchange bonus, institutional or rural offer and 2 ka 4 wheeler offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Accessories and features shown in the pictures may not be a part of standard equipment and may vary according to the variant. #As certified by Test agency under Rule 115(G) of CMVR 1989. This fuel efficiency is for AMT variant. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2023.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ